# ସାହିତ୍ୟ ଚର୍ଚ୍ଚା

ନଭେମ୍ବର ୨୦୨୨



Vol-1 • Issue-9 • November 2022 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

RNI Regd. No. : ODIODI/2022/81590

ଭାଗ-୧ • ସଂଖ୍ୟା-୯ • ନଭେମ୍ବର ୨୦୨୨ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ବିକାଶ ମହାପାତ୍ର**

ବିଜ୍ଞାପନ ନିର୍ବାହୀ
**ନିରଞ୍ଜନ ସାହୁ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

ପାଠକଙ୍କ ମତାମତ : ୦୨
ନିଜ ପାଇଁ କବିତା (ସଂପାଦକୀୟ) : ୦୩
ପ୍ରାଚୀନ ଚର୍ଯ୍ୟାଗୀତର ଓଡ଼ିଆତ୍ୱ (ପ୍ରବନ୍ଧ): ଅଲେଖ ପଡ଼ିଆରୀ ୦୫
'ହୁଁ' ଏବଂ ମୁଁ (ଲଳିତ ନିବନ୍ଧ) : ଅଚ୍ୟୁତାନନ୍ଦ ପତି ୧୦
କବିଟିଏ ମରିଗଲା ପରେ (କବିତା) : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ୧୨
ଜେଲ୍‌ର ସୁଖ (ଗଳ୍ପ) : ସୁଶୀଳ କୁମାର ନନ୍ଦ ୧୩
ସାରଳା ଦାସଙ୍କ ନବଗୁଞ୍ଜର : ନବ ଚିନ୍ତନ (ପ୍ରବନ୍ଧ): ଉଦୟନାଥ ସାହୁ ୧୫
ଜାତୀୟ ରାଜପଥରେ ସଇତାନ (ଅନୁଭୂତି) : ସନ୍ତୋଷ କୁମାର ପଟ୍ଟନାୟକ ୨୦
ମେକୁ (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ ୨୫
ଓଡ଼ିଆ କବିତାରେ ଜଗତ୍‌କରଣ (ପ୍ରବନ୍ଧ) : ବାସୁଦେବ ଦାସ ୨୮
ପ୍ରବୀଣ ସାହିତ୍ୟିକ ହରପ୍ରସାଦ ଦାସଙ୍କ ସହ ବାର୍ତ୍ତାଳାପ (ସାକ୍ଷାତକାର) ୩୩
ସହାବସ୍ଥାନ (ଗଳ୍ପ) : ସରୋଜିନୀ ସାହୁ ୩୭
ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଡାହୁକ ଗୀତ (ପ୍ରବନ୍ଧ): କୃଷ୍ଣଚନ୍ଦ୍ର ରଥ ୪୧
ମୁଁ ଓଡ଼ିଆ କହୁଛି (ରମ୍ୟରଚନା) : ଅଭୟ ଦାଶ ୪୪
ଅଭିନେତ୍ରୀ (କବିତା): ଜାନକୀ ବଲ୍ଲଭ ଦାଶ ୪୬
'ରୁକ୍ମିଣୀ ବିଭା' ଓ କବି କାର୍ତ୍ତିକ ଦାସ (ପ୍ରବନ୍ଧ) : ଅଶୋକ ପଣ୍ଡା ୪୭
ଘୋଡ଼ାମୁହାଁ ପୁଅ (ବ୍ୟଙ୍ଗ) : ଡ. ଧର୍ମଛଡ଼ା ୫୧
ଗୋଟିଏ କୋଭିଡ ଭାଇରସର ଆତ୍ମକାହାଣୀ (ଗଳ୍ପ) : ଅଜୟ ମହାଲା ୫୪
ପୁରସ୍କାର ପାଇଁ ନିଷିଦ୍ଧ ଇଲାକା (ପ୍ରବନ୍ଧ) : ନିଖିଳାନନ୍ଦ ପାଣିଗ୍ରାହୀ ୫୮
ମାନୁଆ ଠେକୁଆ ପିଲା (ଶିଶୁ ସାହିତ୍ୟ): ଦାଶ ବେନହୁର ୬୩
ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ଅଚିନ୍ତା ପହଣ୍ଡ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

ସାହିତ୍ୟ ଚର୍ଚ୍ଚାର ଶାରଦୀୟ ସଂଖ୍ୟା ମୋର ହସ୍ତଗତ ହେଇଛି। ପ୍ରାରମ୍ଭରୁ ସଂପାଦକୀୟ ସ୍ତମ୍ଭରେ ସାହିତ୍ୟରେ 'ଷଡରିପୁ'ର ତୁଳନାତ୍ମକ ବର୍ଣ୍ଣନା ଅତୀବ ସୁଖପାଠ୍ୟ। ସଂପାଦକ ପ୍ରତ୍ୟେକ ରିପୁ ସହ ସାମ୍ପ୍ରତିକ ସାହିତ୍ୟର ଅବସ୍ଥାକୁ ପାଠକ - ପାଠିକାମାନଙ୍କ ପାଖରେ ପହଞ୍ଚାଇଛନ୍ତି। ତାହା ସମସ୍ତେ ଅନୁଭବ କରିବା ଆବଶ୍ୟକ। 'ସପ୍ତମାତୃକା' ପ୍ରବନ୍ଧଟି ଅତ୍ୟନ୍ତ ଉଚ୍ଚକୋଟୀର।

'ସୃଷ୍ଟି ସଂଳାପ' ଗପରେ ମୋର ଅତି ଜଣାଶୁଣା ଗାଳ୍ପିକା ଜୟନ୍ତୀ ସାହୁ କନ୍ୟା ଜନ୍ମ ଉପରେ ଶାଣିତ ସ୍ୱର ଉଠେଇଛନ୍ତି। ବିଶିଷ୍ଟ ପ୍ରାବନ୍ଧିକ ଡଃ ଦୋଳଗୋବିନ୍ଦ ବିଶୀଙ୍କର 'ଶକ୍ତିବାଦର ଗହନକଥା'ରେ ତନ୍ତ୍ରସାହିତ୍ୟ ଯୋଗସାଧନା ଉପରେ ଏକ ରୁଚିଶୀଳ ଲେଖାଟିଏ ଭେଟି ଦେଇଛନ୍ତି। ବ୍ୟଙ୍ଗାତ୍ମକ କଥାଶିଳ୍ପୀ ଡଃ. କୁଳାଙ୍ଗାର ପୂଜାପତ୍ରିକା ଉପରେ ନିଆରା ଢଙ୍ଗରେ ଦୃଷ୍ଟିପାତ କରିଛନ୍ତି। ଏକ ଫେରିବାଲା ସହ କାଳିଝିଅର ସମ୍ପର୍କକୁ ନେଇ ସାମାଜିକ ମୂଲ୍ୟବୋଧର କାନଭାସରେ ଚରିତ୍ରଚିତ୍ରଣ କରିଛନ୍ତି ଗାଳ୍ପିକ ଦେବବ୍ରତ ଧଳ।

ଭୁପେନ ମହାପାତ୍ରଙ୍କ ଅନେକ ଲେଖା ପଢିଛି। ପ୍ରକାଶିତ ଲେଖାର ମାଧୁର୍ଯ୍ୟ ସମସ୍ତଙ୍କର ଗ୍ରହଣୀୟ। ପ୍ରାବନ୍ଧିକ ଡଃ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧରେ ଗୀତଗୋବିନ୍ଦ କାବ୍ୟର କାବ୍ୟିକ ଛଟା ବାରି ହେଇପଡିଛି। ସାକ୍ଷାତକାର ପୃଷ୍ଠାରେ ସବୁବେଳେ ଗୋଟିଏ ନାମକୁ ମନେରଖି ହେଉଥିବା ସାହିତ୍ୟିକ ରମାକାନ୍ତ ରଥଙ୍କ ସୃଜନଶୀଳତାକୁ ସଂପାଦକ ଚୁମ୍ବକୀୟ ଧାରଣା ଦେଇଛନ୍ତି। ଭିନ୍ନସ୍ୱାଦର ପ୍ରବନ୍ଧରେ ଡଃ ବସନ୍ତ କୁମାର ପଣ୍ଡା ସ୍ୱକୀୟ ସର୍ଜନାତ୍ମକ ପାରଦର୍ଶିତା ଦେଖେଇଛନ୍ତି।

ସର୍ବୋପରି ସମସ୍ତ ବିଭାଗକୁ ଛୁଇଁପାରିଥିବା ଏହି ପତ୍ରିକାକୁ ମୁଁ ବହୁତ ଭଲ ପାଏ।

**କୁଞ୍ଜ ବିହାରୀ ସାହୁ**
kunjasahu63@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ସମ୍ପାଦକ ମହୋଦୟ ପତ୍ରିକା ଭିତରେ ଆଲୋଚନା ଓ ସମାଲୋଚନାମୂଳକ ଲେଖାଗୁଡିକୁ ସ୍ଥାନ ଦେଇ 'ଚର୍ଚ୍ଚା'ର ନାମକରଣକୁ ମର୍ଯ୍ୟାଦା ଦେଇଛନ୍ତି।

ଅକ୍ଟୋବର ସଂଖ୍ୟାର ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର। ସାକ୍ଷାତକାର 'ପ୍ରବୀଣ ସାରସ୍ୱତ ସାଧକଙ୍କ ସହିତ ଆଳାପ'- ପ୍ରକୃତରେ ଅନ୍ତରଙ୍ଗ ହୋଇଛି। ଗଳ୍ପ, ଅନୁବାଦ ଗଳ୍ପ, ରମ୍ୟ ରଚନାଗୁଡିକ ପଠନୀୟ। 'ଅନୁଭୂତି'ର ଅଭିବ୍ୟକ୍ତିରେ ଲେଖକ ଯେଉଁ ବ୍ୟକ୍ତିଙ୍କୁ ଭେଟିଛନ୍ତି ସେ ହେଲେ 'ଗାନ୍ଧି ମଣିଷ'ର ଲେଖକ - ତାଙ୍କ ଚରିତ୍ର ଅନୁଶୀଳନ ଚମତ୍କାର ହୋଇଛି।

ଶେଷ ପୃଷ୍ଠାରେ - 'ଅଜହଲ୍ଲିଙ୍ଗ' ସାହିତ୍ୟ ମୋ ପାଇଁ ଏକ ଦିବ୍ୟାଦ୍ୱର ଧ୍ରୁବକ ହୋଇ ରହି ଆସିଛି। ସାହିତ୍ୟ ସଂସାରରେ ତା'ର ଯାତ୍ରା ଜାରି ରହୁ।

ମୁଁ ଏ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

**ନିରୁପମା ଆଚାର୍ଯ୍ୟ**
acharya.santanu1934@gmail.com

ଅକ୍ଟୋବର ମାସର ସମସ୍ତ ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟରଚନା, ପ୍ରତିକ୍ରିୟା, ଅନୁଭୂତି,ଶିଶୁଗଳ୍ପ, ସମୀକ୍ଷା ଗୁଡିକ ଅତ୍ୟନ୍ତ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇପାରିଛି। ବିଶେଷ କରି ଶ୍ରୀମତୀ ଜୟନ୍ତୀ ସାହୁଙ୍କ ଗଳ୍ପ 'ସୃଷ୍ଟି ସଂଳାପ', ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ 'ପ୍ରେମ ପ୍ରଜ୍ଞାର କାବ୍ୟ ଗୀତଗୋବିନ୍ଦ', ଶ୍ରୀ ଭାବଗ୍ରାହୀ ବଳଙ୍କ ଅନୁଭୂତି 'ଅନୁଭୂତିର ଅନ୍ତରାଳେ' ଓ ପୁସ୍ତକ ସମୀକ୍ଷା 'ବନ୍ଦୀ ପ୍ରେମିକ' ମୋତେ ଭଲ ଲାଗିଛି। କାମନା କରୁଛି, ସାହିତ୍ୟ ଚର୍ଚ୍ଚା ସବୁ ବୟସର ଓ ସବୁ ବର୍ଗର ପାଠକମାନଙ୍କ ପାଖରେ ପହଞ୍ଚୁ ଓ ଏହି ପତ୍ରିକା ବିପୁଳ ପରିମାଣରେ ପାଠକୀୟ ଆଦୃତି ଓ ଗ୍ରହଣୀୟତା ଲାଭ କରୁ।

**ପ୍ରତ୍ୟୁଷ ଭଞ୍ଜ**
bhanjarinku@gmail.com

ସଂପାଦକୀୟ

# ନିଜ ପାଇଁ କବିତା

ଆମେ ଅନେକ କବି-ବନ୍ଧୁଙ୍କର ସ୍ୱୀକାରୋକ୍ତି ଶୁଣୁ, "କବିତା ତ ମୁଁ ଲେଖେ କେବଳ ମୋ ନିଜ ପାଇଁ।" ନିଜର ଭାବନା, ନିଜର ବ୍ୟଥା ଓ ନିଜର ମାନସିକ ଉଦ୍‌ବେଳନକୁ ଯେନତେନ ପ୍ରକାରେଣ କାଗଜ ଉପରେ ଢାଳିଦେବା ପାଇଁ କବିତା ଯେମିତି ସେମାନଙ୍କ ପାଇଁ ସହଜ ମାଧ୍ୟମଟିଏ ମାତ୍ର। ଏହି ମୁଁ-ମୁଁକାରରେ ଛନ୍ଦି ହୋଇ ଆମ ସମୟର ଅନେକ କବି କବିତା ନାମରେ ନିଜ ମନ ଭିତରର ଉଦ୍‌ଗାର ହିଁ ଓଗାଳି ଚାଲିଥାଆନ୍ତି। କିନ୍ତୁ ସେମାନଙ୍କର ସେହି ଭାବୋଚ୍ଛ୍ୱାସର ଗ୍ରହୀତା, ଅର୍ଥାତ୍ ପାଠକଟିଏ, ସେହି କବିତାଟିକୁ ଯେଭଳି ସୁଗଠିତ ଓ ସୁକ୍ଷ୍ମ ରୂପରେ ଦେଖିବାକୁ ଚାହେଁ ସେଥିପ୍ରତି ଏହି ଆତ୍ମ-ଅଭିମୁଖୀ କବିମାନଙ୍କର ପରବାୟ ନଥାଏ। ଅର୍ଥାତ୍ ନିଜଦ୍ୱାରା ଅନୁଭୂତ ଭାବାବେଗର ବୋଝକୁ କୌଣସିମତେ ଖଲାସ କରି ମନକୁ ହାଲୁକା କରିବା ହିଁ ଯେମିତି ସେମାନଙ୍କର ମୂଳ ଉଦ୍ଦେଶ୍ୟ। ନିଜର ସୃଷ୍ଟିକୁ ସମସ୍ତଙ୍କର ଗ୍ରହଣକ୍ଷମ କରିବାପାଇଁ ସେଥି ସହିତ ଆଉ କେତୋଟି ଉପାଦାନର ସଂଯୋଗ ମଧ୍ୟ ଯେ ଆବଶ୍ୟକ ରହିଛି, ସେକଥା ସେମାନେ ଅଣଦେଖା କରିଦିଅନ୍ତି।




ଚାରିଗୋଟି ମୌଳିକ ଉପାଦାନକୁ ନେଇ ଗଢ଼ି ଉଠିଥାଏ ଆଦର୍ଶ କବିତାଟିଏ। ସେଗୁଡିକ ହେଲା, (୧) ଭାବ ତତ୍ତ୍ୱ (୨) ବୁଦ୍ଧି ତତ୍ତ୍ୱ (୩) କଳ୍ପନା ତତ୍ତ୍ୱ ଓ (୪) ଶୈଳୀ ତତ୍ତ୍ୱ। କିନ୍ତୁ ନିଜ ପାଇଁ ନିଜେ କବିତା ଲେଖୁଥିବା ବନ୍ଧୁମାନେ ପ୍ରଥମୋକ୍ତ ତତ୍ତ୍ୱ, ଅର୍ଥାତ୍ ଭାବର ଉଚ୍ଛ୍ୱାସରୁ ହିଁ ସିଧାସଳଖ ଓହ୍ଲାଇ ଆସନ୍ତି କାଗଜ ଅବା ମୋବାଇଲ୍‌ର ପରଦା ଉପରକୁ। ତାହା ସେମାନଙ୍କର ହୃଦୟରୁ ଆସିଥାଉ ଅବା ମସ୍ତିଷ୍କରୁ, ସେହି ଆବେଗ ହିଁ ଯେମିତି ସେମାନଙ୍କ କବିତାର ଏକମାତ୍ର ଉପାଦାନ।

ଅବଶ୍ୟ ଏକଥା ଅସ୍ୱୀକାର କରାଯାଇନପାରେ ଯେ କବିଙ୍କର ଅନ୍ତରରୁ ସୃଷ୍ଟ ଭାବାବେଗରୁ ହିଁ ଜାତ ହୋଇଥାଏ କବିତାର ସ୍ଫୁଲିଙ୍ଗ। ବହୁକାଳ ପୂର୍ବେ ଶରାହତ କ୍ରୌଞ୍ଚ ପକ୍ଷୀଯୁଗଳଙ୍କ ଅସହ୍ୟ ଶୋକରେ ମ୍ରିୟମାଣ ହୋଇ ମହାକବି ବାଲ୍ମୀକି ସେ ଯୁଗର ପ୍ରଥମ କବିତାଟିକୁ ଏହି ଭାବରେ ରୂପ ଦେଇଥିଲେ,

ମା ନିଷାଦ ପ୍ରତିଷ୍ଠାଂ ତ୍ୱଗମଃଶାଶ୍ୱତୀସ୍ସମାଃ ।
ଯତ୍କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ।।

କବିଙ୍କର ତୀବ୍ର ଶୋକାନୁଭୂତିରୁ ଜାତ ହୋଇଥିବାରୁ ଏହାକୁ କୁହାଗଲା ଶ୍ଳୋକ। କିନ୍ତୁ ଏହା ରଚନା କରିବାବେଳେ କବି କେବଳ ନିଜର ସେହି ଅନୁଭୂତିର ଉଦ୍‌ବେଳନକୁ ହିଁ ଯଥା-ତଥା ଢାଳିଦେବାର ଚେଷ୍ଟା କରିନାହାନ୍ତି, ବରଂ ଶ୍ଳୋକଟିର ଗଢ଼ଣ ପରିପାଟୀ ଓ ସୁସଂହତ ଭାଷାବିନ୍ୟାସ ପ୍ରତି ମଧ୍ୟ ଦୃଷ୍ଟି ଦେଇଛନ୍ତି। ସେ ସଚେତନ ଯେ ତାଙ୍କ ଦ୍ୱାରା ସୃଜିତ ପଂକ୍ତିଟି କେବଳ ତାଙ୍କ ପାଇଁ ନୁହେଁ, ବରଂ ଅନ୍ୟ ବହୁ ଜଣଙ୍କର ପଠନ ବା ଶ୍ରବଣ ପାଇଁ ମଧ୍ୟ ଉଦ୍ଦିଷ୍ଟ। ତେଣୁ ସେ ନିଜର ପରିପ୍ରକାଶଟିକୁ ଯଥାଯଥ ଭାବରେ ଛନ୍ଦୋବଦ୍ଧ ଓ ରସୋମୟ କରିବା ପାଇଁ ଚେଷ୍ଟିତ ହୋଇଛନ୍ତି। ଫଳରେ ଉପରୋକ୍ତ ଶ୍ଳୋକରେ ଆମେ ଦେଖିବାକୁ ପାଉ ଅନୁଷ୍ଟୁପ୍ ନାମକ ଏକ ଛନ୍ଦର ଅଭିନବ ପ୍ରୟୋଗ। ତା'ସହିତ 'ଶାଶ୍ୱତୀ' ଭଳି ଭାବଗର୍ଭା ଶବ୍ଦମାନଙ୍କର ଏକ ଅପରୂପ ବିନ୍ୟାସ ମଧ୍ୟ। ଏସବୁ କେବଳ କ୍ଷଣିକ ଆବେଗର ପରିଣାମ ନୁହେଁ, ବରଂ ଏହା ପଛରେ ରହିଛି ସେହି ଆବେଗକୁ ସୁଗଠିତ ଓ ସୁସଂହତ ରୂପରେ କାବ୍ୟ-ରୂପ ଦେବାପାଇଁ କବିଙ୍କର ଏକନିଷ୍ଠ ସାଧନାର ଫଳଶ୍ରୁତି।

ତେବେ ଏହିଭଳି ସାଧନାର ବୋଝରୁ ନିଜକୁ ମୁକ୍ତ ରଖି କେବଳ ନିଜର ସୁଖାନୁଭୂତି ପାଇଁ ହିଁ କବିତା ରଚନା କରିବାରେ ଲିପ୍ତ ଅଛନ୍ତି କି ଆମ ସମୟର କିଛି ସଂଖ୍ୟକ କବି ? ଏଥିପ୍ରତି ଆମକୁ ଦୃଷ୍ଟି ଦେବାର ବେଳ ଆସିଛି।

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର୍ ସ୍ୱାଇଁ




*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର ‘ସମ୍ପାଦକୀୟ’ ଦ୍ରଷ୍ଟବ୍ୟ ।*

---

## ‘ସାହିତ୍ୟ ଚର୍ଚ୍ଚା’ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ । ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା ‘କ୍ୟୁ.ଆର୍. କୋଡ୍’କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ । ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ପୃଷ୍ଠା-୧ରେ ଥିବା ଆମ ଠିକଣାକୁ ପଠାନ୍ତୁ ।

**ସୂଚନା :** କାଗଜ ଓ ଅନ୍ୟ ମୁଦ୍ରଣ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଚଳିତ ନଭେମ୍ବର ୨୦୨୨ ସଂଖ୍ୟାରୁ ‘ସାହିତ୍ୟ ଚର୍ଚ୍ଚା’ର କପି ପିଛା ମୂଲ୍ୟ ପରିବର୍ତ୍ତନ କରାଯାଇ ଟ.୪୦/- କରାଯାଇଛି । କିନ୍ତୁ ବାର୍ଷିକ ଗ୍ରାହକମାନେ ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ; କାରଣ ପୂର୍ବେ ସେମାନଙ୍କଠାରୁ ନିଆଯାଉଥିବା ଅତିରିକ୍ତ ଡାକଖର୍ଚ୍ଚ ଚଳିତ ମାସରୁ ଛାଡ କରାଯାଇଛି ।

ପ୍ରବନ୍ଧ

# ପ୍ରାଚୀନ ଚର୍ଯ୍ୟାଗୀତର ଓଡ଼ିଆତ୍ୱ



ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ

ବଙ୍ଗୀୟ ଗବେଷକ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ନେପାଳ ରାଜଦରବାର ପାଠାଗାରରୁ ୧୯୦୭ ମସିହାରେ ଭାରତୀୟ ଭାଷାର ୪୭ ଗୋଟି ବୌଦ୍ଧଗାନ ଓ ଦୋହାର ପୋଥିଗୁଡିକ ଆବିଷ୍କୃତ ହେବା ପରେ ତାହା ୧୯୧୬ ମସିହାରେ ବଙ୍ଗୀୟ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା । ଏଥିରେ ୫୦ ଗୋଟି ଗୀତ ସନ୍ନିବେଶିତ ହୋଇଥିଲା, ଯାହାର ରଚୟିତା ଥିଲେ ୨୩ ଜଣ ସିଦ୍ଧ ସାଧକ । ସେମାନେ ଥିଲେ ୮୪ ଜଣ ସିଦ୍ଧ ସାଧକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଡ. ଶାସ୍ତ୍ରୀ ଏହାକୁ ବଙ୍ଗଳା ଭାଷାର ୧୦୦୦ ବର୍ଷର ପୁରାତନ ପୋଥି ବୋଲି ଘୋଷଣା କରିବା ପରେ ଓଡ଼ିଆ, ହିନ୍ଦୀ, ମୈଥିଳୀ ଓ ଆସାମ ପ୍ରଭୃତି ଭାଷାର ପଣ୍ଡିତଗଣ ସେମାନଙ୍କ ଭାଷାର ବ୍ୟାକରଣ ଓ ପାରିପାର୍ଶ୍ୱିକ ଅବସ୍ଥା ଦୃଷ୍ଟିରୁ ବିଚାର କରି ଏହା ସେସବୁ ଭାଷାର ପ୍ରାଚୀନ କବିତା ବୋଲି ଦାବି କଲେ ।



ଓଡ଼ିଶାର ଡ. କରୁଣାକର କର ସବୁଠାରୁ ଉଚ୍ଚରେ ଅନ୍ୟାନ୍ୟ ଓଡ଼ିଆ ଭାଷା ବିଶାରଦଙ୍କ ଆଗରେ ରହି ଏହାର ନାମ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଦେଇ ଏସବୁ ପ୍ରାଚୀନ ଓଡ଼ିଆ ଭାଷାର ବୋଲି ଦାବି କରିଥିଲେ । ତାଙ୍କ ସହ ଡ. ବିଜୟଚନ୍ଦ୍ର ମଜୁମଦାର, ଡ. ବିନାୟକ ମିଶ୍ର, ଗୋପାଳଚନ୍ଦ୍ର ପ୍ରହରାଜ, ଆର୍ତ୍ତବଲ୍ଲଭ ମହାନ୍ତି, ଖଗେଶ୍ୱର ମହାପାତ୍ର ଆଦି ଗବେଷକଗଣ ଏହା ପୁରାତନ ଓଡ଼ିଆ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ସେହିଭଳି ଡ. ପ୍ରବୋଧ ଚନ୍ଦ୍ର ବାଗଚୀ, ସୁନୀତ କୁମାର ଚାଟାର୍ଜୀ, ନିହାର ରଞ୍ଜନ ରାୟ ଓ ସୁକୁମାର ସେନ୍ ପ୍ରଭୃତି ଗବେଷକ ଏହା ବଙ୍ଗଳା ଭାଷାର; ଶ୍ରୀ ହେମ ବରୁଆ ଏସବୁ ଆସାମ ଭାଷାର, ଡ. ଜୟକାନ୍ତ ମିଶ୍ର ଏସବୁ ମୈଥିଳୀ ଭାଷାର ବୋଲି ବିଭିନ୍ନ ଆଲୋଚନା ଓ ଯୁକ୍ତି ମାଧ୍ୟମରେ ଦାବି କରିଥିଲେ ।

ତେଣୁ ଚର୍ଯ୍ୟାଗୀତଗୁଡିକ ଯେ ଓଡ଼ିଆ ଭାଷାର ଆଦ୍ୟ ଅବସ୍ଥା ଏହା ପ୍ରମାଣ କରିବା ପାଇଁ ସେ ସମୟରେ ସାମାଜିକ ଅବସ୍ଥା, ସାଂସ୍କୃତିକ, ଐତିହାସିକ, ଭୌଗୋଳିକ ପ୍ରତ୍ନତାତ୍ତ୍ୱିକ ଓ ଭାଷାତାତ୍ତ୍ୱିକ ଦିଗ ଉପରେ ସବିଶେଷ ଆଲୋଚନା କରାଯିବାର ଆବଶ୍ୟକତା ରହିଥିଲା । ଏତଦ୍‌ବ୍ୟତୀତ ଚର୍ଯ୍ୟାଗୀତଗୁଡିକର ରଚୟିତାମାନଙ୍କର ଜନ୍ମସ୍ଥାନ, ଚର୍ଯ୍ୟାଗୀତଗୁଡିକର ଭାଷା, ଗୀତିଧର୍ମିତା, ଓଡ଼ିଆ ବ୍ୟାକରଣ, ସ୍ୱତନ୍ତ୍ର ଶବ୍ଦ ଓ ସ୍ୱତନ୍ତ୍ର ଧାରା ଉପରେ ବିଶ୍ଲେଷଣ କରାଗଲେ ହିଁ ଏଗୁଡିକର ଓଡ଼ିଆତ୍ୱ ସ୍ପଷ୍ଟ ହେବ । ଡ. ପରେଶ ଚନ୍ଦ୍ର ମଜୁମ୍‌ଦାର ତାଙ୍କ ଆଲୋଚନା ଓ ପର୍ଯ୍ୟାଲୋଚନା ଶେଷରେ ମତ ରଖିଛନ୍ତି ଯେ ଏହି ଚର୍ଯ୍ୟାଗୀତର ଭାଷା ଅର୍ଦ୍ଧମାଗଧୀ ଭାଷାର ଅପଭ୍ରଂଶ ଯାହାର ଯଥାର୍ଥ ଦାୟାଦ ହେଉଛି ଓଡ଼ିଆ ।

**ସିଦ୍ଧାଚାର୍ଯ୍ୟମାନଙ୍କର ଅବସ୍ଥାନ :**

ଚର୍ଯ୍ୟାଗୀତଗୁଡ଼ିକର ମୂଳଭାଷା ନିର୍ଦ୍ଧାରଣ କରିବାକୁ ହେଲେ, ଯେଉଁ ୨୩ ଜଣ ସିଦ୍ଧାଚାର୍ଯ୍ୟ ଗୀତଗୁଡିକ ରଚନା କରିଥିଲେ ସେମାନଙ୍କର ବାସସ୍ଥାନ ଓ ମାତୃଭାଷା ନିର୍ଣ୍ଣୟ କରିବା ପ୍ରାସଙ୍ଗିକ ମନେ ହୁଏ । ଏହି ୨୩ ଜଣ ସିଦ୍ଧାଚାର୍ଯ୍ୟଗଣ ପ୍ରତ୍ୟେକ କେତେ କେତେ ଚର୍ଯ୍ୟାପଦ ରଚନା କରିଥିଲେ

ତାହା ପ୍ରଣିଧାନଯୋଗ୍ୟ।

କାହ୍ନୁପା / କୃଷ୍ଣକା / କଷ୍ଣବଜ୍ର - ୧୩ ଗୋଟି, ଭୁସୁକୁ ପାଦ - ୮ ଗୋଟି, ସରହ ପାଦ - ୪ଗୋଟି, କୁକୁରୀ ପାଦ - ୩ଗୋଟି, ଶବରୀ ପାଦ - ୨ ଗୋଟି, ଲୁଇପାଦ - ୨ ଗୋଟି, ଗୁଣ୍ଡୁରୀ ପାଦ, ଜୟାନନ୍ଦୀ ପାଦ, ଆର୍ଯ୍ୟପାଦ, ତାଡିକ ପାଦ, ବୀଣାପାଦ, ଦାରିକପାଦ, ଡୋମ୍ବୀପା, ମହୀଧରପା, କଙ୍କଣ ପାଦ, କମ୍ବଳ ପାଦ, ଟେଣ୍ଟଣ ପାଦ, ଋଚିଲ୍ଲପାଦ, ବିରୁବା ପାଦ, ଧାମପାଦ, ହାଡିପା କୃଷ୍ଣାଚାର୍ଯ୍ୟ ପାଦ, ଭାବେପାଦ ଓ ଶାନ୍ତିପାଦ- ଏହି ୧୮ ଜଣ ସିଦ୍ଧାଚାର୍ଯ୍ୟ ପ୍ରତ୍ୟେକ ୧ଟି ଲେଖାଏଁ ଚର୍ଯ୍ୟା ଗୀତ ଲେଖିଛନ୍ତି। ପ୍ରଥମ ତିନିଜଣ ସିଦ୍ଧଗୁରୁ ୧୩+୮+୪=୨୫ ଗୋଟି ଦୋହା ବା ଗୀତ ଲେଖିଛନ୍ତି ଯାହା ମୋଟ ଗୀତର ଅର୍ଦ୍ଧେକ।

**କାହ୍ନୁ ପାଦ :**

(କ) ଶିଶୁ ଅନନ୍ତ ତାଙ୍କ ଲିଖିତ ଗୁପ୍ତ ଗୀତାରେ କାହ୍ନୁପାଦଙ୍କ ନାମ ସହ ଲୁଇପାଙ୍କ ନାମ ଉଲ୍ଲେଖ କରିଛନ୍ତି, ଯଥା: କାହ୍ନୁପା, ହାଡିପା, ବିରୁପା, ଲୋଇ, ସର୍ବାରକ୍ଷି ବିଶିଷ୍ଣ ଜାବାଳି।

**ଭୁସୁକୁପାଦଙ୍କ ବଙ୍ଗ ବିଦ୍ୱେଷୀ ମନୋଭାବରୁ ମନେ ହୁଏ ଯେ ସେ ବଙ୍ଗାଳୀ ହୋଇ ନ ଥିବେ।**

(ଖ) ଫରାସୀ ଭାଷାବିତ ପି.କରିଡର ଯେଉଁ ପ୍ରସିଦ୍ଧ ଡେଙ୍ଗୁର ଗ୍ରନ୍ଥ ପ୍ରସ୍ତୁତ କରିଛନ୍ତି ସେଥିରେ ୧୫ଟି ସ୍ଥାନରେ କାହ୍ନୁପା ଭାରତବାସୀ ବୋଲି ଉଲ୍ଲେଖ କରିଥିବାବେଳେ, କେବଳ ଗୋଟିଏ ସ୍ଥାନରେ ସେ ଓଡ଼ିଶାରୁ ଆସିଥିବା ଜଣେ ବ୍ରାହ୍ମଣ ବୋଲି ଲେଖିଛନ୍ତି।

(ଗ) ପାଗ୍ ସାମ୍ ଜନ୍‌ଜାଙ୍ଗଙ୍କ ମତ ଅନୁସାରେ ସେ ଓଡ଼ିଶାରେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ ଓ ବଜ୍ରବରାହୀ ମନ୍ତ୍ରର ଉପାସକ ଥିଲେ (ଯାହା କେବଳ ଓଡ଼ିଶାରେ ଉପଲବ୍ଧ)। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇନ୍ଦ୍ରଭୂତିଙ୍କ ବଜ୍ରଯାନ ଓଡ଼ିଶାରୁ ଉଦ୍ଭବ ହୋଇଥିଲା ଓ ବଜ୍ରବରାହୀ ଏହି ପନ୍ଥାର ଦେବୀ।

(ଘ) ତିବ୍ବତୀୟ ସମସ୍ତ ଗ୍ରନ୍ଥ ଆଲୋଚନା କରି ଡ. ବି. ଭଟ୍ଟାଚାର୍ଯ୍ୟ କାହ୍ନୁପାଙ୍କୁ ଓଡ଼ିଶାବାସୀ ବୋଲି କହିଛନ୍ତି। ତାଙ୍କର ଗୀତଗୁଡିକ ଉଡ୍ର ଭାଷାରେ ଲିଖିତ ବୋଲି ମତ ଦେଇଛନ୍ତି।

(ଙ) ଡ. ସହିଦୁଲ୍ଲ କୃଷ୍ଣପାଙ୍କୁ ଓଡ଼ିଶାର ବୋଲି ମତ ପ୍ରଦାନ କରିଛନ୍ତି। କାରଣ ତିବ୍ବତରେ ବହୁକାଳରୁ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ କୃଷ୍ଣଚାର୍ଯ୍ୟ କର୍ଣ୍ଣଦେଶରେ ଜନ୍ମଗ୍ରହଣ କରିଥିଲେ। ସେ କର୍ଣ୍ଣଦେଶକୁ ଓଡ଼ିଶା ବୋଲି ଚିହ୍ନିତ କରିଛନ୍ତି।

(ଚ) ଲାମା ତାରାନାଥ ଯେ କି ତିବ୍ବତ ଦେଶରେ ଜନ୍ମିତ ବୌଦ୍ଧଧର୍ମ ବିଶାରଦ, ସେ କହନ୍ତି ଯେ ବୁଦ୍ଧଦେବ ବହୁ ପୂର୍ବରୁ କହିଥିଲେ ଯେ କୃଷ୍ଣପା ଓଡ଼ିଭିସାରେ ଜନ୍ମଗ୍ରହଣ କରିବେ। (ହିଷ୍ଟ୍ରି ଅଫ୍ ବୁଦ୍ଧିଜିମ୍ ଇନ୍ ଇଣ୍ଡିଆର ନୋଟ ୪୧୨ ପୃ. ୪୪- ଅନୁବାଦକ - ଲାମା ଚାମ୍ପା)

ଉପରୋକ୍ତ ଗୋଟିଏ ମତ ସହ ଗବେଷକ ରାହୁଳ ସଂକୃତାୟନ ଏକମତ ହୋଇନାହାନ୍ତି। ତାଙ୍କ ମତରେ କୃଷ୍ଣପାଦ କର୍ଣ୍ଣାଟକ ବା କର୍ଣଦେଶରେ ଜନ୍ମ ହୋଇଥିଲେ। କିନ୍ତୁ ତାଙ୍କ ଚର୍ଯ୍ୟାର ଭାଷା କନ୍ନଡ ଭାଷା ସହ ଆଦୌ ମେଳ ଖାଉ ନ ଥିବାରୁ କାହ୍ନୁପା ଓଡ଼ିଭିସାରେ ଜନ୍ମିତ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

**ଭୁସୁକୁପାଦ :**

ଭୁସୁକୁପାଦ ବଙ୍ଗଳାରେ ଜନ୍ମଗ୍ରହଣ କରିଥିଲେ ବୋଲି କେତେଜଣ ବଙ୍ଗଳା ଗବେଷକ ଦାବି କରନ୍ତି। ଭୁସୁକୁପାଦ ତାଙ୍କ ରଚିତ ଚର୍ଯ୍ୟା ନଂ୪୯ରେ ଲେଖିଛନ୍ତି ଯେ ସେ ଚଣ୍ଡାଳୀକୁ ଘରଣୀ କରି ବଂଗାଳୀ ହେଲେ ଓ ନିର୍ଦ୍ଦୟ ବଂଗ ଦେଶରେ ଲୁଣ୍ଠିତ ହୋଇ ସମସ୍ତ ବିଭବ ହରାଇଲେ। ତାଙ୍କର ଏହି ବଙ୍ଗ ବିଦ୍ୱେଷୀ ମନୋଭାବରୁ ମନେ ହୁଏ ଯେ ସେ ବଙ୍ଗାଳୀ ହୋଇ ନ ଥିବେ।

ତାଙ୍କର ନାମ 'ଶାନ୍ତି ଦେବ' ଥିଲା ବୋଲି ଅନେକ ଗବେଷକ ମତ ଦିଅନ୍ତି। ସେ ରାଜପୁତ୍ର ଥିଲେ ଓ ସଂସାର ତ୍ୟାଗ କରି ମଞ୍ଜୁବଜ୍ରଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଶାନ୍ତିରେ ରହିଲେ। ସେଥିପାଇଁ ତାଙ୍କୁ ଶାନ୍ତିଦେବ କୁହାଗଲା। ନାଳନ୍ଦାରେ ସେ ରହୁଥିବା ବେଳେ ତାଙ୍କୁ ନାଳନ୍ଦା ଭାଷାରେ ଭୁସୁକୁ କୁହାଗଲା।

ଗବେଷକ ପି.କରିଡରଙ୍କ ଡେଙ୍ଗୁର ଗ୍ରନ୍ଥ ଅନୁସାରେ ଶାନ୍ତିଦେବ ଜହୋର ରାଜପୁତ୍ର ଥିଲେ ଯାହା ଭୁସୁକୁଙ୍କ ନିଜ ରଚିତ ଗ୍ରନ୍ଥରେ ଲିଖିତ ଅଛି। କେନ୍ଦୁଝରକୁ ପ୍ରଥମେ ଝର ଓ ପରେ ଜହୋର କୁହାଯାଉଥିଲା। କେନ୍ଦୁଝରର ସନ୍ତେଇ


ପାହାଡରେ ଥିବା ବୌଦ୍ଧମୂର୍ତ୍ତି ଓ ଗୁମ୍ଫା ଥିବାରୁ ସନ୍ତେଇ ବା ଶାନ୍ତିଦେବ ରାଜପୁତ୍ରଙ୍କ ଘର କେଉଁଝରେ ବୋଲି ବିବେଚନା କରାଯାଏ।

ସହିଦୁଲ୍ଲ ବଙ୍ଗୀୟ ସାହିତ୍ୟ ପରିଷଦରେ ମତ ଦେଇଥିଲେ ଯେ ଭୁସୁକୁ ଓ ରାଉତ (ରାଜପୁତ୍ର) ଗୋଟିଏ ବ୍ୟକ୍ତି ଓ ତାଙ୍କର ଘର ଓଡ଼ିଶାରେ। ୭ମ ଶତାବ୍ଦୀର ଶାନ୍ତିଦେବ ବା ଭୁସୁକୁ ତାଙ୍କ ଚର୍ଯ୍ୟାରେ ବହୁ ଓଡ଼ିଆ ଶବ୍ଦ ଓ ଓଡ଼ିଆ ବ୍ୟାକରଣ ବ୍ୟବହାର କରିଛନ୍ତି। ଯଥା- ଜୀବନ୍ତେ, କାହାରେ, କେତେ, ଏଥି, ମୋ, ମୋର, ଜାଣି, ଉଠି, ଛାଡି, ପସଇ, ବୋଲଇ, ଦିଶଇ ଇତ୍ୟାଦି। ଡ. କରୁଣାକର କର ବଳିଷ୍ଠ ଯୁକ୍ତି କରି ଏହି ସବୁ ପ୍ରତ୍ୟୟ ଓ ବିଭକ୍ତି ବ୍ୟବହାର ଯୋଗୁଁ ସେ ଓଡ଼ିଆ ବୋଲି କହିଛନ୍ତି। ତାଙ୍କୁ ସୌରାଷ୍ଟ୍ର ରାଜପରିବାରରେ ଜନ୍ମିତ ବ୍ୟକ୍ତି ବୋଲି ଯାହା କୁହାଯାଏ ତାହା ଦୁର୍ବଳ ଯୁକ୍ତି ପରି ମନେ ହୁଏ।

### ଚର୍ଯ୍ୟାଗୀତମାନଙ୍କରେ ଓଡ଼ିଶୀରାଗ

ତତ୍କାଳୀନ ଓଡ଼ିଶା ଦକ୍ଷିଣ କୋଶଳ, ତୋଷଳ, କଳିଙ୍ଗ, ଉତ୍କଳ ଓ ଉଡ୍ର ଆଦି ନାମରେ ବିଭିନ୍ନ ସମୟରେ ନାମିତ ଥିଲା ଏବଂ ଏହାର ସୀମା ମଧ୍ୟ ବିଭିନ୍ନ ସମୟରେ ପରିବର୍ତ୍ତିତ ହେଉଥିଲା।





ତଥାପି ଏସବୁର ଭାଷା ଉଡ୍ରମାଗଧୀ ବା ଅର୍ଦ୍ଧମାଗଧୀର ଅବହଟ୍ଟ ଭାଷା ହୋଇଥିବାରୁ ବିଭିନ୍ନତାରେ ମଧ୍ୟ ଗୋଟିଏ ସଂଗୀତ ଧାରା ଉପଲବ୍ଧ ହୋଇଥିଲା। ପୁନଶ୍ଚ ଏହାର ଭୌଗୋଳିକ ପରିସୀମା ଦକ୍ଷିଣ ଓ ଉତ୍ତର ଭାରତର ମଧ୍ୟସ୍ଥଳରେ ଅବସ୍ଥିତ ଥିବାରୁ କର୍ଣ୍ଣାଟକୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ଏଠାରେ ପ୍ରଚଳିତ ହେଲେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଶୀ ସଙ୍ଗୀତଶୈଳୀ ସୃଷ୍ଟି ହୋଇଥିଲା। ଓଡ଼ିଶୀ ସଙ୍ଗୀତର ନିଜସ୍ୱ ରାଗ ମଧ୍ୟରେ ଅଛି। ଦେଶାକ୍ଷ, ଧନାଶ୍ରୀ, କାମୋକ୍ଷୀ, ବେଲାବଳୀ, ଆମ୍ର ପଞ୍ଚମୀ, ପଞ୍ଚମ ବରାଡି, ଖଣ୍ଡ କାମୋଦୀ, କୁମ୍ଭକାମୋଦୀ ଓ ଖଣ୍ଡ ବଙ୍ଗାଳୀଶ୍ରୀ ଆଦି ଶାସ୍ତ୍ର ସମ୍ମତ ରାଗ। ଏହି ସଙ୍ଗୀତଗୁଡିକ ପ୍ରାୟତଃ ୮ମରୁ ୧୧ଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇ ବିଭିନ୍ନ ବୌଦ୍ଧ ବିହାର, ଶିକ୍ଷାଶ୍ରମ ଓ ଗୁମ୍ଫା ଆଦିରେ ବୀଣା, ଗିନି, ତୁମ୍ବୀ ଓ ମର୍ଦ୍ଦଳ ଆଦିର ସାହାଯ୍ୟରେ ଗାନ କରାଯାଉଥିଲା। ରଚୟିତା ଥିଲେ ସିଦ୍ଧଗୁରୁ। ଭ୍ରମଣକାରୀ ଚାରଣମାନେ ମଧ୍ୟ ବିଭିନ୍ନ ରାଗରେ ଗ୍ରାମଗ୍ରାମ ବୁଲି ସଙ୍ଗୀତ ଗାନ କରୁଥିଲେ। ଏହି ସଙ୍ଗୀତଗୁଡିକ ମଧ୍ୟରେ କେତୋଟି ରାଗ ଅଛି ଯାହା ଏହି ମାଟିରେ ଉଦ୍‌ଭବ ହୋଇଥିଲା। ଏହା ହିନ୍ଦୁସ୍ଥାନୀ ବା କର୍ଣ୍ଣାଟକୀ ପଦ୍ଧତିରେ ନାହିଁ। ପ୍ରତ୍ୟେକ ସଙ୍ଗୀତର ରଚୟିତାମାନେ ସଙ୍ଗୀତର ଶିରୋନାମା ତଳକୁ ସମ୍ପୃକ୍ତ ରାଗର ନାମ ଲେଖିଛନ୍ତି। ଏସବୁ ଓଡ଼ିଶୀ ସଙ୍ଗୀତର ସ୍ୱତନ୍ତ୍ର ରାଗ ହୋଇଥିବାରୁ ଏହା ଓଡ଼ିଆ ଭାଷା ବୋଲି ଦୃଢ଼ ଭାବରେ କୁହାଯାଇପାରିବ। କେବଳ ଓଡ଼ିଶୀ ଗୀତ ଓ ରାଗଗୁଡିକୁ ନିମ୍ନ ବିବରଣୀରେ ପ୍ରକାଶ କରାଯାଇପାରେ।

ଚର୍ଯ୍ୟର କ୍ର.ନଂ - ରଚୟିତାଙ୍କ ନାମ - ଗୀତର ପ୍ରଥମ ଧାଡି - କେଉଁ ରାଗ

୧୦ - କାହ୍ନୁପା - ନଗର ବାହରେ ଡୋମ୍ବ ତୋହୋରି ରେଡିଆ - ଦେଶାଖ

୧୩ - କୃଷ୍ଣଚର୍ଯ୍ୟାପା - ତିସରଣ କିଅ ଅଠକ ମାରି - କାମୋଦ

୧୪ - ଡୋମ୍ବି ହେରୁକି - ଗଙ୍ଗାଯାଉନା ମାଝେଁରେ ବହଇ ନଈ - ଧନାସୀ

୨୩ - ଭୁସୁକୁପା - ଜଇ ତୁମ୍ ହେ ଭୁସୁକ - ବରାଡ଼ି

୨୭ - ଭୁସୁକୁପା - ଅଧରାତି ଭର କମଳ ବିକସିଉ - କାମୋଦ

୩୨ - ସରହପା - ନାଦ ନ ବିନ୍ଦୁ ନ ରବି ଶଶିମଣ୍ଡଳ - ଦେଶାଖ

୩୪ - ଦାରିପ ପାଦ - ଶୁଣ କରୁଣରେ ଅଭିନଚରେ - ବରାଡି

୩୭ - ତାଡକ ପାଦ - ଅପଣେ ନାହିଁ ସୋ କାହେରି ଶଙ୍କା - କାମୋଦ

୪୨ - କାହ୍ନୁପା - ଛଅ ସହଜେ ଶୁଣ ସମ୍ପୂର୍ଣ୍ଣା - କାମୋଦ

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉପରୋକ୍ତ ରାଗମାନଙ୍କ ଉପରେ ସ୍ୱତନ୍ତ୍ର ଜ୍ଞାନ ଥିବା ସଙ୍ଗୀତକାର ତଥା ଗୀତିକାରମାନେ

ଓଡ଼ିଶାର ଓ ସେମାନଙ୍କର ରଚନା ଓଡ଼ିଆ ଭାଷାର (ଯଦିଓ ଅନ୍ୟାନ୍ୟ ରାଗର ଗୀତଗୁଡ଼ିକ ଓଡ଼ିଶା ଭୂଖଣ୍ଡରେ ଗାନ କରାଯିବାରେ ପ୍ରତିବନ୍ଧକ ନ ଥିଲା ଏବଂ ଗାନ କରାଯାଇଛି ମଧ୍ୟ) । ଏହାହିଁ ଚର୍ଯ୍ୟାଗୀତଗୁଡ଼ିକର ଓଡ଼ିଆକୈନ୍ଦ୍ରିକ ପୃଷ୍ଠଭୂମିର ପରିଚୟ ।

**ଦୁଆ ବା ଦୋହା :**

ସିଦ୍ଧ ଗୁରୁମାନେ ଅନେକ ଦୁଆ ବା ଦୋହା ରଚନା କରିଛନ୍ତି । ଏହି ଦୁଆ ଶବ୍ଦ ଓଡ଼ିଶାର ଲୋକମାନଙ୍କ ଘରେ ଘରେ ବେଶ୍ ଭଲ୍ ଭାବେ ପ୍ରଚଳିତ । ଏହା ଏକ ଦେଶଜ ଶବ୍ଦ । ଓଡ଼ିଆ ରଢ଼ି ପ୍ରୟୋଗରେ 'ଦୁଆ ଧରିବା' ବ୍ୟବହୃତ ହୋଇଥାଏ । ସଙ୍ଗୀତରେ ପାଳି ଧରିବା ରୀତିକୁ ଓଡ଼ିଆରେ 'ଦୁଆ' ଧରିବା ବୋଲି କୁହାଯାଇଥାଏ । ସଙ୍ଗୀତର ଘୋଷାପଦ ବା ସ୍ଥାୟୀ ପଦକୁ ଓଡ଼ିଆ ଭାଷାରେ 'ଡୁହା' ବୋଲି କୁହାଯାଏ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଅନେକ ଦୋହା ରଚନା କରିଛନ୍ତି ବୋଲି ନିଜେ ଉଲ୍ଲେଖ କରିଛନ୍ତି । ସେ ରୀତିଯୁଗର କବି ହୋଇଥିବାରୁ ତାଙ୍କର ରଚନା ଚର୍ଯ୍ୟାଗୀତ ସମୟର ପରବର୍ତ୍ତୀ ରଚନା । ତେଣୁ ଓଡ଼ିଆ ଚଳଣି, ସାମାଜିକ ଜୀବନ ଓ ସାହିତ୍ୟ କ୍ଷେତ୍ରରେ ଏହି ଦୁଆ, ଡୁଆ ବା ଦୋହା ପ୍ରଚଳିତ ଥିବାର ପ୍ରମାଣ ଦୃଷ୍ଟିରୁ ଏହା ଓଡ଼ିଆତ୍ୱର ପରମ୍ପରା ପ୍ରସୂତ ।

ପୁନଶ୍ଚ ସାଙ୍ଗୀତିକତା, ସ୍ୱତଃସ୍ଫୂର୍ତ୍ତତା, ସଂକ୍ଷିପ୍ତତା, ସରଳତା ଓ ସାବଲୀଳତା ଆଦି ଗୀତିକବିତାର ମୁଖ୍ୟ ଉପାଦାନଗୁଡ଼ିକ ଉଭୟ ଓଡ଼ିଆ ସାହିତ୍ୟ ଓ ଚର୍ଯ୍ୟାଗୀତରେ ଉପଲବ୍ଧ ହେଲେ ମଧ୍ୟ କବିତାର କଳେବର ଓ ବାହ୍ୟ ରୂପର କେତେକ ଲକ୍ଷଣ ଉଭୟ ଗୀତ ମଧ୍ୟରେ ପରିଦୃଷ୍ଟ ହୁଏ, ଯାହା ଚର୍ଯ୍ୟାଗୀତର ଓଡ଼ିଆତ୍ୱକୁ ଦୃଢ଼ୀଭୂତ କରେ । ସେଗୁଡ଼ିକ ମଧ୍ୟରେ ଅଛି ଅନ୍ତରା, ଭଣିତା ଓ ସଂକ୍ଷିପ୍ତତା । ଅବଶ୍ୟ ୫୦ ଗୋଟି ଚର୍ଯ୍ୟାଗୀତ ମଧ୍ୟରେ ୬ ଗୋଟି ଗୀତ ସାମାନ୍ୟ ଦୀର୍ଘ । କେତେକ ଚର୍ଯ୍ୟାଗୀତରେ ଅଶ୍ଳୀଳ ଶବ୍ଦ ରହିଛି । ଏଗୁଡ଼ିକର ଶ୍ଳେଷଧର୍ମିତା ବେଶ୍ ଉଚ୍ଚମାନର । ପ୍ରାଚୀନ ଓଡ଼ିଆ କବିତାଗୁଡ଼ିକରେ ଥିବା ଭଣିତା ଭଳି ପ୍ରତ୍ୟେକ ଚର୍ଯ୍ୟାଗୀତରେ ଭଣିତାଙ୍କ ନାମ ଉଲ୍ଲେଖ ରହିଛି ।

**ଅଶ୍ଳୀଳ ଶବ୍ଦ**

ଚର୍ଯ୍ୟାଗୀତର ଦୁଇଜଣ କବି ମାନବ ଶରୀରର ଯୌନାଙ୍ଗର ଶୁଦ୍ଧ ଓଡ଼ିଆ ଶବ୍ଦ କବିତାରେ ଉଲ୍ଲେଖ କରିଛନ୍ତି । ଯାହାକୁ ଅଶ୍ଳୀଳ ଶବ୍ଦ ଭାବେ ଓଡ଼ିଆରେ ଗ୍ରହଣ କରାଯାଏ । ଏହି ଶବ୍ଦ ଅନ୍ୟ ଭାଷାରେ ନ ଥିବା କାରଣରୁ ଚର୍ଯ୍ୟାକାରଙ୍କୁ ଓଡ଼ିଆ ଓ ତାଙ୍କ ଭାଷାକୁ ଓଡ଼ିଆ ଭାଷାର ପ୍ରାଚୀନ ରୂପ ବୋଲି କୁହାଯାଇପାରିବ । ଚର୍ଯ୍ୟା ନଂ ୪ରେ ଗୁଣ୍ଡୁରୀପାଦ ଦ୍ୱିତୀୟ ଧାଡ଼ିରେ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି ତାହାର ବାହ୍ୟ ଅର୍ଥ ଅଶ୍ଳୀଳ ଓ ନାରୀ ଜନନେନ୍ଦ୍ରିୟକୁ ବୁଝାଏ । ଏହି ଗୀତର ୫ମ ପାଦର ପ୍ରଥମ ପାଦରେ 'କୁନ୍ଦୁରେ ବୀରା' ଶବ୍ଦକୁ ମଧ୍ୟ ଯୌନ ଅର୍ଥରେ ବ୍ୟବହାର କରିଛନ୍ତି । କିନ୍ତୁ ଏସବୁର ଅନ୍ତର୍ନିହିତ ଅର୍ଥ ବେଶ ମନସ୍ତାତ୍ତ୍ୱିକ । ସେଥିପାଇଁ ଡ. ବି ଭଟ୍ଟାଚାର୍ଯ୍ୟ ଏହି କବିତା ଓଡ଼ିଆ ଭାଷାରେ ରଚିତ ବୋଲି ମତଦାନ କରିଛନ୍ତି ।

ଏହା ବ୍ୟତୀତ ତାଡକପାଦଙ୍କ ରଚିତ ଚର୍ଯ୍ୟା ନଂ ୩୭ର ୭ମ ଧାଡ଼ିରେ ପୁରୁଷ ଜନନେନ୍ଦ୍ରିୟର ଦୁଇଟି ଆକ୍ଷରିକ ଓଡ଼ିଆ ଶବ୍ଦ ଉଲ୍ଲେଖ କରିଛନ୍ତି । ବଙ୍ଗଳା ଭାଷାରେ ଏହି ଶବ୍ଦର ଅର୍ଥ ବଟୁଆ । ତାଡକ ପାଦ ବାହ୍ୟ ଅର୍ଥରେ କହିଛନ୍ତି ଯେ ଘାଟିଆ ପାରିକରିବା ପୂର୍ବରୁ ଲୋକଙ୍କର ଯୌନାଙ୍ଗ (ଅଶ୍ଳୀଳ) ଦେଖିଥାଏ, କିନ୍ତୁ ସହଜ ଅବସ୍ଥା ବାକ୍‌ପଥାତୀତ ଓ ତାହାକୁ ଦେଖିବା ଅଥବା ବଖାଣିବା ସମ୍ଭବପର ନୁହେଁ । ଏହି କବିତାର ଉପରୋକ୍ତ ଦୁଇଟି ଅଶ୍ଳୀଳ ଶବ୍ଦ ଅନ୍ୟ ଭାଷାରେ ନ ଥିବାରୁ ଏହା ଓଡ଼ିଆ ବୋଲି ପ୍ରମାଣିତ ହୁଏ ।

**ଓଡ଼ିଆ ଭାଷାର ଶବ୍ଦ ଯାହା ଅନ୍ୟ ଭାଷାରେ ଉପଲବ୍ଧ ନୁହେଁ, ତାହା ହିଁ ଓଡ଼ିଆତ୍ୱର ବଳିଷ୍ଠ ପ୍ରମାଣ ।**

ଭାଷା ହିଁ ମାନବର ପରିଚୟ । ଓଡ଼ିଆ ଭାଷାର ଶବ୍ଦ ଯାହା ଅନ୍ୟ ଭାଷାରେ ଉପଲବ୍ଧ ନୁହେଁ, ତାହା ଓଡ଼ିଆତ୍ୱର ବଳିଷ୍ଠ ପ୍ରମାଣ ।

**କବିତାରେ ବଙ୍ଗ ବିଦ୍ୱେଷ**

ଚର୍ଯ୍ୟାଗୀତର ପ୍ରଥମ ପ୍ରମୁଖ ଦାବିଦାର ବଙ୍ଗଳା ଭାଷା । ହେଲେ କେତୋଟି ଚର୍ଯ୍ୟାରେ ଥିବା ବଙ୍ଗ ବିଦ୍ୱେଷୀ ଆକ୍ଷେପୋକ୍ତି ଏହା ବଙ୍ଗଭାଷା ନୁହେଁ ବୋଲି ପ୍ରମାଣିତ କରେ । ଏହି ଆକ୍ଷେପୋକ୍ତି ସରହପାଙ୍କ ଚର୍ଯ୍ୟା ନଂ ୩୯ ଓ ଭୁସୁକୁପାଙ୍କ ଚର୍ଯ୍ୟା ନଂ ୪୯ରେ ପ୍ରକାଶିତ ହୋଇଛି ।

ସରହପାଦ ୩୯ ନଂ ଚର୍ଯ୍ୟାରେ ନିଜ ମନକୁ ବୁଝାଇ ଲେଖିଛନ୍ତି: ରେ ମନ ତୁ କାହିଁକି ଧନ୍ଦି ହେଉଛୁ ? ବଙ୍ଗଦେଶରୁ ସ୍ତ୍ରୀ ଗ୍ରହଣ କଲା ପରେ ତୋର ଜ୍ଞାନ ନିଃଶେଷ ହୋଇଛି। ଏଠି ଅମୀୟ ଥାଉ ଥାଉ ତୁ ବିଷପାନ କରୁଛୁ।.... ନିଜ ଘର ଓ ପରଘରକୁ ଏକା ବୋଲି ବୁଝିବାକୁ ହେବ। ଦୁଷ୍ଟ ବଳଦ ଅପେକ୍ଷା ଶୂନ୍ୟ ଗୁହାଳ ବରଂ ଶ୍ରେୟସ୍କର। ଏହି କବିତା ମାଧମରେ ବଙ୍ଗ ଦେଶର ଲଳନାକୁ ଦୁଷ୍ଟ ବଳଦ ରୂପେ ବର୍ଣ୍ଣନା କରିଛନ୍ତି। ଏ ଭଳି ମନୋଭାବ ପରୋକ୍ଷ ନ ହୋଇ ପ୍ରତ୍ୟକ୍ଷ ହେବା ପରି ମନେ ହୁଏ। ଏଭଳି କବିତା କବିଙ୍କର ବିଦୂପାତ୍ମକ ମନୋଭାବର ପରିଚୟ ଦିଏ।



ଭୁସୁକୁପା ତାଙ୍କର ୪୯ ନମ୍ବର ଚର୍ଯ୍ୟାରେ ଲେଖିଛନ୍ତି ଯେ ପଦ୍ମାବତୀ ନଦୀରେ ନାବ ବାହି ବାହି ଗଲାବେଳେ ସେ ନିର୍ଦ୍ଦୟ ବଂଗ ଦେଶରେ ଲୁଣ୍ଠିତ ହେଲେ। ଚଣ୍ଡାଳୁଣୀକୁ ଘରଣୀ କରି ଲୁଣ୍ଠିତ ହେଲେ। ତାଙ୍କ ବାଣିଜ୍ୟ ପେଣ୍ଠ ଧ୍ୱଂସ ହେଲା। ଇନ୍ଦ୍ରିୟ ସମ୍ପତ୍ତି ନଷ୍ଟ ହେଲା। ଆଦି ଭୁସୁକୁ ବଂଗାଳୀ ଭଇଲି, (୨ୟ ପଦ ଚ.୪୯)। ଏହି ରଚନାରୁ ଜଣାଯାଏ ଯେ ଭୁସୁକୁପା ବଙ୍ଗାଳୀ ନ ଥିଲେ ଓ ବିବାହ ପରେ ବଙ୍ଗାଳୀ ହେଲେ। ଏଥିରୁ ତାଙ୍କର ବଙ୍ଗବିଦ୍ୱେଷୀ ମନୋଭାବର ପରିଚୟ ମିଳେ। ଡେଙ୍ଗୁର ଗ୍ରନ୍ତ ତାଙ୍କୁ ଓଡ୍‌ଡ଼ିୟାନବାସୀ ଭାବେ ଓ ତାରାନାଥ ତାଙ୍କୁ ଓଡ଼ିଭସାର ବାସିନ୍ଦା ଭାବେ ଚିହ୍ନଟ କରିଛନ୍ତି। ଅଥଚ ସୁକୁମାର ସେନ୍ ଓ ନିହାର ରାୟଙ୍କ ମତରେ ଭୁସୁକୁପା ବଂଗାଳୀ। କବିତାରୁ ସ୍ପଷ୍ଟ ହୁଏ ଯେ ମୋଟ ୧୨ ଗୋଟି କବିତା ଲେଖିଥିବା ଏହି କବିଦ୍ୱୟ ବଙ୍ଗୀୟ ନ ଥିଲେ।


## ଓଡ଼ିଭିସା ଓ ଉଡ୍‌ଡିୟାନ ପୀଠ

ଡ. କରୁଣାକର ଓ ଅନ୍ୟାନ୍ୟ ଭାଷାବିତ୍‌ମାନେ ଉଡ୍‌ଡିୟାନ ରାଜ୍ୟକୁ ଓଡ଼ିଶାର ଭୌଗୋଳିକ ଅଂଶ ବୋଲି ପ୍ରମାଣ କରି, ବୌଦ୍ଧତନ୍ତ୍ର ବଜ୍ରଯାନର ପ୍ରବର୍ତ୍ତକ ଇନ୍ଦ୍ରଭୂତିକୁ ଓଡ଼ିଶା ଅନ୍ତର୍ଗତ ସମ୍ବଳକର ରାଜା ବୋଲି ପ୍ରତିଷ୍ଠା କରି, ବୌଦ୍ଧ ତାନ୍ତ୍ରିକ ସିଦ୍ଧଗୁରୁମାନେ ଓଡ଼ିଆ ଥିଲେ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି। କିନ୍ତୁ 'ଉଡ୍‌ଡିୟାନ' ଅପେକ୍ଷା 'ଓଡ଼ିଭିସା' ନାମ କିଛି କମ୍ ଗୁରୁତ୍ୱ ବହନ କରେ ନାହିଁ। କାରଣ ଲାମା ତାରାନାଥ କରଡିୟର ଓ ଅନ୍ୟାନ୍ୟ ନିରପେକ୍ଷ ଗବେଷକମାନଙ୍କ ମତରେ ସରହପାଦ, କମ୍ବଳପା, ଶବରୀପା ଓ ବିରୂପାଦ ଆଦି ସିଦ୍ଧଗୁରୁମାନେ 'ଓଡ଼ିଭିସା'ର ଲୋକ ଥିଲେ। ଲାମା ତାରାନାଥ ତାଙ୍କ ପୁସ୍ତକରେ 'କଟକ' ନଗର ଓଡିଭିସାରେ ଥିଲା ବୋଲି ଲେଖିଛନ୍ତି। ପରବର୍ତ୍ତୀ ସମୟରେ ପ୍ରକାଶିତ ଏକ ପୁସ୍ତକରେ ସେ ମୁକୁନ୍ଦ ଦେବଙ୍କୁ ଓଡ଼ିଭିସାର ରାଜା ଥିଲେ ବୋଲି ଉଲ୍ଲେଖି କରଛନ୍ତି। (ପୃଷ୍ଠା ୧୪୮ ଏବଂ ୩୨୧, ତାରାନାଥ ହିଷ୍ଟ୍ରି ଅଫ୍ ବୁଦ୍ଧିଜିମ୍ ଇନ୍ ଇଣ୍ଡିଆ- ଏଡିଟେଡ୍ ବାଏ ଲାମା ଚାମ୍ପା ଏବଂ ଏ.କେ. ପାଣ୍ଡେ) ତାଙ୍କ ମତରୁ ସ୍ପଷ୍ଟ ହୁଏ ଯେ ପ୍ରାଚୀନ ଓଡ଼ିଶାର ନାମ ଓଡ଼ିଭିସା ଥିଲା ଓ ତାହା ବୌଦ୍ଧ ଧର୍ମର ପ୍ରମୁଖ କ୍ଷେତ୍ର ଥିଲା। ସେ ଦୃଷ୍ଟିରୁ ଅନେକ ଚର୍ଯ୍ୟାଗୀତିକାରଙ୍କ ଜନ୍ମିତ ରାଜ୍ୟ ଓଡ଼ିଶା ଓ ଚର୍ଯ୍ୟାର ଭାଷା ଓଡ଼ିଆର ପୂର୍ବାବସ୍ଥା ମନେ ହୁଏ।

ଏହି ଚର୍ଯ୍ୟାଗୀତଗୁଡିକର ଧାର୍ମିକ, ଭାଷାତାତ୍ତ୍ୱିକ, ଐତିହାସିକ, ସାଂସ୍କୃତିକ, ପ୍ରତ୍ନତାତ୍ତ୍ୱିକ ଦିଗ ଉପରେ ଡ. କରୁଣାକର, ଡ. ଖଗେଶ୍ୱର ମହାପାତ୍ର, ଡ. ସୁରେନ୍ଦ୍ର ମହାରଣା, ଡ. ପ୍ରଦୀପ୍ତ ପଣ୍ଡା, ପ୍ରଫେସର ଚିନ୍ତାମଣି ବେହେରା ଆଦି ବିଶଦ୍ ଆଲୋଚନା କରିଛନ୍ତି। ବହୁ ସମାଲୋଚକ ଏହାର କାରଣ, ବିଭକ୍ତି, ପ୍ରତ୍ୟୟ, ତଦ୍ଧିତ, କୃଦନ୍ତ ଭାଷା ଓ ବ୍ୟାକରଣର ସମୀକ୍ଷାକରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସେ ସବୁ ଆଲୋଚନା ଦୀର୍ଘ ଓ ସମୟସାପେକ୍ଷ ହେବ। ତଥାପି ଆଲୋଚିତ ଦିଗର କେତୋଟି ଅନାଲୋଚିତ ଅଂଶ ଏହି ପ୍ରବନ୍ଧରେ ସୂଚୀତ ହେଲା। ଡ. କରୁଣା କରଙ୍କ ମତରେ "ଏହି ଗ୍ରନ୍ଥ ବିଶେଷ ଭାବେ ଆଲୋଚିତ ହେଲେ ଓଡ଼ିଶାର ଶିକ୍ଷା, ସଭ୍ୟତା ଓ ସଂସ୍କୃତିର ପ୍ରକୃତ ପରିଚୟ ମିଳିବ।"

□□

ଲେଖକଙ୍କ ଇ-ମେଲ ଠିକଣା:
dracpadhiary@gmail.com



ଲଳିତ ନିବନ୍ଧ


# 'ହୁଁ' ଏବଂ ମୁଁ

ଅଚ୍ୟୁତାନନ୍ଦ ପତି

ମୋଠିଁ ମୋ ଖିଆଲ କ୍ଷୀରର ସରପକା ସୋରି ସୋରି ସପନ ସଂଚ୍ଚ ହେଇ ରହିଛି। ମୋ ଅନୁଭୂତିର ଥାକମରା ନଥିବା ଥିବା, ନପାଇବା ପାଇବା, ଉଦାସ ହସ, ତାତି ଶୀତଳତା, ମରୁଡ଼ି ମେଘ, ହାରିବା ହରେଇବା, ଇମିତି ଇମିତି କେତେ ମୋ ଭିତରେ ଗଦେଇ ହେଇ ରହିଛି। ମୋ ସପନରୁ କିଛି ସାଉଁଟି, ମୋ ଅନୁଭୂତିରୁ କିଛି ଗୋଟାଇ, ସବୁକୁ ଜୁଟାଇ, ଚକଟି ଚାକଟି, ମୁଁ କେତେଟା 'କଥା' ଗଢ଼ିଛି। ମୋ ସଉକ ବାକ୍ସରେ ସମ୍ପାଦିଥିବା ଟୁକୁରୁଟାକର ସାଜ ସରଂଜାମରେ ମୋ କଥାକୁ ସଜାଇଛି। ଝୁଲୁଥିବା ମୋ ମନ ଅଳୁଗୁଣିରେ ଖେନ୍ଦା ହେଇଥିବା ଶସ୍ତା ଦାମିକା କିଛି ଲୁଗାପଟା କାଢ଼ିଛି। ମୋ 'କଥା'ର ଚରିତ୍ରମାନଙ୍କୁ ମନାଇଲା ଭଳି ତାଙ୍କୁ ବାନ୍ଧିବୁନ୍ଧି ପିନ୍ଧାଇଛି। ମୋ ଶୈଳୀର ମେହେନ୍ଦିରେ କୌଶଳର ତୂଳୀ ବୁଡାଇ ମୋ କଥାରେ କୂଟିକମର ଗାର ମାରିଛି।

ମୋ କଥାକୁ କହିବାକୁ ଓଠ ଉଠାଇଲେ, ଗୋଟାଏ ଉପରପଡ଼ା କିନ୍ତୁ ମୋ ପାଟିକୁ ଚୁମୁଟି ଅଟକାଇ ଦେଉଛି। ମୋ 'କଥା'କୁ ବାହାର କରି, ପାଞ୍ଚଜଣଙ୍କ ଆଗରେ ପହଞ୍ଚାଇବାକୁ ପାଞ୍ଚିଲେ ବି ଗଡବଡିଆ 'କିନ୍ତୁ'ଟା ପହଞ୍ଚି ମତେ ଘୁଞ୍ଚାଇ ଦେଉଛି।

'କିନ୍ତୁ'ର କହିବା କଥା ହେଲା, ମୋ କଥାର 'ହୁଁ' ମାରିବାକୁ କେହି ନାହାଁନ୍ତି। ବିନା 'ହୁଁ' ମରାରେ କଥାଟା ଅଯଥା ହେଇଯାଏ, ଆଜିର ଅବଧିରେ 'ହୁଁ' ମରାର ତରିକାରେ ଫରକ ଆସିଛି। 'ହୁଁ' ମାରିବାକୁ ଏକଚାଟିଆ ବେପାରୀ ଅଛନ୍ତି। ସେମାନେ 'ହୁଁ' ମାରିବାର ଅଧିକାରକୁ ଖର୍ଦ୍ଦି କରିଛନ୍ତି। ସେମାନଙ୍କ 'ହୁଁ', 'ଉହୁଁ' କଥାକୁ ଭଲ, ଭେଲର ହୋଦା ପିନ୍ଧାଏ। ସେହି 'ହୁଁ' ମରାଙ୍କ କାରନାମାର କରାମତିର କିମିଆ ଛୋଟକୁ ବଡ଼ କରିପାରେ, ବଡ଼କୁ ଛୋଟ କରିପାରେ, ଭଲକୁ ଭୁଲ୍ କରିପାରେ। ସେମାନଙ୍କୁ 'ଇନ୍‌ଫୋମାନିଆ' ବେମାରି ଘାରିଛି। ସେ ରୋଗର ଲକ୍ଷଣ ହେଉଛି - 'ମୁଁ ସବୁଜାଣେ, ଅନ୍ୟମାନେ କିଛି ଜାଣନ୍ତି ନାହିଁ।' ସେ ରୋଗର ଔଷଧ 'ସକ୍ରେଟିସ୍' ଜାଣିଥିଲେ। ସେ କହୁଥିଲେ 'ସବୁଠୁଁ ବଡ଼ ଜ୍ଞାନ ହେଉଛି, ' ମୁଁ କିଛି ଜାଣେ ନାହିଁ'। ଆଜିର ତଥାକଥିତ ଜ୍ଞାନୀ ମହାମାନ୍ୟମାନେ ରୁଗ୍‌ଣ ଅହଂକାର ଓ ଆତ୍ମରତିରେ ପ୍ରମତ୍ତ। 'ସକ୍ରେଟିସ୍'ଙ୍କୁ କିଏ ଖାତିର କରୁଛି କି ?



ଅବିକାର 'ହୁଁ' ମରାର ଫେରରୁ ନିଜକୁ ଖସାଇ ନେଇ, ମନେ ମନେ ଛୁଆଟିଏ ହେଇ, ମୁଁ ସେବେଳର 'ହୁଁ' ମରା ଅମଳକୁ ପଳାଇଗଲି। ସଂଜ ପହର ପାର ହେଉଁ ହେଉଁ ମୋ ବୁଢ଼ୀମାଆ ଗୋବରଲିପା ଚଉଡ଼ା ଦାଣ୍ଡିପିଣ୍ଡାରେ ମାଟିକାନ୍ଥକୁ ପିଠି ଢ଼ିରା ଦେଇ, ଗୋଡ ଲମ୍ବାଇ ବସି ପଡ଼େ। ଆମେ ଛୁଆଏ ଡକାଡକି ହେଇ, ବାହାରିପଡୁ, ବୁଢ଼ୀମାଆ କଡରେ ଯୋଡା ଯୋଡି ହେଇ ବସିପଡୁ। ବୁଢ଼ୀ ମାଆ ଆଗେ ଆମ ଗାଲରେ ସରୁ ଚାପଡ ଛୁଆଁ ଦିଏ। ଏଟା ତାର ଗେଲ କରିବାର ତରିକା। ଆମେ ପାଳି କରି ବୁଢ଼ୀମାଆର ଗୋଡ଼ ଆଙ୍ଗୁଳିକୁ ଟାଣି ଟାଣି ଫୁଟାଉ ଥାଉ। ବୁଢ଼ୀ ମାଆ ତା' ନାସଦାନିରୁ ଟିପେ ନାସ ନାକରେ ଗୁଞ୍ଜିଦେଇ, ଥରେ ଦିଥର ଛିଙ୍କି ପକାଏ। ତା'ପରେ ତାର କଥାପେଡ଼ି ଖୋଲେ।

ସୁକୁମାରୀ କେଶମତୀ କନ୍ୟାର କଥା, ସେ ତାର ଲମ୍ବାକେଶରୁ ଗୋଟାଏ ଫରୁଆରେ ପୂରାଇ ନଈରେ ଭସାଇ ଦିଏ। ରାଜାପୁଅ ସେ କେଶକୁ ପାଇ ପକ୍ଷୀରାଜ ଘୋଡ଼ା ଚଢ଼ି, ଅଣ୍ଟାରେ ଖଣ୍ଡା ଭିଡି, କନ୍ୟାକୁ ଖୋଜିବାକୁ ବାହାରିପଡ଼େ। ସେ କନ୍ୟାକୁ ପାଇବାକୁ ସେ ବାଇ ହେଇଯାଏ, ସେ କନ୍ୟାକୁ

ବୁଢ଼ୀ ଅସୁରୁଣୀ ପାଳେ। ରାଜାପୁଅ ସହିତ ବାଦ ବିଚାର କରି ରାଜାଝିଅ ବୁଢ଼ୀ ଅସୁରୁଣୀର ଝୋଟ ପରି ଚୁଟିରୁ ଉକୁଣି ମାରୁ ମାରୁ ତା ମରଣ ଭେଦ ଆଦାୟ କରେ। ସାତତାଳ ପାଣି, ତା ତଳେ ସାତ ତାଳ ପଙ୍କ ତଳେ ଫରୁଆରେ ଅସୁରୁଣୀର ଜୀବନ ଭଅଁର ରହିଛି। ରାଜାପୁଅ ଭଅଁରକୁ ଏକ ଚେଟରେ ଦିଖଣ୍ଡ କରେ। ରାଜାପୁଅ, ରାଜାଝିଅ ବାହାସାହା ହେଇ, ହସଖୁସିରେ ରହନ୍ତି। ସାହାଡ଼ା ସୁନ୍ଦରୀ କଥା, କଲୁରେଇ ବେଣ୍ଟ କଥା, ଏମିତି ଏମିତି କେତେ କଥା ବୁଢ଼ୀ କହି ଚାଲେ। ଆମେ ପାଟିରେ ପାଟିଏ 'ହୁଁ' ପୁରାଇ ବସିଥାଉଁ। ବୁଢ଼ୀମାଆର କଥା ଦଉଡ଼ ସାଙ୍ଗରେ ଆମ 'ହୁଁ' ମରା ତାଳପକାଇ ଧାଉଁଥାଏ।

**ଆଜି ବୁଢ଼ୀମାଆ ନାହିଁ। ତା' କଥାପେଡ଼ି ଛିଡ଼ିଛିଡ଼ି, ତା ଉପରେ ମାଟି ଚଢ଼ିଗଲାଣି। ଆମର ହୁଁ ମରା ମରିଗଲାଣି।**

ଆଜି ବୁଢ଼ୀମାଆ ନାହିଁ। ତା' କଥାପେଡ଼ି ଛିଡ଼ିଛିଡ଼ି, ତା ଉପରେ ମାଟି ଚଢ଼ିଗଲାଣି। ଆମର ହୁଁ ମରା ମରିଗଲାଣି। କେଶବତୀ କନ୍ୟା ନାହିଁ, ତା କେଶର ନାମ ହେଇଛି, ରାଜାପୁଅ କୁଆଡ଼େ ବୋଲି କୁଆଡ଼େ ଛୁ, ତା ପକ୍ଷୀରାଜ ଘୋଡ଼ାର ଡ଼େଣା ଛିଣ୍ଡି ପଡ଼ି, ସୁନାବେଣ୍ଟଦିଆ ଖଣ୍ଡା କୁଆଡ଼େ ଫୋପଡ଼ା ହେଇଛି,

କାଳ ବଇଷମ ହେଲାରେ କୁମର,
ସେ କାଳ ପଖାଳ ନାହିଁ।
ବୁଢ଼ୀ ମାଆ ମଲା, କଥା ପେଡ଼ିଗଲା
ଛୁଆବେଳ ହୁଁ କାହିଁ?

ମୋ ଅକଲକୁ ଦଖଲ କରିବାକୁ ଯାଉଥିବା 'କିନ୍ତୁ'ଟାର ବକବକକୁ ବାଜେ, ବେକାର ବୋଲି, ବାଏଁ ବାଏଁ ଉଡାଇ ଦେଲି। 'ହୁଁ' ମରାର ମାଲିକ ବୋଲାଉଥିବା, ମାନ୍ୟବରଙ୍କ ଶ୍ରୀଛାମୁରେ ଯୋଡହସ୍ତ ହେବାକୁ 'କିନ୍ତୁ'ର ପରୋକ୍ଷ ମୁକ୍ତିକୁ ନାକସିଟିକା ମାରି, ମୋ କଥାକୁ ନେଇ ବାହାରକୁ ବାହାରିପଡ଼ିଲି, ବିନା 'ହୁଁ' ମରାରେ। ମୋ କଥାକୁ କହି କହି ଚାଲିଲି। ରାସ୍ତାଘାଟର ଗଳିକନ୍ଦି, ହାଟବଜାର, ମୋ କଥାକୁ ଶୁଣାଇ ଚାଲିଲି।

ଗାମୁଛା ଗୁଡାଇ ବିଡିଲି କାଟୁଥିବା ଦରବୁଢ଼ା ଜଣକ କବାଟ ଖୋଲି ମୋ କଥାକୁ କାନେଇଲା। ଜୁଆଳି କାନ୍ଧେଇ ବିଲକୁ ବାହାରୁଥିବା ଭାଇଜଣକ ମୋ କଥାଶୁଣି ଅଟକି ଗଲା। ଛିଡ଼ା ଶାଢ଼ିକୁ ଅଣ୍ଟାରେ ଗୁଡାଇ ପରଘରେ ପାଇଟିକୁ ପାଉଥିବା ମାଉସୀ ମୋ କଥା ଶୁଣିବାକୁ ଘଡ଼ିଏ ଠିଆ ହେଇଗଲା। ସାଉକାର ଘରେ ଗୋତି ଖଟୁଥିବା ବିଚରାଟି ସାଉକାର ଘରଣୀ ଠୁଁ ଗୋଇଠା ଖାଇ, ଆଖିର ଲୁହ ପିଇ, ଘରମୁହାଁ ହେଉଥିବା ବେଳେ ମୋ କଥା ଶୁଣି ଗୋଡକୁ ଆଉଁସି ବସି ପଡିଲା। ଗୋଟିରେ ସିମେଣ୍ଟ ଗୋଳାଉଥିବା ଦିନ ମଜୁରିଆଟି ଫାଉଡା ଟେକି ମୋ କଥା ଆଡେ କାନ ଡେରିଲା।

ରିକ୍ସାବାଲାଟିଏ ଭଡା ନ ପାଇ, ଘଡ଼ି ଘଡ଼ି ନାକ ପୋଛୁ ପୋଛୁ, ମୋ କଥା ଶୁଣି, ଟିକିଏ ସକେଇ ଉଠିଲା।

ମୁଁ ସେଇମାନଙ୍କ କଥା କହିଛି। ମୁଁ ଶୁଣି ପାରୁଛି, ସେମାନଙ୍କ ହୁଁ ହୁଁ ହୁଁ ହୁଁ।

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha**
on Play Store

କବିତା



# କବିଟିଏ ମରିଗଲା ପରେ

ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

କବିଟିଏ ମରିଗଲା ପରେ
ଘଡ଼ିଏ ଅଟକି ଯାଏ ସମୟ
ଦୁଇ ମିନିଟ୍‌ର ନୀରବ ପ୍ରାର୍ଥନାରେ
କି ପଞ୍ଚ ତାରକା ହୋଟେଲ୍‌ର
ଆଡମ୍ବରପୂର୍ଣ୍ଣ ସ୍ମୃତିସଭାରେ
ନ ଥାଏ କବି ॥

କବିଟିଏ ମରିଗଲା ପରେ
ତା' ଶୂନ୍ୟସ୍ଥାନ
ପୂରଣ ହୁଏନା କେବେ ବି
ତା' କାବ୍ୟଭାଷା
ତା' ଶବ୍ଦମାନେ
ଜଗିଥାନ୍ତି ତା' ସମାଧି ॥



କିଛି ବୋଲି କିଛି
ଚାହୁଁ ନ ଥିବା
ତା' କବିତାର ଧାଡ଼ିମାନେ
ବରଷି ଚାଲିଥିବେ
ଅମୃତ ବର୍ଷା
ତା' କବିତା ପଢ଼ି
ଅଣ୍ଟା ସଳଖୁଥିବ ଚାଷୀ
ମାଟି ଚକଟୁଥିବ ଶିଳ୍ପୀ
ଅନବରତ ବହୁଥିବ ନଈ
ସମ୍ଭାବନାର ଗୀତ ଗାଇଗାଇ !

କବିଟିଏ ମରିଗଲା ପରେ
କୋଉ ନାଁ ଅଶୁଣା ଗାଁର
ଅଜଣା ପାଠିକାଟିଏ
ତାକୁ ପ୍ରେମ ଯାଚୁଥିବ
ନିରବରେ, ସନ୍ତର୍ପଣରେ, ଲାଜରେ
ଯାହାକୁ ଥରେ ଦେଖିଥିଲେ
ହୁଏତ ସେ ଭାବି ନ ଥାନ୍ତା
ମରିବା କଥା !

କବିଟିଏ ମରିଗଲା ପରେ
ପୁରୁଣା ବହିରେ ଉଈ ଚରିଯାଏ
ନୂଆ ପତ୍ରିକା ଆଦୌ
ଖୋଲାଯାଏନି
କେହି ଚାହାନ୍ତିନି ନିଶାର୍ଦ୍ଧର ଆକାଶକୁ
ଫେରିଯାଏ ଜହ୍ନ
କେହି କହିପାରନ୍ତିନି
ନୂଆ ମେଘରୁ
ଚାତକ ପିଇଲା କି ନାହିଁ ପାଣି
ଏମିତି ଅନେକ ବେକାରିଆ କଥା
ଆଉ ଘଟିଲାନି
କବିଟିଏ ମରିଗଲା ପରେ ॥

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com

**ଗଳ୍ପ**

# ଜେଲ୍‌ର ସୁଖ



ସୁଶୀଳ କୁମାର ନନ୍ଦ

ପରିବା ମାର୍କେଟରେ ପରିବା କିଣୁଛି, କାହାର ଗୋଟେ ଧକ୍କାରେ ପରିବା ଡାଲାରେ ମୁଁ ରଖିଥିବା ବଛା ପରିବାତକ ତଳେ ପଡ଼ିଗଲା। ଇତସ୍ତତଃ ବିଛାଡି ହୋଇ ପରିବାଗୁଡ଼ିକୁ ପ୍ରଥମେ ଉଠାଇବି, ନା କିଏ ସେ ଦୁର୍ବୃତ୍ତ, ମୋତେ ଧକ୍କା ପକାଇଲା, ତାକୁ ଦେଖିବି, ବିଚାର କରୁ କରୁ ଦ୍ୱିତୀୟ କାମଟିକୁ ଆଗ ମଣିଲି। ଯେଉଁ ପଟୁ ଧକ୍କାଟା ଆସିଥିଲା ସେପଟକୁ ବୁଲି ଦେଖନ୍ତେ ଆଖିରେ ପଡ଼ିଲା ଜଣେ ସତୁରି ପାଖାପାଖି ବୟସର ବୃଦ୍ଧ। ବୁଢାଟେ ସହ କ'ଣ ଲାଗିବି, ଏଇୟା ଚିନ୍ତା କରୁଛି, ଓଲଟି ସେ ବୃଦ୍ଧ ମୋତେ କହୁଥିବାର ଶୁଣିଲି, ଏତେ ହାଲୁକା ଭାବେ କ'ଣ ପରିବା ଡାଲା ଧରନ୍ତି ? ଏତେ ଭିଡ଼ ମାର୍କେଟ ଭିତରେ।

> **ତୁମ ଗେରସ୍ତଗୁଡା କେମିତି ତୁମମାନଙ୍କୁ ଏମିତି ପଦାକୁ ଛାଡୁଛନ୍ତି କେଜାଣି। ଘରେ କ'ଣ ତୁମର ମରଦ ନାହାନ୍ତି ?**

ମୋ ମୁଣ୍ଡକୁ ପିତ୍ତ ଚଢ଼ିଗଲା। ଦୋଷ କରିଛି ନିଜେ। ବରଂ ବିଛାଡି ହୋଇ ପଡିଥିବା ପରିବାଗୁଡାକୁ ଡାଲାରେ ଥୋଇବାରେ ମୋତେ ସାହାଯ୍ୟ କରନ୍ତା କି କ'ଣ, ଓଲଟି ମୋ ମୁଣ୍ଡରେ ଦୋଷ ଢାଳି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାର ଅପଚେଷ୍ଟା କରୁଛି। ମୁଁ ରାଗିଯାଇ ତାକୁ କହିଲି, ନିଜେ ଯଦି ଅନ୍ଧ, ଘରେ ବରଂ ଚୁପଚାପ୍ ବସ କିମ୍ବା କାହାର ସାହାରା ନେଇ ଆସ।

ବୁଢ଼ା ଦବିବ କ'ଣ, ଓଲଟି ମୋତେ କହିଲା, ତୁମେ ମାଇପି ଝିଅଗୁଡାକ, ତୁମର ବଜାର ଘାଟରେ କାମ କ'ଣ ? ଘରେ କ'ଣ ତୁମର ମରଦ ନାହାନ୍ତି ? ଯାହାର ଯେଉଁଟା କାମ, ସେଇଟା ସିଏ କଲେ ଶୋଭା। ତୁମେମାନେ ଆଜିକାଲି ! ତୁମ ଗେରସ୍ତଗୁଡା କେମିତି ତୁମମାନଙ୍କୁ ଏମିତି ପଦାକୁ ଛାଡୁଛନ୍ତି କେଜାଣି।

ଅସହ୍ୟ। କହିଲି, ଚୋରି କରି ପୁଣି ପାଇକପଣ ! ତୁମ ଜାଗାରେ ଆଉ କିଏ ଥିଲେ ଏତେବେଳକୁ ଚପଲରେ ସେକି ସାରନ୍ତିଣି। ଯାଅ, ପଳେଇ ଯାଅ ମୋ ସାମ୍ନାରୁ। ନ ହେଲେ ପୋଲିସ ଡାକିବି।

ସେତେବେଳକୁ ଆଉ ପାଞ୍ଚ ଦଶ ଲୋକ ସେଠାରେ ଜମା ହୋଇଯାଇଥାନ୍ତି। ପ୍ରାୟତଃ ପାଖ ଦୋକାନୀ ସବୁ। ସେମାନେ ମୋତେ ବୁଝାଇଲେ, ଛାଡ଼ନ୍ତୁ ମାଡାମ୍, ପାଗଳ ବୁଢାଟା। ଆଜିକୁ ଚାରି ପାଞ୍ଚ ଦିନ ହେଲା ଏଠାକୁ ଆସି ଏମିତି ହଇରାଣ କରୁଛି। କେବଳ ମହିଳାମାନଙ୍କ ସହ। ପିଟି ପକାନ୍ତୁ ଯେ, ଶଳା ବୁଢାଟା, କାଲେ ମରିମୁରା ଯିବ, ସେଥିପାଇଁ ଟିକେ ଦୟା ଲାଗୁଚି। ସେମାନଙ୍କ ଭିତରେ ଆଉ ଜଣେ କିଏ ମନ୍ତବ୍ୟ ଦେବାର ଶୁଣିପାରିଲି, 'ବୃଦ୍ଧସ୍ୟ ଚତୁର୍ଗୁଣ କଣ୍ଠଃ'।

ବୁଢ଼ା ସେତିକିରେ ହେଲେ ପଳାଇ ଥାଆନ୍ତା ! ଓଲଟି ସେ ଜମା ହୋଇଥିବା ଲୋକଙ୍କୁ ଗାଳି ଦେଇ କହିଲା, ତୁମେମାନେ ଶଳେ ପରମ ମାଇପିପଟିଆ। ମହିଳା ତ, ସେଥିରେ ପୁଣି ଟିକେ ଗୋରା ପାଣି ପଡ଼ିଛି। ସେଥିପାଇଁ ତମର ଦରଦ ଉଚ୍ଛୁଳୁଚି।

ନା, ଏଥର ପୋଲିସ ଡାକିବାକୁ ପଡ଼ିବ। ବୁଢ଼ା ପାନେ ପାଇବା ଦରକାର। ପୋଲିସକୁ ଫୋନ୍ ଲଗାଇଲି। ଥାନାଟା ବେଶି ଦୂରରେ ନ ଥିଲା। ପନ୍ଦର ମିନିଟ୍ ମଧ୍ୟରେ ଜଣେ ଏ.ଏସ୍.ଆଇ., ଜଣେ କନେଷ୍ଟବଲଙ୍କୁ ସାଙ୍ଗରେ ଧରି ସେଠାରେ ପହଞ୍ଚିଗଲେ।

କ'ଣ ହେଇଚି ମାଡାମ୍ ? ବୁଢ଼ା ଆଡ଼କୁ ଅଙ୍ଗୁଳି ଦେଖାଇଲି।

ଇନ୍ସପେକ୍ଟର ବୁଢାକୁ ଟିକେ ନିରେଖି ଦେଖିଲେ। କ୍ଷଣେ ଚୁପ୍ ରହି ମୋତେ କହିଲେ, ଆପଣ ଯାଆନ୍ତୁ ମାଡାମ୍, ମୁଁ ୟାଙ୍କୁ ଥାନାକୁ ନେଇ ଯାଉଛି। ଆପଣଙ୍କ ଫୋନ୍ ନମ୍ବରଟା ଦେଇଥାଆନ୍ତୁ। ଦରକାର ହେଲେ ଆପଣଙ୍କୁ ଡାକିବୁ।

ବୁଢ଼ା ତଥାପି ଦବିବାର ନାହିଁ। ଓଲଟି ତାଙ୍କୁ କହିଲା,

ଏମିତି କେମିତି ନେଇଯିବ? ତୁମେମାନେ ସେ ଝିଅଠୁ ଷ୍ଟେଟମେଣ୍ଟ ନେଇନ। ତା'ପରେ ମୋତେ ଚାହିଁ କହିଲା, କହିଦେ ଲୋ ଝିଅ, ମୁଁ ତୋ ସାଙ୍ଗରେ ବଦ୍‌ସୁଲୁକି କରିଛି, ତୋ କାନି ଟଣାଟଣି କରିଛି, ଆଉ ଯେତେ ଯାହା କରିଛି, ମିଛ ସତ କରି କହିଦେ। ନ ହେଲେ ଦଫାଟା ଟାଣ ହେବନି ଯେ।



ସେ ବୁଢାକୁ ପୋଲିସ ଥାନାକୁ ନେଇଗଲା। ମୁଁ ବି ମୋ ଘରକୁ ବାହୁଡ଼ିଲି। ତା'ପର ଚବିଶ ଘଣ୍ଟା ମଧ୍ୟରେ ଥାନାରୁ ମୋ ପାଖକୁ କୌଣସି ଫୋନ୍ ଆସି ନ ଥିଲା। ଟିକିଏ କୌତୁହଳୀ ହୋଇ ମୋ ଆଡୁ ଥାନାକୁ ଫୋନ୍ କରିଥିଲି। ଯାହା ଉତ୍ତର ଆସିଲା, ତାହା ମୋତେ ତଟସ୍ଥ ତଥା ଭାବୁକ କରିଦେଲା। ଉତ୍ତରଟି ଥିଲା ଏହିପରି, 'ବଡ଼ ଭାବୋଦ୍ଦୀପକ ଘଟଣା ମାଡାମ୍! ସେ ବୁଢା କିଛି ବର୍ଷ ତଳେ ଆମ ପୋଲିସ ଡିପାର୍ଟମେଣ୍ଟରେ ଚାକିରି କରୁଥିଲା। ଦଶ ବର୍ଷ ଖଣ୍ଡେ ହେବ ରିଟାୟାର୍ କରିଛି। ସେଦିନ ସେ ଘଟଣା ପରେ ଆମେ ତାକୁ ଥାନାରୁ ଛାଡି ଦେଉଥିଲୁ। କିନ୍ତୁ ସେ ଆମକୁ ପାଠ ପଢେଇ କହିଲା, ଏମିତି କେମିତି ଛାଡ଼ିଦେବ? ମୁଁ ଯେଉଁ ଅପରାଧ କରିଛି, ସେଥିପାଇଁ ମୋ ବିରୁଦ୍ଧରେ ଦଫା ୫୦୯ ଲଗାଇ ମୋତେ କୋର୍ଟ ଚାଲାଣ କର। ମୋତେ ଜେଲ୍ ପଠାଅ। ସେଇଥିପାଇଁ ତ ମୁଁ ଏତେ କଷ୍ଟ କରିଛି। ଏ ବୁଢ଼ା କାଳରେ ଗଣ୍ଡେ ଖାଇବାକୁ ପାଇବା, ମେଡିକାଲ୍ ଟ୍ରିଟ୍‌ମେଣ୍ଟ, ସର୍ବୋପରି ଟିକିଏ ଶାନ୍ତି, ଯାହାକି ମୋ ପାଇଁ ଅତି ଆବଶ୍ୟକ, ତାହା ଆଉ କେଉଁଠି ମୁଁ ଏତେ ସୁବିଧାରେ ପାଇପାରିବି? ପ୍ଲିଜ୍, ଏତିକି ଟିକେ ଦୟା କର ମୋ ଉପରେ। ତୁମର ଜଣେ ପୂର୍ବତନ ପୋଲିସ୍ ଭାଇ ଉପରେ।

□□

ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com

*ପ୍ରକାଶ ପାଇଲା !*

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।

ପ୍ରବନ୍ଧ

# ସାରଳା ଦାସଙ୍କ ନବଗୁଞ୍ଜର : ନବ ଚିନ୍ତନ



ପ୍ରଫେସର ଉଦୟନାଥ ସାହୁ

ସାରଳା ଦାସଙ୍କ ମହାଭାରତ, ସାହିତ୍ୟରେ ଏକ ଅନବଦ୍ୟ ସୃଷ୍ଟି। ସମଗ୍ର ଭାରତରେ ସର୍ବପ୍ରଥମେ ପଞ୍ଚଦଶ ଶତାବ୍ଦୀର ଆଦ୍ୟଭାଗରେ ଆଞ୍ଚଳିକ ଭାଷାରେ ରଚିତ ଏହା ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥ। ଏହା ସଂସ୍କୃତ ମହାଭାରତର ଆକ୍ଷରିକ ଅନୁବାଦ ନୁହେଁ, ବରଂ ସଂସ୍କୃତ ମହାଭାରତର ଛାୟାରେ ରଚିତ ସାରଳା ଦାସଙ୍କ ମୌଳିକ ସୃଷ୍ଟି। ଓଡ଼ିଆ ଜନଜୀବନର ଏହା ଏକ ନିଛକ ପ୍ରତିଛବି। ତେଣୁ ସାରଳା ଦାସ ହେଉଛନ୍ତି ମାଟିର ମହାକବି। ଏଥିରୁ ସାରଳା ଦାସଙ୍କର ଅସାଧାରଣ ପ୍ରତିଭାର ପରିଚୟ ମିଳିଥାଏ। ଓଡ଼ିଶାର ଆଞ୍ଚଳିକ ସଂସ୍କୃତି ଓ ସ୍ୱାତନ୍ତ୍ର୍ୟର ଏକ ସାରସ୍ୱତ ଭଣ୍ଡାର ହେଉଛି ଏହି ମହାଭାରତ। ଏଥିରୁ ଓଡ଼ିଶାର ଧର୍ମ, ସମାଜ, ସଂସ୍କୃତି, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ସ୍ୱତନ୍ତ୍ର ପରିଚୟ ମିଳିଥାଏ। ସାରଳା ଦାସ ଓଡ଼ିଶାର ଜନଜୀବନରେ ପ୍ରଚଳିତ ଲୋକକଥା କାହାଣୀ ଓ କିମ୍ବଦନ୍ତୀ ସବୁ ବ୍ୟବହାର କରିଅଛନ୍ତି। ଭାରତବର୍ଷର ଉଚ୍ଚ ମାନବିକ ମୂଲ୍ୟବୋଧ, ଉଚ୍ଚ ବିଚାରଧାରା ଓ ନୈତିକ ଆଦର୍ଶର ପ୍ରତିଫଳନ ଏହି ଗ୍ରନ୍ଥରେ ଉପଲବ୍ଧ।



ଧର୍ମ ଦୃଷ୍ଟିରୁ ସଂସ୍କୃତ ମହାଭାରତ ବେଦ ସଦୃଶ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ଅଟେ। ମହାଭାରତରେ ଏହାକୁ 'କାର୍ଷ୍ଣ' ବେଦ ବୋଲି କୁହାଯାଇଛି। (ସଂମ-ଆଦି-ଅ୬୨/ଶ୍ଲୋକ-୧୮। (କାର୍ଷ୍ଣବେଦମିମଂ ବିଦ୍ୱାଛାବୟିତ୍ୱାର୍ଥମଶ୍ନୁତେ।) ଏହା ବେଦର ସମକକ୍ଷ। ସାଧାରଣ ଜନତା ପାଇଁ ବେଦ ଦୁର୍ଗମ ହୋଇଥିବାରୁ ଏଥିନିମିତ୍ତ ସଂସ୍କୃତ ମହାଭାରତ ବେଦଠାରୁ ଅଧିକ ମୂଲ୍ୟବାନ। ଏହା ହିଁ ସଂସ୍କୃତ ମହାଭାରତର ଧାର୍ମିକ ମହତ୍ତ୍ୱ। କିନ୍ତୁ ସାରଳାଙ୍କ ମହାଭାରତ ଏକ ସ୍ୱତନ୍ତ୍ର ସୃଷ୍ଟି। ଉତ୍କଳୀୟ ସମାଜରେ ବିଭିନ୍ନ ଧର୍ମର ଧାରା ପ୍ରବାହିତ ହୋଇ ଆସିଅଛି। ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ବିଭିନ୍ନ ସମ୍ପ୍ରଦାୟର ସାଧକଗଣ ଏହି ପବିତ୍ର ଭୂମିରେ ନିଜ ନିଜର ମତବାଦ ପ୍ରଚାର କରିଯାଇଥିଲେ ହେଁ ପରିଶେଷରେ ତାହା ବିଶାଳ ଜଗନ୍ନାଥ ସଂସ୍କୃତିରେ ଲୀନ ହୋଇଯାଇଅଛି। ଏକ ଉଦାର ମୁଦ୍ରାରେ ଦୁଇବାହୁ ପ୍ରସାରିତ କରି ଜଗନ୍ନାଥ ସବୁ ଧର୍ମ ଓ ମତବାଦକୁ ଯେପରି ଆପଣାର କରିନେଇଛନ୍ତି। ସାରଳା ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣବ୍ରହ୍ମର ଠୁଳ ରୂପେ ପରିକଳ୍ପନା କରାଯାଇଥିବା ବେଳେ ଶ୍ରୀକୃଷ୍ଣଙ୍କୁ ସ୍ଥୂଳ ଦେହଧାରୀ ପୂର୍ଣ୍ଣବ୍ରହ୍ମ ଭାବରେ ଗ୍ରହଣ କରାଯାଇଛି। ଅନେକ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଭେଦ ପରିକଳ୍ପିତ। ସାରଳା ଦାସଙ୍କ ମାନସିକ ଆଧାରଭୂମି ରୂପେ ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଧର୍ମୀୟ, ଐତିହାସିକ, ତଥା ଲୋକ ପରମ୍ପରାକୁ ଗ୍ରହଣ କରାଯାଇପାରେ।

**ସ୍ୱତନ୍ତ୍ର ସଂଯୋଜନା**

ସାରଳା ନିଜସ୍ୱ ପୃଥିବୀରେ ବିଚରଣ କରି ଅନେକ କଥା ଓ କାହାଣୀର ସଂଯୋଜନା ମାଧ୍ୟମରେ ଏହାକୁ ମୂଳ ମହାଭାରତଠାରୁ ସ୍ୱତନ୍ତ୍ର ଭାବରେ ଗଢ଼ି ଅଛନ୍ତି। ଲୋକଜୀବନର ଅନ୍ତଃସ୍ଥଳକୁ ଗଭୀର ଭାବରେ ସ୍ପର୍ଶ କରିବା ପାଇଁ ଏହି ପ୍ରକାର ନୂତନ ସଂଯୋଜନାର ଏକ ଐତିହାସିକ ଆବଶ୍ୟକତା ଥିଲା। ସେ ଥିଲେ ବିଦଗ୍ଧ କଳ୍ପନା ବିଳାସୀ। ତାଙ୍କର ନିଜର ମୌଳିକତା ପ୍ରକାଶ ପାଇଁ କିଭଳି ଥିଲେ ସଦା ବ୍ୟାକୁଳ ତା'ର ପ୍ରଚୁର ପ୍ରମାଣ ତାଙ୍କ ନିଜସ୍ୱ ସୃଷ୍ଟି ମଧ୍ୟରେ ସେ ଛାଡ଼ିଯାଇଛନ୍ତି। ସାରଳା ଦାସଙ୍କର 'ନବଗୁଞ୍ଜର' ରୂପ ବର୍ଣ୍ଣନା ଏକ ମୌଳିକ ପରିକଳ୍ପନା। ଏହା ଭାରତରେ ଅନ୍ୟ ଭାଷାରେ ରଚିତ

ମହାଭାରତରେ ପରିଦୃଷ୍ଟ ହୁଏ ନାହିଁ। ଅର୍ଜୁନ ଏକାକୀ ବନବାସ ଯାଇଥିବା ବେଳେ ଶ୍ରୀକୃଷ୍ଣ ବନକୁ ଯାଇ ତାଙ୍କୁ ଏହି ରୂପ ପ୍ରଦର୍ଶନ କରିଥିଲେ।

ଅର୍ଜୁନଙ୍କ ବନବାସର କାରଣ ସ୍ୱରୂପ ସଂସ୍କୃତ ମହାଭାରତରେ ବର୍ଣ୍ଣନା ଅଛି ଯେ- ଗୋଟିଏ ତସ୍କର ଦଳ କୌଣସି ଏକ ବ୍ରାହ୍ମଣର ଗୋ-ମାତା ଅପହରଣ କଲେ। ତେଣୁ ବ୍ରାହ୍ମଣ ପାଣ୍ଡବମାନଙ୍କ ନିକଟରେ ପହଞ୍ଚି ସେଥିରୁ ରକ୍ଷା କରିବା ନିମିତ୍ତ ରୋଦନ କଲେ। ଅର୍ଜୁନ ବ୍ରାହ୍ମଣର ଚିତ୍କାର ଶୁଣି ଯେତେବେଳେ ଅସ୍ତ୍ର ଆଣିବା ପାଇଁ ଅସ୍ତ୍ର ଗୃହକୁ ଗଲେ ସେତେବେଳେ ସେଠାରେ ଦ୍ରୌପଦୀଙ୍କ ସହ ଯୁଧିଷ୍ଠିର ଥିଲେ। ତେଣୁ ସର୍ତ୍ତ ଭଗ୍ନ ଯୋଗୁ ସର୍ବ ନିୟମାନୁଯାୟୀ ଅର୍ଜୁନ ଦ୍ୱାଦଶ ବର୍ଷ ବନବାସ ଗଲେ। (ସଂ.ମ-ଆଦି-ଅ୨୧୨/ଶ୍ଳୋ-୧୯-୩୫)

ସାରଳା ଦାସ ବ୍ରାହ୍ମଣର ଅନୁରୋଧ, ଯୁଧିଷ୍ଠିର ଓ ଦ୍ରୌପଦୀଙ୍କ କେଳି ଦର୍ଶନ ଓ ଅର୍ଜୁନ ବନବାସ ଏହି ତିନୋଟି କଥାକୁ ଗ୍ରହଣ କରି ଆଉ ସବୁକୁ ପରିବର୍ତ୍ତନ କରି ଦେଇଅଛନ୍ତି। ଏଥିରେ ବ୍ରାହ୍ମଣ ହେଲେ ଅଗ୍ନିଦେବତା। ସେ ଯୁଧିଷ୍ଠିରଙ୍କୁ ଡାକି ଆଣିବା ପାଇଁ ଅର୍ଜୁନଙ୍କୁ କହିଲେ। ନୋହିଲେ ବଂଶ ଧ୍ୱଂସଯିବ, ତେଣୁ ଅର୍ଜୁନ ବନବାସକୁ ଭ୍ରୂକ୍ଷେପ ନ କରି ଅନ୍ତଃପୁରରେ ପ୍ରବେଶ କଲେ। ଏଠାରେ ମଧ୍ୟ ସାରଳା ଦାସ ଅନ୍ୟ ଏକ ପରିବେଶ ସୃଷ୍ଟି କରି ଯୁଧିଷ୍ଠିରଙ୍କ ସନ୍ତକକୁ ଶ୍ୱାନ ରୂପରେ ଅଗ୍ନିଦେବ ହରଣ କରିବା କଥା କହିଛନ୍ତି। (ସାମ-ମଧ-ପୃ-୧୮-୧୯) ଏଥିରେ ପାଣ୍ଡବମାନେ ସେମାନଙ୍କର ସନ୍ତକ ରୂପେ ଯୁଧିଷ୍ଠିରଙ୍କ ପାଣ୍ଡୋଇ, ଭୀମସେନଙ୍କ ଗଦା, ଅର୍ଜୁନଙ୍କ ଗାଣ୍ଡିବ ଧନୁ, ନକୁଳଙ୍କର ଏକାନ୍ତ ଓ ସହଦେବଙ୍କର ଖଡ୍‌ଗ ରଖି ଦ୍ରୌପଦୀଙ୍କ ପୁରକୁ ବିଜେ କରିବେ ବୋଲି ଜଳ ମଧ୍ୟରେ ହସ୍ତରଖି ଶପଥ କରାଯାଇଥିଲା। ସ୍ୱାଭାବିକ ଶୈଳୀରେ ପରଶୃଙ୍ଗାର ଦେଖିବାର ଦୋଷ ବର୍ଣ୍ଣନାରେ କୁକୁର ଜାତିକୁ ଯୁଧିଷ୍ଠିରଙ୍କ ଅଭିଶାପ ଦର୍ଶାଇ ଅଛନ୍ତି।

**ସାରଳା ଦାସଙ୍କ ଏହି 'ନବଗୁଞ୍ଜର' ରୂପ କଳ୍ପନା ସମ୍ପର୍କରେ ଅନେକ ଆଲୋଚକ ଭିନ୍ନ ଭିନ୍ନ ମତପୋଷଣ କରିଥାନ୍ତି।**

## ବନ୍ଧୁତ୍ୱର ପରୀକ୍ଷା

ପୂର୍ବସତ୍ୟ ଅନୁସାରେ ଅର୍ଜୁନଙ୍କୁ ଦ୍ୱାଦଶ ବର୍ଷ ବନବାସ ଭୋଗ କରିବାକୁ ପଡିଥିଲା। ବନବାସର ପଞ୍ଚମ ବର୍ଷରେ ଅର୍ଜୁନଙ୍କ ମଣିଭଦ୍ରା ପର୍ବତରେ ଅବସ୍ଥାନ କାଳରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ତାଙ୍କୁ ସାକ୍ଷାତ କରିବାକୁ ଯାଇ ବନ୍ଧୁତ୍ୱର ନିବିଡତା ପରୀକ୍ଷା କରିବା ପାଇଁ:-

"ମନେ ମନେ ବିଚାର କରନ୍ତି ପଦ୍ମନେତ୍ର
କଷଣ କରିବା ଆଜ ବୀରବର ପାର୍ଥ।"

ତେଣୁ ଶ୍ରୀକୃଷ୍ଣ ନଅଗୋଟି ଜୀବନର ରୂପର ବିଚିତ୍ର ସମାବେଶରେ 'ନବଗୁଞ୍ଜର' ରୂପରେ ଆବିର୍ଭୂତ ହୋଇ ଅର୍ଜୁନଙ୍କୁ ଆକର୍ଷଣ କରବା ପାଇଁ ନୃତ୍ୟରତ ହେଲେ। ତେଣୁ କବିଙ୍କ ଭାଷାରେ-

"କୁକୁଡାର ମୁଣ୍ଡଗୋଟି ଅତୀୟ ସୁନ୍ଦର ଦିଶଇ
ବୃଷଭର ଡୂଳ ଯେ ମୟୂରର କଣ୍ଠ ବିରାଜଇ।
ଅହିବର ପୁଚ୍ଛା ମଝାସିଂଘ କଟିପ୍ରାୟେ
ବ୍ୟାଘ୍ରର ଚରଣେ ଗୋଟି ଅତୀୟ ଶୋଭାପାୟେ।
ତୁରଙ୍ଗ ଚରଣେ ଯେ ଦିଶଇ ସୁନ୍ଦର
ଆବର ପାଦ ଗୋଟି ଅଟଇ କରିବର।
ଆଗ ପାଦ ଗୋଟିକ ମନୁଷ୍ୟର କର ଯେ ଅଟଇ
ସେ କରେ ପଦ୍ମପୁଷ୍ୟ ଗୋଟିୟେକ ଘେନିଲେ ଭାବଗ୍ରାହୀ।"

(ସା.ମ-ମଧ-ପୃ-୩୭)

ଶ୍ରୀକୃଷ୍ଣ ଯେଉଁ ଅଦ୍‌ଭୂତ ଜୀବନ ରୂପ ଧାରଣ କଲେ ତାହା ନଅଗୋଟି ଜୀବର ମିଶ୍ରଣ ଅଟେ। ଯଥା- କୁକୁଡାର ମୁଣ୍ଡ, ବୃଷଭର ଚୂଳ, ମୟୂରର କଣ୍ଠ, ସର୍ପର ପୁଚ୍ଛ, ସିଂହର କଟି, ବ୍ୟାଘ୍ର, ଅଶ୍ୱ, ହସ୍ତୀର ଗୋଟିଏ ଲେଖାଏଁ ପାଦ ଓ ଅନ୍ୟ ପାଦଟି ପଦ୍ମଧାରଣ କରିଥିବା ମଣିଷର ହାତ। ଏଥିରୁ ସାରଳା ଦାସଙ୍କ କଳାନିପୁଣତାର ପରିଚୟ ମିଳେ।

ସାରଳା ଦାସଙ୍କ ଏହି 'ନବଗୁଞ୍ଜର' ରୂପ କଳ୍ପନା ସମ୍ପର୍କରେ ଅନେକ ଆଲୋଚକ ଭିନ୍ନ ଭିନ୍ନ ମତପୋଷଣ କରିଥାନ୍ତି କିନ୍ତୁ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଧାର୍ମିକ ପୃଷ୍ଠଭୂମିର ଆଧାରରେ ଏସବୁର ବିଚାର ହୋଇପାରେ।

## ପରିକଳ୍ପିତ ଜୀବମାନଙ୍କ ବିଶେଷତ୍ୱ

'ନବଗୁଞ୍ଜର' ରୂପ ପରିକଳ୍ପନାରେ ଯେଉଁ ଜୀବମାନଙ୍କୁ ସାରଳା ଦାସ ଗ୍ରହଣ କରିଅଛନ୍ତି, ତାହାର ବିଶେଷତ୍ୱକୁ

ଅନୁଧ୍ୟାନ କରାଯାଇପାରେ। ଯଥା- କୁକ୍‌କୁଟ ଶକ୍ତି ଓ ପୌରୁଷର, ମୟୂରର କଣ୍ଠ ସୌନ୍ଦର୍ଯ୍ୟ ଓ ଶୈର୍ଯ୍ୟର ବୃଷଭର, ଚୂଡ ପୌରୁଷର, ସିଂହ କଟି ଶକ୍ତି ଓ ବୀରତ୍ୱର, ବ୍ୟାଘ୍ର ପଦ ଶକ୍ତିର, ହସ୍ତୀ ପାଦ ଅମାପ ଶକ୍ତିର, ଘୋଡା ତେଜ ଓ ଶକ୍ତିର, ସର୍ପ ଭୟର, ମନୁଷ୍ୟର ହସ୍ତ ଶକ୍ତି ସାମର୍ଥ୍ୟର ପ୍ରତୀକ ଭାବରେ ଗ୍ରହଣ କରାଯାଇପାରେ। ପ୍ରତୀକ ହେଉଛି ଏକ ଚିହ୍ନ ବା ସଂକେତ। ମନୁଷ୍ୟର ମନ ଭିତରର ଭାବରାଜିର ପ୍ରକାଶ ନିମିତ୍ତ ଏକାନ୍ତ ଉପଯୋଗୀ। ଯେଉଁ ଅନୁଭୂତି ବା ଭାବ ରହସ୍ୟକୁ ଭାଷାର ପରିଧିରେ ଆୟତ୍ତ କରିବାକୁ ମଣିଷ ସମର୍ଥ ହୁଏ ନାହିଁ, ତାହାର ପରିପ୍ରକାଶ ପାଇଁ ସାହିତ୍ୟରେ ବ୍ୟବହୃତ ହୁଏ ପ୍ରତୀକ ବା ସଂକେତ। ପାରିପାର୍ଶ୍ୱିକ ଅବସ୍ଥାର ଭୂମିକା ଏ ଦିଗରେ ଯଥେଷ୍ଟ ବେଶି।



ସାରଳା ମହାଭାରତରେ କୁହାଯାଇଛି ଯେ, କୃଷ୍ଣ ଓ ଜଗନ୍ନାଥ ଅଭିନ୍ନ। ଏକ ପକ୍ଷରେ ସେ ଯେପରି ଜଗତର ନାଥ ଜଗନ୍ନାଥ, ଅନ୍ୟ ପକ୍ଷରେ ଜଗତରୂପୀ ନାଥ ଜଗନ୍ନାଥ। ତେଣୁ ସାରଳା ଦାସ ଜଗନ୍ନାଥଙ୍କୁ କୃଷ୍ଣ ଭାବରେ ଦେଖି ସମସ୍ତ ମହାଭାରତଟି ଜଗନ୍ନାଥଙ୍କ କର୍ମ ପରମ୍ପରା ବୋଲି ଦେଖାଇଛନ୍ତି। କୃଷ୍ଣଙ୍କ ଶରୀର ତ୍ୟାଗ ପରେ ଜଗନ୍ନାଥଙ୍କ ଆବର୍ଭାବ ସାରଳା ଦାସଙ୍କ ସମ୍ପୂର୍ଣ୍ଣ ନୂତନ କଳ୍ପନା। ଓଡ଼ିଶାର ସଂସ୍କୃତି କହିଲେ, ଜଗନ୍ନାଥ ସଂସ୍କୃତି, ଧର୍ମ କହିଲେ ଜଗନ୍ନାଥ ଧର୍ମ। ସତେ ଯେପରି ଜଗନ୍ନାଥ ହିଁ ଓଡ଼ିଶାର ସକଳ ବିଭାବର ପ୍ରାଣକେନ୍ଦ୍ର। ଜଗନ୍ନାଥ ହିଁ ସର୍ବଧର୍ମର ସମନ୍ୱୟର ପ୍ରତୀକ। ସାରଳା ଦାସଙ୍କ 'ନବଗୁଞ୍ଜର' ପରିକଳ୍ପନାରେ ସେହିପରି ସର୍ବଧର୍ମର ସମନ୍ୱୟ ଘଟିଅଛି। ଯେପରିକି ବୃଷଭର ଚୂଳ ଓ ସର୍ପ। ଶିବଙ୍କର ବାହନ ବୃଷଭ ଏବଂ ଶିବଙ୍କର କଣ୍ଠରେ ଶୋଭମାନ ସର୍ପ। ସିଂହ ଓ ବ୍ୟାଘ୍ର ଆମ ସଂସ୍କୃତିରେ ମା' ଦୁର୍ଗା ଓ ମା' ମଙ୍ଗଳାଙ୍କର ବାହନ। ସେ ଶକ୍ତି ସ୍ୱରୂପିଣୀ। ମୟୂର ଦେବତାମାନଙ୍କର ସେନାପତି କାର୍ତ୍ତିକେୟଙ୍କର ବାହନ। ହସ୍ତୀ ଲକ୍ଷ୍ମୀଙ୍କର ମଧ୍ୟ ବାହନ। କୁକ୍‌କୁଟ ଶ୍ରୀରାମଙ୍କର ପ୍ରିୟ। କାରଣ ସୀତାଙ୍କୁ ରାବଣ ହରଣ କରିବା ବେଳେ କୁକ୍‌କୁଟ ହିଁ ତ୍ରେତୟା ଯୁଗରେ ଶ୍ରୀରାମଙ୍କୁ ଏ ବାର୍ତ୍ତା ପ୍ରଦାନ କରିଥିଲା। ଏହି କଥା ରାମାୟଣରେ ବର୍ଣ୍ଣିତ ଅଛି। ତେଣୁ ଖୁସିରେ ଶ୍ରୀରାମଚନ୍ଦ୍ର କୁକ୍‌କୁଟଙ୍କୁ ମୁକୁଟ ପ୍ରଦାନ କରିଥିଲେ। ତେଣୁ ଲାବଣ୍ୟବତୀ କାବ୍ୟରେ ଉପେନ୍ଦ୍ର ଭଞ୍ଜ ସଂକ୍ଷିପ୍ତ ରାମାୟଣ କଥା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ଯେ-

"କୁକ୍‌କୁଟକୁ ମୁକୁଟ ସେ ଗିରିକୂଟେ ଦେଇ
ଲଭି ବଲଭୀ ଉଦନ୍ତ ଦୂତ ପଠିଆଇ ଯେ।"

(ଲାବଣ୍ୟବତୀ-୧୫ଶ ଛାନ୍ଦ/୨୬ ପଦ)

ଜଗନ୍ନାଥ ଓ ବଳଭଦ୍ର ଠାକୁର ଅଶ୍ୱପୃଷ୍ଠରେ ଆରୋହଣ କରି ଯୁଦ୍ଧ କ୍ଷେତ୍ରକୁ ଆଗମନ କରିଅଛନ୍ତି। ପଦ୍ମ ମଧ୍ୟ ଲକ୍ଷ୍ମୀ ଓ ବିଷ୍ଣୁଙ୍କର ଅତିପ୍ରିୟ। ତେଣୁ ଏଥିରୁ ମନେ ହୁଏ ଏହି 'ନବଗୁଞ୍ଜର' ରୂପ କଳ୍ପନାରେ ଦେବତାମାନଙ୍କ ସହିତ ସମ୍ପର୍କିତ ନଅଗୋଟି ପ୍ରାଣ ଭିନ୍ନ ଅବୟବ ଗ୍ରହଣ କରିଥିବା ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଯେ ଅଭିନ୍ନ ତାହାର ପ୍ରମାଣ ଦର୍ଶାଇଅଛନ୍ତି। ଏଠାରେ ଶୈବ, ବୈଷ୍ଣବ, ଶାକ୍ତ ଧର୍ମର ସମନ୍ୱୟ ସାଧିତ ହୋଇଅଛି। ଶ୍ରୀକୃଷ୍ଣ ଏହି ରୂପରେ ଅର୍ଜୁନ ବାସ କରୁଥିବା ମଣିଭଦ୍ରା ପର୍ବତର ପାଦଦେଶରେ ଅର୍ଜୁନଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ଏପରି ବିଚିତ୍ର ଜୀବକୁ ଦର୍ଶନ କରି ଅର୍ଜୁନ ଦ୍ୱିଧା ଓ ସଂକୋଚରେ କଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ। ପରେ ସେ ବିଚିତ୍ର ଜୀବଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ପଡି ରହିଲେ। ସେତେବେଳେ ତାଙ୍କ ମନରେ ଭାବନା ଥିଲା- "ଶୋଇବି ମୁଁ ଏହା ପଦତଳେ ଗଡଘାଲି। ଅନ୍ୟଜୀବ ହୋଇଥିଲେ ନିଶ୍ଚେ ଯିବ ଜଳି।" ଅର୍ଜୁନଙ୍କ ଏହି ସମର୍ପିତ ଭାବ ଦେଖି ଶ୍ରୀକୃଷ୍ଣ ନିଜର ରୂପ ପ୍ରଦର୍ଶନ କରିଥିଲେ।

## ଦିଅଁମାନଙ୍କର ତିନିରୂପ


ସାରଳା ଦାସ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ହର, ବ୍ରହ୍ମା ଓ ହରି ରୂପରେ କଳ୍ପନା କରିଛନ୍ତି। (ସା.ମ. ମୂଷଳୀ- ପୃ୧୧୬) ଭୁବନେଶ୍ୱର ଏକାମ୍ର କ୍ଷେତ୍ର ହେଲେ ହେଁ ସେଠାରେ

ବିନ୍ଦୁସାଗର ପୁଷ୍କରିଣୀର ପୂର୍ବତଟରେ ଅନନ୍ତ ବାସୁଦେବ ମନ୍ଦିରରେ (୧୨୭୫ ଖ୍ରୀଷ୍ଟାବ୍ଦରେ ନିର୍ମିତ) ବଳରାମ, ଶ୍ରୀକୃଷ୍ଣ ଓ ସୁଭଦ୍ରା ଯଥାକ୍ରମେ ବିଷ୍ଣୁ, ଶିବ ଓ ଦୁର୍ଗାଙ୍କର ପ୍ରତୀକ। (ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ- ଭାଗ୧୦-୧୯୬୩, ପୃ-୨୮୦) ଏଥିରୁ ଜଣାଯାଏ ଯେ, ସାରଳା ଦାସଙ୍କ ବହୁ ପୂର୍ବରୁ ଏହି ସମନ୍ୱୟ ସାଧନ ପରମ୍ପରା ଶୈବ ଧର୍ମ ସହ ବୈଷ୍ଣବ ଧର୍ମ ତଥା ଜଗନ୍ନାଥ ଧର୍ମ ସମନ୍ୱିତ ହୋଇଯାଇଥିଲା। ତେଣୁ ସେହି ପରମ୍ପରାରେ 'ନବଗୁଞ୍ଜର' ରୂପରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ମିଳନ ଘଟିଅଛି। ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର- ଏହି ତ୍ରିଦେବ ବାଦ କବିଙ୍କର ରଚନାରେ ସୁନ୍ଦର ଭାବେ ବର୍ଣ୍ଣିତ (ସା.ମ. ମୂଷଳୀ- ପୃ୧୧୬)

ପୁଣି ଆଲୋଚନା ହୁଏ ଯେ, ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ପୁରୀ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ଗାତ୍ରରେ 'ନବଗୁଞ୍ଜର' ଚିତ୍ର ଖୋଦିତ। ନୀଳଚକ୍ରରେ ମଧ୍ୟ ନବଗୁଞ୍ଜର ଆକୃତିର ସମାବେଶ ହୋଇଛି। କିନ୍ତୁ ପୁରୀ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା ନବଗୁଞ୍ଜର ଚିତ୍ର ସାରଳା ଦାସଙ୍କ ପରବର୍ତ୍ତୀ ଚିତ୍ର। ଏଠାରେ ଚିତ୍ରକର ପଦ୍ମଫୁଲ ପରିବର୍ତ୍ତେ ଚକ୍ର ଓ ପତାକା ହସ୍ତରେ ଧରାଇ ଦେଇଛନ୍ତି। ସାରଳା ଦାସଙ୍କ ମହାଭାରତ ରଚନାର ବହୁ ପୂର୍ବରୁ ଶ୍ରୀମନ୍ଦିର ଗାତ୍ରରେ 'ନବଗୁଞ୍ଜର' ଚିତ୍ର ଖୋଦିତ ହୋଇସାରିଥିଲା ବୋଲି ଯାହା କୁହାଯାଉଛି, ତାହାର କୌଣସି ଐତିହାସିକ ପ୍ରମାଣ ଆମ ନିକଟରେ ନାହିଁ। ନବଗୁଞ୍ଜର ଆମ ସଂସ୍କୃତି ଐତିହ୍ୟର ନିଦର୍ଶନ। ଏହା ଓଡ଼ିଶାର କଳା ଓ ସଂସ୍କୃତିର ବାହନ ଓ ପ୍ରତୀକ ଭାବରେ ସ୍ୱତନ୍ତ୍ର ଅଧିକାର କରିଛି। ଏହାର ପ୍ରଭାବରେ ଓଡ଼ିଶାର କଳା, ସ୍ଥାପତ୍ୟ, ସାହିତ୍ୟ, ଧର୍ମଧାରା। ବହୁରୂପରେ ପ୍ରଭାବିତ ହୋଇଛି।

## ନୀଳଚକ୍ର ପ୍ରସଙ୍ଗ

ଶ୍ରୀମନ୍ଦିରର ନୀଳଚକ୍ର ହେଉଛି ଉତ୍କଳୀୟ ଶିଳ୍ପକଳାର ଅପୂର୍ବ ନିଦର୍ଶନ ଏବଂ ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ପ୍ରତୀକ। ନୀଳଚକ୍ରଙ୍କର ଉଚ୍ଚତା ୧୨ ଫୁଟ ଓ ବ୍ୟାସ ୭ଫୁଟ ୬ ଇଞ୍ଚ। ବାହ୍ୟଚକ୍ର ଓ ଅନ୍ତଃଚକ୍ର ଦୁଇଟି ଚକ୍ରକୁ ନେଇ ନୀଳଚକ୍ର ନିର୍ମିତ। ଏଥିରେ ଆଠଗୋଟି ଅର ଅଛି। ପ୍ରତ୍ୟେକ ଅରର ଦୈର୍ଘ୍ୟ ୧ ଫୁଟ ୧୦ ଇଞ୍ଚ। ନୀଳଚକ୍ରଙ୍କ ବିଗ୍ରହ ଅଷ୍ଟଧାତୁରେ ନିର୍ମିତ। ଶ୍ରୀ ନୀଳଚକ୍ରଙ୍କ କେନ୍ଦ୍ରସ୍ଥିତ ବୃତ୍ତାକାର ଶୂନ୍ୟମଣ୍ଡଳକୁ ନେମି ବା ଜ୍ୱାଳାପିଣ୍ଡି, ଅର ସମୂହକୁ ବହ୍ନିଶିଖା, ଚକ୍ରଧାରସ୍ଥ ଅଳଂକୃତ ଅଂଶକୁ ଜ୍ୟୋତିର୍ଜ୍ୱଳା ଓ ଚକ୍ରଶୀର୍ଷକୁ କର୍ଣ୍ଣିକା କୁହାଯାଏ। ବିଦ୍ୱାନମାନଙ୍କ ମତରେ ନୀଳଚକ୍ରର ଆଠଗୋଟି ଅର ଭଗବାନଙ୍କ ଦ୍ୱାରା ସୃଷ୍ଟ ବଡ ପ୍ରକୃତିର ୮ଟି ବିଭାଗର ସୂଚକ ଅଟନ୍ତି। (ଶ୍ରୀଜଗନ୍ନଥଙ୍କ ଜ୍ଞାନ କୋଷ: ଲେ-ଡକ୍ଟର ଭାସ୍କର ମିଶ୍ର, ପୃ ୫୪୮-୫୪୯) ଶ୍ରୀମନ୍ଦିରର ମୂଳ ନୀଳଚକ୍ର ନଷ୍ଟ ହୋଇଯାଇଛି। ଐତିହାସିକ ଶ୍ରୀକେଦାରନାଥ ମହାପାତ୍ରଙ୍କ ମତାନୁଯାୟୀ ଦିବ୍ୟସିଂହ ଦେବଙ୍କ ଅ୯ଙ୍କରେ ଅର୍ଥାତ୍



୧୬୯୪ ଅକ୍ଟୋବର ମାସ ୬ ତାରିଖରେ ଭୟଙ୍କର ଝଡ ତୋଫାନ ଯୋଗୁ ବଡ ଦେଉଳ ଉପରୁ ନୀଳଚକ୍ର ଉପୁଡି ପଡିଥିଲା। ସେହିକାଳରୁ ଶ୍ରୀମନ୍ଦିର ନୀଳଚକ୍ର ଶୂନ୍ୟ ଥିଲା। ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୩୩ଅଙ୍କ ମକର ୨୮ ଦିନ ମନ୍ଦିର ଶିଖରରେ ଶ୍ରୀନୀଳଚକ୍ର ପୁନଃ ପ୍ରତିଷ୍ଠିତ ହୋଇଥିବାର ଅଭିଲେଖରୁ ଜଣାଯାଏ। "ଶ୍ରୀ ଦିବ୍ୟସିଂହ ଦେବ ମହାରାଜଙ୍କ ଅ୩୩ଙ୍କ ମକର ଦି୨୮ନ ଓ ଶ୍ରୀନୀଳଚକ୍ର ତିଆରି ହୋଇ ବିଜେ ହୋଇଲେ।" ଗଣନା ଅନୁସାରେ ଏହି ସ୍ମରଣୀୟ ଘଟଣା ୧୭୫୧ ମସିହା ଜାନୁଆରୀ ମାସ ୨୬ ତାରିଖରେ ଘଟିଥିଲା।

## ମାଦଳା ପାଞ୍ଜିର ବିବରଣୀ

ମାଦଳା ପାଞ୍ଜି ବିବରଣୀ ଅନୁଯାୟୀ ପରମାନନ୍ଦ ପଟ୍ଟନାୟକଙ୍କ ପୁଅ ଧରମୁ ହରିଚନ୍ଦନ ମହାପାତ୍ର ନୂଆ ହୋଇ ନିର୍ମିତ ହୋଇଥିବା ନୀଳଚକ୍ରକୁ ବଡ ଦେଉଳ ଉପରେ ସିଧାସଳଖ ଭାବରେ ବସାଇଲେ। ଏକଥା ଶ୍ରୀ ମହାପାତ୍ରଙ୍କ "ଖୁରୁଆ ଇତିହାସ"ରେ ଉଲ୍ଲେଖ ଅଛି। ଶ୍ରୀମନ୍ଦିର ଚୂନରା ସେବକଙ୍କ ଠାରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶ୍ରୀ ନୀଳଚକ୍ରର କେନ୍ଦ୍ରସ୍ଥ ଗୋଲାକାର କ୍ଷେତ୍ର ଫଳକରେ ଉଲ୍ଲେଖ ଅଛି- "ଦିବ୍ୟସିଂହ ଦେବ ମହାରାଜଙ୍କ ୩୩ଅଙ୍କ ମକର ୨୮ ଦିନ ଶ୍ରୀନୀଳଚକ୍ର ତିଆରି ହୋଇଣ ବଡ଼ ଦେଉଳେ ବିଜେ ହୋଇଥିଲେ। (ଶ୍ରୀଜଗନ୍ନାଥ ଜ୍ଞାନକୋଷ- ପୃ ୫୪୮)। ଶ୍ରୀନୀଳଚକ୍ରରେ 'ନବଗୁଞ୍ଜର' ଚିତ୍ର ଖୋଦିତ ନାହିଁ। କିନ୍ତୁ

ନୀଳଚକ୍ରର ସ୍ୱାତନ୍ତ୍ର୍ୟ, ସୌନ୍ଦର୍ଯ୍ୟ ଓ ମହିମା ଅତ୍ୟନ୍ତ ବିସ୍ମୟକର । ପୁରାଣମାନଙ୍କରେ ଅଦ୍‌ଭୂତ ଜୀବ ଓ ରାକ୍ଷସମାନଙ୍କର ଅଦ୍‌ଭୂତ ରୂପର ବର୍ଣ୍ଣନା ପରିଦୃଷ୍ଟ ହୁଏ । ଏପରିକି ଭଗବାନଙ୍କର ଦଶଟି ଅବତାର ମଧ୍ୟରେ ନୃସିଂହ ଅବତାର ଏକ ଅଦ୍‌ଭୂତ ପରିକଳ୍ପନା । ଏହା ମଣିଷର ଶରୀର ଏବଂ ସିଂହ ମସ୍ତକର ଏକ ମିଶ୍ରିତ ରୂପ । ସେହିପରି କାମଧେନୁ ନାରୀର ଶିର ଏବଂ ଶରୀର ଗାଈ, ଗଣେଶ-ଶିର ହସ୍ତୀ ଓ ଶରୀର ମନୁଷ୍ୟ, ମହିଷାସୁର-ଅର୍ଦ୍ଧେକ ମହିଷ ଓ ଅର୍ଦ୍ଧେକ ମନୁଷ୍ୟ ପ୍ରଭୃତିର ବର୍ଣ୍ଣନା ପୁରାଣମାନଙ୍କରେ କରାଯାଇଛି । ସାରଳା ଦାସ ହୁଏତ ଏହି କଳ୍ପନା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ନଅଗୋଟି ଜୀବର ମିଶ୍ରଣରେ ଏକ ଅଦ୍‌ଭୂତ ରୂପ ସୃଷ୍ଟି କରିଥାଇପାରନ୍ତି ।

ଗ୍ରୀକ୍, ଚୀନ୍, ବାଲି ପ୍ରଭୃତି ଦେଶର ପୁରାଣ ଶାସ୍ତ୍ରରେ ଡ୍ରାଗନ୍ ନାମକ ପକ୍ଷ ଓ ନଖ ବିଶିଷ୍ଟ ଏକ ଅଗ୍ନିଶ୍ୱାସୀ ସର୍ପର ବର୍ଣ୍ଣନା ରହିଛି । ଏହା ପାଞ୍ଚଗୋଟି ଜୀବର ମିଶ୍ରଣରେ ଏକ କାଳ୍ପନିକ ସର୍ପ । ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ଏହାର ରୂପ କଳ୍ପିତ । ପୂର୍ବେ ବାଲିଦ୍ୱୀପ ସହିତ ଭାରତର ସାଂସ୍କୃତିକ ତଥା ବାଣିଜ୍ୟିକ ସମ୍ପର୍କ ଥିଲା । ତେଣୁ ସାରଳା ଦାସ ହୁଏତ ଡ୍ରାଗନର ଛବି ଦେଖିଥିବେ କିମ୍ବା ଏପରି ଅଦ୍‌ଭୁତ ଜୀବନ ସଂପର୍କରେ ଶୁଣିଥିବେ । ତେଣୁ ସେ 'ନବଗୁଞ୍ଜର' ପରି ଏକ କାଳ୍ପନିକ ଜୀବ ସୃଷ୍ଟି କରିବା ପାଇଁ ପ୍ରେରଣା ପାଇଥିବେ ।

ମୋଟାମୋଟି ଭାବରେ କୁହାଯାଇପାରେ ଯେ, 'ନବଗୁଞ୍ଜର' ପରିକଳ୍ପନା ସାରଳା ଦାସଙ୍କ ନିଜସ୍ୱ ପରିକଳ୍ପନା । ଏହି ନବଗୁଞ୍ଜରର ରୂପକଳ୍ପ ଓଡ଼ିଶା ଐତିହ୍ୟର ପରିଚୟ ବହନ କରିଛି ଏବଂ ତାହା ପଟ୍ଟଚିତ୍ରରେ ପ୍ରତିଫଳିତ ହୋଇ ସମଗ୍ର ବିଶ୍ୱରେ ଆଦୃତ ହୋଇଛି । ଓଡ଼ିଶାର ଲୋକସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ସହିତ ସମ୍ପର୍କିତ 'ନବଗୁଞ୍ଜର' ଭାବଧାରା ଓଡ଼ିଶାର ଲୋକସମାଜରେ ଏକ ଦୃଢ଼ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଛି । ଜଗନ୍ନାଥ ହିଁ ଓଡ଼ିଶାର ସକଳ ବିଭାବର ପ୍ରାଣକେନ୍ଦ୍ର । ବିଷ୍ଣୁ-କୃଷ୍ଣ-ଶ୍ରୀଜଗନ୍ନାଥ ସମନ୍ୱୟର ଆଧାର 'ନବଗୁଞ୍ଜର' ରୂପକଳ୍ପରେ ସାରଳା ଦାସଙ୍କ ମୌଳିକ ଚିନ୍ତା, ଜନଶ୍ରୁତି ଓ ଶାସ୍ତ୍ରୀୟ ପ୍ରସଙ୍ଗର ଚମତ୍କାର ବିନ୍ୟାସ ଦେଖିବାକୁ ମିଳେ ।

**ନବଗୁଞ୍ଜରର ରୂପକଳ୍ପ ଓଡ଼ିଶା ଐତିହ୍ୟର ପରିଚୟ ବହନ କରିଛି ।**

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu



ଅନୁଭୂତି

# ଜାତୀୟ ରାଜପଥରେ ସଇତାନ

ସନ୍ତୋଷ କୁମାର ପଟ୍ଟନାୟକ

ପୁଲିସ ଚାକିରିର ଅୟମାରମ୍ଭ ସମୟର ଅଙ୍ଗେ ନିଭାଇଥିବା ଗୋଟିଏ ଘଟଣା ଲେଖୁଛି। ସେତେବେଳକୁ ମୋର ଆଦୌ ଅଭିଜ୍ଞତା ହୋଇ ନ ଥାଏ। କିନ୍ତୁ କାମ ଶିଖିବା ପାଇଁ ଆଗ୍ରହ ଥାଏ। ଯେଉଁ ଘଟଣା ମୁଁ ଅବତାରଣା କରିବାକୁ ଯାଉଛି, ତାହା ଟିକିଏ ମଧ୍ୟ ଅତିରଞ୍ଜିତ କରିବାକୁ ଚେଷ୍ଟା କରି ନାହିଁ। ସେ ସମୟର ଗୋଟିଏ ଅନଭିଜ୍ଞ ଓ ଯୁବ ପୁଲିସ ଅଫିସର ଭାବରେ ଯାହା ଅନୁଭବ କରିଥିଲି ତାହା ହିଁ ଲେଖିବାକୁ ପ୍ରୟାସ କରୁଛି।



ପୁଲିସ ଅଫିସରମାନେ କର୍ତ୍ତବ୍ୟପାଳନ ସମୟରେ କେତେଗୁଡ଼ିଏ ଭୀତିପ୍ରଦ ଓ ଅଭାବନୀୟ ଘଟଣାର ସମ୍ମୁଖୀନ ହୋଇଥାନ୍ତି, ତାହା ସାଧାରଣ ଲୋକ ପକ୍ଷେ ଲୋକଙ୍କୁ ବିଶ୍ୱାସ କରିବା କଷ୍ଟକର ହୋଇଥାଏ। କୌଣସି ଭୟ ଉଦ୍ରେକକାରୀ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ଗୋଟିଏ ପୁଲିସ ଅଫିସର ନିର୍ଭୟ ତଥା ନିରୁଦ୍‌ବିଗ୍ନ ହୋଇ ତା'ର ସମାଧାନ କରିବାରେ ଯେ ସକ୍ଷମ, ଏଭଳି ଭ୍ରାନ୍ତିପୂର୍ଣ୍ଣ ସିଦ୍ଧାନ୍ତ ଜଣାଇବାର ଉଦ୍ଦେଶ୍ୟ ମୋର ନାହିଁ। ଯେକୌଣସି ପ୍ରକାରର ଭୀତିପ୍ରଦ ଘଟଣାର ସମ୍ମୁଖୀନ ହେଲେ ସାଧାରଣ ଲୋକଙ୍କ ତୁଳନାରେ ଯେ ଗୋଟିଏ ପୁଲିସ ଅଫିସର କମ୍ ଭୟଭୀତ ହୁଏ, ଏକଥା ଭାବିବା ଠିକ୍ ନୁହେଁ। କିନ୍ତୁ ଗୋଟିଏ କଥା, ପୁଲିସର ବୃତ୍ତିଗତ ପ୍ରଶିକ୍ଷଣ ସମୟରେ ସମାଜରେ ପ୍ରଚଳିତ ଭୂତ, ପ୍ରେତ ଓ ଗୁଣି, ଗାରୁଡ଼ି ସମ୍ବନ୍ଧୀୟ ସମସ୍ତ ଭ୍ରାନ୍ତଧାରଣା ଦୂର ହୋଇଯାଇଥାଏ।

ଅନ୍ଧବିଶ୍ୱାସ ସମ୍ପର୍କିତ କେତେଗୁଡ଼ିଏ ଘଟଣା ମୋର ଚାକିରି ଜୀବନରେ ମୁଁ ଅନୁସନ୍ଧାନ କରିଛି ଓ ସ୍ଥାନୀୟ ଲୋକଙ୍କ ମନରୁ କୁସଂସ୍କାର ଦୂର କରି ଆଇନର ଆସ୍ଥାଭାଜନ କରାଇବାକୁ ଚେଷ୍ଟା କରିଛି। ଏଭଳି ତଦନ୍ତର ବିବରଣୀ ମୁଁ ଲେଖିଥିବା ବହି "ରହସ୍ୟ ଓ ଅନୁସନ୍ଧାନ"ରେ ଉଲ୍ଲେଖ କରିଛି।

## ଅପ୍ରତ୍ୟାଶିତ ପରିସ୍ଥିତି

ପୁଲିସ ଟ୍ରେନିଂ ସମୟରେ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର କିପରି ସମ୍ମୁଖୀନ ହେବ ସେଥିପାଇଁ ବିଭାଗୀୟ ଉପଦେଶାବଳୀ ଆମକୁ ମନେ ରଖି ତାକୁ ପାଳନ କରିବାକୁ କୁହାଯାଏ। ଟ୍ରେନିଂ କଲେଜରେ ଅନେକ ବିଜ୍ଞ, ପାରଦର୍ଶୀ ତଥା ଅନ୍ତରଙ୍ଗ ବରିଷ୍ଠ ପୁଲିସ ଅଫିସର ଅଧ୍ୟାପନା ପାଇଁ ନିଯୁକ୍ତ ହୋଇଥାଆନ୍ତି। ସେମାନେ ଥାନା, ଫାଣ୍ଡିରେ ଅନେକ ବିପଜ୍ଜନକ ପରିସ୍ଥିତିର ସାମ୍ନା କିପରି ଭାବରେ କରିବାକୁ ପଡ଼ିଥାଏ, ସେ ସମ୍ବନ୍ଧରେ ନିଜ ନିଜର ଅଭିଜ୍ଞତା ଆମକୁ ବର୍ଣ୍ଣନା କରିଥାନ୍ତି। ଆମେ ସେସବୁ ଆହ୍ୱାନପୂର୍ଣ୍ଣ ଘଟଣା ସହ ସେମାନେ କିଭଳି ସମ୍ମୁଖୀନ ହୋଇଥିଲେ ଶୁଣି ଅନେକ କିଛି ଶିକ୍ଷା ପାଇଥାଉ। କିନ୍ତୁ ସବୁ ସ୍ଥାନରେ କର୍ତ୍ତବ୍ୟ ପାଳନ ବେଳେ ଏଭଳି ଅଭାବିତ ଓ ଅବାଞ୍ଛିତ ପରିସ୍ଥିତିକୁ କିଭଳି ସଫଳତାର ସହିତ ପ୍ରତିହତ କରାଯାଇପାରିବ ସେ ସମ୍ବନ୍ଧରେ କୌଣସି ସର୍ବସମ୍ମତ କାର୍ଯ୍ୟପନ୍ଥା ଯାହାକୁ ଇଂରାଜୀରେ କହନ୍ତି "ଥମ୍‌ରୁଲ", ନାହିଁ।

ସ୍ଥାନ, କାଳ, ପାତ୍ର ଅନୁସାରେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କିଭଳି ପଦକ୍ଷେପ ନିଆଯିବା ଉଚିତ ତାହା ନିଜେ ସ୍ଥିର କରିବାକୁ ପଡ଼େ। ଆମକୁ ପାଠ ପଢ଼ାଉଥିବା ପ୍ରଶିକ୍ଷକମାନଙ୍କର ଆମର ଭବିଷ୍ୟତ ପାଇଁ ଏହା ଏକ ସତର୍କବାଣୀ। ପୁଲିସ ଅଫିସରମାନେ ସାଧାରଣତଃ

ଅପରାଧ ନିରାକରଣ ପାଇଁ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ସାଙ୍ଗରେ ସରକାରୀ ଆଗ୍ନେୟାସ୍ତ୍ର (ରିଭଲଭର) ନେଇଥାନ୍ତି। ଆମକୁ କୁହାଯାଇଥାଏ ଯେ ଉକ୍ତ ରିଭଲଭରଟି ଗୁଳିଭରା ରହିବା ଉଚିତ କାରଣ ଯେତେବେଳେ ଜନ ଜୀବନର ସୁରକ୍ଷା ଅଥବା ନିଜର ଆତ୍ମରକ୍ଷା ପାଇଁ ତା'ର ତୁରନ୍ତ ପ୍ରୟୋଗ ଏକାନ୍ତ ଆବଶ୍ୟକ ହୁଏ, ସେ ସମୟରେ ପାଉଚ (ଗୁଳି ରଖିବା ପାଇଁ ଚମଡା ଖୋଳ)ରୁ ଗୁଳି ବାହାର କରି ରିଭଲଭରରେ ଭରିବା ପାଇଁ ସମୟ ନ ଥାଏ। ସେଇ କେତୋଟି ସେକେଣ୍ଡର ବିଳମ୍ବ ଏକ ଚରମ ବିପର୍ଯ୍ୟୟର ସମ୍ଭାବନା ସୃଷ୍ଟି କରିଥାଏ। କର୍ତ୍ତବ୍ୟ ସମୟରେ ରିଭଲଭର ଧରିବା ପୁଲିସ (ୟୁନିଫର୍ମ) ପୋଷାକର ଏକ ଅଭିନ୍ନ ଅଙ୍ଗ ଭାବରେ ପରିଗଣିତ ହୁଏ। ମୋର ବ୍ୟକ୍ତିଗତ ଅନୁଭୂତି, ରିଭଲଭର ସାଙ୍ଗରେ ଥିଲେ ସୁରକ୍ଷା ଓ ନିରାପତ୍ତାର ଏକ ବଳୟ ଥିବାର ମୁଁ ଅନୁଭବ କରିଥାଏ।

ଏତେଗୁଡିଏ କଥା ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଯେ ବର୍ତ୍ତମାନ ଯେଉଁ ଘଟଣା ବିଷୟରେ ଲେଖୁଛି, ସେ ସମୟରେ ମୋ ପାଖରେ ଗୁଳିଭରା ରିଭଲଭର ଥିଲା ଓ ମୁଁ ତା'ର ଉପଯୋଗିତା ଅନୁଭବ କରିଥିଲି। ସାଧାରଣତଃ ଶିଳ୍ପାଞ୍ଚଳଗୁଡିକରେ ଆଇନ ଶୃଙ୍ଖଳା ସମସ୍ୟା ଏବଂ ଚୋରି, ଡକାୟତି ପ୍ରଭୃତି ଅପରାଧମାନ ଅଧିକତର ହେବାର ସମ୍ଭାବନା ଥାଏ। ଏସବୁକୁ ନେଇ ସେ ଅଞ୍ଚଳରେ ଥିବା ଥାନାମାନଙ୍କର କାର୍ଯ୍ୟ ପଦ୍ଧତିରେ ତାରତମ୍ୟ ରହିଥାଏ। ଓଡ଼ିଶାର ଏକ ବୃହତ୍ ଶିଳ୍ପନଗରୀରୁ ଜାତୀୟ ରାଜପଥ ନଂ. ୧୪୩ ଆଉ ଏକ ଶିଳ୍ପୋନ୍ନତ ଅଞ୍ଚଳ ଦେଇ ତତ୍କାଳୀନ ବିହାର ପ୍ରଦେଶ ମଧ୍ୟକୁ ପ୍ରବେଶ କରିଅଛି। ଏହି ଅଞ୍ଚଳରେ ରହୁଥିବା ଲୋକମାନେ ଖଣି, ଖାଦାନ ଓ ସ୍ଥାନୀୟ ଛୋଟ ବଡ଼ ଶିଳ୍ପ ସଂସ୍ଥାମାନଙ୍କରେ କାର୍ଯ୍ୟରତ। ଖଣି ଓ ଛୋଟ ବଡ ଶିଳ୍ପୋଦ୍ୟୋଗମାନଙ୍କରେ କାମ କରୁଥିବାରୁ ସେମାନଙ୍କ ଆର୍ଥିକ ଅବସ୍ଥା ଅନ୍ୟ ଶ୍ରେଣୀର ଶ୍ରମିକମାନଙ୍କଠାରୁ ବେଶ୍ ସ୍ୱଚ୍ଛଳ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେ ଅଞ୍ଚଳରେ ଘଟୁଥିବା ଅପରାଧର ସଂଖ୍ୟା ମଧ୍ୟ ସେହିପରି ଭାବରେ ଅଧିକ। ମନରେ ଅବାଧ ଆର୍ଥିକ ପ୍ରବଣତା ହେତୁ ସାମାନ୍ୟ ଘଟଣାକୁ ନେଇ ନରହତ୍ୟା ଓ ବହୁଳ ଭାବରେ ଡକାୟତି ଓ ଚୋରି ଇତ୍ୟାଦି ହୋଇଥାଏ। ଆନ୍ତଃପ୍ରାଦେଶିକ ସୀମା ହୋଇଥିବାରୁ ଡକାୟତି ସଂଖ୍ୟାଧିକ ଭାବରେ ଘଟିଥାଏ। ସେହି ରାଜପଥଟି ଓଡ଼ିଶା ଭିତରେ ପ୍ରାୟ ତିରିଶ କିଲୋମିଟର ପର୍ଯ୍ୟନ୍ତ ଯାଇ ବିହାର ପ୍ରଦେଶ ମଧ୍ୟରେ ପ୍ରବେଶ କରିଅଛି।

ଯେହେତୁ ତାହା ଜାତୀୟ ରାଜପଥ, ସେ ଅନୁସାରେ ସେହି ରାସ୍ତା ବେଶ୍ ନରମ ଓ ମସୃଣ। ମାଟିରେ ଶୁଭ୍ରରଙ୍ଗର ସାଙ୍କେତିକ ରେଖା ରାଜପଥର ପୃଷ୍ଠ ଉପରେ ଲମ୍ବିଯାଇଛି। ଦୁଇଟି ଶିଳ୍ପ ସମୃଦ୍ଧ ସହରକୁ ସଂଯୋଗ କରୁଥିବା ଏହି ରାଜପଥ ସହରାଞ୍ଚଳ ଅତିକ୍ରମ କଲାପରେ ଏହାର ଉଭୟ ପାର୍ଶ୍ୱକୁ ଲାଗି କୌଣସି ଗ୍ରାମ ବା ଜନବସତି ନାହିଁ। ରାସ୍ତାର ଦୁଇ ପଟରେ ଘଞ୍ଚ ସଂରକ୍ଷିତ ଜଙ୍ଗଲ। କୌଣସି ଜନବସତି ନ ରହିବାର ଏହା ଏକ କାରଣ ହୋଇପାରେ। ଚଉଡା ଓ ସମତଳ ରାସ୍ତା ହେତୁ ଦୁଇ ବା ଚାରିଚକିଆ ଯାନବାହନଗୁଡିକ ଅତି ଦ୍ରୁତ ବେଗରେ ଯିବା ଆସିବା କରିଥାନ୍ତି। ଏହାର ଅନ୍ୟ ଏକ ଦିଗ ହେଉଛି ଅପରାଧ ଘଟାଇ ଡକାୟତମାନେ ଏହି ରାସ୍ତାରେ ଦ୍ରୁତଗତିରେ ଚାଲିଯିବା ମଧ୍ୟ ସମ୍ଭବ ହୋଇଥାଏ। ଦରକାର ହେଲେ ରାସ୍ତା ପାଖର ଘଞ୍ଚ ଜଙ୍ଗଲରେ ପୁଣି ଲୁଚିଯିବାଟା ବି ସମ୍ଭବ ହୋଇଥାଏ। ଆମ ରାଜ୍ୟରେ କେତେଗୁଡିଏ ଥାନାକୁ ନେଇ ଗୋଟିଏ ସର୍କଲ ବା ମଣ୍ଡଳ ଗଠିତ ହୋଇଥାଏ। ଏହି ସର୍କଲ ଅନ୍ତର୍ଗତ ଏକାଧିକ ଥାନାରେ ଯଦି ଡକାୟତି ପରି ଗୁରୁତର ଅପରାଧ ବାରମ୍ବାର ହୁଏ, ସେହି ସର୍କଲ ଅଞ୍ଚଳରେ ଡକାୟତି ନିରୋଧୀ ସଶସ୍ତ୍ର ପାଟ୍ରୋଲିଂ ବଢ଼ାଇ ଦିଆଯାଏ। ବେଳେବେଳେ ଏହି ମଣ୍ଡଳର ମୁଖ୍ୟ ସର୍କଲ ଇନ୍ସପେକ୍ଟର ମଧ୍ୟ ଏହି ଧରଣର ଡକାୟତି ନିରୋଧ ପାଟ୍ରୋଲିଂରେ ଭାଗ ନେଇ ଥାଆନ୍ତି। ଅନଭିଜ୍ଞ ଓ ନୂଆ ଚାକିରି କରିଥିବା ଅଫିସରମାନେ ଏଥିରେ ଭାଗ ନେଲେ ତାଙ୍କୁ ଅନେକ କିଛି କଥା ଜାଣିବାର ଓ ଶିଖିବାର ସୁଯୋଗ ମଧ୍ୟ ମିଳିଥାଏ।

**ଗୁଳି ବାହାର କରି ରିଭଲଭରରେ ଭରିବା ପାଇଁ ସମୟ ନ ଥାଏ। ସେଇ କେତୋଟି ସେକେଣ୍ଡର ବିଳମ୍ବ ଏକ ଚରମ ବିପର୍ଯ୍ୟୟର ସମ୍ଭାବନା ସୃଷ୍ଟି କରିଥାଏ।**

### ଡକାୟତି ନିରୋଧୀ ପାଟ୍ରୋଲିଂ

ଓଡ଼ିଶା-ବିହାର ସୀମାନ୍ତରେ ଗୋଟିଏ ଆଉଟପୋଷ୍ଟରେ ମୋର ନୂଆ ପୋଷ୍ଟିଂ ହୋଇଥାଏ। ସେ ସମୟରେ ସେହି ସର୍କଲ ଅନ୍ତର୍ଗତ ବିଭିନ୍ନ ଥାନାରେ ବାରମ୍ବାର ଡକାୟତି

ହେଉଥାଏ । ଏସବୁ ଥାନାଗୁଡିକରେ ଡକାୟତି ନିରୋଧୀ ପାଟ୍ରୋଲିଂ ଜୋରଦାର ଚାଲିଥାଏ । ମୁଁ ସେହି ଆଉଟପୋଷ୍ଟରେ ଯୋଗାଯୋଗ ପରେ ସିଆଇ ମହୋଦୟ ମୋ ସାଙ୍ଗରେ ଦୀର୍ଘ ସମୟ ଧରି କଥାବାର୍ତ୍ତା କରିଥିଲେ । ସେ ସବ୍‌ଇନ୍‌ସପେକ୍ଟର ଥିବା ସମୟରୁ ସେହି ଅଞ୍ଚଳରେ ଅନେକ ଦିନଧରି କାମ କରିଥିଲେ । ସେ ଅଞ୍ଚଳର ଭୌଗୋଳିକ ସ୍ଥିତି, ଲୋକମାନଙ୍କର ଭାଷା ଓ ଚଳଣି ଓ ଓଡ଼ିଶା ବିହାର ଉଭୟ ପ୍ରଦେଶରେ ଅପରାଧ କରିଥିବା ଅନେକ ଡକାୟତଙ୍କ ବିଷୟରେ ତାଙ୍କର ସମ୍ୟକ୍ ଜ୍ଞାନ ଥିଲା । ମୁଁ ଯୋଗ ଦେଇଥିବା ଆଉଟପୋଷ୍ଟରେ ଅତିକମ୍ ସଂଖ୍ୟକ ଲୋକ ଥାଆନ୍ତି । ଅଧିକାଂଶ ଦିନ ମୁଁ ଓ ଡ୍ରାଇଭର ପାଟ୍ରୋଲିଂ ଡ୍ୟୁଟି କରୁଥିଲୁ । ଦିନେ ରାତ୍ରି ଗସ୍ତରେ ବାହାରିଲା ବେଳେ ସର୍କଲ ଇନ୍‌ସପେକ୍ଟରଙ୍କର ଟେଲିଫୋନ ପାଇଲି । ସେ କହିଥିଲେ ଯେ ରାସ୍ତାରେ ପଡୁଥିବା ଗୋଟିଏ ଥାନାର ଅଳ୍ପଦୂରରେ ସେ ଆମ ପାଇଁ ଅପେକ୍ଷାରତ ଥିବେ ଆମ ଆଉଟପୋଷ୍ଟର ପାଟ୍ରୋଲିଂ ଗାଡି ସେଠାରେ ପହଞ୍ଚିଲେ ସେ ଆମ ସାଙ୍ଗରେ ଯିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ସେଦିନ ମୋ ଛଡା ଜିପ୍‌ରେ ଜଣେ ହୋମଗାର୍ଡ ଡ୍ରାଇଭର ଥାଏ । ଆମ ସାଙ୍ଗରେ ସର୍କଲ ଇନ୍‌ସପେକ୍ଟରଙ୍କ ପରି ଜଣେ ଅଭିଜ୍ଞ ଅଫିସର ପାଟ୍ରୋଲିଂରେ ଯିବେ ଶୁଣି ମୋର ମନ ଗଭୀର ଆଶ୍ୱସ୍ତିରେ ଭରିଗଲା । ସି.ଆଇ.ଙ୍କୁ ସେ କହିଥିବା ସ୍ଥାନରୁ ଆଣିବାକୁ ପହଞ୍ଚିଲା ବେଳକୁ ସମୟ ପ୍ରାୟ ରାତି ବାରଟାରୁ ଉର୍ଦ୍ଧ୍ୱ ହୋଇସାରିଥିଲା । ସେ ସମୟରେ ଉକ୍ତ ବଣପାହାଡଘେରା ଅଞ୍ଚଳରେ ଭୀଷଣ ଥଣ୍ଡା ପଡିଥାଏ ।

ଅସୁବିଧାର ବିଷୟ ହେଲା, ଥଣ୍ଡା ସାଙ୍ଗକୁ ଚାରିଆଡେ ଘନ କୁହୁଡି । ଆମେ ଜାତୀୟ ରାଜପଥରେ ଗଲାବେଳେ ଜିରୋ ହେଡ୍‌ଲାଇଟରେ ପ୍ରାୟ ତିରିଶ ଫୁଟ ପରଠାରୁ ଗୋଟିଏ ଧଳା ଚାଦର ପରି ଆସ୍ତରଣ ଛଡ଼ା ଆଉ ଆଗକୁ କିଛି ଦୃଷ୍ଟିଗୋଚର ହେବା ଅସମ୍ଭବ ହୋଇ ପଡୁଥାଏ । ଆମେ ବସିଥିବା ଜିପ୍‌ର ଡାହାଣପଟ ହେଡ୍‌ଲାଇଟ ଉପରକୁ କୁହୁଡି ବେଳେ ବ୍ୟବହାର ପାଇଁ ହଳଦିଆ ରଶ୍ମି ବିକିରଣ କରୁଥିବା ଏକ ଫଗ୍‌ଲାଇଟ ଥାଏ । କିନ୍ତୁ ତାହା ଅପେକ୍ଷାକୃତ ସ୍ୱଳ୍ପଶକ୍ତିର ଥିଲା । ତେଣୁ ତାକୁ ବିଶେଷ ଜରୁରୀ ନ ଥିଲେ ବ୍ୟବହାର ନ କରିବାକୁ ଡ୍ରାଇଭରକୁ କୁହାଯାଇଥିଲା । ରାଜପଥ ବେଶ ଚଉଡା, ମସୃଣ ଓ ସେଥିରେ କିଛି ବାଧକ ନ ଥିଲା, କେବଳ ଏହି ଘନ କୁହୁଡିର ଆସ୍ତରଣ ପାଇଁ ଆମ ଗାଡିକୁ ଧୀରେ ଧୀରେ ଯିବାକୁ ପଡୁଥାଏ । ଏପରି ଯାଉ ଯାଉ ହଠାତ୍ ଡ୍ରାଇଭର ଗାଡିର ଗତି ଧୀର କରି ବ୍ରେକ ମାରି ଗାଡି ଅଟକାଇ ଦେଇଥିଲା ଓ ହଳଦିଆ ଫୋକସ ଲାଇଟଟିକୁ ଜଳାଇ ଦେଇଥିଲା । ମତେ ଘନ କୁହୁଡିରେ ଓଦାହୋଇଯାଇଥିବା ଜିପ୍‌ର ଅସ୍ୱଚ୍ଛ କାଚ ଦେଇ କିଛି ଗୋଟାଏ କଳା ରଙ୍ଗର ବିରାଟ ପକ୍ଷୀ ପରି ପ୍ରାଣୀ ରାସ୍ତା ମଝିରେ ବସିଥିଲା ପରି ଜଣାଗଲା । ମୁଁ ଡ୍ରାଇଭରକୁ ଜିପ୍‌ଟାକୁ ଟିକେ ପାଖକୁ ନେବାକୁ କହିଥିଲି । କିନ୍ତୁ ସେ କମ୍ପିତ ସ୍ୱରରେ କହିଲା, "ସାର୍ ! ଆଉ ପାଖକୁ ନେଲେ ବିପଦ, ଦେଖୁନାହାନ୍ତି କି ଭୟଙ୍କର ସେ ଦେଖାଯାଉଛି ।" ଏତିକି କହି ସେ ନିଜର ସିଟ୍‌ରୁ ଡାହାଣକୁ ବାହାରି ଝୁଙ୍କିପଡି କିଛି ସମୟ ଚାହିଁଲା ଓ ମତେ ଅନୁରୋଧ କଲା ଯେ, "ସାର୍ ! ଆପଣ ଓହ୍ଲାନ୍ତୁ ନାହିଁ ମୁଁ ଗାଡି ବ୍ୟାକ୍ କରୁଛି, ବୁଲେଇକି ପଳେଇବା । ମୁଁ ପଛର ଲମ୍ବା ସିଟ୍‌ରେ ବସିଥିବା ସିଆଇଙ୍କୁ ଚାହିଁଲି । ସେ ପିନ୍ଧିଥିବା ଟୋପିଟା ତାଙ୍କ କପାଳ ଆଗକୁ ସାମାନ୍ୟ ଝୁଙ୍କି ଆସିଥିଲା । ମୋର ମନେ ହେଲା ସେ ସାମାନ୍ୟ ଢୁଳାଇ ପଡିଛନ୍ତି । ମୁଁ ସାମ୍ନାକୁ ଆଉଥରେ ଭଲଭାବରେ ଦେଖିବାକୁ ଚେଷ୍ଟା କଲି କିନ୍ତୁ ଜିପର ଓଦା କାଚ ଓ କୁହୁଡିର ଆସ୍ତରଣ ଦେଇ ଅଧିକା କିଛି ଦେଖିବା ସମ୍ଭବ ନ ଥିଲା । ମତେ ଜଣାପଡୁଥିଲା ରାସ୍ତା ଉପରେ ବସିଥିବା ଗୋଟେ ପ୍ରାୟ ଚାରିଫୁଟ ଉଚ୍ଚର ବିରାଟ ପକ୍ଷୀ । ଏଥର ସେ ତା'ର ଡେଣା ଦ୍ୱାରା ରାସ୍ତାରୁ କିଛି ଗୋଟାଇ ମୁହଁ ପାଖକୁ ନେଲା ପରି ଜଣାପଡୁଥିଲା । ମୁଁ ଡ୍ରାଇଭରକୁ ଚାହିଁ ଉଚ୍ଚ ସ୍ୱରରେ କହିଥିଲି "ଗାଡି ରଖ, ବ୍ୟାକ କରିବା ଦରକାର ନାହିଁ । ଫଗ ଲାଇଟ (ହଳଦିଆ) ଆଲୁଅର ଫୋକସକୁ ରାସ୍ତା ଉପରେ ଥିବା ସେ ଅସ୍ପଷ୍ଟ ବସ୍ତୁ ଉପରେ ପକାଅ ।" ମୁଁ ଗାଡିରୁ ଓହ୍ଲାଇଲା ବେଳେ ଭାବୁଥିଲି ପାଖକୁ ଯାଇ ଘଟଣା କ'ଣ ସୁନିଶ୍ଚିତ ହେଲା ପରେ ଯଦି ଦରକାର ହୁଏ ତା'ହେଲେ ସି.ଆଇ.ଙ୍କୁ ଡାକିବି ଓ କହିବି ।



## ମଣିଷ ନୁହେଁ

ମୁଁ ଗାଡ଼ିରୁ ଓହ୍ଲାଇ ଆଗକୁ ଯିବାକୁ ବାହାରିଛି, ସେ ଡ୍ରାଇଭର ଭୟଭୀତ ସ୍ୱରରେ କହିଲା, "ସାର୍! ଜମା ପାଖକୁ ଯାଆନ୍ତୁ ନାହିଁ। ରାସ୍ତା ମଝିରେ ଦେଖାଯାଉଥିବା ଜନ୍ତୁଟା ମଣିଷ ନୁହେଁ, ରାକ୍ଷସ କିମ୍ବା ସୈତାନ। ମଣିଷ ତା'ର କିଛି କ୍ଷତି କରିପାରି ନାହିଁ।" କେତେ ସେକେଣ୍ଡ ପାଇଁ ରାସ୍ତା ଉପରେ ମୋର ପାଦ ଅଟକି ଯାଇଥିଲା। ବାମପାଖ ଅଣ୍ଟାରେ ଝୁଲୁଥିବା ମୋର ରିଭଲଭରକୁ ବାମହାତ ପାପୁଲିରେ ସ୍ପର୍ଶ କରିଥିଲି। ତା'ର ଶକ୍ତ ଓ ଶୀତଳ ସ୍ପର୍ଶ ମୋ ମନରେ ସାହସ ଓ ସୁରକ୍ଷାର ଅନୁଭବ ଦେଇଥିଲା। ରାସ୍ତା ଉପରେ ଯାହାବି ଥାଉ ତା' ପାଖକୁ ଯାଇ ଭଲ ଭାବରେ ଯାଞ୍ଚ କରିବା ପାଇଁ ମୁଁ ଦୃଢ଼ପରିକର ଥିଲି। ହଳଦିଆ ଫଗ୍‌ଲାଇଟର ଫୋକସକୁ ଅନୁସରଣ କରି କିଛି ପାଦ ଆଗେଇ ଗଲା ପରେ ସେ ପ୍ରାଣୀ ଓ ମୁଁ ମୁହାଁମୁହିଁ ହୋଇଗଲୁ।

ତାକୁ ଦେଖିଲା ପରେ ମୁଁ ଜାଣିପାରୁଥିଲି ଆମ ଡ୍ରାଇଭର କାହିଁକି ଏତେ ଭୟ ପାଇଯାଇଥିଲା। ଗୋଟିଏ କୃଷ୍ଣବର୍ଣ୍ଣର ଦୀର୍ଘକାୟ କଙ୍କାଳସାର ମୂର୍ତ୍ତି ଆଣ୍ଠୁମାଡି ରାସ୍ତା ମଝିରେ ବସିଥିଲା। ପ୍ରଚଣ୍ଡ ଥଣ୍ଡାରେ ସେ ପିନ୍ଧିଥିବା ପଶମ ଟୋପି କପାଳ ଉପରକୁ ଉଠି ତା' ମୁହଁ ଆଡକୁ ଗୋଟିଏ ପ୍ରକାଣ୍ଡ ପକ୍ଷୀର ଥଣ୍ଟ ପରି ଝୁଲି ପଡିଛି। ହାଡୁଆ ମୁହଁରେ ଥିବା କୋଟରଗତ ଚକ୍ଷୁରେ ତୀବ୍ର ଚାହାଣି। ଦୁଇ ହାତରେ ସେ ପିଚୁ ରାସ୍ତା ଉପରେ ପଡିଥିବା କିଛି ତରଳ ପଦାର୍ଥକୁ ଉଠାଇ ଚାଟିବାରେ ଲାଗିଥିଲା। ଆଉ କେତେପାଦ ଆଗେଇଯାଇ ଦେଖିଲି ତା' ଦୁଇ ହାତ, ନାକର ନିମ୍ନ ଭାଗ, ଉପର ଓ ତଳ ଓଠ ତଥା ଚିବୁକରେ ରକ୍ତ ବୋଳି ହୋଇ ଲାଲ ଦେଖାଯାଉଥିଲା। ସେ ତା'ର ଲମ୍ବା, କଳା ଓ ଚେମେଡିଆ ହାତର ଦୁଇ ପାପୁଲିରେ ଫଗଲାଇଟ୍‌ର ହଳଦିଆ ଫୋକସକୁ ରୋକି ନିଜ ମୁହଁକୁ ଢାଙ୍କିବା ପାଇଁ ଚେଷ୍ଟା କରୁଥିଲା। ତା'ର ହାଡୁଆ ପାପୁଲିର ସରୁସରୁ ଆଙ୍ଗୁଳି ଓ ନଖ ରକ୍ତରେ ବୋଳି ହୋଇ ଲାଲ ଦେଖାଯାଉଥିଲା। ଏଭଳି ଦୃଶ୍ୟ ମୋ ଜୀବନରେ କେବେ ଆଗରୁ ଦେଖି ନ ଥିଲି।

## କ'ଣ ହୋଇପାରେ ?


ଘଟଣା କ'ଣ ହୋଇପାରେ ତାହା ମୁଁ ଦ୍ରୁତ ଚିନ୍ତା କରୁଥିଲି। କେତେଗୁଡିଏ ସମ୍ଭାବିତ ଦୃଶ୍ୟପଟ ମୋ ମନକୁ ଆସୁଥିଲେ ବି ଗୋଟିଏ ମଧ୍ୟ ଗ୍ରହଣୀୟ ହୋଇପାରୁ ନ ଥିଲା। ସେ ହଲଚଲ ହେବାର ଦେଖି ଠିଆ ହେବା ପାଇଁ ସେ ପ୍ରସ୍ତୁତ ହେଉଛି ବୋଲି ମୁଁ ଜାଣିପାରୁଥିଲି। ତା' ହାତରେ ଲୁହାରଡ଼ ଭଳିଆ କଳାରଙ୍ଗର ବାଡି ସେ ଧରିଥିବା ପରି ମୋର ମନେ ହେଲା। ସେ ଠିଆ ହେବା ପରେ ଦେଖିଲି ପ୍ରାୟ ସାଢ଼େ ଛଅ ଫୁଟ ଉଚ୍ଚ। ଦେହର ଗଠନ ଅତି ପତଳା। ସାରା ମୁହଁ ଓ ଦୁଇ ହାତରେ ରକ୍ତ। ଏ କ'ଣ ଗୋଟିଏ ମଣିଷ ? ମୁଁ ଲକ୍ଷ୍ୟ କଲି ଯେ, ଜିପର ଆଲୁଅରୁ ନିଜ ମୁହଁକୁ ହଟାଇ, ଓଠରେ ଲାଗିଥିବା ରକ୍ତକୁ ଚାଟି ଚାଟି ସେ ଆଗକୁ ଆସିବାକୁ ଚେଷ୍ଟା କରୁଛି। ମୋର ଧୈର୍ଯ୍ୟଚ୍ୟୁତି ଘଟୁଥିଲା। ପୁଲିସ ଟ୍ରେନିଂ କଲେଜରୁ ପାଇଥିବା ଯାବତୀୟ ଶିକ୍ଷା ଯଥା : ଭୂତ, ପ୍ରେତ, ସଇତାନ ଓ ଡାହାଣୀ ସବୁ କିଛି ମନର ଭ୍ରାନ୍ତି। ବିଜ୍ଞାନସମ୍ମତ ଅନୁସନ୍ଧାନ ଦ୍ୱାରା ହିଁ ପ୍ରକୃତ ସତ୍ୟର ଉଦ୍‌ଘାଟନ ସମ୍ଭବ ଇତ୍ୟାଦି ମୁହୂର୍ତ୍ତକ ପାଇଁ ବିସ୍ମୃତିର ଅତଳ ଗର୍ଭରେ ହଜିଗଲା। ମୋର ମନେ ହେଲା ଓ ବିଶ୍ୱାସ ଆସୁଥିଲା ପିଲାଦିନେ ପଢ଼ିଥିବା ଆଇମା କାହାଣୀ ଓ ବେତାଳ ପଞ୍ଚବିଂଶତି ଗପର ସୈତାନ ବା ବେତାଳମାନେ ଆଜି ମଧ୍ୟ ପ୍ରକୃତରେ ଅଛନ୍ତି। ବର୍ତ୍ତମାନ ଆମେ ଦୁହେଁ ପରସ୍ପରକୁ ସ୍ପଷ୍ଟ ଦେଖିପାରୁଥିଲୁ। ମୋ ହାତରେ ଉଦ୍ୟତ ରିଭଲଭର ଦେଖି ତା'ର ରକ୍ତବୋଳା ଓଠରେ ଗୋଟିଏ ପୈଶାଚିକ ହସ ଖେଳି ଯାଇଥିଲା। ମୋର ରିଭଲଭରର ଗୁଳି ସେ ସୈତାନର କ'ଣ କ୍ଷତି କରିପାରିବ କି ନ ପାରିବ ସେ ବିଷୟରେ ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ନ ଥିଲି। ମୁଁ ଭାବୁଥିଲି ଯେ ତା' ସହିତ ମୋର ଏ ସଂଘର୍ଷରେ ଯଦି ମୁଁ ଜିତିଗଲି ତା'ହେଲେ ତା'ପରଦିନ ସମଗ୍ର ପୁଲିସ ବିଭାଗ ପାଇଁ ଏହା ଏକ ଚମକପ୍ରଦ ଘଟଣା ଭାବରେ ବିଖ୍ୟାତ ହୋଇଯିବ। ରାକ୍ଷସ ବା ସଇତାନ ଆଜି ମଧ୍ୟ ଅଛନ୍ତି ବୋଲି ପ୍ରମାଣସିଦ୍ଧ ହୋଇଯିବ। ଏପରି ଭାବନାରେ ମୁଁ ମଗ୍ନ ଥିଲାବେଳେ ଦେଖିଲି ସେ ଲମ୍ବାଲମ୍ବା ପାଦ ପକାଇ ମୋ ଆଡକୁ ମାଡିଆସୁଛି। ହାତରେ ସେଇ କଳାରଙ୍ଗର ଲୁହାରଡ଼।

**ଏ କ'ଣ ଗୋଟିଏ ମଣିଷ ? ମୁଁ ଲକ୍ଷ୍ୟ କଲି ଯେ, ଜିପର ଆଲୁଅରୁ ନିଜ ମୁହଁକୁ ହଟାଇ, ଓଠରେ ଲାଗିଥିବା ରକ୍ତକୁ ଚାଟି ଚାଟି ସେ ଆଗକୁ ଆସିବାକୁ ଚେଷ୍ଟା କରୁଛି।**

## ସତର୍କବାଣୀ

ରିଭଲଭର ଉପରେ ମୋର ହାତମୁଠା ଶକ୍ତ ହୋଇଯାଇଥିଲା। ମୁଁ ବଡ଼ପାଟିରେ ସତର୍କବାଣୀ ଶୁଣାଇଥିଲି, "ସେଇଠି ରହ। ଆଉ ପାଦେ ଆଗେଇଲେ...."

ଏତିକି କହିଛି, ମୋର କାନ୍ଧ ଉପରେ କାହାର କର ସ୍ପର୍ଶରେ ମୁଁ ଚମକି ପଡି ଦେଖିଲି, ସି.ଆଇ. ମୋ ପଛରେ ଠିଆ ହୋଇଛନ୍ତି। ମୋତେ ଆସ୍ତେ କହିଲେ ରିଭଲଭର ତଳକୁ କର। ରିଭଲଭର ସମେତ ମୋର ଡାହାଣହାତ ତଳକୁ ହୋଇଗଲା। ମୋ ପାଖରେ ଠିଆ ହୋଇ ସ୍ଥାନୀୟ ଆଦିବାସୀ ଭାଷାରେ ସେ ଉକ୍ତ ଭୟଙ୍କର ଦେଖାଯାଉଥିବା ଲୋକଟିକୁ କିଛି କହିଲେ, ସେ ଅଟକିଯାଇ କ'ଣ ଜବାବ ଦେଇଥିଲା। ଉଭୟଙ୍କ ମଧ୍ୟରେ ଏପରି ବେଶ କିଛି ସମୟ କଥାବାର୍ତ୍ତା ପରେ ମୁଁ ନିଜକୁ ଟିକେ ସହଜ ମନେ କରୁଥିଲି। ସି.ଆଇ. ଗୋଟିଏ ପାଣିବୋତଲ ସେ ଲୋକଟିକୁ ଦେବାକୁ ଡ୍ରାଇଭରକୁ କହିଥିଲେ। ସେ ପାଣି ନେଇ ରାସ୍ତା ଧାରକୁ ଯାଇଥିଲା ଓ ପାଣି ପିଇ ମୁହଁ ଓ ହାତ ଧୋଇଥିଲା। ମୁହଁ ଓ ହାତରୁ ରକ୍ତଦାଗ ଛାଡିବାପରେ ସେ କିଛିଟା ସାଧାରଣ ମଣିଷ ପରି ଦେଖାଗଲା। ସି.ଆଇ. ସାମାନ୍ୟ ହସି ମତେ ଚାହିଁ କହିଲେ "ପୂରା ଘଟଣା କ'ଣ ବୁଝି ପାରିଲ ?"



"ନାଇଁ ସାର", ମୁଁ ଉତ୍ତର ଦେଇଥିଲି।

"ଏ ଲୋକଟାର ଘର ବିହାର ପ୍ରଦେଶ କିନ୍ତୁ ତା'ର ଗାଁଟା ଓଡ଼ିଶାକୁ ଲାଗିକରି ଅଛି। ସେ ଖଣି ଶ୍ରମିକମାନଙ୍କର ସର୍ଦ୍ଦାର ଭାବରେ କାମ କରେ। ଯଦିଚ ସେ ସଂଖ୍ୟାଲଘୁ ସମ୍ପ୍ରଦାୟର କିନ୍ତୁ ପିଲାଦିନୁ ଆଦିବାସୀ ଭାଷା ଜାଣେ ଓ ଚଳଣିରେ ଅଭ୍ୟସ୍ତ। ଆଜି ଶନିବାର ଥିବାରୁ ଶ୍ରମିକମାନଙ୍କୁ ସାପ୍ତାହିକ ମୂଳ ମିଳିଥିଲା। ଏ ଲୋକଟି ସର୍ଦ୍ଦାର ହିସାବରେ ବେଶ କିଛି ଅଧିକା ପଇସା ପାଇଥିଲା। ସେଥିରେ ସେ ନିଜର ଘର ପାଇଁ ସଉଦାପତ୍ର କିଣିଥିଲା। ପଇସା ମିଳିଥିବାରୁ ସାଙ୍ଗସାଥୀଙ୍କ ସାଙ୍ଗରେ ସବୁଦିନ ଅପେକ୍ଷା କିଛି ଅଧିକା ମଦ ପିଇଦେଇଥିଲା। ସାଇକେଲରେ ସବୁ ସଉଦାପତ୍ର ବେଗରେ ଭରି ଗଲାବେଳେ ସାଇକେଲର ଆଗଚକର ସ୍ପୋକ ଫାଙ୍କରେ ସେ ଝୁଲାଇଥିବା ଲମ୍ବା ବ୍ୟାଗଟି ପଶିଯିବାରୁ ସେ ସାଇକେଲ ସହିତ ମୁହଁମାଡି ରାସ୍ତା ଉପରେ ପଡି କିଛି ସମୟ ଅଚେତ ହୋଇଯାଇଥିଲା। ଚେତା ଆସିବା ପରେ ପକେଟରୁ ଦିଆସିଲ ବାହାର କରି ଜଳାଇ ଦେଖିଲା ସାଇକେଲ ସହିତ ସବୁ ଜିନିଷ ରାସ୍ତାରେ ବିଛାଡି ହୋଇ ପଡିଛି। ସାଇକେଲରୁ ପଡିବା ପରେ ତା'ର ମୁଣ୍ଡ ଫାଟି ରକ୍ତ ବୋହି ରାସ୍ତାରେ ଜମିଯାଇଛି। ଯେମିତି ହାତ ଆଙ୍ଗୁଳି କଟିଗଲେ ଓ ରକ୍ତ ବାହାରିଲେ କିଛି ଲୋକ ସେ କଟା ଆଙ୍ଗୁଳିକୁ ପାଟିରେ ପୂରାଇ ରକ୍ତ ବନ୍ଦ କରିବାକୁ ଚେଷ୍ଟା କରନ୍ତି, ସେ ଭାବିଲା ଏତେଗୁଡାଏ ରକ୍ତ ତା' ମୁଣ୍ଡରୁ ବାହାରି ଯାଇଛି ତେଣୁ ତାକୁ ଚାଟି ଦେଲେ ରକ୍ତକ୍ଷୟର କ୍ଷତିପୂରଣ ହୋଇଯିବ। ବେଶି ରକ୍ତ ପଡିଥିବାରୁ ତାକୁ ସେ ଦୁଇ ହାତରେ ଉଠାଇ ପାଟିରେ ପୂରାଇ ଚାଟୁଥିଲା। ମଦ ନିଶାରେ ହିତାହିତ ଜ୍ଞାନ ହରାଇ ନିଜର ରକ୍ତକୁ ଦୁଇ ହାତରେ ଚାଟିବା ଏକ ଭୟଙ୍କର ଦୃଶ୍ୟପଟ ସୃଷ୍ଟି କରିଥିଲା। ଏହା ସାଙ୍ଗକୁ ତା'ର ଅତି ପତଳା ଡେଙ୍ଗା ଓ କଳାରଙ୍ଗର ଶରୀର ଘଟଣାକୁ ଆହୁରି ଭୀତିପ୍ରଦ କରିଦେଇଥିଲା। ମତେ ଚାହିଁ ସି.ଆଇ. ପୁଣି କହିଲେ, "ପିଲାଲୋକ ନୂଆ ଚାକିରି, ଡରିଗଲ କି ? ପ୍ରକୃତରେ ସେ ଲୋକଟାର ଚେହେରା ଯାହା ସେଥିରେ ମଦ ନିଶାରେ ରକ୍ତକୁ ଚାଟିବା ଏକ ଅତି ଅସ୍ୱାଭାବିକ ଘଟଣା। ସେଥିରେ ପୁଲିସ ଅଫିସର କ'ଣ ଯେକୌଣସି ବ୍ୟକ୍ତି ଯେତେ ସାହସୀ ହେଉପଛେ ଏ ଦୃଶ୍ୟ ଦେଖିଲେ ଭୟ ପାଇଯାଇଥାନ୍ତି।"

ସେ ପୁଣି କହିଲେ, "ପୁଲିସ ଚାକିରିରେ ତୁମେ ଏଭଳି ବହୁ ଘଟଣାର ସାମ୍ନା କରିବ। କିନ୍ତୁ ଧୈର୍ଯ୍ୟର ସହିତ ସବୁ ଘଟଣା ବୁଝିଶୁଝି ଉପଯୁକ୍ତ ପଦକ୍ଷେପ ନେବ। ତେଣୁ ତମେ ଯଥାଶୀଘ୍ର ସ୍ଥାନୀୟ ଭାଷା ଶିଖିବାକୁ ଚେଷ୍ଟା କର।" ସଦ୍ୟ ଉତ୍ତେଜନାରୁ ମୁକ୍ତ ହୋଇ ମତେ ନିଦ ଲାଗୁଥିଲା। କ୍ଳାନ୍ତ ସ୍ୱରରେ ସି.ଆଇ.ଙ୍କୁ ଉତ୍ତର ଦେଇଥିଲି "ଶିଖିବି ସାର୍।"

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com



**ଅନୁବାଦ ଗଳ୍ପ**

# ମେକୁ

ମୂଳ ହିନ୍ଦୀ - ମୁନ୍‌ସୀ ପ୍ରେମଚନ୍ଦ    ଅନୁବାଦ - ଆଶିଷ କୁମାର ରାୟ



କାଦିର ଓ ମେକୁ ଯାଇ ତାଡ଼ି ଦୋକାନ ପାଖରେ ପହଞ୍ଚିବା ବେଳକୁ ସେଠାରେ କଂଗ୍ରେସ ସେବାଦଳର ସ୍ୱେଚ୍ଛାସେବୀ ମାନେ ପତାକା ଧରି ଛିଡ଼ା ହୋଇଯାଇଥିଲେ। ସେଠାରେ ଓ ଆଖପାଖରେ ପ୍ରାୟ ହଜାରେ ଦର୍ଶକ ମଧ୍ୟ ରହିଥିବେ। ସନ୍ଧ୍ୟା ସମୟ। ସେ ସମୟରେ ସେହି ଗଳିକୁ ମଦିରାପାନକାରୀଙ୍କ ବ୍ୟତୀତ ପ୍ରାୟ ଆଉ କେହି ଆସନ୍ତି ନାହିଁ। ଭଦ୍ର ଲୋକମାନେ ଇଆଡେ ଆସିବାକୁ କୁଣ୍ଠାବୋଧ କରନ୍ତି। ମଦ୍ୟପଙ୍କ ଛୋଟ ଛୋଟ ଦଳ ହିଁ ସେଠାରେ ଯିବା ଆସିବା କରନ୍ତି। ଦୁଇ ଚାରିଜଣ ଦେହଜୀବୀ ମଧ୍ୟ ଦୋକାନ ସାମ୍ନାରେ ଛିଡା ହୋଇଥିବାର ଦେଖାଯାଏ। ଆଜି କିନ୍ତୁ ଏଭଳି ଭିଡ ଦେଖି ମେକୁ କହିଲା- ଆରେ ଭାଇ ବହୁତ ଭିଡ ଏଠି, ପ୍ରାୟ ଦୁଇ-ତିନିଶହ ଲୋକ ଦୋକାନ ପାଖରେ ଜମା ହୋଇଛନ୍ତି।

କାଦିର ଅଳ୍ପ ହସି କହିଲା - ଭିଡ ଦେଖି ଡରିଗଲୁ ନା କ'ଣ? କିଛି ସମୟ ଭିତରେ ଏସବୁ ଏଠୁ ଫୁର୍‌ର୍ ହୋଇଯିବେ। ଜଣେ ହେଲେ ବି ରହିବେ ନାହିଁ। ଏମାନେ ସମସ୍ତେ ତାମସା ଦେଖିବାକୁ ଆସିଛନ୍ତି, ଲାଠିମାଡ ଖାଇବାକୁ ଆସିନାହାନ୍ତି।

ମେକୁ ସନ୍ଦେହଭରା ସ୍ୱରରେ କହିଲା- ପୁଲିସର ସିପାହି ବି ଆସି ବସିଛନ୍ତି ? ତାଡିଖାନାର ଠିକାଦାର ତ କହୁଥିଲା, ପୁଲିସ କିଛି କହିବନି ବୋଲି। କାଦିର୍- ହଁ ବେ, ପୁଲିସ କିଛି କହିବନି, ତୋ ମୁଣ୍ଡ କାହିଁକି ବଥଉଛି? ପୁଲିସ ସେଇଠି କଥା କୁହେ ଯେଉଁଠି ତାକୁ ଦି-ଚାରି ପଇସା ମିଳେ, ନଚେତ ଯେଉଁଠି ଚୋରି ନାରୀର ମାମଲା ଥାଏ। ଏଭଳି ବେକାରିଆ କଥାରେ ତାଙ୍କର ଯାଏ କେତେ ଆସେ କେତେ? ପୁଲିସ ତ ମଦ ଗଞ୍ଜେଇ ବିକାଳିଙ୍କୁ ପ୍ରୋତ୍ସାହନ ଦେଉଛି। ଏଇ ଠିକାଦାର ପାଖରୁ ବର୍ଷକୁ ଶହ ଶହ ଟଙ୍କା ନେଇଥାଏ। ପୁଲିସମାନେ ଏତିକି ବେଳେ ତାକୁ ସାହାଯ୍ୟ କରିବେନି ତ ଆଉ କେବେ କରିବେ?

**ଏମାନଙ୍କର ଯେଉଁ ମହାତ୍ମା ଅଛନ୍ତି ନା, ସେ ଜଣେ ବହୁତ ବଡ଼ ଫକୀର। ତାଙ୍କର ହୁକୁମ ହେଲା ମାଡ଼ ଖାଇ ଚୁପ୍ ରହିବ ପଛେ ହାତ ଉଠାଇବନି।**

ମେକୁ - ଠିକ୍ ଅଛି, ଆଜି ପିଇବା, ମାଗଣାରେ ମିଳୁଛି ଯେତେବେଳେ ଛାଡ଼ିବା କଥା ନୁହେଁ। କିନ୍ତୁ ମୁଁ ଶୁଣିଛି ଯେ କଂଗ୍ରେସବାଲାଙ୍କ ମଧ୍ୟରେ ବଡ଼ ବଡ଼ ମାଲ୍‌ଦାର ଲୋକ ବି ଅଛନ୍ତି। ସେମାନେ ଯଦି ଆମ ବିରୁଦ୍ଧରେ ଲାଗିବେ ତେବେ ବଡ଼ ଅସୁବିଧା ହେବ।

କାଦିର୍- ଆବେ ଚାଲ୍, କିଛି ହେବ ନାହିଁ, ତୁ ଅଯଥାଟାରେ ଡରୁଛୁ। ଯେ କଂଗ୍ରେସ ଲୋକମାନେ କାହା ଉପରକୁ ହାତ ଉଠାନ୍ତିନି। ସେମାନଙ୍କୁ କେହି ବାଡେଇଲେ ମାରିଲେ ବି କିଛି କରନ୍ତି ନାହିଁ। ଦେଖିନୁ ସେଦିନ ଯେଉଁ ଶୋଭାଯାତ୍ରା ପଟୁଆର ବାହାରିଥିଲା ଦଶ ବାରଜଣ ଚୌକିଦାରଙ୍କ ଏତେ ସାହସ ହେବ ଯେ ଦଶ ହଜାର ଲୋକଙ୍କ ଭିତରେ ଲାଠି ପାହାର ବସେଇବେ? ଏମାନେ କିଛି କରୁ ନାହାନ୍ତି ବୋଲି ପୁଲିସର ଏତେ ସାହସ। ଚାରିଜଣ ତ ସେଠି ବେହୋସ ହୋଇଗଲେ, କିନ୍ତୁ କେହି ବି ହାତ ଉଠାଇଲେ ନାହିଁ। ଏମାନଙ୍କର ଯେଉଁ ମହାତ୍ମା ଅଛନ୍ତି ନା, ସେ ଜଣେ ବହୁତ ବଡ଼ ଫକୀର। ତାଙ୍କର ହୁକୁମ ହେଲା ମାଡ଼ ଖାଇ ଚୁପ୍ ରହିବ ପଛେ ହାତ ଉଠାଇବନି।

ଏଭଳି କଥା ହେଉ ହେଉ ଦୁହେଁ ଯାଇ ତାଡି ଦୋକାନ ପାଖରେ ପହଞ୍ଚିଗଲେ। ଜଣେ ସ୍ୱେଚ୍ଛାସେବୀ ହାତ ଯୋଡି ସାମ୍ନାରେ ଛିଡ଼ା ହୋଇଗଲା। ଆଉ କହିଲା- ଆପଣଙ୍କ ଧର୍ମରେ ତ ତାଡି ପିଇବାକୁ ହାରାମ ବୋଲି ଧରାଯାଏ।

ମେକୁ ସେ କଥାର ଜବାବ ଏକ ଜୋରଦାର ଚାପୁଡ଼ାରେ ଦେଲା। ଗାଲରେ ଏଭଳି ମାଡ଼ ବାଜିଲା ଯେ, ଆଖି ମୁହଁ

ଲାଲ ପଡିଗଲା। ଲାଗିଲା ଧଡାମ୍ କରି ତଳେ ପଡିଯିବ। ଅନ୍ୟ ଜଣେ ସ୍ୱେଚ୍ଛାସେବୀ ଧାଇଁ ଆସି ତାକୁ ସମ୍ଭାଳି ନେଲା। ଗାଲରେ ପାଞ୍ଚ ଆଙ୍ଗୁଳିର ଚିହ୍ନ ସ୍ପଷ୍ଟ ଦେଖାଯାଉଥିଲା।

କିନ୍ତୁ ଚାପୁଡ଼ା ଖାଇବା ସତ୍ତ୍ୱେ ସ୍ୱେଚ୍ଛାସେବୀ ଜଣକ ସେହିଠାରେ ଛିଡା ହୋଇ ରହିଲା। ମେକୁ ପାଟିକଲା- ଏଠୁ ହଟିବୁ ନା ଆହୁରି ଖାଇବୁ ?

ସ୍ୱେଚ୍ଛାସେବୀ ଯୁବକ ଜଣକ ନମ୍ରତାର ସହିତ କହିଲା- ଯଦି ଆପଣଙ୍କର ଏହି ଇଚ୍ଛା, ତେବେ ମୁଁ ତ ସାମ୍ନାରେ ଛିଡା ହୋଇଛି। ଯେତେ ଚାହିଁବେ ସେତେ ମାରି ପାରିବେ, କିନ୍ତୁ ଭିତରକୁ ଯାଆନ୍ତୁ ନାହିଁ।

ଏହା କହି ସେ ମେକୁ ସାମ୍ନାରେ ବସିଗଲା।



ମେକୁ ସେହି ସ୍ୱେଚ୍ଛାସେବୀ ଯୁବକର ମୁହଁକୁ ଚାହିଁଲା। ତା'ର ପାଞ୍ଚ ଆଙ୍ଗୁଳିର ଚିହ୍ନ ଗାଲରେ ପଡିଯାଇଥିଲା। ମେକୁ ଏହା ପୂର୍ବରୁ ଲାଠି ମାଡ଼ କରି କେତେ ଲୋକଙ୍କ ମୁଣ୍ଡ ଫଟାଇଥିଲା, କିନ୍ତୁ ଆଜି ସେ ଯେଉଁ ଗ୍ଲାନି ଅନୁଭବ କରୁଛି ତାହା କେବେ ବି ହୋଇ ନ ଥିଲା। ସେହି ପାଞ୍ଚ ଆଙ୍ଗୁଳିର ଚିହ୍ନ ସତେ ଯେମିତି ଆଜି ପଞ୍ଚଶୂଳ ଭଳି ତା' ନିଜ ହୃଦୟରେ ବିଦ୍ଧ ହେବାରେ ଲାଗିଥିଲା।

କାଦିର ଯାଇ ପୁଲିସ ଚୌକିଦାର ପାଖରେ ଛିଡ଼ା ହୋଇ ସିଗାରେଟ ଟାଣିବାରେ ଲାଗିଥିଲା। ସେଇଠୁ ବେପରୁଆ ଭାବେ କହିଲା- ଆବେ ଛିଡ଼ା ହୋଇ ଦେଖୁଛୁ କ'ଣ, ଆହୁରି ଜୋର୍‌ରେ ବସା ଗୋଟେ ପାହାର।

ମେକୁ ସେହି ସ୍ୱେଚ୍ଛାସେବୀକୁ କହିଲା- ତୁମେ ଉଠିଯାଅ, ମୋତେ ଟିକେ ଭିତରକୁ ଯିବାକୁ ଦିଅ।

"ଆପଣ ମୋ ଛାତି ଉପରେ ପାଦ ରଖି ଯାଇପାରିବେ।"

"ମୁଁ କହୁଛି ଉଠିଯାଅ, ମୁଁ ଭିତରକୁ ଯିବି କିନ୍ତୁ ତାଡି ପିଇବି ନାହିଁ। ଅନ୍ୟ କାମ ଅଛି।"

ମେକୁ ନିଜ କଥାଟାକୁ ଏଭଳି ଦୃଢ଼ତାର ସହିତ କହିଲା ଯେ, ସ୍ୱେଚ୍ଛାସେବୀ ତୁରନ୍ତ ଉଠିଯିବା ସହିତ ରାସ୍ତାରୁ ହଟିଗଲା, ମେକୁ ହସହସ ମୁହଁରେ ତା' ଆଡ଼କୁ ଚାହିଁଲା। ସ୍ୱେଚ୍ଛାସେବୀ ପୁଣି ହାତ ଯୋଡ଼ି କହିଲା- ନିଜ କଥା ଯେମିତି ଭୁଲି ଯିବେନି।

ଜଣେ ପୁଲିସବାଲା କହି ଉଠିଲା- ମାଡକୁ ମହାଦେବଙ୍କର ବି ଡର। ଦେଖୁନ କେମିତି ଗୋଟିଏ ଚାପୁଡାରେ ସିଧା ହୋଇଗଲା।

କାଦିର କହିଲା – ଏହି ଚାପୁଡାଟା ସେ ପିଲା ସାରା ଜୀବନ ମନେ ରଖିବ। ମେକୁ ଚାପୁଡ଼ା ସହିବା ମାମୁଲି କଥା ନୁହେଁ।

ଚୌକିଦାର- ଆଜି ଏମାନଙ୍କୁ ଏମିତି ମାଡ଼ ହେବା ଦରକାର, ଯେମିତିକି ଆଉ କେବେ ଏଠିକି ଆସିବେନି।

କାଦିର- ଖୁଦା ଯଦି ଚାହିଁବେ, ତେବେ ଏମାନେ ଆଉ ଇଆଡ଼େ ଆସିବେନି, କିନ୍ତୁ ଏମାନେ ସମସ୍ତେ ଖୁବ୍ ସାହସୀ। ନିଜ ଜୀବନକୁ ହାତରେ ନେଇ ବୁଲୁଛନ୍ତି।

ମେକୁ ଯାଇ ଭିତରେ ପହଞ୍ଚିବା ମାତ୍ରେ ତାଡିଖାନାର ଠିକାଦାର ତାକୁ ସ୍ୱାଗତ ଜଣାଇଲା- ଆସ ଆସ ମେକୁ ମିଆଁ। ଗୋଟିଏ ଚାପୁଡା ମାରି କାହିଁକି ରହିଗଲ। ଗୋଟିଏ ଚାପୁଡାର ଅବା କି ପ୍ରଭାବ ଏମାନଙ୍କ ଉପରେ ପଡିବ। ଏମାନେ ତ ପୂରା ମାଡ଼ୁଆ। ଯେତେ ପିଟିଲେ ବି ଏମାନେ ଖାତିର କରନ୍ତିନି। ବାସ୍, ଆଜି ସମସ୍ତଙ୍କ ହାତ ଭାଙ୍ଗିଦିଅ, ଆଉ ଆସିବେନି।

ମେକୁ- ଆଉ ଜମା ଆସିବେନି ?

ଠିକାଦାର- ପୁଣି ଆସିଲେ, ପୁଣି ମାଡ଼ ଖାଇବେ।

ମେକୁ- ଆଉ ଯଦି ଏଠି ତାମସା ଦେଖୁଥିବା ଲୋକେ ମୋ ଉପରେ ଠେଙ୍ଗା ପାହାର କରନ୍ତି, ତେବେ ?

ଠିକାଦାର- ତାହେଲେ ପୁଲିସ ସେମାନଙ୍କୁ ବାଡ଼େଇ ତଡିଦେବ। ଗୋଟାଏ ଗୋଟାଏ ପାହାରରେ ପୂରା ମୈଦାନ ସାଫ୍ ହୋଇଯିବ। ନିଅ, ତା' ଭିତରେ ଗୋଟେ ଅଧ ବୋତଲ ପିଇ ନିଅ। ମୁଁ ତ ଆଜି ମୋଫତରେ ପିଇବାକୁ ଦେଉଛି।

ମେକୁ – କ'ଣ, ଭିତରେ ଯେଉଁ ଗ୍ରାହକ ଅଛନ୍ତି, ସେମାନଙ୍କୁ ବି ମୋଫତରେ ?

ଠିକାଦାର- କ'ଣ ଆଉ କରିବି, କେହି ତ ଆସୁ ନ ଥିଲେ। ଆଜି ମାଗଣାରେ ମିଳିବ ଶୁଣି କିଛି ଲୋକ ଆସିଛନ୍ତି।

ମେକୁ – ମୁଁ କିନ୍ତୁ ଆଜି ପିଇବିନି।

ଠିକାଦାର- କାହିଁକି ? ତୁମ ପାଇଁ ପରା ଆଜି ମୁଁ ଏକଦମ ତାଜା ତାଡ଼ି ମଗେଇଛି।

ମେକୁ- ନାହିଁ, ସେମିତି କିଛି ନାହିଁ, ଆଜି କିନ୍ତୁ ମୋର

ପିଇବାର ଇଚ୍ଛା ନାହିଁ। ଆଣ ମୋତେ ଆଗେ ଗୋଟେ ଠେଙ୍ଗା ଦିଅ, ହାତରେ ମାରିଲେ କାମ ଚଳିବନି। ଠିକାଦାର ଖୁସି ହୋଇ ଏକ ମଜଭୁତ ଠେଙ୍ଗା ମେକୁ ହାତକୁ ବଢ଼ାଇ ଦେଲା। ଆଉ ଠେଙ୍ଗା ମାଡର ତାମସା ଦେଖିବା ପାଇଁ ଦୋକାନ ଦୁଆରେ ଛିଡ଼ା ହୋଇଗଲା।

ମେକୁ କିଛି କ୍ଷଣ ପାଇଁ ଠେଙ୍ଗାକୁ ପରଖିଲା, ତା'ପରେ ସେଥିରେ ଠିକାଦାର ଉପରେ ଏମିତି ପାହାରେ ଦେଲା ଯେ, ସେ ସେଇ ଦୁଆରେ ଲହୁଲୁହାଣ ହୋଇ ପଡିଗଲା। ଏହାପରେ ମେକୁ ସେଠି ବସି ତାଡି ପିଉଥିବା ଲୋକଙ୍କ ଉପରେ ସିଧା ଆକ୍ରମଣ କଲା, ଆଗ ପଛ ନ ଦେଖି ଆରମ୍ଭ କଲା ଠେଙ୍ଗାମାଡ।

ତାଡି ପିଉଥିବା ଲୋକଙ୍କ ନିଶା ଛାଡିଗଲା। ହଡ଼ବଡ଼େଇ ଯାଇ ସେମାନେ ଦଉଡ଼ିବାକୁ ଲାଗିଲେ। ଅଧା ଆଉଜା କବାଟ ପାଖରେ ଠିକାଦାର ପଡିଥିଲା। ସେମାନେ ଯାଇ ନ ପାରି ପଛ ଦୁଆର ପଟେ ପଳେଇବାକୁ ଚାହିଁଲେ। କିନ୍ତୁ ମେକୁର ଠେଙ୍ଗା ପୁଣି ଚାଲିବାରୁ କାହାର ହାତ ଭାଙ୍ଗିଲା, କାହାର ମୁଣ୍ଡ ଫାଟିଲା, ଆଉ କାହାର ଅଣ୍ଟା ଜଖମ ହେଲା। ସେଇଠୁ ସମସ୍ତେ ଠିକାଦାର ଉପରେ ଚଢ଼ିଚାଢ଼ି କୌଣସି ମତେ ବାହାରକୁ ପଳେଇଲେ।

**ଯେଉଁ ପଇସା ପିଆପିଇ କରି ଉଡ଼ାଉଛ ସେଇ ପଇସାରେ ପିଲାମାନଙ୍କ ଲାଳନପାଳନ କର, କ୍ଷୀର, ଛେନା, ଘିଅ ଖାଅ, ପିଲାଙ୍କୁ ଖୁଆଅ।**

ହଠାତ୍ ମାଠିଆଗୁଡିକ ଭାଙ୍ଗିବାର ଶବ୍ଦ ଶୁଣାଗଲା। ସ୍ୱେଚ୍ଛାସେବୀମାନେ ଭିତରକୁ ଚାହିଁ ଦେଖିଲେ ଯେ ମେକୁ ମାଠିଆ ଓ ବୋତଲ ଭାଙ୍ଗିବାରେ ବ୍ୟସ୍ତ। କହିଲେ- ଭାଇ ଓ ଭାଇ ଆପଣ ଯେ କ'ଣ କରୁଛନ୍ତି। ହିଂସାଗ୍ରସ୍ତ ହୋଇଯାଇଛନ୍ତି। ଭଲ ହୋଇଥାନ୍ତା ଆପଣ ଆମ ଉପରେ ନିଜର ରାଗ ଝଡ଼େଇଥାନ୍ତେ।

ମେକୁ ଆଉ ଦୁଇ ତିନି ପାହାର ପକାଇ ବାକି ଥିବା ମାଠିଆ ଓ ବୋତଲ ଭାଙ୍ଗିବା ପରେ ତଳେ ପଡିଥିବା ଠିକାଦାରକୁ ଗୋଟେ ଗୋଇଠା ପକାଇ ବାହାରକୁ ଚାଲିଆସିଲା।

କାଦର ତାକୁ ଅଟକାଇ ପଚାରିଲା- ଆବେ ତୁ ପାଗଳ ହୋଇଗଲୁ ନା କ'ଣ? କ'ଣ କରିବାକୁ ଆସିଥିଲୁ, ଆଉ କ'ଣ କରିଦେଲୁ।

ମେକୁ ଲାଲ ଲାଲ ଆଖିରେ ତା' ଆଡକୁ ଚାହିଁ କହିଲା- ହଁ, ଆଲ୍ଲା ମୋତେ ସଦ୍‌ବୁଦ୍ଧି ଦେଲେ। ସେଥିପାଇଁ ମୁଁ ଯାହା କରିବାକୁ ଆସିଥିଲି, ତାହା ନ କରି ଅନ୍ୟ କିଛି କରିବସିଲି। ତୁମର ଯଦି ତାକତ ଅଛି ତେବେ ତୁମେ ସ୍ୱେଚ୍ଛାସେବୀଙ୍କୁ ମାରପିଟ, ମୋର କିନ୍ତୁ ସେ ସାହସ ନାହିଁ। ଯେଉଁ ଗୋଟିଏ ଚାପୁଡା ମୁଁ ମାରିଲି, ତାହାର ଦୁଃଖ ଏବେ ବି ମୋ ମନରେ ଅଛି, ଆଉ ସବୁଦିନ ପାଇଁ ରହିବ। ସେହି ଚାପୁଡାର ଚିହ୍ନ ମୋ ହୃଦୟରେ ମଧ୍ୟ ଆଙ୍କି ହୋଇଯାଇଛି। ମେକୁ ଚୋର ଖଣ୍ଟ ହୋଇପାରେ, ଗୁଣ୍ଡା ହୋଇପାରେ, କିନ୍ତୁ ପାଜି, କମିନା କି ଅଣପୁରୁଷା ନୁହେଁ। କହି ଦିଅ ପୁଲିସବାଲାଙ୍କୁ ସେମାନେ ମୋତେ ଗିରଫ କରି ନେଇଯାଆନ୍ତୁ।

କିଛି ତାଡ଼ି ପିଇବାବାଲା ମୁଣ୍ଡ ତଳକୁ କରି, ଡରି ମରି ତା' ଆଡକୁ ଚାହିଁ ରହିଥିଲେ। କିଛି କହିବାର ସାହସ ନ ଥିଲା। ମେକୁ ସେମାନଙ୍କୁ ଚାହିଁ କହିଲା- ମୁଁ ପୁଣି କାଲି ଆସିବି। ଯଦି ତୁମମାନଙ୍କ ମଧ୍ୟରୁ କାହାକୁ ଏଠି ଦେଖେ, ତାହେଲେ ରକ୍ତ ପିଇଯିବି। ଜେଲ୍ ଯିବାକୁ କି ଫାଶି ଖୁଣ୍ଟରେ ଚଢ଼ିବାକୁ ମୋର ଡର ନାହିଁ। ଭଲ ଗତି ଯଦି ଚାହୁଁଛ ତେବେ ଭୁଲରେ ବି ଇଆଡେକୁ ଆସିବ ନାହିଁ। କଂଗ୍ରେସର ଏହି ସ୍ୱେଚ୍ଛାସେବୀମାନେ ତୁମର ଶତ୍ରୁ ନୁହନ୍ତି। ତୁମର ଓ ତୁମ ପିଲାଝିଲାଙ୍କର ଭଲ ପାଇଁ ହିଁ ସେମାନେ ତୁମକୁ ନିଶାପାଣି ନ କରିବାକୁ କହୁଛନ୍ତି। ଯେଉଁ ପଇସା ପିଆପିଇ କରି ଉଡ଼ାଉଛ ସେଇ ପଇସାରେ ପିଲାମାନଙ୍କ ଲାଳନପାଳନ କର, କ୍ଷୀର, ଛେନା, ଘିଅ ଖାଅ, ପିଲାଙ୍କୁ ଖୁଆଅ। ଘରେ ପଇସାର ଅଭାବ, ତୁମ ଘରବାଲି ତେଣେ ସବୁଦିନ କାନ୍ଦୁଥାଉ, ଆଉ ତୁମେ ଏଠି ବସି ପିଉଛ? ତୁମମାନଙ୍କୁ ଧିକ୍କାର! ଯାଅ ଆଉ କେବେ ନିଶା କରିବନି।

ମେକୁ ସେଇଠି ଠେଙ୍ଗାଟାକୁ ଫୋପାଡି ଦେଲା, ଆଉ ଆଗକୁ ପାଦ ବଢ଼ାଇ ଘରକୁ ଚାଲିଲା। ସେତେବେଳକୁ ହଜାର ହଜାର ଲୋକଙ୍କ ଭିଡ଼ ଜମା ହୋଇସାରିଥିଲା। ସମସ୍ତେ ସ୍ନେହ, ଶ୍ରଦ୍ଧା ଓ ଗର୍ବର ସହିତ ମେକୁ ଆଡକୁ ଚାହିଁଥିଲେ।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com



ପ୍ରବନ୍ଧ


# ଓଡ଼ିଆ କବିତାରେ ଜଗତ୍‌କରଣର ପ୍ରଭାବ

ଡ. ବାସୁଦେବ ଦାସ

ସାହିତ୍ୟ ସମାଜର ବିମ୍ବ। କାବ୍ୟିକ ଶବ୍ଦ ଶିଳ୍ପରେ ସାମାଜିକ, ସାଂସ୍କୃତିକ ଓ ରାଜନୀତି ଚିତ୍ର ପ୍ରତିଫଳିତ ହେବାକୁ ବାଧ୍ୟ। ମଣିଷ ଏକ ସାମାଜିକ ବ୍ୟକ୍ତି। ସମାଜର ବିବିଧ ବୈଷମ୍ୟ ତା'ର ଜୀବନଯାତ୍ରାରେ ପ୍ରତିକୂଳତା ଆଣିଥାଏ; ସୁତରାଂ କବି ଓ ଲେଖକ ଜୀବନବୋଧର ଘାତ ପ୍ରତିଘାତକୁ ଶବ୍ଦର ସ୍ଥାପତ୍ୟରେ ତୋଳି ଧରନ୍ତି। ଏହି ସତ୍ୟ ଭାରତବର୍ଷ ତଥା ଓଡ଼ିଶାର ଜନଜୀବନକୁ କିପରି ଆକ୍ରାନ୍ତ କରିଛି, ତାହାର ପରୀକ୍ଷାନିରୀକ୍ଷା ସମୀଚୀନ ମନେ ହୁଏ।

### ଜଗତ୍‌କରଣର ସୃଷ୍ଟି

୧୯୮୦ ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାରେ ଆସିଛି ବିପୁଳ ପରିବର୍ତ୍ତନ। ୧୮୯୭ ମସିହାରେ ଗ୍ୟାଟ୍ (ଜିଏଟିଟି) ଚୁକ୍ତି, ୧୯୯୪ରେ ହେଲା ଡବ୍ଲ୍ୟୁଟିଓ (ୱାର୍ଲଡ ଟ୍ରେଡ୍ ଅର୍ଗାନାଇଜେସନ) 'ଟୋ'। ସେଥିରୁ ଜନ୍ମନେଲା ଏଲ୍.ପି.ଜି ବା ଉଦାରୀକରଣ, ଘରୋଇକରଣ ବା ଜଗତୀକରଣ ଭଳି ନବ୍ୟ ଆର୍ଥନୀତିକ ବ୍ୟବସ୍ଥା, ଯାହାର ଫଳଶ୍ରୁତି ହେଲା ଇଣ୍ଟରନେଟ୍‌ର ବ୍ୟାପକ ପ୍ରଚଳନ, ୨୦୦୪ରେ ଫେସବୁକ୍ ଭଳି ସାମାଜିକ ଗଣମାଧ୍ୟମ ଓ ସେଥିରେ ମୁକ୍ତ ମଞ୍ଚ। ଏହି ସମୟ ଖଣ୍ଡ ମଧ୍ୟରେ ଓଡ଼ିଶାରେ ଘଟିଛି ଛବିରାଣୀ ହତ୍ୟାକାଣ୍ଡ, ୧୯୯୯ ମହାବାତ୍ୟା, ନନ୍ଦିଗ୍ରାମ ଦ୍ୱନ୍ଦ୍ୱ, କଳିଙ୍ଗନଗର ଯୁଦ୍ଧ, ଅଞ୍ଜନା ମିଶ୍ର, ଦାନ ମାଝୀ, ପୋସ୍କୋ, ବଗପାଟିଆ ବିସ୍ଥାପନ, ଚିଟ୍‌ଫଣ୍ଡ, କାଳିଆ ଯୋଜନା, ସର୍ବୋପରି ସାଧାରଣ ନିର୍ବାଚନ, କୋଟିଆ ଘଟଣା, ନକ୍ସଲ ଆନ୍ଦୋଳନ, ଦାଦନ ଚାଲାଣ, କୃଷକ ଆତ୍ମହତ୍ୟା, ମନ୍ତ୍ରୀଠାରୁ ସନ୍ନ୍ୟାସୀ ପର୍ଯ୍ୟନ୍ତ ଯୌନ ବ୍ୟଭିଚାର ଆଦି ଜଗତକରଣର 'ମହାକାଳ ଫଳ'। ଓଡ଼ିଆ କବିତାରେ ଏହି ଭାବବସ୍ତୁଗୁଡ଼ିକର ପ୍ରୟୋଗ 'ନୂଆ ଆଧୁନିକତା' ଭାବେ ବିଚାର୍ଯ୍ୟ।



ଆମେରିକୀୟ ରାଜନୀତିଜ୍ଞ ଲେଖକ ଫୁକୁୟାମାଙ୍କ ମତରେ "ଉଦାରୀକରଣ ହେଉଛି ଏକ ଯନ୍ତ୍ର, ଯାହା ଦ୍ୱାରା ଉଦାରବାଦୀ ଗଣତନ୍ତ୍ର ସମଗ୍ର ବିଶ୍ୱରେ ବିସ୍ତାର କରିବ କିନ୍ତୁ ଏହି ଉଦାରବାଦୀ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଇତିହାସର ଅନ୍ତ ଘଟାଇବା ଲାଗି ଶେଷ ମଣିଷର ପରିଚୟ ଦେଇ ନାହାନ୍ତି।" ଉଦାରୀକରଣର ଅନ୍ତୁଡ଼ିଶାଳ ହେଲା ରୁଷର ଗ୍ଲାସ୍‌ନସ୍ତ ଓ ପେରିସ୍ତ୍ରୋଇକା, ଯାହାର ମହାନାୟକ ହେଉଛନ୍ତି କମ୍ୟୁନିଷ୍ଟ ପାର୍ଟିର ମହାସଚିବ ତଥା ସୋଭିଏଟ୍ ୟୁନିୟନ୍‌ର ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ୍ (୧୯୮୫-୧୯୯୧)। ରୁଷର କେନ୍ଦ୍ରୀଭୂତ ଯୋଜନା ବିଫଳ ହେବା ସହିତ କମ୍ୟୁନିଷ୍ଟ ଶାସନରେ ଲୋକେ ଅସହାୟ ଅନୁଭବ କରୁଥିଲେ ବୋଲି ତାଙ୍କର ଯୁକ୍ତି ଥିଲା। ଦେଶର ଅର୍ଥନୀତି ଓ ସାମାଜିକ ସମସ୍ୟାର ସୁଧାର ପାଇଁ ସେ ଗ୍ଲାସ୍‌ନସ୍ତ ଓ ପେରିସ୍ତ୍ରୋଇକାର ସୂତ୍ରପାତ କରିଥିଲେ। ସୋଭିଏତ ରୁଷର ଜଟିଳ ସମସ୍ୟା ସତ୍ତ୍ୱେ ମିଖାଇଲ ଗୋର୍ବାଚେଭ୍ ସୋଭିଏତ ୟୁନିୟନ୍ ସହିତ ଭାରତର ବନ୍ଧୁତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୧୯୯୬ ମସିହାରେ ଚାରିଦିନିଆ ଗସ୍ତରେ ଭାରତ ଆସିଥିଲେ। ଅର୍ଥାତ୍ ତାଙ୍କ ଭିତିରି ଉଦ୍ଦେଶ୍ୟ ଥିଲା ଭାରତ ଭଳି ସାର୍ବଭୌମ ରାଷ୍ଟ୍ରର ସମ୍ମତି ଓ ସହମତି ଲାଭ କରିବା, ଯଦିଚ କମ୍ୟୁନିଷ୍ଟ ଦଳର ମହାସଚିବ ପଦରୁ ୧୯୯୧ରେ ଇସ୍ତଫା ଦେଇ ସାରିଥିଲେ। ଗୋଟିଏ ବାକ୍ୟରେ

କହିଲେ - ଏହା ହେଉଛି ପୁଞ୍ଜିବାଦର ସାମ୍ୟବାଦ ଉପରେ ବିଜୟ। କିନ୍ତୁ ଏହାକୁ ଭାରତ / ଓଡ଼ିଶାର ସାମ୍ୟବାଦୀମାନେ ଗ୍ରହଣ କରି ନ ଥିଲେ; ମାନବ ଜାତିର ସଙ୍କଟ ଭାବେ ବିଚାର କରିଥିଲେ।

### ଜଗତକରଣ ଏକ ସରଳାର୍ଥ

ଭାରତରେ ୧୯୯୧ରେ ଜଗତ୍‌କରଣ ବା ଉଦାରୀକରଣ ତା'ର ରୂପ ଗ୍ରହଣ କଲା। ରାଷ୍ଟ୍ର ସହିତ ରାଷ୍ଟ୍ରଙ୍କୁ ଯୋଡ଼ିବାର ଏକ ସରଳ ପ୍ରକ୍ରିୟା ଭାବେ ବିବେଚିତ। ଏହି ସହବନ୍ଧନର ସ୍ୱରୂପ ହେଉଛି ବ୍ୟାବସାୟିକ କଟକଣାହୀନତା। ବୃହତ୍ ରାଷ୍ଟ୍ରମାନଙ୍କର ଉତ୍ପାଦଗୁଡ଼ିକ ପାଇଁ ବିପଣନ ବା ବିକ୍ରୟ କେନ୍ଦ୍ରମାନ ସୃଷ୍ଟି କରିବା। ନିଜ ଦେଶରେ ଥିବା କଟକଣା କୋହଳ କରିବା ସହିତ କୁଟୀର ଶିଳ୍ପ ପାଇଁ ଥିବା ରିହାତିକୁ ଉଚ୍ଛେଦ କରିବା ଏବଂ ବହୁରାଷ୍ଟ୍ରୀୟ କମ୍ପାନୀ ବା କର୍ପୋରେଟ୍‌ଗୁଡ଼ିକୁ ବ୍ୟବସାୟ ନିମନ୍ତେ ସନନ୍ଦ ଦାନ କରିବା ଏହାର କେତୋଟି ଦୃଷ୍ଟାନ୍ତ। ବହୁରାଷ୍ଟ୍ରୀୟ କମ୍ପାନୀ ଗଠନପୂର୍ବକ ବିଶ୍ୱ ବଜାର ବ୍ୟବସ୍ଥାକୁ ଜଗତ୍‌କରଣ ନାମରେ ଅନୁନ୍ନତ ଓ ବିକଶିତ ରାଷ୍ଟ୍ର ଉପରେ ଲଦିଦିଆଗଲା। ସମ୍ପ୍ରତି ବିଶ୍ୱରେ ୬୦ ହଜାର ବହୁରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ଦେଶରେ ପାଞ୍ଚଲକ୍ଷ ସହଯୋଗୀଙ୍କ ସହ ୧.୮ ଟ୍ରିଲିୟନ ସମ୍ପତ୍ତିର ମାଲିକ ହୋଇଛନ୍ତି। ସୋଭିଏତ୍ ରାଷ୍ଟ୍ରର ପତନ ପରେ ଯୁକ୍ତରାଷ୍ଟ୍ର ଆମେରିକା ଏକମାତ୍ର ବୃହତ୍ ଶକ୍ତି ଭାବରେ ମିଳିତ ଜାତିସଂଘ, ବିଶ୍ୱବ୍ୟାଙ୍କ୍, ଆନ୍ତର୍ଜାତିକ ମୁଦ୍ରାପାଣ୍ଠିକୁ ନିୟନ୍ତ୍ରଣ କରିବା ସହ ନିଜର ଆବଶ୍ୟକତାଗୁଡ଼ିକ କରାୟତ୍ତ କରିଚାଲିଛି। ନିଜ କମ୍ପାନୀଗୁଡ଼ିକର ବିକାଶ ଓ ସୁରକ୍ଷା ପାଇଁ ବିକଶିତ ରାଷ୍ଟ୍ରମାନଙ୍କ ଉପରେ ଜଗତ୍‌କରଣ ପ୍ରକ୍ରିୟାକୁ ଲଦିଚାଲିଛି। ଜଗତ୍‌କରଣକୁ କୂଟନୀତି ଓ ଅର୍ଥନୀତିର ସୂତ୍ର ଭାବେ ପ୍ରୟୋଗ କରିଛି। ଜଗତ୍‌କରଣ ଦ୍ୱାରା ବୃହତ୍ ଧନୀରାଷ୍ଟ୍ରମାନଙ୍କର ମୁକ୍ତ ବାଣିଜ୍ୟ ପଥ ଉନ୍ମୁକ୍ତ ହୁଏ। ସୁବିଧା ଓ ଲୋକପ୍ରିୟ ସାମଗ୍ରୀ ବିକ୍ରୟ କରି ଏମାନେ ଦେଶର ମୂଳ ଓ କୌଳିକ ବ୍ୟବସାୟକୁ ହତ୍ୟା କରନ୍ତି। ରାଷ୍ଟ୍ର ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ସଂସ୍ଥାରେ ମାନ୍ଦାବସ୍ଥା ସୃଷ୍ଟି ହୁଏ। ଫଳତଃ ସରକାର ଏଥିରୁ ପୁଞ୍ଜି ପ୍ରତ୍ୟାହାର କରି କମ୍ପାନୀକୁ ବିକ୍ରୟ କରିଦିଅନ୍ତି। ସରକାର ଯେଉଁ ମୁକ୍ତ ଅର୍ଥନୀତିର ପ୍ରତିଯୋଗିତା କରନ୍ତି, ତଦ୍ଦ୍ୱାରା ପ୍ରତିଯୋଗିତାରେ ଦେଶୀୟ ସଂସ୍ଥାମାନ ଧ୍ୱଂସ ପାଇଯାଏ। ଫଳତଃ ଭାରତ ଭଳି ଗୋଟିଏ ପରମ୍ପରାବାଦୀ ରାଷ୍ଟ୍ରରେ ସଂସ୍କୃତି ଓ ଜୀବନବୋଧ ଜଗତ୍‌କରଣର ବ୍ୟାଦାନ ମୁଖରେ ଆତ୍ମଗୋପନ କରେ। ଦେଶର କିଛି ଉନ୍ନତି ଘଟିଲା ସତ, କିନ୍ତୁ ତା'ର ଯେଉଁ ମହନୀୟତା ରହିଥିଲା, ତାହା ଅନ୍ଧକାର ମଧ୍ୟରେ ଲୁଚିଗଲା। ଜଗତ୍‌କରଣ ନାମରେ ନୂଆ ସାହିତ୍ୟ ଓ ସଂସ୍କୃତିର ପଥ ଉନ୍ମୁକ୍ତ ହେଲା, ଯାହା ଏହି ସମାଜ ପାଇଁ ଆଦୌ ସ୍ପୃହଣୀୟ ନୁହେଁ।

> **ଭାରତ ଭଳି ଗୋଟିଏ ପରମ୍ପରାବାଦୀ ରାଷ୍ଟ୍ରରେ ସଂସ୍କୃତି ଓ ଜୀବନବୋଧ ଜଗତ୍‌କରଣର ବ୍ୟାଦାନ ମୁଖରେ ଆତ୍ମଗୋପନ କରେ।**

### ଜଗତ୍‌କରଣୀ ସାହିତ୍ୟ ସଂସ୍କୃତି

ଉଦାର ଅର୍ଥନୀତିର ଏକ ବିକଳ ବିଧିତ ଜଗତ୍‌କରଣ ବ୍ୟବସ୍ଥା ୨୦୦୦ ମସିହାରେ ଆମ ଦେଶରେ ତା'ର ବିକଟାଳ ଆଁ ମେଲି ଠିଆହୁଏ। ଗାଇ 'ଭୂତ' ପ୍ରସବ କଲାପରି ଗୋଟାଏ ଧାର୍ମିକ ଅଥଚ ରକ୍ଷଣଶୀଳ ରାଷ୍ଟ୍ର 'ମୁକ୍ତବଜାର ଅର୍ଥନୀତି'ର ପସରା ମେଲିଦିଏ। ଜଗତ୍‌କରଣ ପ୍ରଭାବରେ ବହୁଳ ପ୍ରଯୁକ୍ତିବିଦ୍ୟା ମଧ୍ୟରୁ ଉତ୍ପନ୍ନ ହେଲା ଆଧୁନିକ ବିକଳାଙ୍ଗ ସଭ୍ୟତା।

'ବହୁରାଷ୍ଟ୍ରୀୟ ସଂସ୍କୃତି' ସହ ମିଶ୍ରଣ ହେଲା ଯାବତୀୟ ରଙ୍ଗ, ଢଙ୍ଗ, ଚାଲି, ଚଳନ, ପୋଷାକ, ଖାଦ୍ୟ, ପରିବାର ଗଠନ, ନଗରୀକରଣ ସଭ୍ୟତା, ଆପେ ବଞ୍ଚିଲେ ବାପାର ନାଁ ପରି ସ୍ୱାର୍ଥକୈନ୍ଦ୍ରିକ ଜୀବନବୋଧ। ତତ୍ ସହିତ ବିବାହ, ବ୍ରତଘର, ପର୍ବପର୍ବାଣି, କଳା-ସଙ୍ଗୀତ, ନୃତ୍ୟ, ଏପରିକି ରୋଷେଇବାସରେ ଜଗତ୍‌କରଣର ଚିତ୍ର ଦେଖିବାକୁ ମିଳିଲା। ଫଳସ୍ୱରୂପ ଯୌଥ ପରିବାରର ପତନ, ମୁକ୍ତ-ଅବାଧ ମିଳାମିଶା, ବରକନ୍ୟାଙ୍କର ରିଙ୍ଗ୍ ସେରିମୋନୀ ହେଉ ହେଉ - ଦେଖା ଚାହାଁ ଓ ଲିଭ୍-ଇନ୍-ଟୁଗେଦର କାର୍ଯ୍ୟମାନ ସମ୍ଭବ ହେଲା। ସୁନ୍ଦରୀ ପ୍ରତିଯୋଗିତା, ଯୌନ ପ୍ରତିଯୋଗିତା, ବିଭିନ୍ନ ରାସାୟନିକ ତୈଳ ବା ବଟିକା ଦ୍ୱାରା ସୌନ୍ଦର୍ଯ୍ୟବୃଦ୍ଧି, ଲିଙ୍ଗବର୍ଦ୍ଧକ ଓ ସ୍ତନବର୍ଦ୍ଧକ ଉପାଦାନମାନ ବଜାରରେ ଏପରିକି ଗ୍ରାମାଞ୍ଚଳରେ ସହଜ ଓ ସୁଲଭ ହେବା ଫଳରେ ଅପସଂସ୍କୃତି ବୃଦ୍ଧି ଘଟିଚାଲିଲା। ଛାଡ଼ପତ୍ର, ଆତ୍ମହତ୍ୟା, ପ୍ରେମ ନାମରେ

ପ୍ରତାରଣା ସର୍ବତ୍ର ଢେଉ ପରି ଖେଳିଗଲା। କେତେ ପ୍ରକାରର ମୋବାଇଲ ଫୋନ୍, ଇଣ୍ଟରନେଟ୍ ଦ୍ୱାରା ସବୁ ଉନ୍ମୁକ୍ତ ହୋଇଗଲା। ବିଶ୍ୱ ଗୋଟାଏ ଗାଁ କହି କହି ନିଜ ଗାଁର ସବୁଜ ଜୀବନ ଧୂଳିସାତ୍ ହୋଇଗଲା। ପରିବେଶ ମଧ୍ୟ ପ୍ରଦୂଷିତ ହେଲା। ଯାକୁଇ ନେଇ ତ ଜୀବନ ଗତିଶୀଳ! ସାହିତ୍ୟିକ/କବିର ଆତ୍ମାରେ ତାହା ପଜିଟିଭ୍ ହେଉ, ନେଗେଟିଭ୍ ହେଉ, 'ଆନ୍ ଆଇଡିଆ କ୍ୟାନ୍ ଚେଞ୍ଜ ୟୋର ଲାଇଫ' ବାସ୍ତବାୟିତ ହେଲା। ବିଶେଷ କରି କୃଷି ଗୋପାଳନ ଉପରେ ଚଡ଼କ ପଡ଼ିଲା। ଓଡ଼ିଆ ପୁଅକୁ ସୁରଟ୍ ଗୁଜରାଟ ଟଙ୍କା ପାଗଳ କରିବା ବେଳେ ଶିକ୍ଷିତ ପିଲା ବି ଦୁବାଇ, କାଲିଫର୍ଣ୍ଣିଆ, ଆଫ୍ରିକା ଦେଶକୁ ଯିବାକୁ ଉନ୍ମତ୍ତ ପାଗଳ। ଅନ୍ୟାୟ-ଅନୀତିର ମହାପ୍ରବାହ ତଳେ ଲୁଚି ଯାଉଛି ସକଳ ମୂଲ୍ୟବୋଧ ଏବଂ ହଜି ଯାଉଛି ସାମ୍ପ୍ରଦାୟିକ ସଦ୍‌ଭାବନା। ନିମ୍ନ ମଧ୍ୟବିତ୍ତ ଯୁବତୀ ଅତି ପିଲାଦିନୁ ଯେଉଁମାନଙ୍କ ସହ ମିଶି ବଢ଼ି ଆସିଥିଲା, ସେହି କକା, ଭାଇମାନେ ପାଲଟିଗଲେ ନିଷ୍ଠୁର ଜହ୍ଲାଦ। ତାହାରି ସାମ୍ନାରେ ଗୋଟିଗୋଟି କରି ହତ୍ୟାକଲେ ଆତ୍ମୀୟ ପୁରୁଷମାନଙ୍କୁ। ପୁଣି ତାହାର ଆଗରେ କଚାଡ଼ି ମାରିଦେଲେ ସାଢ଼େ ତିନିବର୍ଷର ତା' ଝିଅକୁ! ତିନିଘଣ୍ଟା ପରେ ଚେତା ଆସିଲା ବେଳକୁ ବିବର୍ଣ୍ଣ ପୃଥିବୀଟା କାହାକୁ ହାତଠାରି ଡାକୁଥିଲା। ଏ ହେଉଛି ଆଧୁନିକ ଭାରତବର୍ଷର ଏକ ବିକୃତ ଚିତ୍ର। ଜଗତ୍‌କରଣ ତଳେ ଲୁଚି ଯାଇଛି ଆତ୍ମୀୟତା ଓ ଜୀବନବୋଧ।



**କୃଷି ଓ କୃଷକ**

ସବୁଜ ଶ୍ୟାମଳ ଅଥବା ସୁନେଲି ଫସଲ କିଆରିରେ କୃଷକର ଆନନ୍ଦ ଉଲ୍ଲାସର ଗୀତର ନିର୍ବାସନ ଘଟି ସେଇଠି ଶୁଭୁଛି ଆତ୍ମହତ୍ୟାର ଚିତ୍-ଚିତ୍କାରୀ କରୁଣ କ୍ରନ୍ଦନ। ବର୍ଷକୁ ଶତାଧିକ କୃଷକ ଋଣଗ୍ରସ୍ତ ହୋଇ ଫସଲ କିଆରିରେ କରୁଛନ୍ତି ଆତ୍ମହତ୍ୟା। କେତେ ନୈରାଶ୍ୟ ଜର୍ଜର ହେଲେ ଜୀବନ ଜଳାଞ୍ଜଳି ଦେବାକୁ ହୁଏ? ହୋମ୍ ଡିପାର୍ଟମେଣ୍ଟ ନୂଆଦିଲ୍ଲୀର ରିପୋର୍ଟ ଅନୁଯାୟୀ ୨୦୦୦ ମସିହାରୁ ୨୦୦୬ ମଧ୍ୟରେ ଓଡ଼ିଶାରେ ୧୭୩୭ କୃଷକ ଆତ୍ମହତ୍ୟା କରିଥିଲେ। ତତ୍ ପରବର୍ତ୍ତୀ କାଳରେ ତିନିଗୁଣ କୃଷକଙ୍କ ଜୀବନ ଅକାଳେ ଝଡ଼ି ପଡ଼ିଲା। ଜଗତକରଣର ପ୍ରଭାବ ଚାଷ ଉପରେ ଗଭୀର ପ୍ରଭାବ ପକାଇଛି-

"ସାଇତି ରଖିଥା
ସବୁ ଫଟାକାନ୍ଥ, ଭଙ୍ଗାହାଡ଼
ସବୁ ଦଦରା ଦିନ, ରୋଗିଣା ରାତି
ସାଇତି ରଖିଥା ଭୋକ
କେହି ଜଣେ କଥା ଦେଇ ଯାଇଛି
ପୂରଣ କରିଦେବ ତୋର କ୍ଷତିକୁ
କେହି ଜଣେ ଆଣିବାକୁ ଯାଉଛି ଅମୃତ
ତୋର ସହସ୍ର ମୃତ୍ୟୁର ଉପଶମ ପାଇଁ।"
(ଅଙ୍ଗାରଗାର - ଆଶୁତୋଷ ପରିଡ଼ା)

ଡ. ଦିଲୀପ କୁମାର ସ୍ୱାଇଁଙ୍କର 'ଧାନଫୁଲ କାନଫୁଲ' କବିତା ସଂକଳନ ସମ୍ପୂର୍ଣ୍ଣ ଜଗତ୍‌କରଣକୁ ବିଦ୍ରୂପ କରି ତାହାର ମହାକାଳ ଫଳକୁ ଫଟାଇ ପାରିଛି -

"ଏ ବର୍ଷ ଧାନ ତଳି ରୋଇବାକୁ
ମୂଲିଆ ମିଳିଲେନି ଯେ
ପଡ଼ିଆ ପଡ଼ିଲା ପାଞ୍ଚମାଣ ବିଲ
ପୋତି ହୋଇଗଲାଣି ଦୁଆରୁ ଧାନ ଅମାର
ଅଠର ଗଉଣିଆ ଅଖା
ଏବେ ଦିଶିଲାଣି ଚରିତ୍ରହୀନ,
ଅଖି ତୃତୀୟା ଦିନ/ବାପାଙ୍କ ଆଖି ଦିଶେ ଲୁହ ଛଳଛଳ।"
(ଗୋଟିଏ ଚଷାଘରର ଦୃଶ୍ୟ)

ଓଡ଼ିଶାର ପ୍ରଧାନ ସମ୍ପଦ କୃଷି। କୃଷକର ହାଡ଼ଭଙ୍ଗା ପରିଶ୍ରମରେ ପୃଥିବୀ ମାତା ନୂତନ ବସ୍ତ୍ର ପରିଧାନ କରେ। ମାତ୍ର ଜଗତ୍‌କରଣର ବିକୃତ ଅର୍ଥନୀତି ହେତୁ ଏବଂ ବଜାର

ରେଟ୍ ବୃଦ୍ଧି କାରଣରୁ କୃଷି ଉତ୍ପାଦନ ସରଞ୍ଜାମ ପାଇଁ ଚାଷୀକୁ ଋଣଗ୍ରସ୍ତ ହେବାକୁ ପଡ଼ିଛି। ହଳ-ବଳଦ, ବିହନ, ସାର, ଔଷଧ ପାଇଁ ବିଚାରା ଚାଷୀକୁ ହୀନସ୍ତା ହେବାକୁ ପଡ଼େ। ପାରମ୍ପରିକ କୃଷି ଥିଲା ସହଯୋଗ ଓ ସମବାୟଭିତ୍ତିକ। ଆଜି ମିଳିମିଶି ଜଣକ ରୁଆ ଉପୁଡ଼ା କରିବା ତ ଅନ୍ୟଦିନେ ଅନ୍ୟ ଜଣକ କୃଷିକର୍ମ ସମାପ୍ତ କରିବା, ମୂଲିଆଙ୍କ ପାଖକୁ ଭାତ-ଚା' ନେଇଯିବା, ସକାଳୁ ସଞ୍ଜ ଯାଏ କ୍ଷେତରେ ପଡ଼ି କାମ କରିବାର ଅଧ୍ୟାୟ ଏବେ ସମାପ୍ତ ହୋଇଛି। ପାୱାରଟିଲର ଓ କୁତ ବା କଣ୍ଟ୍ରୋଲ ଚାଷ ଏଇ ୨୦୦୦ ମସିହାଠାରୁ ନିଷ୍ଠୁର ଭାବେ ପ୍ରଚଳିତ। ବର୍ଷରେ ଥରେ ଧାନ କେତେ ବସ୍ତା ବିକ୍ରିକଲେ ଲୁଗା କିଣିବ କି କାନଫୁଲ କିଣିବ। ବର୍ଷସାରା ବାକ୍ସ ଶୂନ। ଝିଅ ବାହାଘର କିମ୍ବା ନିମିତ୍ତ କରିବା ପାଇଁ ଚାଷୀ ଋଣଗ୍ରସ୍ତ ବି ହୋଇଯାଏ। କୃଷିଋଣ କରି ସବୁ ଭରଣା କରେ କୃଷିର ଉତ୍ପାଦନରେ। ମାତ୍ର ଆଶା ଭରସାର ଫସଲ ଗଣ୍ଡାକ 'ଜଳ ବିହୁନେ ସୃଷ୍ଟିନାଶ' ହେଉ, ପଙ୍ଗପାଳଙ୍କ ଦଂଶନରେ ଫସଲ ଲୋପ ପାଉ, ଚାଷୀ ମୁଣ୍ଡରେ ଚଡ଼କ ପଡ଼େ। ଏଣେ ଋଣ ଶୁଝିବାର ଅର୍ଥାତ ଘର କୋରଖ ହେବାର ଘୋଷଣାରେ ବିଚରା ଅସହାୟ ହୋଇ ବିଷପିଇ ଦେଇ ସମାଧାନ କରିଦିଏ। ଏହି କବିଙ୍କର 'ଚାଷୀ ମୃତ୍ୟୁ ପୁରସ୍କାର' କବିତାରେ ଏଇ ଚିତ୍ର ଅନ୍ତରଙ୍ଗ ଭାବେ ସ୍ପଷ୍ଟ ହୋଇଯାଇଚି :

**ଖାଦ୍ୟ, ପୋଷାକ, ଚାଲିଚଳନ, ଓଷାବାର ବ୍ରତ ଆଦି କ୍ଷେତ୍ରରେ ପାରମ୍ପରିକ ନୃତ୍ୟଗୀତ ସ୍ଥଳେ ଆମର ମନକୁ କାବୁ କରିନେଲା ପାଶ୍ଚାତ୍ୟ ସଂସ୍କୃତି।**

"ହତାଶ ପ୍ରାଣରେ ଋଣର ବତାସ
ଛାତିଟାକୁ ଦେଲା ଜାଳି
ଚୁଲି ତ ଅଜଳା ପେଟ ତ ଭୋକିଲା
ଛୁଆ କଲା ଛଟପଟ
କେମିତି ଶୁଝିବ ସରକାର ସାଥେ
ବାଛିଲା ମରଣ ବାଟ।

+++

ଖଟିଖଟି ଯାର ଖଙ୍କପଡ଼େ ପେଟ
ମୁଣ୍ଡଟା ଗଲା ବିଗିଡ଼ି
ଗଣତନ୍ତ୍ର ଦେଶ ଗଣିଆ ଭାଇଟା
ବିଷ ପିଇ ଗଲା ଗଡ଼ି।"

(ଚାଲ କୁରୁକ୍ଷେତ୍ର - ସଂକଳନ ପୃ-୧୦୨)

ଗଣିଆର ମୃତ୍ୟୁରେ ସଂଗଠିତ ହୋଇଛି ଗଣ ଆନ୍ଦୋଳନ ଏବଂ କୃଷକ ଘରଣୀ ହାତକୁ ନୋଟ ବିଡ଼ାଏ ମନ୍ତ୍ରୀ ଗୁଞ୍ଜିଲା ବେଳେ ସେ ଟଙ୍କାକୁ ମନ୍ତ୍ରୀ ମୁହଁକୁ ଫିଙ୍ଗିଦେଇଛି ତା'ର ସ୍ତ୍ରୀ। ଦେଇ ପାରିବୁ କି, ଫେରାଇ ମୋର ଗେରସ୍ତକୁ? ଏହି ପ୍ରସଙ୍ଗରେ ଶ୍ରୀଦେବଙ୍କର 'ଚାଷବାସ' କବିତା ସଂକଳନ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ କୃଷିକ୍ଷେତ୍ରର ସମୃଦ୍ଧିଠାରୁ ନୈରାଶ୍ୟର ମରୁଭୂମି ଓ କୃଷକର ବିପର୍ଯ୍ୟସ୍ତ ଜୀବନକୁ କବି ସବଳିତ କରିଛନ୍ତି। ବର୍ଣ୍ଣନା ଅପେକ୍ଷା ବାସ୍ତବତା, ବିଚାରଠାରୁ ବିବେକପଣିଆ ଖଟାଇବାକୁ କବିଙ୍କର ଆହ୍ୱାନ।

"ଜମିବାଡ଼ି ସାବ୍‌ଜା ଦିଶିଲେ / ଓଠରେ ତା' ଜଳେ
ମୁର୍କିହସର ହାର୍କିନ୍
ଆଖିହୁଏ / ଉଲ୍ଲାସରେ ଓହଳି
ପଡୁଥିବା / ଆଷାଢ଼ ଆକାଶ
ମୟୂର ନୃତ୍ୟରେ ବିଭୋର
ଇନ୍ଦ୍ରଧନୁ / ଲେଖେ,
ଚାଷ ଓ ଚାଷୀର ମୃତ୍ୟୁ
ଇତିହାସ।"

(ଚାଷ-ବାସ, ପୃ-୧୧)

କିମ୍ବା, "ଚାଷ ନ ହେଲା ନାଇଁ / ଆମକୁ ମରିବାକୁ ଦିଅ ସରକାର।" (ଶ୍ରୀଦେବ)

ନିରାକାର ଦାସଙ୍କ 'ବିଦୀର୍ଣ୍ଣ ବସୁଧା', ଅଶ୍ୱିନୀ ମିଶ୍ରଙ୍କ 'ଜ୍ୟୋତିସ୍ନାନ', ସଦାଶିବଙ୍କର 'ଦ୍ରୋହକାଳ'ରେ ଜଗତ୍‌କରଣ ଚିତ୍ର ପ୍ରତିଫଳିତ।

### ସାଂସ୍କୃତିକ ବିପର୍ଯ୍ୟୟ

ଜଗତ୍‌କରଣ କାରଣରୁ ସାଂସ୍କୃତିକ ଭାବ ବିନିମୟ କ୍ଷେତ୍ରରେ ଆସିବ ଏକ ଉଦାର ସଂସ୍କୃତି। ମାତ୍ର ଖାଦ୍ୟ, ପୋଷାକ, ଚାଲିଚଳନ, ଓଷାବାର ବ୍ରତ ଆଦି କ୍ଷେତ୍ରରେ ପାରମ୍ପରିକ ନୃତ୍ୟଗୀତ ସ୍ଥଳେ ଆମର ମନକୁ କାବୁ କରିନେଲା ପାଶ୍ଚାତ୍ୟ ସଂସ୍କୃତି। ସଂକ୍ଷିପ୍ତ ପୋଷାକରେ ଦେହ ପ୍ରଦର୍ଶନ ଏକ ସଭ୍ୟତାରେ ପରିଣତ ହୋଇଗଲା। ବିବିଧ ପ୍ରସାଧନରେ ଶରୀର ମଣ୍ଡନ ଓ ଫ୍ରଏଡୀୟ ଉତ୍ତେଜନା ଉଦ୍ରେକ ହେବା ଭଳି ଆକ୍‌ସନ ଚଳୁଛି। ଝିଅପୁଅ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବାକୁ ଯାଇ ଅବାଧ ମିଳାମିଶା ଓ ରାଜିରୁଜା ବିବାହ ଟାଣିଆଣିଲା

ଅନ୍ତର୍ଜାତୀୟ ବିଚାର-ଆଚାର। ଫଳରେ ଶିଷ୍ଟାଚାର ଗର୍ହିତ ହୋଇ ଛାତ୍ରଛାତ୍ରୀ ବିପଥଗାମୀ। ପ୍ରେମ-ପ୍ରତାରଣାରୁ ଆତ୍ମହତ୍ୟା ବା ଛାଡ଼ପତ୍ରର ପ୍ରାବଲ୍ୟ। ଭାରତ ବା ଓଡ଼ିଶାର ପାରମ୍ପରିକ ସଂସ୍କୃତି ମଣିଷକୁ ଶୃଙ୍ଖଳିତ କରି ରଖି ଆସିଛି ଯୁଗଯୁଗ ଧରି। ସଂଯମ ହରାଇବା ଆଚରଣ ମଧ୍ୟ ସ୍ପୃହଣୀୟ ହୋଇଯାଏ, ମାତାପିତାଙ୍କୁ ଭୁଲ ଧାରଣାର ବଶବର୍ତ୍ତୀ କରି ପାଶ୍ଚାତ୍ୟ ସଭ୍ୟତା ଆପଣାର ହୁଏ। ଝିଅ/ବୋହୂଙ୍କର କେଶବିନ୍ୟାସରେ ବେଣୀ ନାହିଁ କି ଖାସୁଲି ନାହିଁ। ପ୍ରତ୍ୟେକ ମୁକ୍ତକେଶା ଦ୍ରୌପଦୀ ଅଥବା ପୁଷ୍ପବତୀ କନ୍ୟା, ଦେଖାଶିଖା ଓଡ଼ିଆ ଏ କୁଳର ନୁହେଁ କି ସେ କୁଳର ନୁହେଁ - କବିର ପ୍ରତିକ୍ରିୟା ଶୁଣନ୍ତୁ -



"ଶିଥିଳ ବସନା ନାରୀ /
ଅପେକ୍ଷା କରେ ଦୁର୍ଗା ଭଳି
ତା କବରୀରୁ ଫୁଲ ଖସେ
/ ମୀନାକ୍ଷୀର ନୀଳଚକ୍ଷୁ
କାଙ୍ଗାଳମାନଙ୍କ ହାତପାପୁଲି / ଭରିଦିଏ କାମନାର ପୁଷ୍ପ।
ଏଠି ଦେହଦାନର ପର୍ବ / ପାଳନ କରି / ସୌଭାଗ୍ୟର ରଥ ଚଢ଼ା ହୁଏ
ଦେହ କ'ଣ ଭାଙ୍ଗିଯାଏ / ଯୌବନ କି ସରିଯାଏ
ସିନେମା ପର୍ଦ୍ଦାରେ ଜଂଘ ମେଳା କଲେ ?"

(ପରିତର୍ପଣ, ପୃ-୩୦)

ଗ୍ରାମରେ ଶୁଦ୍ଧିକ୍ରିୟା କ୍ଷେତ୍ରରେ ତାହାର ପ୍ରଭାବ ପରିଲକ୍ଷିତ। ଇଲେକ୍ଟ୍ରିକ ଚୁଲାରେ ଦାହ କଲାବେଳେ ନବକର୍ମ, ଦଶାହ, ପିଣ୍ଡଦାନ ବେଳେ ଜଣେ ନାପିତର ଉପସ୍ଥିତି ଦୁଷ୍ପ୍ରାପ୍ୟ ହୋଇପଡ଼ିଛି।

"ଆମ ଗାଁରେ / ୧୦ ଦିନ କର୍ମରେ ଜଣେ ହେଲେ /
କେହି ନ ଥାନ୍ତି ନଖକଟା ନାପିତ /
ଦରବାରେ ପଙ୍ଖା ବିଞ୍ଚୁଥିବା ଲୋକ ବି /
ଆସୁନି, ଠିଆ ହୋଇଛି ବାଡ଼ ସେପଟରେ /
ରାଆ ଦବ କିଏ ଉତ୍ତର ପୁରୁଷ।"

(ମଳାଲୋକ - ଶ୍ରୀଦେବ)

ଜଣେ ଇହଧାମରୁ ବିଦାୟ ନେବା ପରେ କେତେ ଆବେଗ ଓ କନ୍ଦା କଟାଳ ଥାଏ, ତାହାର ମଧ୍ୟ ହ୍ରାସ ଘଟିଯାଇଛି। ମନ ମେକାନିକାଲ ହୋଇପଡ଼ିଛି।

"ସବୁ ଅଗଣାରେ ଗଡୁଛି ମନ୍ଦଭାଗ୍ୟର ଦେହ
ଆପଣାର ହୃଦୟକୁ ହରେଇ
ମଥା ରକ୍ତରେ ଲାଲ ହେଉଛି ସବୁ ଦୁଆର
ଆଲୋକ ଆଖିରୁ ଠକ୍ ଠକ୍ ଗଡ଼ି ପଡୁଛି ଲୁହ,
ହେଇ ଦେଖ !
ମାଟିକୁ ମାଡ଼ିବସିଛି କେମିତି ମହାଅନ୍ଧକାର
ଆକାଶକୁ ଗିଳି ପକଉଛି କେମିତି
ଅବକ୍ଷୟର ସମ୍ପଦାସୁର।"

(ମୋତେ ଟିକେ ବଞ୍ଚିବାକୁ ଦିଅ - ନିରାକାର ଦାସ, ଯୁଗଶ୍ରୀ ଯୁଗ ନାରୀ, ଅକ୍ଟୋବର-୨୦୨୧)

ଜଗତ୍‌କରଣର ଅପର ଦିଗ ହେଉଛି ପାଶ୍ଚାତ୍ୟ ଅନୁକରଣ ହେଲେ ମଧ୍ୟ କେତେକ କ୍ଷେତ୍ରରେ ସୁଫଳ ଓ ସଫଳତା ଦେଖାଦେଇଛି। ପରିଷ୍କାର ପରିଚ୍ଛନ୍ନତା, ପରିବେଶ ସଚେତନତା, ପକ୍କାରାସ୍ତା, ବ୍ୟବସାୟର ବିସ୍ତାର, ନାରୀ ସଶକ୍ତି, ବିଶ୍ୱଗ୍ରାମ ଚିନ୍ତନ, ଅକ୍ଷାଂଶ ଦ୍ରାଘିମା ପାରିହୋଇ ବସବାସ ଠିକଣା, ସର୍ବଶିକ୍ଷା ଅଭିଯାନ, ବିଦ୍ୟାଳୟ-ମହାବିଦ୍ୟାଳୟର ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ, ସାହିତ୍ୟ-କବିତା କ୍ଷେତ୍ରରେ ଆଙ୍ଗିକ ଓ ଆତ୍ମିକ ସଂଜ୍ଞାରେ ସ୍ୱାଧୀନତା ଜଗତ୍‌କରଣର ଏକ ସଫଳତା। କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ପ୍ରଯୁକ୍ତି ବିଦ୍ୟାରେ ଭାରତ ତଥା ଓଡ଼ିଶାରେ ବ୍ୟାପକ ଦୃଷ୍ଟିକୋଣ ପ୍ରସାରିତ। ବିଶ୍ୱାୟନ ସତ୍ତ୍ୱେ - ଗାଁ, ମାଟି, ପାଣିପବନ ପ୍ରତି ସରାଗ ଓ ସମ୍ବନ୍ଧ ସ୍ଥାପିତ ହୋଇଛି। ଏହା ଅସ୍ୱୀକାର କରିହେବ ନାହିଁ। ଅଧିକାଂଶ କବି ଲେଖକଙ୍କର ରଚନାରେ ଅତି ଅନ୍ତରଙ୍ଗ ଭାବେ ଗାଁ ମାଟିର ବାସ୍ନା ବାସ୍ନାୟିତ ହୋଇପାରିଛି।

□□

ଲେଖକଙ୍କ ଇ-ମେଲ ଠିକଣା:
basudevdaskabi@gmail.com

ସାକ୍ଷାତକାର

# ପ୍ରବୀଣ ସାହିତ୍ୟିକ ହରପ୍ରସାଦ ଦାସଙ୍କ ସହ ସାରସ୍ୱତ ଆଳାପ

*ପ୍ରବୀଣ ସାହିତ୍ୟିକ ହରପ୍ରସାଦ ଦାସ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ। ୧୯୪୫ ମସିହାରେ ଜନ୍ମ ଗ୍ରହଣ କରିଥିବା ଏହି ମହାନ ପ୍ରତିଭାଧର ଏକାଧାରରେ ଜଣେ ସଫଳ କବି, କଥାକାର, ଅନୁବାଦକ, ପ୍ରାବନ୍ଧିକ ତଥା ସମାଲୋଚକ। ଅଧ୍ୟାପନାରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ସେ ୧୯୬୮ ମସିହାରେ 'ଇଣ୍ଡିଆନ୍ ଅଡିଟ୍ ଏଣ୍ଡ୍ ଏକାଉଣ୍ଟସ୍ ସର୍ଭିସ'ରେ ଯୋଗ ଦେଇଥିଲେ ଏବଂ ଭାରତ ସରକାରଙ୍କ ଅଧୀନରେ ତଥା ଜାତିସଂଘରେ ଅନେକ ଉଚ୍ଚ ପଦବୀ ମଣ୍ଡନ କରିଥିଲେ। କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର, ମୂର୍ତ୍ତିଦେବୀ ପୁରସ୍କାର ତଥା ସାରଳା ପୁରସ୍କାର ଭଳି ଅନେକ ମର୍ଯ୍ୟାଦାଜନକ ସମ୍ମାନରେ ସେ ଭୂଷିତ ହୋଇଛନ୍ତି। ତାଙ୍କର ଭୁବନେଶ୍ୱର ସ୍ଥିତ ବାସଭବନରେ ତାଙ୍କ ସହିତ ସାକ୍ଷାତ କରି ସାରସ୍ୱତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*

**ସାହିତ୍ୟ ଚର୍ଚ୍ଚା:** କୁହାଯାଏ ଯେ ଆପଣଙ୍କର ଆଦ୍ୟ ସ୍ରଷ୍ଟା-ଜୀବନର କବିତାଗୁଡିକ ବୌଦ୍ଧିକ ଉତ୍ତେଜନାରେ ପୂର୍ଣ୍ଣ। ଏହାହିଁ କ'ଣ ଥିଲା ଆପଣ କବିତା ଜଗତରେ ପାଦ ଥାପିବାର ପ୍ରଥମ ପ୍ରେରଣା ?



**ହରପ୍ରସାଦ ଦାସ:** ଏହାର ଉତ୍ତର ଦେବାକୁ ହେଲେ ମୋତେ ମୋର ଆଦ୍ୟ ଯୌବନ ବା ତାରୁଣ୍ୟର ସମୟକୁ ଯିବାକୁ ପଡ଼ିବ। ତା' ଥିଲା ଗତ ଷଷ୍ଠ ଦଶକର କଥା, ଯେତେବେଳେ ରେଭେନ୍ସା କଲେଜରେ ପ୍ରଥମେ ପାଦ ଦିଆହେଲା। ମୋର ନିଷ୍ପତ୍ତି ଥିଲା, ବିଜ୍ଞାନ ନପଢି କଳା ଶ୍ରେଣୀରେ ଜଏନ୍ କରିବା। କାହିଁକି କେଜାଣି, ମନେହୋଇଥିଲା ଯେ ବିଜ୍ଞାନ ପାଖରେ ମଣିଷର ସବୁ ଦୁଃଖର, ସବୁ କଷ୍ଟର ଉତ୍ତର ନାହିଁ। କଳା ପଢିବା ଫଳରେ ସେତେବେଳେ ବିଶ୍ୱରେ ଯାହା କିଛି ଘଟୁଥିଲା, ତାହାର ଗୋଟିଏ ପ୍ରତିଧ୍ୱନି ରେଭେନ୍ସା କଲେଜର କରିଡର୍‌ରେ ଶୁଣାଯାଉଥିଲା। ମୋ'ର ମନେପଡୁଛି ଯେ ସେତେବେଳକୁ ବିଟିଲ୍ସ ଆସିଥିଲେ ସଂଗୀତ ଜଗତରେ, ସେତେବେଳେ ଏକ୍ଜିସ୍ଟେନ୍ସିଆଲିଜମ୍ ଆରମ୍ଭ ହୋଇଥିଲା, ଭାଲେଣ୍ଟିନା ଟେରେସ୍କୋଭା ମହାଶୂନ୍ୟକୁ ଯାତ୍ରା କରିଥିଲେ - ତେଣୁ ସିଏ ଗୋଟିଏ ବିଚିତ୍ର ସମୟ ଥିଲା। ବିଶେଷତଃ ଅସ୍ତିତ୍ୱବାଦ ଆସିବା ଫଳରେ ଆମକୁ କୁହାହେଉଥିଲା ଯେ ମଣିଷ ଗୋଟିଏ ଛିନ୍ନମୂଳ ସତ୍ତା ଏବଂ ଆମ ଭିତରେ ବହୁ ବିସଂଗତି ଅଛି ଏବଂ ବହୁତ କିଛି ଅଭାବ ବି ଅଛି।

**ସାହିତ୍ୟ ଚର୍ଚ୍ଚା:** ତାହେଲେ କ'ଣ ଏହି ଅସ୍ତିତ୍ୱବାଦର ତୀବ୍ର ଭାବ ବା ଅନୁଭବକୁ ପ୍ରକାଶ କରିବା ପାଇଁ ଆପଣ କବିତାକୁ ଏକ ମାଧ୍ୟମ ଭାବରେ ବାଛିନେଲେ ?

**ହରପ୍ରସାଦ ଦାସ:** ହଁ, ଗୋଟିଏ ତ ହେଉଛି ଅସ୍ତିତ୍ୱବାଦର ପ୍ରଭାବ। ଆଉ ଗୋଟିଏ ହେଲା 'ନ୍ୟୁଭୋ-ରୋମା' ବା ଫ୍ରାନ୍ସରୁ ସେ ସମୟରେ ଆସିଥିବା ନୂଆ ଉପନ୍ୟାସର ଧାରା। ତା'ପରେ ଅନ୍ୟ ପ୍ରଭାବଟି ହେଲା, ସେତେବେଳେ କବିତାର ଗତି।

**ସାହିତ୍ୟ ଚର୍ଚ୍ଚା:** କବିତାର ଗତି କିଛି ନୂଆ ମୋଡ ନେଇଥିଲା କି ସେତେବେଳେ !

**ହରପ୍ରସାଦ ଦାସ:** କବିତାର ଗତି ସେତେବେଳେ ଦୁଇଗୋଟି ଧ୍ରୁବ ଆଡକୁ ମୁହାଁଇଥିଲା। ଗୋଟିଏ ହେଲା, ଟି.ଏସ୍.ଇଲିଏଟଙ୍କ କବିତାର ଧାରା, ଆଉ ଗୋଟିଏ ପଟେ ଫ୍ରାନ୍ସ ଓ ସ୍ପେନ୍ ର ପ୍ରୟୋଗବାଦୀ କବିତା। ଏମାନଙ୍କୁ ପଢ଼ିବା ନିଶାରେ ସେତେବେଳେ ବାପା ପଠାଉଥିବା ଟଙ୍କାର ଅଧିକରେ ବହି କିଣିବା ଏବଂ ତେଣୁ ମେସ୍ ପଇସା ନଦେଇପାରିବା ଫଳରେ କେବେ କେମିତି ଓପାସ ରହିବା ମୋ'ପାଇଁ ସାଧାରଣ କଥା ହୋଇଯାଇଥିଲା।

> **ସେ ତାପରେ ମୋତେ ଉପରକୁ ଟେକିନେଲେ, ଆଉ ପୁଣି ତଳେ ଛାଡି ଦେଇ କହିଲେ, 'ତମେ ସେଇ କବିତା ଲେଖିଛ, ଯେଉଁଟି 'ଝଙ୍କାର'କୁ ପଠାଇଛ ?'**

**ସାହିତ୍ୟ ଚର୍ଚ୍ଚା:** ପ୍ରି-ୟୁନିଭର୍ସିଟି ସମୟର ସେଇ କିଶୋର ବୟସରେ ଆପଣ କରୁଥିଲେ ଏକଥା ?

**ହରପ୍ରସାଦ ଦାସ:** ହଁ, ସେଇ ପ୍ରି-ୟୁନିଭର୍ସିଟି ସମୟର କଥା କହୁଛି। ସେତେବେଳେ 'ରେଭେନ୍ସାଭିଆନ୍'ରେ ପ୍ରକାଶ କରିବାପାଇଁ କବିତା ମଗାଗଲା। ଏହାର ସଂପାଦକ ଥିଲେ ଓ.ପି.ଓବ୍ରାଏନ୍ । ତାଙ୍କର ଗୁରୁଗମ୍ଭୀର ପ୍ରକୃତି ଯୋଗୁଁ ପିଲାମାନେ ତା'ଙ୍କୁ ଦୂରରୁ ଭୟ କରୁଥିଲେ। ମୁଁ ତାଙ୍କ ପାଖକୁ ଗୋଟିଏ ଇଂରାଜୀ କବିତା ପଠାଇଦେଲି, 'ଆନ୍ ଏଲିଜି ଅନ୍ ଦି ହ୍ୟାୟାସିନ୍ଥ'। ସେଇଟି ପଠାଇଦେଇ ଅବଶ୍ୟ ଭୁଲିଯାଇଥିଲି। ତା'ପରେ, ଦିନେ ଡ଼କା ଆସିଲା, ପ୍ରଫେସର ଓବ୍ରାଏନ୍ ମୋତେ ଦେଖା କରିବାକୁ ଚାହୁଁଛନ୍ତି। ମୋତେ ସାମନାରେ ପାଇ ସେ ପଚାରିଲେ, 'ଟି.ଏସ୍.ଇଲିଅଟ୍‌ଙ୍କୁ ପଢ଼ିଛ କି ?' ମୁଁ ହଁ ଭରିବାରୁ ସେ କହିଲେ, ସେଥିର କିଛି ଧାଡି ମନେ ଅଛି କି ? ମୁଁ ତାଙ୍କର 'ୱେଷ୍ଟ ଲ୍ୟାଣ୍ଡ'ର ଦୁଇଟି ପୃଷ୍ଠା ଅନର୍ଗଳ କହିଦେଲି। ତାପରେ ସେ ମୋ କାନ୍ଧ ଉପରେ ହାତ ଛୁଆଁଇ 'ଓ.କେ'ବୋଲି କହି ଚାଲିଗଲେ। ସେହି କବିତାଟି ସେହି 'ରେଭେନ୍ସାଭିଆନ୍'ରେ ଛପାହେଲା। ଏହାର ବହୁ ବର୍ଷ ପରେ 'ରେଭେନ୍ସାଭିଆନ୍'ରୁ କବିତାଟି ସଂଗୃହୀତ ହୋଇ ଗୋଟିଏ ସଂକଳନରେ ସ୍ଥାନ ପାଇଛି। ଏହା ଥିଲା ମୋ'ର ପ୍ରଥମ ପ୍ରକାଶିତ ଇଂରାଜୀ କବିତା।

**ସାହିତ୍ୟ ଚର୍ଚ୍ଚା:** ତେବେ ଓଡ଼ିଆରେ ଆପଣ ପ୍ରଥମେ ଗଳ୍ପ ଲେଖିଲେ, ନା କବିତା ?

**ହରପ୍ରସାଦ ଦାସ:** କବିତା ପ୍ରଥମରୁ ଥିଲା। ମୁଁ ଦଶମ ଶ୍ରେଣୀରେ ପଢିବାବେଳେ ହିଁ ପ୍ରଜାତନ୍ତ୍ରର ରବିବାସରୀୟ ସାହିତ୍ୟ ପୃଷ୍ଠାରେ ଗୋଟିଏ କବିତା ବାହାରିଥିଲା। ତା'ପରେ ରେଭେନ୍ସାକୁ ଆସିବା ପରେ ମୁଁ ଗୋଟିଏ କବିତା ପଠାଇଲି 'ଝଙ୍କାର'କୁ। ସେତେବେଳେ ଜଣେ ପ୍ରି-ୟୁନିଭର୍ସିଟି ଶ୍ରେଣୀର ଛାତ୍ର 'ଝଙ୍କାର'କୁ କବିତା ପଠାଇବା ଅଚିନ୍ତନୀୟ ଥିଲା। ତାପରେ ଦିନେ ଘଟିଲା ଅପୂର୍ବ କଥାଟିଏ।

**ସାହିତ୍ୟ ଚର୍ଚ୍ଚା:** କ'ଣ ଥିଲା ଘଟଣାଟି ?

**ହରପ୍ରସାଦ ଦାସ:** ଦିନେ ଜଣେ ଧୋତି- ପଞ୍ଜାବୀ ପିନ୍ଧା ଭଦ୍ରଲୋକ ମୋତେ ଦେଖା କରିବା ପାଇଁ ଆସିଲେ ଆମ 'ୱେଷ୍ଟ ହଷ୍ଟେଲ'କୁ। ମୁଁ କ୍ଲାସରୁ ଫେରୁଥାଏ। ମୋତେ ଦେଖି ପଚାରିଲେ, 'ଏଠି ହରପ୍ରସାଦ ଦାସ କିଏ, ଜାଣିଛ ?' ଉତ୍ତର ଦେଲି, 'ଆଜ୍ଞା ମୁଁ।' ସେ ତାପରେ ମୋତେ ହାତରେ ଧରି ଉପରକୁ ଟେକିନେଲେ, ଆଉ ପୁଣି ତଳେ ଆଣି ଛାଡିଦେଲେ। କହିଲେ, 'ତମେ ସେଇ କବିତା ଲେଖିଛ, ଯେଉଁଟି 'ଝଙ୍କାର'କୁ ପଠାଇଛ ?' ମୁଁ ପଚାରିଲି, 'ଆପଣ କିଏ ?' ସେ ଉତ୍ତର ଦେଲେ, 'ମୁଁ କିଏ ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହଁ। ମୁଁ ଏହା ଦେଖିବା ପାଇଁ ଆଜି ଏଠାକୁ ଆସିଛି ଯେ ତମେ ସତ, ନା ଗୋଟିଏ କଳ୍ପନା ! ମୁଁ ହେଲି, ସତ୍ୟାନନ୍ଦ ଚମ୍ପତିରାୟ, ସଂପାଦକ, ଝଙ୍କାର।'

**ସାହିତ୍ୟ ଚର୍ଚ୍ଚା:** 'ଝଙ୍କାର'ରେ ତେବେ ପ୍ରକାଶ ପାଇଲା କବିତାଟି !

**ହରପ୍ରସାଦ ଦାସ:** ହଁ, ତା'ପରେ ଗୋଟିଏ ପରେ ଗୋଟିଏ, ଏହିପରି ଦୁଇଟି କବିତା ବି ବାହାରିଲା 'ଝଙ୍କାର'ରେ। ସେ

ପୁଣି ବିସ୍ମୟକର ଭାବରେ ଗୋଟିଏ ଏକ୍ସପେରିମେଣ୍ଟ ଥିଲା - କବିତା ଗଦ୍ୟରେ ଲେଖାଯାଇଥିଲା।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ କ'ଣ ଗଦ୍ୟରେ କବିତା ଲେଖିବାର ଧାରା ଆରମ୍ଭ ହୋଇଯାଇଥିଲା?

**ହରପ୍ରସାଦ ଦାସ:** ୟୁରୋପରେ ଆରମ୍ଭ ହୋଇଯାଇଥିଲା। ଯେହେତୁ ପ୍ରି-ୟୁନିଭର୍ସିଟି ପଢିବାବେଳେ ବି ମୋ'ର ବିଶ୍ୱସାହିତ୍ୟ ସହିତ ଗୋଟିଏ ସମ୍ପର୍କ ଆସିଯାଇଥିଲା। ତେଣୁ ଏହାର ପ୍ରଭାବ ପଡିଲା ମୋ ଉପରେ।

**ସାହିତ୍ୟ ଚର୍ଚ୍ଚା:** କବିତା ପ୍ରତି ତେବେ ଏକ ସ୍ୱତଃସ୍ଫୂର୍ତ୍ତ ଆକର୍ଷଣରେ ବାନ୍ଧି ହୋଇଯାଇଥିଲେ ଆପଣ।

**ହରପ୍ରସାଦ ଦାସ:** ଏଠି ଆଉ ଗୋଟିଏ କଥା କହିବାକୁ ମନ ହେଉଛି, ମୋତେ କିଏ ପଢେଇଥିଲା ସାହିତ୍ୟ? ମୁଁ ମାଟ୍ରିକୁଲେସନ୍ ପାସ୍ କରିଥିଲି କଳାହାଣ୍ଡିରୁ। ମୋତେ ସାହିତ୍ୟ ପଢାଇଥିଲେ ମୋର ଗାଁ ଶିକ୍ଷକ। କଳାହାଣ୍ଡିଆ ମାଷ୍ଟ୍ର ମୋତେ ସାହିତ୍ୟ ପଢାଇଥିଲେ। ମୋର ପ୍ରଥମ ସାହିତ୍ୟ ଶିକ୍ଷା ପାଇଥିଲି ମୋର ଶିକ୍ଷକ ଶ୍ରୀ ଧବଳେଶ୍ୱର ବେହେରାଙ୍କଠାରୁ। ସେ ଦିନେ ପଢାଉଥିଲେ ମଧୁସୂଦନଙ୍କ କବିତା, 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି।' ସ୍କୁଲ୍ ବାହାରେ ଗୋଟିଏ ଗାଡିଆ ଥିଲା। ସେଥିରେ ଦେଖିଲି ଯେ ପଦ୍ମ ଫୁଲଟିଏ ଫୁଟିଛି। ମୁଁ ତା'କୁ ଝରକା ବାଟେ ଏକା ଲୟରେ ଅନେଇ ରହିଥାଏ। ସେ କହିଲେ, 'ବାବୁରେ, ତୁ କ'ଣ ପଦ୍ମ ଦେଖୁଛୁ? କିନ୍ତୁ ମନେରଖିବୁ, କବିତାର ପଦ୍ମ ଓ ପୋଖରୀର ପଦ୍ମ ଏକା କଥା ନୁହନ୍ତି।' ଏମିତି ଭାବରେ ସାହିତ୍ୟର ମୂଳଦୁଆ ପଡିଥିଲା ମୋ'ର ସ୍କୁଲ ଜୀବନରେ।


**ସାହିତ୍ୟ ଚର୍ଚ୍ଚା:** ଏବଂ ରେଭେନ୍‌ସାରେ ବି!

**ହରପ୍ରସାଦ ଦାସ:** ଆପଣ ରେଭେନ୍‌ସାର ଛାତ୍ର ଥିଲେ କି?

**ସାହିତ୍ୟ ଚର୍ଚ୍ଚା:** ଆଜ୍ଞା ହଁ।

**ହରପ୍ରସାଦ ଦାସ:** ସେଠାକାର ଟେନିସ୍ ଫିଲ୍ଡ କଥା ମନେ ପଡୁଛି? ସେଇ ଟେନିସ୍ ଫିଲ୍ଡରେ ଜହ୍ନରାତିରେ ଆମେ ବନ୍ଧୁମାନେ ବସୁ। ସେଇଠି ଯାବତୀୟ ଗୁଲି ଗପ ବିଷୟରେ କଥା ହେଉ। କିନ୍ତୁ ସେଇଠି 'ଦି ଆଉଟ୍ ସାଇଡ୍'ର ସେତେବେଳକାର ପ୍ରସିଦ୍ଧ ଲେଖକ କଲିନ୍ ୱିଲସନଙ୍କ କଥା ବି ପଡେ। ତାଙ୍କର 'ଆଉଟସାଇଡ଼ରିଜମ୍'ର ନିଶାରେ ଆମେ ବାୟା। ତାହାରି ପ୍ରଭାବରେ ବୋଧହୁଏ ଜାଗ୍ରତ ହେଲା ବୌଦ୍ଧିକ ଜିଜ୍ଞାସା। ଏହାହିଁ ବୋଧହୁଏ ଆପଣ ପ୍ରଥମରୁ ମୋର ବୌଦ୍ଧିକ ଉତ୍ତେଜନା ବୋଲି ଯାହା କହିଲେ, ତା'ର ମୂଳ କାରଣ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ବୋଧହୁଏ ଏହି ତଥାକଥିତ ବୌଦ୍ଧିକତାରୁ ଆପଣଙ୍କର ମୋହଭଙ୍ଗ ହୋଇଛି।




**ହରପ୍ରସାଦ ଦାସ:** ସେ ମୋହଭଙ୍ଗ ବି କେମିତି ହୁଏ ତାହାର ରୋଚକ କାରଣ ଅଛି। 'ଦିଗନ୍ତ' ବୋଲି ଗୋଟିଏ ପତ୍ରିକା ବାହାର କରୁଥିଲେ ସଚ୍ଚିଦାନନ୍ଦ ରାଉତରାୟ। ଦିନେ ସେ ମୋତେ କହିଲେ କବିତାଟିଏ ଦେବାକୁ। ମୁଁ କବିତା ପଠାଇଲି ଏବଂ ସେଇଟି ପ୍ରକାଶିତ ମଧ୍ୟ ହେଲା। ଦେଖିଲି ଯେ ସେଥିର ଶେଷ ଦୁଇ ଧାଡ଼ି ବଦଳିଯାଇଛି। ସେତେବେଳେ ମନରେ ମୋର ଅହଙ୍କାର ଥିଲା, ଅର୍ଥାତ୍ ସୃଜନର ଅହଙ୍କାର, ଯେ ମୁଁ ଏକାନ୍ତ ଅନନ୍ୟ ଏବଂ ମୋର ରଚନା ଅନ୍ୟ କାହାକୁ ଅନୁକରଣ କରେନାହିଁ। ସଚ୍ଚିଦାନନ୍ଦ ରାଉତରାୟଙ୍କ ପାଖରେ ପହଞ୍ଚି କହିଲି, 'ସାର, ସେ କବିତାର ଶେଷ ଦୁଇ ଧାଡି ତ ମୋ'ର ନୁହେଁ। ଆପଣ ତାକୁ ବଦଳାଇଛନ୍ତି। ଆପଣ କେମିତି ବଦଳାଇପାରିଲେ ତାହା?'

**ସାହିତ୍ୟ ଚର୍ଚ୍ଚା:** ଆପଣ ତାଙ୍କୁ ଏମିତି କହିବା ତ ଏକ ଦୁଃସାହସିକ କାର୍ଯ୍ୟ!

**ହରପ୍ରସାଦ ଦାସ:** ଦେଖନ୍ତୁ, ସତର ବର୍ଷ ବୟସ। ଚ୍ୟାଲେଞ୍ଜି କାହାକୁ କରାହେଉଛି, ନା ମହାକବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ। ସେ କହିଲେ, 'ତୁମ କବିତା ଭଲ ହୋଇଥିଲା, ଯେ ମୁଁ ଭାବିଲି, ତା'ର ଶେଷ ଧାଡ଼ିଟା ଏମିତି ହେଲେ ଭଲ ଲାଗିବ।' ମୁଁ ଉତ୍ତର ଦେଲି, 'ଆପଣଙ୍କର ସେ ଅଧିକାର ନାହିଁ।'

**ସାହିତ୍ୟ ଚର୍ଚ୍ଚା:** ଏହାର କି ପ୍ରତିକ୍ରିୟା ଥିଲା, ସଚ୍ଚିଦନନ୍ଦ ରାଉତରାୟଙ୍କର?

**ହରପ୍ରସାଦ ଦାସ:** ସେ କହିଲେ, 'ହଉ, ତୁମେ ଯଦି ଚାହୁଁଛ, ଏହି କବିତାଟି ମୁଁ ପୁଣି ଆସନ୍ତା ସଂଖ୍ୟାରେ ଯେମିତି ଅଛି ସେମିତି ଛାପିଦେବି।' ମୁଁ ସନ୍ତୁଷ୍ଟ ହୋଇ ଫେରିଆସିଲି। କିନ୍ତୁ ସେ ସେକଥା କହିବାର ୨୫ ବର୍ଷ ପରେ ଦିନେ ହଠାତ୍ ମୋ'ର ଧାରଣା ହେଲା ଯେ ସେ ଯାହା ଲେଖିଥିଲେ ସେଇଟା ହିଁ ଠିକ୍। ପୂର୍ବରୁ ମୁଁ ଯାହା ଭାବୁଥିଲି ସେଇଟା ଭୁଲ ଥିଲା।

**ସାହିତ୍ୟ ଚର୍ଚ୍ଚା:** ଏହା ତେବେ ଆପଣଙ୍କର ମୋହ ଭଙ୍ଗର କାହାଣୀ !

**ହରପ୍ରସାଦ ଦାସ:** ଏହା ଏକପ୍ରକାରର ମୋହଭଙ୍ଗ ଆଜ୍ଞା। କବିତାର ଛନ୍ଦ, କବିତାର ଭାଷା, କବିତାର ଲୟ - ଏସବୁ ଭିତରେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଶିଖିବାକୁ ହୋଇଥାଏ, କେଉଁଠୁ ନା କେଉଁଠୁ।

**ସାହିତ୍ୟ ଚର୍ଚ୍ଚା:** ଶୁଣାଯାଏ ଯେ ଆପଣ କିଛି ବର୍ଷ ପାଇଁ ସାହିତ୍ୟ ରଚନାରୁ ସନ୍ନ୍ୟାସ ମଧ୍ୟ ନେଇଥିଲେ। ଏମିତି କାହିଁକି ?

**ହରପ୍ରସାଦ ଦାସ:** ଚାକିରୀ ଜୀବନ ଆରମ୍ଭ କରିଥିଲି ରାଜନୀତି ବିଜ୍ଞାନର ଜଣେ ଅଧ୍ୟାପକ ଭାବରେ। ତା'ପରେ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲି, ଏବଂ ତାଲିମ ପାଇଁ ମସୌରୀ ଗଲି। ସେଠି ହଠାତ୍ ଗୋଟିଏ ଦିନ ନିଜକୁ ଗୋଟିଏ ପ୍ରଶ୍ନ କଲି ଯେ, ମତେ କିଛି ଉତ୍କୃଷ୍ଟ ସାହିତ୍ୟ ଅଛି ପଢିବାକୁ; ମୁଁ ପୁଣି ନିଜେ ଲେଖିବା କ'ଣ ଦରକାର ? ଏହାର ଆବଶ୍ୟକତା ନାହିଁ। ମୁଁ ଏଥର କେବଳ ଅନ୍ୟମାନଙ୍କୁ ପଢିବି। ଏଥିପାଇଁ ପୂରା ବିଶ୍ୱର ବିସ୍ତୀର୍ଣ୍ଣ କ୍ଷେତ୍ର ମୋ ସାମନାରେ ଖୋଲା ପଡିଛି। ଏମିତି ଦଶ ବର୍ଷ ବିତିଗଲା ଯେଉଁ ସମୟରେ ମୁଁ କିଛି ଲେଖିନାହିଁ। ମୁଁ ସେତେବେଳକୁ ଭାରତ ଏବଂ ଭାରତ ବାହାରେ ବିଭିନ୍ନ ସ୍ଥାନରେ ନିଜର ପୋଷ୍ଟିଂ କାଳରେ ଯେତେବେଳେ, ଯେଉଁଠୁ ବି କିଛି ବହି ପାଏ, ପଢିପକାଏ।

> **ଆମ ଓଡ଼ିଆ ଦାମ୍ପତ୍ୟ ଜୀବନରେ, ସ୍ୱାମୀର ମୃତ୍ୟୁ ପର୍ଯ୍ୟନ୍ତ ସ୍ତ୍ରୀଟିଏ ନିଜର ସ୍ୱାମୀକୁ କେବେ କହେନାହିଁ, 'ଆଇ ଲଭ୍ ୟୁ।'**

**ସାହିତ୍ୟ ଚର୍ଚ୍ଚା:** ତେବେ ଅଧ୍ୟୟନରେ ବିତିଗଲା ଦଶବର୍ଷ ?

**ହରପ୍ରସାଦ ଦାସ:** ହଁ, କେବଳ ଅଧ୍ୟୟନ।

**ସାହିତ୍ୟ ଚର୍ଚ୍ଚା:** ଏହା ନିଜର କବିତା ଲେଖିବା ପ୍ରତି ବି ଏକ ବିତୃଷ୍ଣା ଭାବ ଆସିଯିବାର କାରଣ ନଥିଲା ତ ?

**ହରପ୍ରସାଦ ଦାସ:** ନା, ନା। କବିତା ଭିତରେ ତ ମୁଁ ବୁଡି ରହିଥିଲି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏତେ ଗଭୀରକୁ ବୁଡିଗଲେ ଯେ କବିତା ରଚନାରୁ ଦୂରେଇଗଲେ, ଏ କେମିତି !

**ହରପ୍ରସାଦ ଦାସ:** ମୁଁ ଏତେ ଗଭୀରକୁ ଗଲି, ଯେ ମୋ'ର ମନେହେଲା ଯେ ମୁଁ ପଢୁଥିବା ସବୁତକ କବିତା ହିଁ ମୋ'ର। ଆଉ ଲେଖିବି କ'ଣ !

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଏକ କବିତା ସଂକଳନ, 'ଏକ ଅପାର୍ଥିବ ପ୍ରେମ କବିତା' - ଏଥିରେ ଅଛି ଦାମ୍ପତ୍ୟ ଜୀବନର ଏକ ଅନୁପମ ପ୍ରତିଫଳନ। ଏ କବିତା ପଛର ଅଭିଜ୍ଞତାଟି କ'ଣ ?

**ହରପ୍ରସାଦ ଦାସ:** ଜାଣେନା କାହିଁକି, ଏହି ବହିଟି ବଜାରରୁ ସାଙ୍ଗେ ସାଙ୍ଗେ ସରିଗଲା। ଏଇଟି ଚର୍ଚ୍ଚାକୁ ଆସିଥିଲା। କେତେ ପ୍ରକାର ଅନୁଭୂତିକୁ ନେଇ ସେ କବିତା। ମୁଁ ଦିଲ୍ଲୀରେ ଥିବାବେଳେ ଭାବିଲି ଯେ ଗୋଟିଏ ସ୍ୱାମୀ ଏବଂ ସ୍ତ୍ରୀ ର ସମ୍ପର୍କ ଭିତରେ କ'ଣ ଥାଏ ? ପଶ୍ଚିମ ଦେଶମାନଙ୍କରେ ପ୍ରତ୍ୟେକ ମୁହୂର୍ତ୍ତରେ 'ଆଇ ଲଭ୍ ୟୁ' କୁହାଯାଏ। ସେ ଭିତରେ ହଜାରେ ଲଭିଂ ଓ କିସିଂ ମଧ୍ୟ ହୋଇଯାଏ। ଆମ ଓଡ଼ିଆ ଦାମ୍ପତ୍ୟ ଜୀବନରେ, ବା ଭାରତୀୟ ଜୀବନରେ, ସ୍ୱାମୀର ମୃତ୍ୟୁ ପର୍ଯ୍ୟନ୍ତ ସ୍ତ୍ରୀଟିଏ ନିଜର ସ୍ୱାମୀକୁ କେବେ କହେନାହିଁ, 'ଆଇ ଲଭ୍ ୟୁ।' କିନ୍ତୁ ଯଦି ସେ 'ଲଭ୍ ୟୁ'ଟା ନଥାଆନ୍ତା, ସେମାନେ ପଚାଶ ବା ଷାଠିଏ ବର୍ଷ କାଳ ପରସ୍ପର ସହିତ ରହିପାରିନଥାନ୍ତେ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ କବିତାର ଭବିଷ୍ୟତକୁ ଆପଣ କେମିତି ଦେଖନ୍ତି ?

**ହରପ୍ରସାଦ ଦାସ:** ମୁଁ ଏ ବିଷୟରେ ଆଶାବାଦୀ। ମୋ'ର ଧାରଣା ଯେ କବିତା ହେଉଛି ଗୋଟିଏ ଭାଷା। ଏହା ଭାଷାର ଏକ ଉତ୍ପାଦ ନୁହେଁ। ଏଣୁ ଯେତେଦିନ ପର୍ଯ୍ୟନ୍ତ ମଣିଷ ଜାତି ତିଷ୍ଠିରହିଛି ଭାବ ସଂଚାରର ଏକ ଭାଷା ଭାବରେ କବିତା ତିଷ୍ଠିରହିବ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ସାରସ୍ୱତ ଚର୍ଚ୍ଚାଟି ପାଇଁ ଆପଣଙ୍କୁ ଅଜସ୍ର ଧନ୍ୟବାଦ।

□□

ଗଳ୍ପ



# ସହାବସ୍ଥାନ

ସରୋଜିନୀ ସାହୁ

"ବାବୁରେ, ମୋ ପାଇଁ ଟିକେଟ୍ କାଟି ଦିଅନ୍ତୁନି, ମୁଁ କୁମ୍ଭ ମେଳାକୁ ଯାଆନ୍ତି।"

ପୁଅ ଲାପଟପ୍‌ରେ ବୁଡି ରହିଥିଲା। କିଛି ଉତ୍ତର ଦେଲା ନାହିଁ।

"ଏ ବାପି, ଶୁଣୁଛୁ କି ନାଁ ବା ? ମୋ ପାଇଁ କୁମ୍ଭମେଳାକୁ ଟିକେଟ୍ ଖଣ୍ଡେ କାଟି ଦିଅନ୍ତୁନି। ଶହ-ଶହ ଲୋକ ଯାଉଛନ୍ତି ମୁଁ ବି ଯାଆନ୍ତି। ଲାପ୍‌ଟପ୍‌ରୁ ମୁଣ୍ଡ ଟେକି ଚାହିଁଥିଲା ପୁଅ। "ତୁ କୁମ୍ଭମେଳାକୁ ଯିବୁ ? ତୁ ଯେତେ ପାପ କରିଛୁ, କୁମ୍ଭମେଳା ଯାଇ, ଗଙ୍ଗାରେ ଧୋଇଲେ ବି ସରିବିନି, ବୁଝିଲୁ ?"



ଧାଏଁ କରି ଅତଡା ଖସିଗଲା ଛାତିରୁ। ଚାହୁଁ-ଚାହୁଁ ତାଙ୍କ ମୁହଁ ଲାଲ ପଡ଼ିଗଲା। ପ୍ରଥମେ ତ କଥା ବାହାରିଲା ନାହିଁ ମୁହଁରୁ। ନିଜର ବିପର୍ଯ୍ୟସ୍ତ ଅବସ୍ଥାକୁ ପୁଣିଥରେ ସଜାଡି ନେଇ ବାଘୁଣୀ ପାଲଟି ଯାଇଥିଲେ ସେ। "ମୁଁ କ'ଣ ମଣିଷ ମାରିଛି ? ଚୋରି-ହାରି କରିଛି ? ହଇରେ ତୁ ଏଇ ପେଟରୁ ଜନ୍ମ ନେଇ ମା'ର ପାପ ପୂଣ୍ୟ ହିସାବ କରୁଛୁ ? ଧିକ୍ ମୋ ଭାଗ୍ୟ, ଧିକ୍ ମୋ ଜୀବନ। ଏତେ ହିସାବ ଜାଣିଛୁ ତ, ହିସାବ କଲୁନି ତୋ ପଢ଼ା ପାଇଁ କେତେ ଖର୍ଚ୍ଚ କଲି ମୁଁ। ଏତୁଟିଏରୁ ଏତେ ବଡ କଲି ଯେ ତାର ହିସାବ କିତାବ କରି ଦେଖିଲୁନି।"

କିଛି ପ୍ରତିକ୍ରିୟା ପ୍ରକାଶ କରିନଥିଲା ପୁଅ। ସମ୍ଭବତଃ ତା କାନରେ ଏସବୁ କିଛି ପଡିନଥିଲା। ପୂର୍ବବତ୍ ସେ ନିଜ କାମରେ ମଗ୍ନ ଥିଲା। ବିଦେଶିନୀ ଘାଇଲା ବାଘଟେ ପରି ଏପଟ ସେପଟ ହେଉଥିଲା ଘରଟା ଭିତରେ। ରାଗରେ ଜରଜର, ତାଙ୍କ ନଖ ଯେମିତି କଅଁଳି କରି ବଡ ବଡ ହେଇଯାଇଥିଲା, ଦାନ୍ତ ସବୁ ମୁନିଆ। ପଂଝା ମାରିବା ପାଇଁ ସେ ଶକ୍ତି ଠୁଳ କରିସାରିଥିଲେ। ମାତ୍ର ରୋଷେଇ ଘର ଆଡକୁ ଦୃଷ୍ଟି ପଡିବାମାତ୍ରେ, ସେ କେମିତି କେଜାଣି ବଡ ଅସହାୟ ମନେ କରିଥିଲେ। ତାଙ୍କ କ୍ରୋଧାଗ୍ନି ପାଉଁଶ ତଳେ ଦବିଗଲା ପରି ମନେ ହେଉଥିଲା।

ଲୋକ କହିଲେ ସେଘରେ ଜମା ଚାରିଜଣ। ଦି' ପୁଅ ଆଉ ବୋହୂ ଆଉ ଦି ମାସର ନାତି ଟି, ତାକୁ କ'ଣ ଗଣିବ ମଣିଷରେ ? ପାଟି ଫିଟିନି ଏଯାଏଁ। ବୋଧ ବୁଦ୍ଧି, ପାପ ପୂଣ୍ୟ, ପକ୍ଷ ପ୍ରତିପକ୍ଷ ହେବା ତ ଦୂରର କଥା। ନିଜ ପୁଅ ସହ କଥା କଟାକଟି ହେଇଯିବା ପରେ, ଆଉ ଦୁଇଟି କାନ ଉତ୍କର୍ଣ୍ଣ ହେଇ ରହିଥିଲା, ସେ କାନ ଦି'ଟି, ଅଟା ଗୁଳାକୁ ବେଲଣା କାଠିରେ ଚାପ ଦେଇ ଗୋଲ୍ ଗୋଲ୍ ରୁଟି ବେଲୁଥିବା ମଣିଷର ଥିଲା। ସେଇ ରୁଟି ବେଲୁ ଥିବା ମଣିଷକୁ ଦେଖି ସେ ନିରସ୍ତ୍ର ହେଇଯାଇଥିଲେ। ରୋଷେଇ ଘରୁ କେବଳ ଶବ୍ଦଟେ ଉଡି ଆସିଥିଲା 'ପାଣ୍ଡୋରାସ୍ ବକ୍ସ।'

ବିଦେଶିନୀ ଚିଡି ଉଠି କହିଥିଲେ, "କ'ଣ ଗୁଣୁଗୁଣୁ ହେଉଛୁ ? ପଣ୍ଡସ୍ ନ ପଣ୍ଡୁ ?"

ମଝିରେ ମଝିରେ ସ୍ୱଗତୋକ୍ତି କରୁଥାନ୍ତି। ଏଇ ଯେମିତି, ନଅ ମାସ ଗର୍ଭରେ ଧରିଲି। ନିଜେ ନ ଖାଇ ତୁମ ମାନଙ୍କୁ ଖୁଆଇଲି, ନିଜେ ଛିଣ୍ଡା ପିନ୍ଧି ତୁମ ମାନଙ୍କ ପାଇଁ ଅଳି ଅର୍ଦ୍ଦଳି ପୂରଣ କଲି। ହଠାତ୍ ପ୍ରତିପକ୍ଷକୁ ଆହ୍ୱାନ ଦେଲା ଭଳି ଚିତ୍କାର କରି ଉଠିଥିଲେ ସେ, "ଏ....ଏ., ତୋ କାନରେ କିଛି ପଡୁଛି କି ନାଇଁରେ।" ତାଙ୍କ କୁହାଟ ଶୁଣି ପୁଅ ପଚାରିଥିଲା, "କ'ଣ କହୁଛୁ ଲୋ ମମ୍। ମୁଁ ଶୁଣୁଛି, ରହ ତୁ ଡିଷ୍ଟର୍ବ କରନା।"

"ମୋ କଥା ଶୁଣିଲା ବେଳକୁ ତୋ ଡଷ୍ଟର୍ବ ହେଇ ଯାଉଛି। ଦେ ଦେ ମୋ ଟିକେଟ୍ କରି ଦେ ମୁଁ ଗାଁକୁ ଯିବି।"

"କିଆଁ", ଲପଟପ୍‌ରୁ ମୁଣ୍ଡ ଉଠେଇ ପଚାରିଥିଲା ପୁଅ।

"ତୋ ମୁଡ୍ କାହିଁକି ବିଗିଡିଛି କହିଲୁ? ହଉ ମୁଁ କାମ ବନ୍ଦ କଲି କହ ଏବେ।"

ଅପେରା ଦେଖିବାକୁ ବସିଥିବା ରୋଷେଇଘର ପଟରୁ ଆଖି ଦୁଇଟି ହତାଶ ହେଇଥିଲା ଏୟା ଭାବି ଯେ ଏଇ ସମର୍ପଣଭାବ ପାଇଁ କଥାଟି ଥମି ଯିବ ସଂଗେ ସଂଗେ।

ଦି'ଟି ଟ୍ରେରେ ଜଳଖିଆ ଆଣି ସେ ଦି ଠାଁରେ ରଖି ଥିଲା। ପୁଅ ନିଜ ଠାଁରେ ବସି ପଡୁପଡୁ କହିଥିଲା, "ସକାଳୁ ସକାଳୁ କିଆଁ ଏମିତି ହଉଛୁ କହିଲୁ?"

"ମୁଁ କ'ଣ ଅଶାନ୍ତି କଲି?" ସେ ଖୁବ୍ ଜୋର୍‌ରେ ଚିଲେଇଲେ, "ତୁ ମା'ର ପାପ ପୂଣ୍ୟ ହିସାବ କରୁଛୁ, ସେଇଥି ପାଇଁ ପରା ମୁଁ ତୋତେ ଜନ୍ମ ଦେଇଥିଲି ନୁହଁରେ? ଏଡେଟିଏରୁ ଏଡୁଟିଏ କରିଥିଲି। ନିଜେ ନ ଖାଇ ତୋତେ ଖୋଇଥିଲି...।"

"ତୁ ସେମିତି କିଛି ବଡ ତ୍ୟାଗ କରିନୁ ବୁଝିଲୁ। ସଂସାରରେ ସବୁ ମା' କରନ୍ତି, ତୁ କରିଲୁ। ମୁଁ ବି ମୋ ପୁଅ ପାଇଁ କରିବି। ଏଇଟା ଗୋଟେ ଫର୍ମୁଲା।"

**ଏ ଘରେ ମୁଁ ଦଣ୍ଡେ ରହି ପାରିବନି। ମାଇକିନା ପ୍ରୀତିରେ ମା'କୁ ଯେ ଝିଂଗାସୁଛି ତା ଘରେ ପାଣି ଠୋପେ ପିଇଲେ ବି ପାପ।**

"ତୋ ବାପା ସେମିତି କରୁଥିଲେ କି? ମନେ ପକା, ତୁ ସ୍କୁଲରୁ ଆସି ପିଜୁଳି ଗଛରେ ଚଢ଼ି, ମୋ ରାସ୍ତାକୁ ଅନିଶା କରୁଥିଲୁ, କେତେବେଳେ ମୁଁ ଘରକୁ ଫେରିବି ବୋଲି, ସେତେବେଳେ ତୋ ବାପା ହୋଟେଲରେ ଖାଇ, ବାସ୍ନା ପାନ ଚୋବେଇ ଚୋବେଇ ଘରକୁ ଫେରୁଥିଲେ। ତାଙ୍କ ମନ କହୁ ନ ଥିଲା ଫେରିଲା ବେଳେ ଛୁଆ ଦି'ଟାଙ୍କ ପାଇଁ ବରା ଆଳୁଚପ୍ ଦିଟା ନେଇ ଆସିବି ବୋଲି। ସେ ତୋ ପାଇଁ କ'ଣ କରିଛନ୍ତି ସେ କଥା ମୋତେ କହ।"

"ସେଇ କଥା ତ ମୁଁ ଭାବେ। ଏମିତି କିଆଁ? ସବୁ ବାପା ଯେତେବେଳେ ନିଜ ଛୁଆଁ ପାଇଁ ଡହଳ ବିକଳ ହୁଅନ୍ତି, ସେ କାହିଁକି ଏତେ ନିସ୍ପୃହ ଥିଲେ। ତୁ ଜାଣିଥିବୁ ସତ, ମୁଁ ଯାହା ଭାବେ, କହିଲେ ତୋତେ ଖରାପ୍ ଲାଗିବ।"

ରୋଷେଇ ଘର ଛାଡି, ଏବେ ଶୋଇବା ଘରେ ନିଜର ଦି ମାସର ପୁଅକୁ ସ୍ତନ ପାନ କରାଉଥିବା ମଣିଷଟି, ହୁ ହୁ ନିଆଁ ଲାଗିବାର ଦୃଶ୍ୟ ଦେଖି ପାରୁଥିଲା।

ଝଣ ଝଣିଆ ସ୍ୱରରେ ସେ ଚିତ୍କାର କରି ଉଠିଥିଲେ "କ'ଣ କହିଲୁ, ତୁ ଏନ୍ତୁଡିଶାଳରେ ମଲୁନି କିଆଁ। ତୋ ଘରେ ରହିଛି ବୋଲି ତୁ ଏତେ କଥା କହୁଛୁ। ତୋ ଜିଭଟା ଛିଣ୍ଡି ପଡୁନି। ନାଗ ସାପଟାକୁ ପେଟରେ ଧରିଥିଲିରେ।" ପାଦ କଚାଡ଼ି ହେଇ ବିଦେଶିନୀ ଅନ୍ୟ ବଖରାକୁ ଚାଲି ଯାଇଥିଲେ। ବିଛଣାରେ ଲେପଟି ପଡିଥିବା ବଡ ପୁଅକୁ ଟାଣି ଓଟାରି ଉଠେଇଥିଲେ ସେ। "ଚାଲ୍ ଏଇ ମୁହୂର୍ତ୍ତରେ ଚାଲ୍। ଏ ଘରେ ମୁଁ ଦଣ୍ଡେ ରହି ପାରିବନି। ମାଇକିନା ପ୍ରୀତିରେ ମା'କୁ ଯେ ଝିଂଗାସୁଛି ତା ଘରେ ପାଣି ଠୋପେ ପିଇଲେ ବି ପାପ। ଆରେ ପୋଡାମୁହାଁ ଉଠ୍, ଉଠ୍ କହୁଛି ପରା।"

"କୁଆଡେ ଯିବ?" ନିଦ ବାଉଳାରେ ପଚାରିଥିଲା ବିଦେଶିନୀଙ୍କ ବଡ ପୁଅ।

"ଷ୍ଟେସନ।"

"କିଆଁ।"

"ମୁଁ ଏଠି ଦଣ୍ଡେ ରହିବିନି।"

"କିଆଁ କଣ ହେଲା କି? ତୁ ଟିକେଟ କରିଛୁ ଯେ ଓଡ଼ିଶା ଯିବାକୁ ବାହରି ପଡିଲୁ!"

ଆବୁରୁ ଜାବୁରୁ କରି ନିଜର ଓ ବଡ ପୁଅର ଲୁଗାପଟା ଠୁସେଇ ଚାଲିଥିଲେ ସେ ଗୋଟେ ସୁଟ୍‌କେସ୍‌ରେ। ପାଉଡର ସିନ୍ଦୁର ଫରୁଆକୁ ରଖୁ ରଖୁ ଦି'ଟି ଯାକ ତଳେ ପଡି ଏକାକାର ହେଇ ଯାଇଥିଲା। "ତୁ ଡ୍ରାମା ବନ୍ଦ କର।" ଅଧା ଖିଆରୁ ଉଠି ଆସି ସାନପୁଅ କହିଲା "ତୁ ଟିକେଟ୍ କରି ଦେଉନୁ। କାହିଁକି ବୁଢ଼ୀଟାକୁ କନ୍ଦଉଛୁ?" ବଡ ପୁଅ କହିଥିଲା।

"ତୁ ଚୁପ୍ କର।" କହିଥିଲା ସାନପୁଅ। "ଟିକେଟ୍ କର କହିଲେ କ'ଣ ସଂଗେ ସଂଗେ ମିଳି ଯାଉଛି। ମୋତେ ତତ୍କାଳ କରିବାକୁ ସମୟ ଲାଗିବ। ରହ ଲୋ ତୁ, ଏମିତି ହଅନା।"

"ତୁ ଅଳସୁଆ, ମାଦଳ, ଗଡୁଆ। ତୋ କୋଢ଼ିଆ ଗୁଣ ପାଇଁ ତ ସେ ଏତେ ତାଉ ଦେଖଉଛି", କହିଥିଲେ ବିଦେଶିନୀ, "ମା'ର ପାପ ଦେଖୁଛୁ, ଧିକ୍।"

"ତୁ ବକ୍ ବକ୍ କରନା। ସେ କ'ଣ ମିଛ କହିଲା କି? ତୋତେ ଖରାପ୍ ଲାଗିଲେ ବି ଯାହା ସତ ତାହା ସତ ହିଁ।" କହିଥିଲା ବଡ ପୁଅ।


ବିଦେଶିନୀଙ୍କ ଇଚ୍ଛା ହେଇଥିଲା ମୁଣ୍ଡଟାକୁ ଢ଼ୋ କିନା

କାନ୍ଥରେ ପିଟିଦେବା ପାଇଁ। ମୁକୁଳି ଯା'ନ୍ତେ କି ସେ ଏ ଜୀବନରୁ। ଆଖି ବୁଜି ସେ ଛାତ ଉପରକୁ ଦୌଡିଥିଲେ। ପାରାପେଟ୍‌ରେ ବସି ଲୁହ ପୋଛୁ ପୋଛୁ, ସଜନା ପତର ଅନ୍ୟ ମନସ୍କ ଭାବରେ ଖୁଣ୍ଟି ଚାଲିଲେ।

ଶୋଇବା ଘରେ ଥିବା ମଣିଷଟି ଭାବିଲା, ତାଙ୍କ ପୁଅମାନେ ତାଙ୍କୁ କହୁଛନ୍ତି, ବୋହୁ କ'ଣ କଲା ଏଥିରେ ଯେ ଏମିତି କହୁଛନ୍ତି। ବୁଢ଼ୀଙ୍କ କାରନାମା ତାକୁ ଜଣାନାହିଁ। ତଥାପି ତାକୁ ବୁଢ଼ୀଙ୍କ କଥାଭାବି ଦୁଃଖ ଲାଗିଥିଲ। ଦି ମାସର ପୁଅଟାକୁ ଶୁଏଇ ଦେଇ ସେ ଛାତ ଉପରକୁ ଯାଇ ବିଦେଶିନୀଙ୍କୁ ଖାଇବା ପାଇଁ ଡାକିଥିଲା।

"ତୁ ଯା ଏଠୁ", ଧମକେଇ ଦେଇଥିଲେ ବିଦେଶିନୀ। ଅନନ୍ୟୋପାୟ ହେଇ ଫେରି ଆସିଥିଲା ବୋହୂଟି।

ଘରେ ଗୋଟେ ଥମ୍ ଥମ୍ ଭାବ। ଜଳଖିଆ ବନିଥିଲେ ବି କେହି ଖାଇଲେ ନାହିଁ। ବୋହୂଟି କ'ଣ କରିବ ବୁଝି ପାରି ନଥିଲା। ଦି ପହର ରୋଷେଇ ବସେଇବ ଅବା ଚୁପ୍‌ଚାପ୍ ଭୋକିଲା ପେଟରେ ଶୋଇ ରହିବ। ସାନପୁଅ ନିଜ ଲାପ୍‌ଟପ୍ ଖୋଲି ଶୋଇ ପଡ଼ିଥିଲା। ବଡ଼ପୁଅ ପୂର୍ବବତ୍ ଶବ ପାଲଟି ଯାଇଥିଲା ତା ବିଛଣାରେ। ବିଦେଶିନୀ ଯେ ଏ ଭିତରେ ଘର ଛାଡି ବାହାରି ଯାଇଛନ୍ତି କେହି ଟେର୍ ପାଇ ନ ଥିଲେ।



ଗୋଟେ କେହି ତାଙ୍କ ପାଦ ବାଟ କଢ଼େଇ ନେଇଥିଲା। ପାଖରେ ଥିବା ପାର୍କ ଆଡକୁ। ଗଛ ଛାଇ ଦେଖି ବେଞ୍ଚିଟିଏରେ ଆଉଜି ବସିଥିଲେ ସେ। କାଉଟେ କା କା କରି ନିଜର ଉପସ୍ଥିତି ଜାହିର୍ କରିଥିଲା। ପାର୍କର ଅନ୍ୟ କୋଣରେ କେହି ଜଣେ ବସି କିଛି ଗୋଟେ କରୁଥିଲା। ନ ହେଲେ ପୁରାଟା ପାର୍କ ଶୂନ୍‌ଶାନ୍ ଥିଲା। ସିମେଣ୍ଟ ବେଞ୍ଚକୁ ଆଉଜି ସେ ଜୀବନର ଟାଇଁ ଟାଇଁଆ ଗଳି ଭିତରକୁ ପଶି ଯାଇଥିଲେ। ସେଇଟା ଧର୍ଷଣ ହିଁ ଥିଲା। ଅନିଚ୍ଛାକୃତ। ଅଥଚ ତାଙ୍କୁ ଆଶାର ଆଲୋକଟେ ଧରେଇ ଦେଇଥିଲା କେହି। କେହି ଜଣେ ସ୍ୱପ୍ନ ଦେଖେଇ ଥିଲା, ସୁନେଲୀ ସ୍ୱପ୍ନ। ସେ ସ୍ୱପ୍ନରେ ମସ୍‌ଗୁଲ୍ ହେଇଯାଇଥିଲେ। ପେଟରେ ବୁଣି ହେଇଥିବା ମଞ୍ଜିର ସମ୍ଭାବନାର ପତ୍ର କଅଁଳି ସାରିଥିଲା। ତଥାପି ସେ ମୋହାଚ୍ଛନ ଥିଲେ, ସ୍ୱପ୍ନ ଭିତରେ ଥିଲେ। ତାଙ୍କର ପ୍ରଚଣ୍ଡ ଆସ୍ଥା ଥିଲା, ଦିନେ ନା ଦିନେ ତାଙ୍କ ସ୍ୱପ୍ନ ସାକାର ହେବ। ଡାକ୍ତର ଦାସ୍‌ଙ୍କ ସୌମ୍ୟ ଚେହେରା, ଆଶ୍ୱାସନାର ବାଣୀରେ ସେ ଏମିତି ହିପ୍ନୋଟାଇଜ୍ ହେଇଯାଇଥିଲେ ଯେ, ବାରି ହେଇଯାଉଥିଲା ପେଟ ଆକାର ଦେଖି, ଅନ୍ୟ ସହକର୍ମୀଙ୍କ ଟାହି ଟାପରା, ମା'ର କ୍ରୋଧ ସବୁ କିଛି ଅକାରଣ ମନେ ହେଉଥିଲା। ସେଦିନ ତାଙ୍କର ନାଇଟ୍ ଡ୍ୟୁଟି ଥିଲା। ଡକ୍ଟର ଦାସ୍‌ଙ୍କର ବି। "ସାର୍ ଆଇ ଲୁଚେଇ ହେଉ ନାହିଁ, ଜଲ୍‌ଦି କିଛି ବ୍ୟବସ୍ଥା କରନ୍ତୁ ସାର୍।"

"ତମକୁ ତ ମୁଁ କହିଥିଲି ଆବୋର୍‌ସନ୍ କରେଇ ଦିଅ। ଶୁଣିଲନି। ଭଉଣୀ ବାହା ହେଇନି। ଘରେ ମୋ ବାହାଘର କଥା ମୁଁ କହିପାରୁନି କ'ଣ କରିବି କୁହ।"

ମା କହିଲା, "ନର୍ସ ହେଇ ଛୁଆଟାକୁ ଭଙ୍ଗେଇ ପାରିଲୁ ନାହିଁ। ଏବେ ଲୋକ ଲଜ୍ୟାରେ ଜିଇଁ ପାରିବୁ ?"

ଆଗକୁ ଅନ୍ଧାର ଥିଲା, ଜିଦ୍ ବି ଥିଲା। ସେ ଡାକ୍ତର ଦାସଙ୍କ ପିଛା ଛାଡିନଥିଲା। ତଥାପି ଠକି ହେଇଗଲେ। ଡାକ୍ତର ଦାସ୍ ଯେତେବେଳେ ଅନ୍ୟ ଜାଗାରେ ବାହା ହେଇ ବଦଳି ନେଇ ଚାଲିଗଲେ, ତାଙ୍କ ସ୍ୱପ୍ନର ଘର ଚୁରମାର୍ ହେଇ ଯାଇଥିଲା। ଜନ୍ମିତ ପିଲାଟି ତାଙ୍କର ପାପ ହେଇ ରହିଗଲା ସବୁଦିନ ପାଇଁ।

ସେଇଭଳି ଆଉ ଜଣେ ଥିଲେ, ଏଇ ପିଲା ଦିହିଁଙ୍କର ବାପା। ନିଜ ଭଙ୍ଗା ହୃଦୟକୁ ସଜାଡି, ପୁଣି ଥରେ ଛିଡା ହେଲା ବେଳକୁ ପ୍ରତିଦିନ ହାଜର ହେଇଗଲେ ସେ ଘରେ। ଭରସା ଦେଲେ। ଓଠରେ ହସ ଦେଲେ। ସେଥର ଆଉ ପୁରୁଣା ଭୁଲ୍ କରି ନଥିଲେ ବିଦେଶିନୀ। ମିଠା ଦିଅ, ମିକ୍‌ଚର ଦିଅ, ଶାଢ଼ି ଦିଅ ଯାହା ଉପହାର ଦେଉଛ ଦିଅ, ମାତ୍ର ପ୍ରତିବଦଳରେ ଦେହ ନୁହଁ। ଜାତିରେ ଛୋଟ ଜାତି ଥିଲେ ପିଲା ଦିହିଁଙ୍କ ବାପା, ମା କହିଥିଲା ସବୁ ଜାଣି ଶୁଣି ବାହା ହେବାକୁ ଚାହୁଁଛି ତ ବାହା ହେଇ ଯା। ନ ହେଲେ କିଏ ବାହା ହେବ ତୋତେ। ଜୀବନ ସାରା ଅଭିଆଡୀ ରହିଯିବୁ। ବାହାଘର ହେଇଥିଲା ନିରାଡମ୍ବର

ଭାବରେ ମନ୍ଦିରରେ। ବାହାଘର ପରେ ବିଦେଶିନୀ ଜାଣି ପାରିଥିଲେ, ଏ ଲୋକ ବି ସେମିତି ସାଧୁ କିଛି ନୁହଁ। ସେ ଦ୍ୱିତୀୟ ଥର ପାଇଁ ପ୍ରତାରିତ ହେଇଛନ୍ତି, ଲୋକଟି ବିବାହିତ। ପିଲା ସ୍ତ୍ରୀ ସମସ୍ତେ ଅଛନ୍ତି ଗାଁରେ। ଜାଣିବା ପରେ ତାଙ୍କ ହୃଦୟ ଭାଙ୍ଗି ପଡିଥିଲା। ଦୁନିଆଟାକୁ ସେ ଅବିଶ୍ୱାସ ଆଖିରେ ଦେଖିଥିଲେ। ପୂର୍ବ ଜନ୍ମର ପାପ କଥା ଭାବି ଥିଲେ। ଖୁବ୍ ଅଶାନ୍ତି ଲାଗି ରହିଥିଲା ଦାମ୍ପତ୍ୟ ଜୀବନରେ। ଶେଷରେ ଗୋଟେ ସର୍ତ୍ତକୁ ମାନି ନେଇଥିଲେ ଦୁହେଁ। ବିଦେଶିନୀ କସ୍ମିନ କାଳେ ଶାଶୁ ଘରକୁ ଯିବେ ନାହିଁ। ସ୍ୱାମୀର ଦରମାରେ ଦାବୀ ରଖିବେ ନାହିଁ। ସେ ସବୁ ପ୍ରଥମ ସ୍ତ୍ରୀ ଓ ସେପଟ ପିଲାଙ୍କର। ଅଥଚ ସେ ସବୁଦିନ ପାଇଁ ବଂଧା ହେଇ ରହିବେ ବିଦେଶିନୀଙ୍କ ପାଖରେ। ଏ ଭଳି ସହବସ୍ଥାନକୁ ଉଭୟ ମାନି ନେଇଥିଲେ।

**ବିଦେଶିନୀଙ୍କୁ ସ୍ୱାମୀଟିଏ ଲୋଡା, ପିଲା ଦିହିଁଙ୍କ ପାଇଁ ବାପ ଲୋଡା, ସେଇଥିପାଇଁ କେବଳ ଲୋକଟି ଯୋଡି ହେଇ ରହିଥିଲା।**

ତେଣୁ ବିଦେଶିନୀଙ୍କ ଦରମାରେ ଚଳୁଥିଲା ଘର। ପିଲା ଦି'ଟି ଜନ୍ମ ହେଇଥିଲେ ବାହାଘର ପରେ। ମାତ୍ର ପିଲା ଦିହିଁଙ୍କୁ ଭଲ ପାଇ ପାରୁନଥିଲେ ତାଙ୍କ ସ୍ୱାମୀ। କେଜାଣି କାହିଁକି ତାଙ୍କର ମନେ ହେଉଥିଲା ଯେ ଏମାନେ ତାଙ୍କର ଛୁଆ ନୁହନ୍ତି। କୌଣସି ମାୟା ନ ଥିଲା ବାପର ପିଲା ପିଲି ଦିହିଁଙ୍କ ପ୍ରତି। ବାହାଘରଟା ଥିଲା ଯେମିତି ଗୋଟେ ବୁଝାମଣା। ବିଦେଶିନୀଙ୍କୁ ସ୍ୱାମୀଟିଏ ଲୋଡା, ପିଲା ଦିହିଁଙ୍କ ପାଇଁ ବାପ ଲୋଡା, ସେଇଥିପାଇଁ କେବଳ ଲୋକଟି ଯୋଡି ହେଇ ରହିଥିଲା। ଗାଁ ସ୍ତ୍ରୀ, ଗାଁରେ ରହିଥିବା ପିଲା ଯେଉଁ ସୁବିଧା ସୁଯୋଗ ପାଇଥିଲେ, ଯେଉଁ ସ୍ନେହ ମମତା ପାଉଥିଲେ ତାର କାଣିଚାଏ ପାଇ ନ ଥିଲେ ବିଦେଶିନୀଙ୍କ ପୁଅ ଦିହେଁ। ଅଥଚ ନିର୍ବିକାର ଭାବରେ ତାଙ୍କ ସ୍ୱାମୀ ଏଇ କୁମାରୀ ମାତା ବିଦେଶିନୀଙ୍କୁ ପତ୍ନୀର ପରିଚୟ ଦେଇଥିଲେ ସର୍ବସମ୍ମୁଖରେ।

ଜୀବନରେ ସେ ଭୁଲ୍ କରିଛନ୍ତି ଅବା ଜୀବନ ତାଙ୍କୁ ଭୁଲ୍ ରାସ୍ତାରେ ଟାଣି ଘୋଷାରି ନେଇଛି ସେ ଜାଣନ୍ତି ନାହିଁ, ତେବେ ନିଜ ପିଲାଙ୍କ ସାମ୍ନାରେ ସେ ଘୃଣ୍ୟ ହେଇ ରହିବାକୁ ଚାହାନ୍ତି ନାହିଁ। ତାଙ୍କୁ ଅସହାୟ ଲାଗୁଥିଲା। ସେ କେବେ କଳ୍ପନା ବି କରିନଥିଲେ ଯେ ତାଙ୍କ ପିଲାମାନେ ଦିନେ ତାଙ୍କ ଅତୀତକୁ ନେଇ ଏଭଳି ପ୍ରତିକ୍ରିୟା ପ୍ରକାଶ କରିବେ ବୋଲି। ମା'ର ଅସହାୟତାକୁ ଅୟସ ବୋଲି ଭାବି ତାକୁ କାଠଗଡାରେ ଠିଆ କରିବେ ବୋଲି। ତା ହେଲେ କ'ଣ ଠିକ୍ ହେଇଥାନ୍ତା, ପିଲାଟିକୁ ଗର୍ଭରେ ମାରିଦେବା? ପିଲାଟିର ବା ଭୁଲ୍ କ'ଣ ଥିଲା। ତାଙ୍କର ମାୟା ଆସି ଯାଇଥିଲା। ଛାଡ କେହି ବୁଝି ପାରିବେ ନାହିଁ ତାଙ୍କୁ, କେହି ବି ନୁହଁ।

ବିଦେଶିନୀଙ୍କ ଆଖି ଲାଗି ଆସୁଥିଲା। ପାର୍କର ଅନ୍ୟ କୋଣରେ ବସିଥିବା ଭିକାରୁଣୀ କିମ୍ବା ପାଗଳୀ ପରି ଦିଶୁଥିବା ସ୍ତ୍ରୀ ଲୋକଟି ଆସି ପହଞ୍ଚିଥିଲା ତାଙ୍କ ପାଖରେ। ଅଦ୍ଭୁତ ଚେହେରାର ସ୍ତ୍ରୀ ଲୋକଟିକୁ ଦେଖି କିଛିଟା ସଂକୁଚିତ ହେଇଯାଇଥିଲେ ସେ। ସେ ସବୁକୁ ଖାତିର୍ ନ କରି ସ୍ତ୍ରୀ ଲୋକଟି ଆସି ବସିଥିଲା ତାଙ୍କ ପାଖରେ। କନ୍ନଡ ଭାଷରେ କିଛି ଗପିଥିଲା ତାଙ୍କ ସଂଗେ। ସ୍ତ୍ରୀ ଲୋକଟିର ଭାଷା ଥିଲା ଅବୋଧ। କିଛି ପଚାରିଲା। ସେ କିଛି ଉତ୍ତର ଦେଇ ପାରିଲେ ନାହିଁ। ସ୍ତ୍ରୀ ଲୋକଟି ଅଗତ୍ୟା ତା ଗଣ୍ଠିଲି ଖୋଲି ପାଉଁରୁଟି ପ୍ୟାକେଟ୍ ଟେ ବାହାର କରିଥିଲା। ତାଙ୍କରି ଆଡକୁ ବଢ଼େଇ ଦେଇଥିଲା ଅତି ଶ୍ରଦ୍ଧାରେ। ସ୍ତ୍ରୀ ଲୋକଟି ହସୁଥିଲା। ତା ଦାନ୍ତ କଳା ଓ କୁତ୍ସିତ ଥିଲା କିନ୍ତୁ ଆଖିରୁ ଝରି ପଡୁଥିଲା ମମତା। ତାଙ୍କୁ ଘୃଣା ଲାଗୁଥିଲେ ବି ପାଉଁରୁଟିର ସ୍ଲାଇସ୍‌ଟିଏ ନେଇଥିଲେ ବିଦେଶିନୀ। ନା, ତାଙ୍କର ଭୋକ ନ ଥିଲା। ଇଚ୍ଛା ବି ନ ଥିଲା ଖାଇବା ପାଇଁ ଯଦିଓ ସ୍ତ୍ରୀ ଲୋକଟି କନ୍ନଡ ଭାଷାରେ ବାରମ୍ବାର ଉସ୍‌କୋଉଥିଲା ଖାଇ ନେ ବୋଲି। ସେ ମୂର୍ତ୍ତିବତ୍ ବସି ରହିଥିଲେ। ହଠାତ୍ ଗୋଟେ ପରିଚିତ ଶବ୍ଦ ଶୁଣି ସେ ଚମକି ପଡିଥିଲେ। "ଛି, ତୁ ଏ ଭିକାରୁଣୀ ଠୁଁ ମାଗି ଖାଉଛୁ?" କହୁଥିଲା ବଡପୁଅ। ସାନପୁଅ କହୁଥିଲା, "ଆମେ କେତେ କୁଆଡୁ ବୁଲି ବୁଲି ଆସିଲୁଣି ତୁ ଏଇଠି ବସିଛୁ। ମୁଁ ଏବେ ପୋଲିସ୍ ଷ୍ଟେସନ ଯାଇଥାନ୍ତି। ତୁ ଏତେ ଡ୍ରାମା କାହିଁକି କରୁଲୋ ମା। ଚାଲ ଘରକୁ ଚାଲ୍।"

ଏତେ ଦୁଃଖରେ ବି ବିଦେଶିନୀଙ୍କୁ ଲାଗିଥିଲା ତାଙ୍କ ପେଟ ପୂରିଯାଇଛି। ତାଙ୍କର ଆଉ କୌଣସି ଦୁଃଖ ନାହିଁ। ଅଭିମାନ ନାହିଁ। ତାଙ୍କ ପିଲା ଦିହେଁ ଏବେ ବି ତାଙ୍କ ସାଥିରେ ଅଛନ୍ତି। ସେ ଅସହାୟ ନୁହନ୍ତି। ସେ ଯେ ଦୁଇ ପୁଅର ମା।

□□

ଲେଖିକାଙ୍କ ଇ-ମେଲ ଠିକଣା:
sarojinisahoo@gmail.com


ପ୍ରବନ୍ଧ

# ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଡାହୁକ ଗୀତ



କୃଷ୍ଣଚନ୍ଦ୍ର ରଥ

ଶ୍ରୀ କ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବହୁ ପ୍ରାଚୀନ। ଦ୍ୱାଦଶ ଯାତ୍ରା ମଧ୍ୟରେ ରଥଯାତ୍ରା ଅନନ୍ୟ ଓ ଶ୍ରେଷ୍ଠ ଉତ୍ସବ ଭାବରେ ପାଳିତ ହୁଏ। ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିବାର ଅନୁମାନ କରାଯାଉଛି। ପୂର୍ବରୁ ଶ୍ରୀକ୍ଷେତ୍ରର ରଥଦାଣ୍ଡ ବାଲୁକାବୃତ ଓ ମାଳିନୀ ନଈ ବଳଗଣ୍ଡି ନିକଟରେ ପ୍ରବାହିତ ହେଉଥିବାରୁ ରଥଯାତ୍ରା ସମୟରେ ଛଅଟି ରଥ ନିର୍ମାଣ କରାଯାଉଥିଲା। ତିନୋଟି ରଥରେ ଚତୁର୍ଦ୍ଧାମୂର୍ତ୍ତି ମାଳିନୀ ନଈ ପର୍ଯ୍ୟନ୍ତ ଆସୁଥିଲେ। ପରେ ମହାପ୍ରଭୁମାନେ ନୌକା ବା ଦୋଳ ରୂପରେ ନଈ ପାରି ହେବା ପରେ ଆଉ ତିନୋଟି ଚାରିଚକିଆ ଶଗଡି ରଥରେ ଶ୍ରୀଗୁଣ୍ଡିଚା ମଣ୍ଡପକୁ ବିଜେ ହେଉଥିଲେ।



ନବଦିନର ଏହି ଯାତ୍ରାରେ ଠାକୁରମାନେ ସାତଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରି ବାହୁଡ଼ା ବିଜେରେ ଶ୍ରୀମନ୍ଦିର ଫେରି ଆସୁଥିଲେ। ଗବେଷକଙ୍କ ମତରେ ପ୍ରଥମ ଭାନୁଦେବ ଖ୍ରୀ.ଅ. ୧୨୬୪-୧୨୭୮ଠାରୁ ମାଳିନୀ ନଈ ପୋତାଇ ଛଅରଥ ପରିବର୍ତ୍ତେ ତିନିରଥରେ ରଥଯାତ୍ରା ଆରମ୍ଭ କରାଇଥିଲେ। ଏହି ସମୟରେ ରଥଯାତ୍ରା ଦେଖିବାକୁ କମ୍‌ସଂଖ୍ୟକ ଦର୍ଶନାର୍ଥୀ ଆସୁଥିଲେ। ରାସ୍ତାଘାଟ ଗାଡି ମଟରର ଏତେଟା ସୁବିଧା ନ ଥିଲା। ରଥ ଟାଣିବା କାର୍ଯ୍ୟ କଳାବେଠିଆ ଓ ଗଜପତିଙ୍କ ହସ୍ତୀ ଦ୍ୱାରା ସମାହିତ ହେଉଥିଲା। କାଳକ୍ରମେ ରଥଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ଅନଙ୍ଗ ଭୀମଦେବ (୩ୟ) 'ରଥ ଛତିଶା ନିଯୋଗ' ଗଠନ କରିଥିଲେ। ସେଥିରେ ରଥ ଡାହୁକ ସେବାକୁ ୩୫ତମ ସ୍ଥାନରେ ରଖିଥିଲେ। ଗବେଷକଙ୍କ ମତରେ ତ୍ରୟୋଦଶ ଶତାବ୍ଦୀରେ ଏହି ସେବା ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ସେବକ ଖଟଣି ନିଯୋଗ (କର୍ମାଙ୍ଗୀ) ମାଦଳା ପାଞ୍ଜିରେ ଭୋଇ ବଂଶ ରାଜା ରାମଚନ୍ଦ୍ର ଦେବ ଏକ ନୂଆ ସ୍ୱତ୍ୱଲିପି ପ୍ରକାଶ କରିଥିଲେ। ସେଥିରେ ରଥ ଡାହୁକ ସେବା ଅନ୍ୟତମ ସେବା ବୋଲି ଉଲ୍ଲେଖ କରାଯାଇଥିଲା।- "ଏ ଭୂଇଁ ଭୋଗୀ, ଏମାନେ ରଥ ବେଳେ ରଥ ଚଳାଇବେ। ମୋଡ ବେଳେ ରଥ ଚଳାଇବେ। ଅକଥା କହି ପରମେଶ୍ୱର ରଥ ରୋକାଇ, ଆଗ ଜନମାନବ ରୋକି, ରଥଗତି ଉଣ୍ଡି, ବେତ ଚଳାଇ ମୋଡ କଥା କହିବେ।" ୧୯୫୨ ମସିହାରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଶ୍ରୀମନ୍ଦିର ସ୍ପେଶାଲ ଅଫିସର ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ପ୍ରକାଶ କରାଯାଇ, ସେଥିରେ ୧୧୯ ପ୍ରକାର ସେବା ମଧ୍ୟରେ ୧୦୪ ତମ ସେବାରେ ରଥ ଡାହୁକ ସେବାର ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିଲା।

### ରଥ ଡାହୁକ

ଗୁଣ୍ଡିଚା ଯାତ୍ରାର ପୂର୍ବ ଦିନରୁ ରଥ ଖଳାରୁ ସିଂହଦ୍ୱାରକୁ ରଥ ଆଣିବା ଓ ଗୁଣ୍ଡିଚା ଦିନ ଓ ବାହୁଡ଼ା ଦିନ ରଥ ଟଣା ସମୟରେ ରଥ ଉପରେ ରହି ଦୁଇ ବେତ ହଲାଇ ରଥ ଚଳାଇବା କାର୍ଯ୍ୟ ନିର୍ବାହ କରିବା, ଦକ୍ଷିଣୀ ମୋଡ ସମୟରେ ରଥ ଉପରେ ରହିବା ଓ ପ୍ରତ୍ୟେକ ରଥରେ ପାଳି ଅନୁସାରେ ଜଣେ ରଥଡାହୁକ ରହିବା ସହିତ ସେମାନେ ଲୋକଙ୍କ ମନକୁ ଆନନ୍ଦ ଦେଲା ଭଳି ରସପୂର୍ଣ୍ଣ ପଦ୍ୟାବଳୀ ଢଗଢମାଳି ବୋଲି ଶ୍ରୋତାମଣ୍ଡଳୀ ଓ ଭକ୍ତମାନଙ୍କୁ ଉତ୍ସାହିତ କରି ଶରୀରରେ ଅଫୁରନ୍ତ ଶକ୍ତି ସାମର୍ଥ୍ୟ ସୃଷ୍ଟି କରି ରଥଟଣାକୁ ସହଜ କରିବାକୁ ଚେଷ୍ଟା କରନ୍ତି। ଅଶ୍ଳୀଳ ଗୀତ ଗାଇବା କଥା ଅଦ୍ୟାବଧି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲିଖିତ ରହିଛି। କିନ୍ତୁ ରଥ ଡାହୁକମାନେ କର୍ମାଙ୍ଗୀରେ ଅକଥା ବୋଲି ଗୀତ ଭାଙ୍ଗି ରଥ ଚଳାଇବାକୁ

ଥିବାରୁ ସେମାନେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ପରିବର୍ତ୍ତନ ହେଲେ ବି ଅକଥା ବୋଲୁଥିଲେ। ଏହାକୁ ଜନସାଧାରଣ ଗ୍ରହଣ ମଧ କରୁଥିଲେ। ଏହି ସେବା ବଂଶାନୁକ୍ରମିକ ସେବା ଥିବାରୁ ରଥ ଡାହୁକମାନେ ସେମାନଙ୍କ ବଂଶଧର ପୁଅ, ପୁତୁରାଙ୍କୁ ଏହିପରି ବୋଲିବାକୁ ନିର୍ଦ୍ଦେଶ ଦେଉଥିଲେ। ଏମାନେ ଶାଢ଼ି ବନ୍ଧା ସେବକ ନୁହନ୍ତି। ଏମାନେ ସେବା କରିବାକୁ ଜମି ପାଇଥାନ୍ତି। ଏମାନେ ସାଧାରଣତଃ ପ୍ରଧାନ ଜାତିର ସେବକ। ଏମାନେ ଶ୍ରୀମନ୍ଦିର ତରଫରୁ ସ୍ୱଳ୍ପ ବେତନ ଓ ତିନି ଖଣ୍ଡ ବୋଇରାଣୀ ଶାଢ଼ି ପାଇଥାନ୍ତି। ସେବାରେ ତ୍ରୁଟି କଲେ, ସେବାରୁ ଅନ୍ତର କରାଯାଇପାରିବ ଓ ଅନ୍ୟ ସେବକ ନିଯୁକ୍ତି କରାଯିବାର ବ୍ୟବସ୍ଥା ରହିଛି। ପୂର୍ବରୁ ରଥଯାତ୍ରା ଦେଖିବାକୁ ଅଳ୍ପସଂଖ୍ୟକ ଯାତ୍ରୀ ପୁରୀକୁ ଆସୁଥିଲେ। ରାସ୍ତା ଘାଟର ସୁବନ୍ଦୋବସ୍ତ ନ ଥିଲା। ପୁରୀର ବଡ଼ଦାଣ୍ଡ ମାଟିବାଲି ପୂର୍ଣ୍ଣ ଥିଲା। ବର୍ଷା (ଆଷାଢ଼ ମାସ) ସମୟରେ ବଡ଼ଦାଣ୍ଡରେ କାଦୁଅ ହେଉଥିବାରୁ ରଥଟାଣିବା କଷ୍ଟକର ହେଉଥିଲା। ତେଣୁ ଲୋକମାନଙ୍କୁ (ଶ୍ରୋତା ମଣ୍ଡଳୀଙ୍କୁ) ଅକଥା ବା ଅଶ୍ଳୀଳ ଢଗଢମାଳି ଗୀତ ବୋଲି ରଥ ଡାହୁକମାନେ ଶିହରଣ ସୃଷ୍ଟି କରି ଉନ୍ମାଦିତ କରୁଥିଲେ ଫଳରେ ରଥ ଟାଣିବା ସହଜ ହେଉଥିଲା।

> **ପୂର୍ବରୁ ରଥ ଡାହୁକମାନେ ବୌଦ୍ଧ ଦୋହା ବା ଚର୍ଯ୍ୟା ପଦ୍ୟାବଳୀକୁ ରଥଯାତ୍ରା ସମୟରେ ରଥ ଉପରେ ବୋଲୁଥିଲେ। ଏଥିରେ ଯଥେଷ୍ଟ ସାହିତ୍ୟିକ ମୂଲ୍ୟ ଥିଲା।**

**ଶବର ସଭ୍ୟତା**

ରଥଟଣା ସମୟରେ ଡାହୁକ ବୋଲିକୁ କେତେକ ଗବେଷକ ମତରେ ଶବର ସଭ୍ୟତାରୁ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଆରମ୍ଭ ହୋଇଥିବାରୁ ଡାହୁକ ଏକ ପକ୍ଷୀ, ଡାହୁକ ଯେତେବେଳେ ରାବ ଦିଅନ୍ତି ସେତେବେଳେ ବର୍ଷା ହୁଏ ଓ ପୃଥିବୀ ଶସ୍ୟଶ୍ୟାମଳ ଓ ଫଳପ୍ରସୂ ହୋଇଥାଏ। ରଥ ଉପରେ ଡାହୁକ ଗୀତ ବୋଲିଲେ ମହାପ୍ରଭୁଙ୍କ ରଥଯାତ୍ରା ବେଶ ମନୋରମ ଓ ଆନନ୍ଦଦାୟକ ହୋଇଥାଏ। କେତେକ ଗବେଷକ କହନ୍ତି ଡାହୁକ ଚର୍ଯ୍ୟାପଦ୍ୟାବଳୀର ସିଦ୍ଧ ସାଧକଙ୍କ ବଂଶଧର ଓ ବୌଦ୍ଧ ଦୋହାରୁ ଡାହୁକର ପଦ୍ୟାବଳୀ ସୃଷ୍ଟି ହୋଇଥାଇପାରେ। କିନ୍ତୁ ଏପରି କିଛି ପ୍ରମାଣ ମିଳେ ନାହିଁ।

ଡାହୁକ ଗୀତ ଦ୍ୱିଅର୍ଥବୋଧକ ଗୀତ। ପୂର୍ବରୁ ରଥ ଡାହୁକମାନେ ବୌଦ୍ଧ ଦୋହା ବା ଚର୍ଯ୍ୟା ପଦ୍ୟାବଳୀକୁ ରଥଯାତ୍ରା ସମୟରେ ରଥ ଉପରେ ବୋଲୁଥିଲେ। ଏଥିରେ ଯଥେଷ୍ଟ ସାହିତ୍ୟିକ ମୂଲ୍ୟବୋଧ ଥିଲା। ରଥଡାହୁକ ଗୀତରେ ସାଧାରଣତଃ ପୂର୍ବରୁ ବ୍ରହ୍ମଚର୍ଯ୍ୟ ସାଧନା, ଷଡ଼ଚକ୍ର ଭେଦ, କୁଣ୍ଡଳିନୀ ଶକ୍ତି ଜାଗ୍ରତ, ଯୋଗ ସାଧନ, ଇଳା, ପିଙ୍ଗଳା, ସୁଷୁମ୍ନା ନାଡୀ, ଆଧ୍ୟାତ୍ମିକ ଚେତନା, ଭକ୍ତି ଭାବ କଥା ମାନ ବହୁଳ ଭାବରେ ରହୁଥିଲା। ତାହା ଦ୍ୱିଅର୍ଥବୋଧ ହେଲେ ବି ରସାଳ, ମଧୁର ଶ୍ରୁତି ମଧୁର ହେବା ସହିତ ଅନେକ ଉପମା, ରୂପକ ଶ୍ଳୋକାତ୍ମକ ଶବ୍ଦ ପ୍ରୟୋଗ ଦ୍ୱାରା ଆକର୍ଷଣୀୟ ଓ ମାଧୁର୍ଯ୍ୟପୂର୍ଣ୍ଣ ମନେ ହେଉଥିଲା। ରଥ ଡାହୁକମାନେ ୧୯୯୭ ପର୍ଯ୍ୟନ୍ତ ଦ୍ୱିଅର୍ଥବୋଧକ ଅଶ୍ଳୀଳ ବୋଲି ବୋଲୁଥିବାର ପ୍ରମାଣ ରହିଛି ଯଥା-

(୧) ଭଗତେ ହୋ, ହାଡୁପା କହିଲେ ବାଇ, ଏଠାରେ..... ପରାନ ସୁଖ ଅପାର, ...... ବାଦଲେ ଲିଙ୍ଗର.... ତିରିଧାର ନାଳ ନିଅଇ ତେଣ୍ଡି, ଛଅ ଗଣ୍ଠି ଭେଦଇ ସେ ନାଳ ଯେବେ, ରମଣ କରିବୁ ଭକତ ତେବେ, ଭଗତେ ହୋ-ଭଗତେ ରଥ ଚଳିବ କି ନାହିଁ।

(୨) ହୋ ଭଗତେ, ହୋ ଭଗତେ, ରଥ ଚାଲେ ଘୁଁ, ଚକ ଚାଲେ ଘୁ, ଯା'ର ମୁଣ୍ଡରେ ସିନ୍ଦୂର ଟୋପା ତାରି ଘଇତା ମୁଁ।

(୩) ନଈ ତଳେ ଗଲା ଓଧ ଏଇ ଟୋକିଟାର ଫୁଲୁଆ.... କଳେ ଚାଖି ମନ ବୋଧ।

(୪) ରସିକନାଗର ମୋହିନୀରଙ୍କା, ବାଙ୍କ ଚାହାଣୀ ତା' ଚୂଳ ବଙ୍କା, ପୀରତି କରିବ ଦେଖିଲେ ଏକା, ହୋ ଭଗତେ।


(୫) ଏଇ ନାଲି ଶାଢ଼ି ପିନ୍ଧା ଟୋକି କି ଦେଖ, ଢଳ ଢଳ ତା' ନବ ଯଉବନ, ପୀରତି କରିଲେ ଏ ପାଇବୁ ସୁଖ, ହୋ ଭଗତେ।

(୬) ହୋ ଭଗତେ, ଘର ଭିତରେ ଚାରି କଣ, ନଇଁ ପଡ଼ି ଗୋରୀ ଗଣ, ଟେକି ଦେଖ ଛଅାଣ, ହୋ ଭଗତେ।

(୭) ମାଠିଆ ମୁହଁ ତଳକୁ, ଟୋକିଟାକି ଦିଅ ...... କୁ, ...... ଯିବ ଭିତରକୁ। ଡେରି ନ କରି ଆସ ପାଖକୁ ହୋ ଭଗତେ, ରଥ ଟାଣି ନିଅ ଗୁଣ୍ଡିଚା ଘରକୁ।

**ନିଷେଧାଜ୍ଞା**

ଏହିପରି ରଥ ଡାହୁକମାନେ ରସରସିଆ ଗୀତ ଯୋଡ଼ିଯାଡ଼ି ବୋଲୁଥିଲେ । ୧୯୯୭ ମସିହାରୁ ଶ୍ରୀମନ୍ଦିର ପ୍ରଶାସନ ଡାହୁକ ଗୀତକୁ ଅଶ୍ଳୀଳ କହି ବୋଲା ନ ଯିବା ନିମନ୍ତେ ନିଷେଧାଜ୍ଞା ଜାରି କରିଥିଲେ । କାରଣ ପୂର୍ବରୁ ସେ ବଡ଼ଦାଣ୍ଡ ଆଜି ପିଚୁ ହୋଇ ଯାଇଛି । ରାସ୍ତା ଘାଟରେ ବାଲି, ମାଟି, ପାଣି ଜମୁ ନାହିଁ । ରଥମାନେ ମହାପ୍ରଭୁଙ୍କୁ ବସାଇ ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ଯିବାକୁ ଆଉ ଅସୁବିଧା ହେଉନାହିଁ । ଗାଡ଼ି ମଟର, ରେଳଗାଡିର ସୁବିଧା ରହିଥିବାରୁ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ରଥଯାତ୍ରା ସମୟରେ ହେଉଛି । ରଥ ଟାଣିବା ପାଇଁ ପୂର୍ବର ସେ ଅସୁବିଧା ଦୂର ହୋଇଯାଇଛି । ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସ ବାହିନୀଙ୍କୁ ରଖାଯାଉଛି । ତେଣୁ ରଥ ଡାହୁକମାନେ ଅଶ୍ଳୀଳ ଗୀତ ବୋଲି ଭକ୍ତଙ୍କ ଶରୀରରେ ଶିହରଣ ସୃଷ୍ଟି କରିବାର ଆବଶ୍ୟକତା ନାହିଁ । ତଥାପି ପୂର୍ବର ପରମ୍ପରା ଅନୁଯାୟୀ ରଥ ଡାହୁକ ସେବାର ଆବଶ୍ୟକତା ସମସ୍ତେ ଉପଲବ୍ଧି କରୁଛନ୍ତି । ଏବେ ଆଧ୍ୟାତ୍ମିକ ଭକ୍ତି ଭାବନାକୁ ଆଘାତ ନ ଦେଇ ରୁଚିପୂର୍ଣ୍ଣ ସରସ ସୁନ୍ଦର ଗୀତ ବୋଲି ରଥ ଡାହୁକମାନେ ତାଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି । ଯଥା-



(୧) କୁକୁର ଲାଙ୍ଗୁଡ ବଙ୍କା, ଜଗା ବଳିଆଙ୍କୁ ମନ ଟେକି ଦେଲେ ନ ରହିବ ଆଉ ଶଙ୍କାରେ ।

(୨) ହୋ ଭଗତେ, ରଥେ ବସିଛନ୍ତି ବାମନ ମୁରତି, ଦରଶନ କରିଲେ ପାଇବୁ ମୁକତି, ସାତ ଜନମର ପାପ ହୋଇବ କ୍ଷୟ, ମନେ ନ ରହିବ ସଂସାର ଭୟରେ ।

(୩) ବଡ଼ ଦାଣ୍ଡେ ଚାଲଇ ରଥ, ଆଗରେ ବଳିଆ, ପଛରେ କାଳିଆ, ମଝିରେ ଅଛନ୍ତି ସୁଭଦ୍ରା ମାତ, ବିଶ୍ୱପ୍ରସିଦ୍ଧ ଏ ଗୁଣ୍ଡିଚା ଯାତରେ ।

(୪) ଆଙ୍ଗୁଠି ଭିତରେ ମଳି, ଭିତରେ ଭିତରେ ସଲାସୁତରା, ତୁଚ୍ଛାକୁ ଲକ୍ଷ୍ମୀ ନାରାୟଣ କଳିରେ ।

(୫) ରଥ ଯାଏ ଗଡ଼ି ଗଡ଼ି, ଅଟକିବ ରଥ ଶରଧାବାଲିଲେ, ମହାପ୍ରଭୁ ଯିବେ ଗୁଣ୍ଡିଚା ବାଡ଼ି, ଗଳି ଲାଗିକ ଆଡପ ମଣ୍ଡପେ, ଲୋକେ ହେବେ ଭିଡ଼ାଭିଡ଼ି ।

ପରମ୍ପରା ଓ ସଂସ୍କୃତି ନିଶ୍ଚୟ ବଞ୍ଚି ରହିବ । ସମୟର ପ୍ରବାହରେ କିଛି ପରିବର୍ତ୍ତନ ହୋଇପାରେ, କିନ୍ତୁ ନିଶ୍ଚିହ୍ନ ହେବା ଅସମ୍ଭବ । ରଥ ଡାହୁକ ଗୀତର ପୂର୍ବରୁ ଆବଶ୍ୟକତା ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ରହିବ ବୋଲି ଏହି ଲେଖକର ପୂର୍ଣ୍ଣ ବିଶ୍ୱାସ ।

□□

ଲେଖକଙ୍କ ଇ-ମେଲ ଠିକଣା:
krushchandrarath@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାହିତ୍ୟାନୁରାଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।
୨. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଚ୍ଛ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।
୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।
୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।
୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।
୬. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି । କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏନାହିଁ ।
୭. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।
୮. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।
୯. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକର ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।



ରମ୍ୟରଚନା

# ମୁଁ ଓଡ଼ିଆ କହୁଛି

ଡା. ଅଭୟ ଦାଶ

ଭାବନ୍ତୁନି ଯେ ମୁଁ ଆଉ କ'ଣ କହୁଛି। ମୁଁ ଓଡିଆ କହୁଛି। ଆଜିକାଲି ଚାହା ସାଙ୍ଗରେ ଟିକିଏ ଟିଭି, ହ୍ୱାଟ୍ସଆପ୍, ମୋବାଇଲ ସୋସିଆଲ ମିଡିଆ ନ ହେଲେ ଖାନା ଡାଇଜେଷ୍ଟ ହଉନି। ଗାଷ୍ଟ୍ରିକ୍ ହେଇଯାଉଛି। ବେଶି ସମୟ ଦେଖିଲେ ସର୍ଭିକାଲ ହେଇଯାଉଛି ଯେ, ନ କହ! ଉଠିଲା ବେଳକୁ ଲୁମ୍ବାର୍ ହେଇ ଅଣ୍ଟା ଦରଜ। ଆଣ୍ଠୁ କଥା କହନା। କହୁଛନ୍ତି ନି-ରିପ୍ଲେସ କରିବାକୁ। ଏ ଟଙ୍କା ତିନିଲକ୍ଷ କିଛି ବଡ଼କଥା ନୁହଁ ଯେ, ଆଲୋଭେରା ଖାଉଛି। ରାମଦେବ ବାବା କହୁଛନ୍ତି ତ! ଟିଭିରେ କହୁଛନ୍ତି ସୁନ୍ଦରୀମାନେ, କୁଆଡେ କୁଆଡେ ପୂଜା ମାହୋଲ ମାଡି ଆସିଛି ସ୍ମାର୍ଟ ସିଟିକୁ। ଏକେବାରେ ସରଗରମ ମାହୋଲ। ଶାଢି, ସୁନା, ଜୋତା କି ଡିଜାଇନ! ଏ ଟିଭି ସୁନ୍ଦରୀମାନେ ଏମିତି ଜିଭମୋଡା ଓଡିଆ କହୁଛନ୍ତି, ଆମେ କୁଆଡେ ତାଙ୍କ ଦର୍ଶକ ବନ୍ଧୁ? କାଇଁ, ତାଙ୍କ ଘରୁ ତ କିଛି ବନ୍ଧୁ ଭାର କି ବେଭାର ଆସିନାହିଁ? ଦେଖୁଥିଲୁ ଓଡିଆ ଆଇଡଲ୍ ସୋ, ଝିଅ ତୁମ ନାଁ କଣ? 'ଅଚ୍ୟୁତା ଅନିନ୍ଦିତା, ଅପରାଜିତା', 'ଗୀତ ଶିଖୁଚ?' 'ଆଜ୍ଞା ମାମ୍।' 'ଘର କୋଉଁଠି?' 'କୋଉଁଠୁ ଆସିଚ?' 'ଭୁବ୍ନେସର୍।' 'ଗାଁ କୋଉଁଠି?' 'ଉଁ ଉଁ ଉଁ ଅଢଙ୍ଗ।' 'କ'ଣ ଗାଇବ?' 'କହ୍ନେଇ ଯାଇଚି ଗାଈଇ ଚରେଇ।' 'ହ ଉ ଗାଇଲ ଯେ ଟିକିଏ ଭଲସେ ପ୍ରିପାର କରି ଆସିବ, ସୁର୍‌ଟା ଖସିଯାଉଛି।' ତାପରେ, ନେକ୍ସଟ୍! ସମ୍ବାଦ ଶୁଣିବେ? 'ପୁରା ମାହୋଲ ବିଗିଡି ଯାଇ ରୋମ୍‌ଟା ଖଡ଼ା ହୋଇଗଲା। ଏଡ଼େବଡ଼ ହସ୍ତୀଙ୍କ ଦେହାନ୍ତ ସାଙ୍ଗକୁ ଏତେ ବଡ଼ ଘୋଟାଲାର ପର୍ଦ୍ଦାଫାସ୍!'



କେତେ କରୋଡ୍‌ର ହେରାଫେରି, କ'ଣ ସହଜ ବ୍ୟାପାର? କେଶକାନ୍ତି ଲଗାନ୍ତୁ ଚୁଟି ପାଚିବା, ଚୁଟି ଝଡ଼ିବା ବନ୍ଦ ହୋଇଯିବ। ମାଷ୍ଟରଙ୍କୁ ବି କହିବାକୁ ଲାଜ ଲାଗୁଛି, ପିଲାଙ୍କୁ ଚୁଟି କହିବାକୁ ଶିଖଉଛନ୍ତି। ସେଇଥିପାଇଁ ପିଲେ ଅର୍ଜୁନଙ୍କ ଧନୁର ନାଁ କହୁନାହାନ୍ତି। ଅସଭ୍ୟ କଥା ବୋଲି ସାରେ କହିଛନ୍ତି। ସେ ଅମୁକ କ୍ରିମଟା ଲଗେଇଲେ ଆପଣଙ୍କ ତ୍ୱଚା ସାଇନ୍ କରିବ। ବୁଝିଗଲୁ ସାରେ। ଆଉ ସେ କୁକୁରଙ୍କ ନସବନ୍ଦି ଘୋଟାଲା କଥା କ'ଣ କହିବା? ତା'ର କେବେ ପର୍ଦ୍ଦାଫାସ ହେବ ଦେଖିବାକୁ ବାକି ରହିଲା। 'ମାନେ ଆପଣ ଦେଖନ୍ତୁ, ଯାର ଗୋଟାଏ ଇଏ ଚାଲିଛି ଆପଣ ଜାଣିବେ ଯେ,' କହିଲେ ପଶୁ ବିଭାଗ ମନ୍ତ୍ରୀ। ଏଇଟା ବି ବୁଝିଗଲୁ ସାରେ। ବଳାତ୍କାର ମାସୁମ ଉପରେ? 'ନାହିଁ ଆଜ୍ଞା ସର୍କାର ବିରୋଧୀମାନେ ଓଲଟେଇ ଦେଇଛନ୍ତି,' କହିଲେ ବିଭାଗୀୟ ମୁଖପାତ୍ର। 'କାଲି ଏତିକି ବେଳେ ଏଇ ଜାଗାରେ ଦେଖାହେବ।' ଟିଭିଟା ଆର ଘରକୁ ନେଲେ, ଦେଖା ହେବ ତ? ନ ହେବ କାହିଁକି? ଜରୁର ହୋଗା। ଆପନମାନେ ଏ ସବ୍ ଝମେଲା ସେ ଛୁଟକାରା ପାଇବାକୁ ହେଲେ ତାର୍ ରାସ୍ତା ଆଛି। ଆପନ୍ ଆର୍ ଗୋଟାଏ ଟିଭି ନେଇ ନିଅନ୍ତୁ। ପ୍ରୋବ୍ଲେମ୍ ସଲ୍ଭ୍।

**ଶୁଦ୍ଧ ଓଡ଼ିଆ**

ଆମର ଫ୍ୟୁଚର ଜେନେରେସନ୍‌ଙ୍କୁ ଶୁଦ୍ଧ ଓଡିଆ ବନାଇବାର ପାଇଁ ଆମେ ଛୋଟ ପିଲାଙ୍କ ଲାଗି ପେଡିଆଟ୍ରିକ୍ ବର୍ଣ୍ଣାଶୁଦ୍ଧ ବୁକ୍ ଓ ବୁଢାଙ୍କ ପାଇଁ ଜେରିଆଟ୍ରିକ୍ ୱାର୍ଡ-ବୁକ୍ ପ୍ରଡ୍ୟୁସ କରିଛୁ। ଆପଣ ପଢ ତ ଜାଣ। ସମସ୍ତଙ୍କ ସୁବିଧା ପାଇଁ ଆମେ ନିଉ ଭୋକାବୁଲାରି ଲେଖା ଆରମ୍ଭ କରିଛୁ।

ଗେଟ୍ ରିଡ୍ ଅଫ ରୁଲ୍ ଇନ୍ ଇଙ୍ଗଲିସ।

କିପ୍ ୱାନ୍ ଇ, ୱାନ ଉ। ତା'ପରେ ଗୋଟାଏ ସ ରଖ। ଗୋଟାଏ ଜକୁ ଏଲିମିନେଟ କର। ଞକୁ ହଟାଓ। ଦ୍ୟାଟ୍ ଉଇଲ ସେଭ୍ ଫ୍ରମ୍ କନଫ୍ୟୁଜନ। ଓଡିଆ ଭାଷାକୁ ସ୍ଲିମ୍ ଟ୍ରିମ ରଖିବା ଆମର ଉଦ୍ଦେଶ୍ୟ। ଏଥିରେ କ୍ଲାସିକ ଟଚ୍ ପୂରା ଭରିଦେବା ଇନ୍ ଭଞ୍ଜ, କବିସୂର୍ଯ୍ୟ ଷ୍ଟାଇଲରେ। ଦେଖିବ ଓଡ଼ିଆ ଭାଷାକୁ ମଙ୍ଗଳ ଯାନରେ ନେଇ ମଙ୍ଗଳରେ ସ୍କୁଲ ପାଠରେ ପଢାଇବୁ। କେତେ ନାମ ହେବ। ଆକାଶ ପାତାଳ ସବୁଠାରେ ନିଉ ଓଡ଼ିଆ ଲିଟରେଚର୍ ମିଳିବେ।


**ଏହିପରି ଅନେକ ଅଛି ଆଜ୍ଞା ଖାଲି ଏ ସାହିତ୍ୟ ଚୋରଙ୍କଠାରୁ ଲୁଟାଇ ଲୁଟାଇ ଆମ ଦିନ ଗଲାଣି।**

ଏମିତି ସବୁ ନୂଆ ଶବ୍ଦ ଆସି ଓଡିଆକୁ ଏତେ ସମୃଦ୍ଧ କରିଦେଲାଣି ଯେ ମନେ ହୁଏ ଏଇଥିପାଇଁ ବୋଧେ ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଗଲା। ସେ ବୁଢା ଗୋପାଳ ପ୍ରହରାଜ, କାହିଁକି ମୁଣ୍ଡ ଖରାପ କରି ଏତେ ପରିଶ୍ରମ କରୁଥିଲା ? ଆମର ତ କାମ ଚଳିଯାଉଛି ! କହିବୁ ଯଦି ରକ୍ଷା ନାହିଁ। ଆଉ ଦଳେ ମଡର୍ଣିଷ୍ଟ ମାଡି ବସିବେ। କ'ଣ ମାରା ହେଇଗଲା ? ଗାଇ ତ ଗାଇ ନା, ଆଉ କ'ଣ ? ଆମେ ଦେଖିଲୁ, ଆମେ ନିଜକୁ ବଦଳାଇ ନେବାକୁ ଯାଇ ନୂଆ ସାହିତ୍ୟ ସୃଷ୍ଟି କରିଯିବା, ଭବିଷ୍ୟତ ପିଢି ପାଇଁ। ଗୋଟାଏ ସାମ୍ପୁଲ ଦେଖନ୍ତୁ। ଗୋପବନ୍ଧୁଙ୍କ 'ରହ ରହ କ୍ଷଣେ ବାଷ୍ପିୟ ଶକଟ'କୁ ନେଇ, 'ରହିଯା ଟିକିଏ ଇଲେକ୍ଟ୍ରିକ ଗାଡି, ଉଠେଇବି ଫଟୋ ସେଲ୍ଫି ଦେବି ଛାଡି।' ଗୋଟାଏ ଉପେନ୍ଦ୍ର ଭଞ୍ଜ ଷ୍ଟାଇଲରେ, 'ଅର୍ଜୁନ ଧନୁରୁ ବ କାଢିନେଇ ସେଇଠି ଗୋଇଠା ମାଇଲା, ହନୁ ପବନ ବେଗରେ ଧାଇଁଲା। କ୍ଷମା ଦେବ ବନ୍ଧୁ ଭୁଲ ନ ଧରିବ, ସ୍ୱାମୀ ଅଭୟାନନ୍ଦ ଯେ ବୋଇଲା।' ଏହିପରି ଅନେକ ଅଛି ଆଜ୍ଞା, ଖାଲି ଏ ସାହିତ୍ୟ ଚୋରଙ୍କଠାରୁ ଲୁଟାଇ ଲୁଟାଇ ଆମ ଦିନ ଗଲାଣି, କିଛି ସାହିତ୍ୟ ଏକାଡେମୀ, ସଂସ୍କୃତି ମନ୍ତ୍ରାଳୟକୁ ବନ୍ଦ ଲଫାପାରେ ଦେଇ ଲବିଙ୍ଗ୍ ଚଲେଇଛି। ହବ ସାର୍ ହବ। ଦେଖିବେ ଦିନେ 'ଶାସ୍ତ୍ରୀୟ ମାନ୍ୟତା ଟୁ' ମିଳିବା ଦୂର ନାହିଁ। ହେଲା ବୋଲି ଜାଣ। ଆମକଥା ବଳପୂର୍ବକ ଶୁଣିବାରୁ, ଆମେ ଆପଣଙ୍କ ପାଖରେ ଚିର କୃତଘ୍ନ ଧନ୍ୟବାଦ ସାରେ। ରହୁଛୁ ଏଁ ?

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com






କବିତା

# ଅଭିନେତ୍ରୀ

ଜାନକୀ ବଲ୍ଲଭ ଦାଶ

ମୁଁ ଅଭିନେତ୍ରୀ
ହଁ ହଁ ମୁଁ ଅଭିନେତ୍ରୀ ।
ଦୁଃଖର ପାହାଡେ ବୋଝ
ଛାତିରେ ଚାପି
ହସିବା ଶିଖିଚି ବୋଲି ତ
ମୁଁ ଅଭିନେତ୍ରୀ ।
ରୂପ ଲାବଣ୍ୟର ଛଟାରେ ଓ
ଖିଲିଖିଲି ହସରେ
ନିଃଶବ୍ଦ ରାତିକୁ ଥରାଇ ପାରେ ବୋଲିତ
ମୁଁ ଅଭିନେତ୍ରୀ ।
ମାଦକର ବର୍ଣ୍ଣରାଟ ଭରା ସମ୍ମୋହନରେ
ଦର୍ଶକକୁ ସମ୍ମୋହିତ କରି ପାରେ ବୋଲିତ
ମୁଁ ଅଭିନେତ୍ରୀ ।
ନିଶବ୍ଦ ରାତିରେ
ଘୁଙ୍ଗୁରର ଛମ ଛମ ଅବାଜ ଓ
ନୃତ୍ୟର ଛନ୍ଦେ ଛନ୍ଦେ
ଓ ତାଳେ ତାଳେ ନିଜ ସହ
ଦର୍ଶକକୁ ନଚେଇ ପାରେ ବୋଲି ତ
ପ୍ରଶଂସାର ସୁଅ ଛୁଟେ
ନିର୍ଦ୍ଦେଶକର ଇଙ୍ଗିତରେ
ମୁଁ ସମ୍ମୋହନର ବୀଜ ବୁଣି
ଦର୍ଶକକୁ ଧରି ରଖିବାର କ୍ଷମତାରେ
ମୋର ପେଟ ପୋଷେ ।
ନିହାତି ନିଜର ନହେଲେ
କିଏ କାହିଁ ବୁଝିବ ମୋର ଦୁଃଖ ?
ଅନେକ ଦୁଃଖକୁ ସାଉଁଟି
ହସିବାରେ ମୋର ଆନନ୍ଦ ।



ରୋଗୀଣା ମାଆର ଔଷଧ
ଭୋକିଲା ସାନ ଭାଇର ପେଟ
ମୋ ସାମ୍ନାରେ ଜଳୁଥିବା
ମୋ ବାପାର ଶବ
ପରିସ୍ଥିତି ଓ ପରିବେଶ
ଘୁଙ୍ଗୁର ବାନ୍ଧିବାକୁ ମୋତେ କାବୁ କରେ ।
ମୁଁ ନାଚେ, ସେ ନାଚରେ ଥାଏ
ଦର୍ଶକର ଭୋକ
ସେ ଦେହର ବା ମନର
ମୋର ଯାଏ ଆସେ ନାହିଁ ।
ପେଟର ଭୋକ ମୋର
ମୋତେ ବାଧ୍ୟ କରେ
ଘୁଙ୍ଗୁର ବାନ୍ଧିବାକୁ
ଛୋଟ ପୋଷାକ ପିନ୍ଧିବାକୁ
ସଂସ୍କୃତିର ପରିଛଦକୁ ଟାଣି ଉତାରି
ଫିଙ୍ଗି ଦେବାକୁ
ଉତାରି ଦେବାକୁ ନାରୀର ଭୂଷଣ ।
ମୁଁ କିନ୍ତୁ କାନ୍ଦେ
କେଉଁ ଏକ ଅସହାୟତାରେ
ସେ ଅସହସୟତାର ମୂଲ୍ୟରେ
ମୁଁ ମୋ କୁଟୁମ୍ବ ପୋଷେ
ମୋ ନିରିହତାର ମୂଲ୍ୟ ଦେବାକୁ
କିନ୍ତୁ କେହି ହାତ ବଢ଼ାଏନି ।

□□

କବିଙ୍କ ଇ-ମେଲ ଠିକଣା:
janakiballavdash@gmail.com

ଧାରାବାହିକ ପ୍ରବନ୍ଧ

# ରୁକ୍ମିଣୀ ବିଭା ଓ କବି କାର୍ତ୍ତିକ ଦାସ



ଡ. ଅଶୋକ କୁମାର ପଣ୍ଡା

କବି କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀ ବିଭା' ଏକ ଜନପ୍ରିୟ କାବ୍ୟ। ପୌରାଣିକ କଥାବସ୍ତୁ ଅବଲମ୍ବନରେ ରଚିତ କାବ୍ୟଟିରେ ଆଳଙ୍କାରିକ ଆଡମ୍ବର ଦେଖାଯାଏ ନାହିଁ। ଷୋଡଶ ଶତାବ୍ଦୀର ଶେଷ ଭାଗରେ କାବ୍ୟଟି ରଚିତ ହେଲେ ହେଁ ଏଥିରେ ରାଧାକୃଷ୍ଣ ପ୍ରୀତିର ପରକୀୟା ଭାବନା ଅପେକ୍ଷା ସ୍ୱକୀୟାର ସରଳ ସାମାଜିକ ସଂସ୍କାରଗତଭାବ ଏହି କାବ୍ୟକୁ ଏକ ଶୁଦ୍ଧ ଏବଂ ସଂଯତ ଭାବରେ ପରିପୁଷ୍ଟ କରିଅଛି। କାବ୍ୟର କଳେବର ନୈସର୍ଗିକ ଶୋଭାର ଗନ୍ତାଘର। ସରଳ ଓ ସାବଲୀଳ ଭାଷାରେ କବି କାବ୍ୟଟିକୁ ରଚନା କରିଥିବାରୁ ବୋଧଗମ୍ୟ ଓ ସୁଖପାଠ୍ୟ ହୋଇଅଛି।




ଦ୍ୱାରକାର ଅଷ୍ଟପାଟବଂଶୀଙ୍କ ମଧ୍ୟରେ ରୁକ୍ମିଣୀ ସ୍ୱକୀୟାର ଗୌରବରେ ନିଜକୁ ଏକାନ୍ତ ଭାଗ୍ୟବତୀ କରିଥିଲେ। ରୁକ୍ମିଣୀଙ୍କ ସହିତ ଶ୍ରୀକୃଷ୍ଣଙ୍କ ପରିଣୟ ଏହି କାବ୍ୟର କଥାବସ୍ତୁ। ଶ୍ରୀକୃଷ୍ଣଙ୍କ ଦ୍ୱାରକାଲୀଳା ଅନ୍ତର୍ଗତ ରୁକ୍ମିଣୀ ପରିଣୟ ବିଷୟଟିକୁ ଦଶଗୋଟି ଛାନ୍ଦରେ କବି ବର୍ଣ୍ଣନା କରିଛନ୍ତି। ଏହି କାବ୍ୟର କଥାବସ୍ତୁରେ ରୀତିଯୁଗର ସଙ୍କେତ ବାରି ହୋଇଥାଏ। ନାୟିକାର ନାୟକ ନିକଟକୁ ଚିଟାଉ ଲେଖିବା ଏବଂ ପ୍ରେମ ନିବେଦନ କରିବା ଏହି କାବ୍ୟର ସ୍ୱତନ୍ତ୍ର ବିଶେଷତ୍ୱ। ଶିଶୁପାଳ ଏବଂ ଜରାସନ୍ଧଙ୍କୁ ବଧ କରି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିଛନ୍ତି। କାବ୍ୟରେ ପ୍ରୟୋଗ ଅଳଙ୍କାର ନାୟିକା ରୁକ୍ମିଣୀ ଶୋଭାବୃଦ୍ଧିରେ ସହାୟକ ହୋଇଅଛି।

ପଦ୍ମ ପୁରାଣରେ ବର୍ଣ୍ଣିତ ଚରିତକୁ ଅବଲମ୍ବନ କରି କାବ୍ୟଟି ରଚିତ ହୋଇଅଛି ବୋଲି କବି ପ୍ରକାଶ କରିଛନ୍ତି। କବିଙ୍କ ଭାଷାରେ-

"ପଦ୍ମପୁରାଣ କଥା ଏହି ମତ
ଶୁଣି ଛାଡ ହୋ ଅଶେଷ ଦୁରିତ।" (୧୦ମ ଛାନ୍ଦ)

କାବ୍ୟରେ କବି ନିଜର ସୃଜନ ସୁଲଭ ଦୈନ୍ୟ ପ୍ରକାଶ କରି ବେଦବ୍ୟାସଙ୍କ ପଦାନୁସରଣ କରିବାରେ ଅସମର୍ଥ ବୋଲି ପ୍ରକାଶ କରିଛନ୍ତି। କବିଙ୍କ ଭାଷାରେ-

"ଅପୂର୍ବ ରସ ପ୍ରକାଶ ଯହିଁ କବି ବେଦବ୍ୟାସ
ତହିଁ ମନ ବଢ଼ିବ କେମନ୍ତେ ହେ;
କେବଳ ଭରସା ଏହି ଯହିଁ ଅଧିକାର ନାହିଁ
କୃପା କରି ଦେଇଛ ଜଗତେ ହେ ॥ (୧ମ ଛାନ୍ଦ)

### ଶ୍ରୀକୃଷ୍ଣଙ୍କ ନିର୍ମଳ ଲୀଳା

ଏହି କାବ୍ୟରେ ଶ୍ରୀକୃଷ୍ଣଙ୍କ ନିର୍ମଳ ଲୀଳା ବର୍ଣ୍ଣିତ ହୋଇଥିବାରୁ ସାଧୁ ବା ପଣ୍ଡିତ ଜନମାନେ ଦୋଷ ଧରିବେ ନାହିଁ ଏବଂ ଖଳମାନେ ନିନ୍ଦା କରିପାରିବେ ବୋଲି କବି କହିଛନ୍ତି। 'ଭାଗବତ' ଓ 'ପଦ୍ମପୁରାଣ'ର ରୁକ୍ମିଣୀ ହରଣ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି। କବିଙ୍କ ଭାଷାରେ-

"ଦେବତା କଥାରେ ଦୋଷ ନ ଧରିବେ ସାଧୁ ଲୋକ
ତେଣୁ ମୋହର ଭରସା ଚିତ୍ତେ ହେ,
ନିନ୍ଦି ନପାରିବେ ଖଳ ଶ୍ରୀକୃଷ୍ଣ କଥା ନିର୍ମଳ
ଗାଇବଇଁ ଭାଷା ଛାନ୍ଦ ଗୀତେ ହେ।" (୧ମ ଛାନ୍ଦ)

କବି ଆଉ ଦୁଇଟି କାବ୍ୟ, ଯଥା- 'ନବାନୁରାଗ' ଓ 'ରାମରାବଣ ଯୁଦ୍ଧ' ରଚନା କରିଥିବା ଜଣାଯାଏ। କବିଙ୍କର ବାସସ୍ଥାନ ଓ ଜନ୍ମ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ମିଳେ ନାହିଁ। କବିଙ୍କ 'ରକ୍ମିଣୀ ବିଭା' କାବ୍ୟରୁ ଜଣାଯାଏ ସେ ଷୋଡ଼ଶ ଶତାବ୍ଦୀର କବି ଥିଲେ। 'ରୁକ୍ମିଣୀ ବିଭା' କାବ୍ୟର ଅଷ୍ଟମ ଛାନ୍ଦର ରାଗ ନିର୍ଦ୍ଦେଶରେ 'ଦିଶ କେଦାର ମୁନିବର ବାଣୀ' ବୋଲି ଲେଖିଛନ୍ତି। ପାଠାନ୍ତରରେ "ମାରକଣ୍ଡ ରଷି କହେ, ଏ

ବାଣୀରେ ଗାଇବ” ବୋଲି ଉଲ୍ଲେଖ ଅଛି। “ମାରକଣ୍ଡ ଋଷି କହେ” ଛାନ୍ଦଟି ଅର୍ଜୁନ ଦାସଙ୍କ ‘ରାମବିଭା’ କାବ୍ୟରେ ଅଛି। ଏଥିରୁ ଜଣାଯାଏ ଯେ ଅର୍ଜୁନ ଦାସଙ୍କ ପରବର୍ତ୍ତୀ କବି କାର୍ତ୍ତିକ ଦାସ।

କାବ୍ୟର ପ୍ରଥମ ଛାନ୍ଦରେ କବି ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରି କାବ୍ୟର ନମସ୍କ୍ରିୟା, ବସ୍ତୁ ନିର୍ଦ୍ଦେଶ, ସାଧୁସ୍ତୁତି, ଖଳନିନ୍ଦା ସମସ୍ତ ବର୍ଣ୍ଣନା କରିଛନ୍ତି। ଶ୍ରୀକୃଷ୍ଣ ଏବଂ ରୁକ୍ମିଣୀଙ୍କ ବିବାହ କଥା ଏଠାରେ କହୁଛି। ଏହା ଭକ୍ତ ଜନମାନଙ୍କରେ ଶ୍ରବଣ ଲୋଭା କାହାଣୀ।

କବିଙ୍କ ଲେଖନୀରେ–

“ହରି ରୁକ୍ମିଣୀର ବିଭା ଶୁଣିତ ଶ୍ରବଣ ଲୋଭା
ଭଗତ ଜନଙ୍କ ପ୍ରେମ ନିଧିହେ।”

ଦ୍ୱିତୀୟ ଛାନ୍ଦରେ ବିଷୟ ଆରମ୍ଭ। ବ୍ରହ୍ମସାଗରେ ବିଷ୍ଣୁଙ୍କ ଦ୍ୱାରପାଳ ଜୟବିଜୟଙ୍କ ମର୍ତ୍ତ୍ୟରେ ଅସୁର ଯୋନିରେ ଜନ୍ମ, ବିଷ୍ଣୁଙ୍କ ସହିତ ବିବାଦ, ତାଙ୍କ ହାତରେ ମୃତ୍ୟୁଲୀଳା ବର୍ଣ୍ଣିତ। ଭଗବାନ ସ୍ୱୟଂ ବିଭିନ୍ନ ସମୟରେ ବିଭିନ୍ନ ଅବତାରରେ ଜନ୍ମଲଭି ଅସୁରମାନଙ୍କୁ ଧ୍ୱଂସ କରିଛନ୍ତି। ବିଷ୍ଣୁ କୃଷ୍ଣ ରୂପରେ, ଲକ୍ଷ୍ମୀ ରୁକ୍ମିଣୀ ରୂପରେ ଅବତୀର୍ଣ୍ଣ ହେଲେ। ଗୋପରେ ରାମ ଓ କୃଷ୍ଣ ଜନ୍ମ ଗ୍ରହଣ କରି ଅସୁରମାନଙ୍କୁ ନିଧନ କଲେ। ଶ୍ରୀକୃଷ୍ଣ ଗୋପରୁ ମଥୁରାକୁ ଯାଇ କଂସକୁ ବଧ କରି ଉଗ୍ରସେନଙ୍କୁ ରାଜା କଲେ। ଜରାସନ୍ଧକୁ ବଧ କଲେ। କାଳଦମନ ଅସୁର ଦ୍ୱାରକାକୁ ଆକ୍ରମଣ କରିବାକୁ ଆସିବାରୁ ସମୁଦ୍ର ଭିତରେ ଦ୍ୱାରକାକୁ ଲୁଚାଇ ରଖିଲେ। ତା’ପରେ ବିଶ୍ୱକର୍ମା ନୂଆ ଦ୍ୱାରକା ନଗର ନିର୍ମାଣ କଲେ। ଏଠାରେ ଶ୍ରୀକୃଷ୍ଣ ଆନନ୍ଦରେ ଦିନ ଅତିବାହିତ କରୁଥିଲେ। ବିଦର୍ଭର ରାଜା ଭୀଷ୍ମକଙ୍କ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ରୁକ୍ମିଣୀଙ୍କ ବିଚକ୍ଷଣତା ଏବଂ ଅନେକ ରୂପ ଗୁଣ ଥିବା କଥା ଶୁଣି ଶ୍ରୀକୃଷ୍ଣ ଅତ୍ୟନ୍ତ ମୁଗ୍ଧ ହୋଇଗଲେ। ଏହି କାବ୍ୟରେ କବି ନାୟକ/ନାୟିକାଙ୍କର ପୂର୍ବଜନ୍ମ ବୃତ୍ତାନ୍ତ କଥା କହିଛନ୍ତି।

**ବିଦର୍ଭର ରାଜା ଭୀଷ୍ମକଙ୍କ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ରୁକ୍ମିଣୀଙ୍କ ବିଚକ୍ଷଣତା ଏବଂ ଅନେକ ରୂପ ଗୁଣ ଥିବା କଥା ଶୁଣି ଶ୍ରୀକୃଷ୍ଣ ଅତ୍ୟନ୍ତ ମୁଗ୍ଧ ହୋଇଗଲେ।**

## ରୁକ୍ମିଣୀଙ୍କ ଅଙ୍ଗଶୋଭା

ତୃତୀୟ ଛାନ୍ଦରେ ରୁକ୍ମିଣୀ ଯୁବା ଅବସ୍ଥା ପ୍ରାପ୍ତ ହୋଇଥିବା କଥା ଚାରମୁଖରୁ ଶ୍ରୀକୃଷ୍ଣ ଶୁଣିଲେ। ରୁକ୍ମିଣୀଙ୍କ ଅଙ୍ଗଶୋଭା ଲାବଣ୍ୟରାଶି ଶୁଣି ଶ୍ରୀକୃଷ୍ଣ ମନେ ମନେ ଆନନ୍ଦିତ ହେଲେ। ରୁକ୍ମିଣୀଙ୍କ ଶରୀରର ରୂପ ଶୋଭା ଦେଖି ପିତା ସ୍ୱୟମ୍ବର ବିଧାନ କରିବା ପାଇଁ ପୁତ୍ରକୁ କହିଲେ। ରୁକ୍ମିଣୀର ଭାଇ ରାଜାମାନଙ୍କୁ ନିମନ୍ତ୍ରଣ କରି ମହାଆଡ଼ମ୍ବରରେ ବିବାହର ଆୟୋଜନ କଲେ। ବିଭିନ୍ନ ଦେଶର ରାଜାମାନେ ସ୍ୱୟମ୍ବର ସଭାରେ ଯୋଗ ଦେଲେ। ଶ୍ରୀକୃଷ୍ଣ ଏହା ଜାଣି ସ୍ୱୟମ୍ବର ସଭାକୁ ଗଲେ। ସେ ରାଜା ହୋଇନଥିବା ଯୋଗୁଁ ଶିଶୁପାଳ ପରିହାସ କରି ସଭାରେ ବସିବା ଯୋଗ୍ୟ ନୁହନ୍ତି ବୋଲି ମତ ଦେଲେ। ଶ୍ରୀକୃଷ୍ଣଙ୍କୁ ସଭାରେ ସ୍ଥାନ ନ ମିଳିବାରୁ ଗରୁଡ଼ଦ୍ୱାରା ସଭାକୁ ଭାଙ୍ଗି ଦେଲେ। କିଏ କୁଆଡ଼େ ଚାଲିଗଲେ। ରାଜା କଉଶିକ କୃଷ୍ଣଙ୍କୁ ନିଜ ସଂହାସନ ଦେଲେ ଏବଂ ରାଜସମ୍ମାନ ମଧ୍ୟ ଦେଲେ।

ପରାସ୍ତ ହୋଇଥିବା ରାଜାମାନେ ଭୀଷ୍ମକଙ୍କ କଟକରେ ଏକାଠି ହେଲେ। ଇନ୍ଦ୍ର ଦୂତ ପଠାଇ ସେମାନଙ୍କ ମଧ୍ୟରୁ ଜରାସନ୍ଧ, ଶିଶୁପାଳ, ଦନ୍ତବକ୍ର ପ୍ରଭୃତି ରାଜାଙ୍କ ବ୍ୟତୀତ ଅନ୍ୟ ରାଜାମାନେ କୌଶିକପୁରକୁ ଯାଇ ଶ୍ରୀକୃଷ୍ଣଙ୍କୁ ରାଜ ଅଭିଷେକ ଉତ୍ସବରେ ଯୋଗ ଦେବାକୁ କହିଲେ। ବଜ୍ର ଦ୍ୱାରା ସମସ୍ତଙ୍କୁ ନିହତ କରିବା ଧମକ ମଧ୍ୟ ଦେଲେ। ଇନ୍ଦ୍ରଙ୍କ ଆଦେଶରେ ରାଜାମାନେ ଗଲେ।

କୃଷ୍ଣ ସିଂହାସନରେ ଅଭିଷିକ୍ତ ହୋଇ ରାଜା ବୋଲାଇଲେ। ଭୀଷ୍ମକ କଟକରେ ଜରାସନ୍ଧାଦି ରାଜାମାନେ ରୁକ୍ମିଣୀଙ୍କୁ ଦମଘୋଷ ରାଜାଙ୍କ ପୁତ୍ର ଶିଶୁପାଳଙ୍କ ସହିତ ବିବାହ କରାଇଦେବା ସ୍ଥିର କଲେ। ଦ୍ୱିତୀୟ ସ୍ୱୟମ୍ବର କଲେ କାଳେ କୃଷ୍ଣ ଆସିବେ ଭୟରେ ଏପରି କଲେ। ରୁକ୍ମିଣୀ ଓ ପିତା ଏଥିରେ ସମ୍ମତ ହେଲେ। ଏହା ଶୁଣି ରୁକ୍ମିଣୀ ଅଚେତ ହୋଇପଡିଲେ।

ଷଡ଼ଯନ୍ତ୍ରରେ ରୁକ୍ମିଣୀ ଲିପ୍ତଥିବା ଜାଣି ରୁକ୍ମଣ ତାଙ୍କ ପ୍ରତି କ୍ରୋଧ ପ୍ରକାଶ କରିଲେ ଏବଂ ବଳ ପ୍ରୟୋଗ କରି ବିବାହ କରାଇଲେ, ଶେଷରେ ଅଗ୍ନିରେ ଝାସ ଦେବାକୁ ପ୍ରତିଜ୍ଞା କଲେ। କବିଙ୍କ ଭାଷାରେ–

“ଛାର ଶିଶୁପାଳ ହସ୍ତ ଧରିବି
ନିଶ୍ଚୟେ ଅଗ୍ନିକୁ ଡେଇଁ ମରିବି

ଦେଖ ସଭିଏଁ
ଜୀଇଁ ନ ଥିବି ବିଭାବେଳ ଯାଏଁ”

କୃଷ୍ଣ ଦୂତ ବିପ୍ରକୁ ସାଙ୍ଗରେ ଧରି ନନ୍ଦିଘୋଷ ରଥରେ ବିଦର୍ଭ ରାଜଧାନୀକୁ ଗମନ କଲେ। ବଳରାମ ସେଠାରେ ଯୁଦ୍ଧ ଆଶଙ୍କାରେ ସୈନ୍ୟ ଉପସ୍ଥିତ କରାଇଲେ। ପୂର୍ବଦିନ ରାତିରେ କୃଷ୍ଣ ଏକାକୀ ନଗର ଭିତରେ ପଶି ଅବସ୍ଥା ତଦାରଖ କଲେ। ଚାରଠାରୁ ରୁକ୍ମଣ କୃଷ୍ଣଙ୍କ ଆଗମନ ସମ୍ବାଦ ପାଇଁ ଚିନ୍ତା କଲେ। ଭୀଷ୍ମକ ରାଜା ଜରାସନ୍ଧଙ୍କ ପରାମର୍ଶ କ୍ରମେ ପୁତ୍ର ଡରରେ ଶିଶୁପାଳକୁ ଜାମାତା କରିବା ପାଇଁ ଏକମତ ହେଲେ। ସେଥିରେ ତାଙ୍କର ମନ ନ ଥିଲା। ରୁକ୍ମିଣୀ ବିପ୍ରଙ୍କ ଠାରୁ କୃଷ୍ଣଙ୍କ ଆଗମନ କଥା ଜାଣି ଆଶ୍ୱସ୍ତ ହେଲେ। ବିବାହ ଉତ୍ସବ ଆୟୋଜନ ହେଲା। ବିଧି ଅନୁଯାୟୀ ବର ବେଦିରେ ବସିଲେ। ବରଣ ଓ ଗନ୍ଧାଦିବାସ ଶେଷ ହେଲା। କୃଷ୍ଣ ନଗର ଭିତରେ ଥିବା ସମ୍ବାଦ ଚାର ଜଣାଇବାରୁ ଚହଳ ପଡିଗଲା। ସେଠାରେ ଥିବା ସମସ୍ତ ନରନାରୀ ଗୋବିନ୍ଦ ଆଇଲେ ବୋଲି ଧାଇଁଲେ। ଜରାସନ୍ଧଙ୍କ ପରାମର୍ଶରେ ରୁକ୍ମଣ କନ୍ୟାକୁ ସ୍ନାନ କରାଇ ଦୁର୍ଗାଙ୍କ ମନ୍ଦିରକୁ ଠାକୁରାଣୀଙ୍କ ଦର୍ଶନ ପାଇଁ ନେଲେ। ରୁକ୍ମିଣୀ ଦେବୀଙ୍କୁ ସ୍ତୁତି କଲେ। କବିଙ୍କ ଭାଷାରେ-




“କାମନା କଲାକ ବାଳୀ କୃଷ୍ଣଙ୍କୁ ପାଇ ବଇଁ”

କୃଷ୍ଣ ରଥରୁ ଓହ୍ଲାଇ ରୁକ୍ମିଣୀଙ୍କ କରଧରି ନେଲେ। ଜରାସନ୍ଧ ଆଦି ରାଜାମାନେ ଗୋଡାଇଲେ। ବଳରାମ ବାଟ ଓଗାଳିଲେ। ଯୁଦ୍ଧ ଲାଗିଲା। ରୁକ୍ମିଣୀଙ୍କୁ ଚକ୍ରଧର ନେଇଗଲେ। ରୁକ୍ମଣ ହାରିଯିବାରୁ କୃଷ୍ଣ ତାଙ୍କୁ ରଥରେ ବାନ୍ଧି ପକେଇଲେ। ବଳରାମ ଜରାସନ୍ଧାଦି ରାଜାଙ୍କୁ ପରାସ୍ତ କଲେ। କୃଷ୍ଣ ରୁକ୍ମଣଙ୍କୁ ବାନ୍ଧିଥିବା ଦେଖି ତାଙ୍କ କାର୍ଯ୍ୟକୁ ନାପସନ୍ଦ କଲେ। ରୁକ୍ମିଣୀଙ୍କୁ ବୋଧ କରି ରୁକ୍ମଣଙ୍କ ବନ୍ଧନ ଫିଟାଇ ଦେଲେ। କୃଷ୍ଣ ରୁକ୍ମିଣୀଙ୍କୁ ଧରି ଦ୍ୱାରକାକୁ ଫେରିଗଲେ।

**ବିବାହ ବର୍ଣ୍ଣନା**

ଅଷ୍ଟମ ଛାନ୍ଦରେ ଶ୍ରୀକଷ୍ଣ ରୁକ୍ମିଣୀଙ୍କ ବିବାହ ବର୍ଣ୍ଣିତ। ଭୀଷ୍ମକ ନିଜେ ରହି କନ୍ୟାଦାନ କଲେ। ଗୋପରୁ ନନ୍ଦ, ଯଶୋଦା ଗୋପୀମାନଙ୍କ ସହ ଆସିଲେ। ଇନ୍ଦ୍ରାଦି ଦେବତା ଓ ଋଷିମାନଙ୍କୁ ନିମନ୍ତ୍ରଣ ହେଲା। କୃଷ୍ଣଙ୍କ ଆଦେଶରେ ମୃତ୍ୟୁ ଲୋକର ରାଜାମାନେ ମଧ୍ୟ ଆସିଲେ। ମଙ୍ଗଳନ ବିଧି ହେଲା। ଭୀଷ୍ମକ କନ୍ୟା ଦାନ କଲେ। ନବମ ଛାନ୍ଦରେ ଦେବକୀ ଓ ଯଶୋଦା ଜନ୍ମଦାତ୍ରୀ ଓ ପାଳନ କର୍ତ୍ତୀ ରୂପେ ଦୁଇ ଜନନୀ ହୋଇ ମାଆର କାର୍ଯ୍ୟ ନିର୍ବାହ କଲେ। ସମସ୍ତେ ଆନନ୍ଦିତ ହେଲେ। ବିବାହ ଶେଷରେ ରାତିରେ ମଧୁଶଯ୍ୟା ବିଧି ପାଳନ ହେଲା।

ଶେଷରେ ଦଶମ ଛାନ୍ଦରେ ନିମନ୍ତ୍ରିତ ହୋଇଥିବା ରାଜାମାନେ ଗୋପ, ଗୋପୀ, ନନ୍ଦ, ଯଶୋଦା ସମସ୍ତେ ବିଦାୟ ନେଲେ।

କବି କାର୍ତ୍ତିକ ଦାସ ଭାବ, ଭାଷା ଏବଂ ପ୍ରାଚ୍ୟ ଆଳଙ୍କାରିକ ସିଦ୍ଧାନ୍ତ ଦୃଷ୍ଟିରୁ ପ୍ରତିକ୍ଷେତ୍ରରେ ସ୍ୱବୁଦ୍ଧିମତ୍ତାର ପରିଚୟ ଦେଇଛନ୍ତି। ସ୍ୱଳ୍ପ କଳେବର ତଥା ଦଶଗୋଟି ଛାନ୍ଦର ପରିସର ମଧ୍ୟରେ ଅନେକ ଚରିତ୍ରର ପରିଚୟ ଦେଇଛନ୍ତି। ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ଶ୍ରୀକୃଷ୍ଣ, ବଳରାମ, ରୁକ୍ମଣ, ଭୀଷ୍ମକ, ସାଧାରଣ ଲୋକ, ରୁକ୍ମିଣୀ, ଜରାସନ୍ଧ ଏବଂ ଅନ୍ୟ ଅସୁର ରାଜାମାନଙ୍କର ମଧ୍ୟ ପରିଚୟ ଦେଇଛନ୍ତି। କାବ୍ୟଟିରେ ଘଟଣାପ୍ରବାହର କ୍ରମାନ୍ୱୟତା ଯୋଗୁଁ ପାଠକ ମନରେ ଆଗ୍ରହ ସୃଷ୍ଟି କରୁଛି।

କାବ୍ୟ ମଧ୍ୟରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ପ୍ରୟୋଗ ଯୋଗୁଁ ବର୍ଣ୍ଣନା ବିଳାସରେ ଲଳିତ ପଦର ପ୍ରୟୋଗ କବିତ୍ୱପୂର୍ଣ୍ଣ ହୋଇପାରିଛି। ବୀରରସର ବର୍ଣ୍ଣନା କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରୁଅଛି। ରୁକ୍ମିଣୀ ହରଣ ସମୟରେ ଯୋଦ୍ଧାମାନଙ୍କର ସମର ବର୍ଣ୍ଣନା ପାଠକମନରେ କୌତୁହଳ ସୃଷ୍ଟି କରୁଅଛି। ଶିଶୁପାଳ ବେଦିରେ ବସିବା ପରେ ଶ୍ରୀକୃଷ୍ଣ ରୂପ ସହିତ ତାର ରୂପକୁ ତୁଳନା କରି ପୁରନାରୀମାନେ କଟୁବାକ୍ୟ ପ୍ରୟୋଗ କରିଛନ୍ତି। ବରଠାରୁ କନ୍ୟାକୁ ନେଇଯିବା ଲଜ୍ଜାକର କଥା ବୋଲି ଉପହାସ କରିଛନ୍ତି। ଏହା ମଧ୍ୟ ପାଠକୀୟ ଉପଭୋଗ୍ୟ ଅଟେ।

**ବ୍ରହ୍ମାଙ୍କର ଅଭିଶାପ**

ଶ୍ରୀକୃଷ୍ଣ ସ୍ୱୟଂ ପରଂବ୍ରହ୍ମ, ଗୋଲକ ବିହାରୀ ବିଷ୍ଣୁ। ସେ

ଦୁଷ୍ଟ ସଂହାର କରି ସନ୍ଥପାଳନ ଏବଂ ଦ୍ୱାରପାଳ ଜୟବିଜୟଙ୍କୁ ବ୍ରହ୍ମାଙ୍କ ଦ୍ୱାରା ଅଭିଶାପ ବିଷୟ ବର୍ଣ୍ଣନା କରିଛନ୍ତି। ତେଣୁ "ଦୁଷ୍ଟ ନିବାରି ସନ୍ଥ ପାଳନର" କଠୋରତା କିଛି ଅଂଶରେ ହ୍ରାସ ପାଇଛି। କବିଙ୍କ ଲେଖନୀରେ-

"ପଶ୍ଚିମ ଦ୍ୱାରେଣଛନ୍ତି ଦ୍ୱାରପାଳ ଦୁଇ
ଶ୍ରୀ ଜୟବିଜୟ ବୋଲି ଯାହାକୁ ସେ କହି।
ତାହାଙ୍କ ସଙ୍ଗତେ ଲୀଳା କରିବା ବିଚାରି
ବ୍ରାହ୍ମଣ ଦ୍ୱାରେଣ ତାଙ୍କୁ ଶାପ ଦେଲେ ହରି ହେ।" (୧ମ ଛାନ୍ଦ)

ଶ୍ରୀକୃଷ୍ଣଙ୍କୁ କୌଶିକ ରାଜା ସ୍ୱୟଂ ବିଷ୍ଣୁ ବୋଲି ଜାଣି ସ୍ତୁତି କରିଛନ୍ତି ଏବଂ ନିଜ ସିଂହାସନ ଦେଇ ରାଜସମ୍ମାନ ଦେଇଛନ୍ତି। ଦୁଷ୍ଟ ରାଜାମାନଙ୍କର ତାଗ୍ସଲ୍ୟରୁ ରକ୍ଷା କରିଛନ୍ତି।

**'ରୁକ୍ମିଣୀ ବିଭା' କାବ୍ୟଟିରେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ସମସ୍ତ ଲକ୍ଷଣ ପ୍ରାୟ ପରିଦୃଷ୍ଟ ହୋଇଥାଏ।**

ଶିଶୁପାଳାଦି ରାଜାମାନେ ଶ୍ରୀକୃଷ୍ଣଙ୍କୁ କଳହ ପ୍ରିୟ, ନିର୍ଲଜ, ଅନୀତି ପରାୟଣ, ବିଚାର ବୁଦ୍ଧିହୀନ ବ୍ୟକ୍ତି ବୋଲି କହିଛନ୍ତି। କାବ୍ୟର କାହାଣୀରେ ମିଳନ, ବିରହ ଏବଂ ଶୃଙ୍ଗାର ରସର ବର୍ଣ୍ଣନା ବିଶେଷ ଭାବରେ ଦେଖିବାକୁ ମିଳେ ନାହିଁ। ତଥାପି କାବ୍ୟଟି ପ୍ରେମମୂଳକ ଅଟେ। କାବ୍ୟ ନାୟିକା ରୁକ୍ମିଣୀ ରାଜକୁମାରୀ ହେଲେ ମଧ ତାଙ୍କଠାରେ ନାରୀ ସୁଲଭ ଦୁର୍ବଳତା ଦେଖାଦେଇଛି। ଦେବକୀ ଓ ଯଶୋଦା ଦୁହିଁଙ୍କ ଚରିତ୍ରର ମହାନତା ପ୍ରତିଫଳିତ ହୋଇଅଛି। ମାତା ହୋଇ ଦୁହେଁ ବିବାହ କାର୍ଯ୍ୟ ସଂପାଦନ କରିବା ନିଷ୍ପତ୍ତି ପୂର୍ବରୁ କଥା ହୋଇଛନ୍ତି, ତାହା ଦୁହିଁଙ୍କର ଗୌରବକୁ ପ୍ରକାଶ କରିଛି। ଜନ୍ମଦାତ୍ରୀ ଦେବକୀ ପାଳନ କର୍ତ୍ତ୍ରୀ ମାତା ଯଶୋଦାଙ୍କୁ ବିନମ୍ରତାର ସହ କହିଛନ୍ତି ଏବଂ ଉତ୍ତର ମଧ ପାଇଛନ୍ତି। ତାହା କବିଙ୍କ ଲେଖନୀରେ-

"ଦେବକୀ ବୋଲନ୍ତି ଯଶୋବନ୍ତୀ ମୁଖ ଚାହିଁ
ପୁତ୍ରକୁ ତୁମ୍ଭର ଗୋ ମଙ୍ଗଳ କରଯାଇ।
ଦେବକୀ ବଚନ ଶୁଣି ବୋଇଲେ ନନ୍ଦ ରାଣୀ
ତ୍ରିଭୁବନେ ତୁମ୍ଭେ ଭାଗ୍ୟବନ୍ତ ଶିରୋମଣି।
ଏସନ ବୋଲି ହାତ ଯେ ହେଲେ ଧରାଧରି
ଦୁଇଜଣ ହୋଇଣ ମଙ୍ଗଳ ବିଧି କରି।" (୯ମ ଛାନ୍ଦ)

ସଂଧ୍ୟାବର୍ଣ୍ଣନା କବିଙ୍କ ଲେଖନୀରେ ଚମତ୍କାର ହୋଇଅଛି। ଆକାଶ ମଣ୍ଡଳରେ ଚନ୍ଦ୍ର ଶୋଭାପାଇବାରୁ ପ୍ରେମିକା ଦିଗସୀମନ୍ତିନୀର ମୁଖରେ ହାସ୍ୟ ପ୍ରକାଶ ପାଇବାର ଦେଖାଗଲା, ଜଣାଗଲା ସତେକି କାମ ତରୁବରର ନବ ଅଙ୍କୁର ହୋଇଛି। ଚନ୍ଦ୍ର ଓ ତାରକାଙ୍କ ଜ୍ୟୋତିର ବର୍ଣ୍ଣନା ଅତି ସୁନ୍ଦର ହୋଇଛି।

**ସୌନ୍ଦର୍ଯ୍ୟ ବର୍ଣ୍ଣନା**

କାବ୍ୟରେ ରୁକ୍ମିଣୀଙ୍କ ରୂପ ତଥା ସୌନ୍ଦର୍ଯ୍ୟ ବର୍ଣ୍ଣନା ହୋଇଛି। ଯୌବନ ପ୍ରକାଶ ପାଇଲା ପରେ ବାରମ୍ବାର କେଶ ବନ୍ଧନ, ଶ୍ରଦ୍ଧାରେ ଶତବସନ ପରିଧାନ, ଦର୍ପଣରେ ବାରମ୍ବାର ମୁଖଦର୍ଶନ, ଯୁବା ସଖୀମାନଙ୍କ ସଙ୍ଗ ଇଚ୍ଛା, ରତିକଥା ଶ୍ରବଣରେ ମନୋନିବେଶ ଇତ୍ୟାଦି ଭାବ ରୁକ୍ମିଣୀଙ୍କ ନିକଟରେ ପ୍ରକାଶ ପାଇଛି। ଏହି ବର୍ଣ୍ଣନାଟିକୁ କବି ମନୋହର କରିପାରିଛନ୍ତି। ଯଥା-

"ଶଇଶବ କୁରଙ୍ଗୀକି କିଶୋର ହରି
ଗ୍ରାସୁ ଗ୍ରାସୁ ପଳାଇଲା ସେ ଭୟ କରି।" (୩ୟ ଛାନ୍ଦ)

ଉପମା ଅଳଙ୍କାର ପ୍ରୟୋଗରେ ରୁକ୍ମିଣୀଙ୍କ ଅପୂର୍ବ ଶୋଭା ସୁନ୍ଦର ଭାବରେ ସରସ ପଦାବଳୀରେ ରଚନା କରିଛନ୍ତି। ଯଥା-

କୁଟୀଳ କୁନ୍ତଳ ନୀଳ କବରୀ ଭାର
ତହିଁକି ସମାନ ହେବ କାହିଁ ମୟୂର
ଭ୍ରମର ବିଳାପ କରେ ବିପିନେ ଯାଇ
ଚାମରୀ ଚାମର ଅଧୋଭାଗେ ଲୁଚାଇ। (୩ୟ ଛାନ୍ଦ)

କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀ ବିଭା' କାବ୍ୟଟିରେ କଳେବର ଦୃଷ୍ଟିରୁ କ୍ଷୁଦ୍ର ହେଲେ ମଧ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ସମସ୍ତ ଲକ୍ଷଣ ପ୍ରାୟ ପରିଦୃଷ୍ଟ ହୋଇଥାଏ। ଏହା ପ୍ରାଚୀନ ଓଡ଼ିଆ କାବ୍ୟର ଏକ ନିଦର୍ଶନ। କବିଙ୍କ ସରଳ ଏବଂ ନିରାଡ଼ମ୍ବର ପଦ ଯୋଜନା, କବିତ୍ୱର ଚାତୁରୀ ପାଠକମନରେ ଆହ୍ଲାଦ ସୃଷ୍ଟି କରେ। ଆଳଙ୍କାର, ରସ, ନାୟିକାର ନାୟକ ନିକଟକୁ ଚିଟାଉ ଆଦି ବର୍ଣ୍ଣନା କବିଙ୍କର ପାଣ୍ଡିତ୍ୟ ତଥା ବିଦ୍‌ବତ୍ତାର ପରିଚୟ ଦେଇଥାଏ। ପ୍ରାଚୀନ ଶବ୍ଦାବଳୀର ପ୍ରୟୋଗ ଅନନ୍ୟ। ଏସବୁ ଦୃଷ୍ଟିରୁ ବିଚାର କଲେ "ରୁକ୍ମିଣୀ ବିଭା" କାବ୍ୟ ଷୋଡ଼ଶ ଶତାବ୍ଦୀର ଶ୍ରେଷ୍ଠ ସ୍ୱାକ୍ଷର ବହନ କରେ।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com

ବ୍ୟଙ୍ଗ

# ଘୋଡ଼ାମୁହାଁ ପୁଅ



ଡ. ଧର୍ମଛଡ଼ା

ଓଡ଼ିଆରେ ପ୍ରବାଦ ଅଛି ଘର ବୁଡ଼ିଲା ବେଳକୁ ଘୋଡ଼ାମୁହାଁ ପୁଅ ଜନ୍ମ ହୁଅନ୍ତି। ଏହାର ଅର୍ଥ ଆପଣମାନଙ୍କୁ ବୁଝାଇବାର ଆବଶ୍ୟକତା ନାହିଁ ବୋଲି ମୁଁ ଭାବୁଛି। କିନ୍ତୁ ଘୋଡ଼ାମୁହାଁର ଅନେକ ଅର୍ଥ ଅଛି। ଦେଖାଯାଏ ଯେଉଁ ଲୋକ ଉପର ମୁହାଁ ହୋଇ ଚାଲୁଥାନ୍ତି, ଦେଖି ନ ଦେଖିଲା ପରି ବ୍ୟବହାର ଦେଖାନ୍ତି ତାଙ୍କୁ ଆମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ 'ଘୋଡ଼ାମୁହାଁ' କହିଥାନ୍ତି। ଏହି ଶ୍ରେଣୀର ଘୋଡ଼ାମୁହାଁ ଜନ୍ତୁ ସାଧାରଣ ସରକାରୀ ଅଫିସରେ ଦୃଶ୍ୟମାନ ହୋଇଥାନ୍ତି। ଅନ୍ୟ ଏକ ଲକ୍ଷଣଯୁକ୍ତ ଘୋଡ଼ାମୁହାଁ ହେଲେ ଯେଉଁମାନେ କିଛି କାରଣ ନ ଥାଇ ତଥା ଅନାବଶ୍ୟକ ସ୍ଥଳେ ହେଁ ହେଁ ହୋଇ ଘୋଡ଼ା ପରି ହସିଥାନ୍ତି, ତାଙ୍କୁ ଆମର ପୁରୁଣାକାଳିଆ ଲୋକେ ଘୋଡ଼ାମୁହାଁ କହିଥାନ୍ତି।



ଏହି ପ୍ରକାରର ଘୋଡ଼ାମୁହାଁ ସାଧାରଣ ଭାବେ ନିର୍ବାଚନୀ ପ୍ରଚାର ସମୟରେ ଭୋଟରଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଓଡ଼ିଆ ବ୍ୟାକରଣ କହିବା ଅନୁସାରେ, 'ଘୋଡ଼ା ମୁହଁ ପରି ମୁହଁ ଯାହାର, ସିଏ ଘୋଡ଼ା ମୁହାଁ'। ଏହି ପ୍ରକାରର ବ୍ୟକ୍ତିଙ୍କର ପ୍ରକୃତରେ ପଶୁ ଘୋଡ଼ା ପରି ମୁହଁ ନୁହେଁ, ବରଂ ପ୍ରକୃତିଗତ ଭାବେ ସେମାନେ ଘୋଡ଼ା ପରି ବିକୃତ ମୁଖଭଙ୍ଗୀର ଈଶ୍ୱର ପ୍ରଦତ୍ତ ବ୍ୟକ୍ତି ଅଟନ୍ତି। ବ୍ୟାକରଣ ବ୍ୟତୀତ ଓଡ଼ିଶାରେ ବ୍ୟବହୃତ ସାଧାରଣ ଅର୍ଥରେ, ଘୋଡ଼ା ହୋଇଥିବା ମୁହଁର ବ୍ୟକ୍ତିଙ୍କୁ ଘୋଡ଼ାମୁହାଁ ବୋଲି ଥଟ୍ଟା ତାମସାରେ କହିଥାନ୍ତି।

**ପାଞ୍ଚ ପ୍ରକାର ଘୋହାମୁହାଁ**

ଏହି ପ୍ରକାର ଘୋଡ଼ାମୁହାଁଙ୍କୁ ସାଧାରଣତଃ ପାଞ୍ଚ ପ୍ରକାରର ବୋଲି ଆମ ଲୋକମାନେ କୁହନ୍ତି। ପ୍ରଥମ ପ୍ରକାରର ଘୋଡ଼ାମୁହାଁ ପରୀକ୍ଷାରେ ଫେଲ୍ ହୋଇ ଗାଁ ଦାଣ୍ଡରେ କିଛିଦିନ ମୁହଁ ଘୋଡ଼ାଇ ଯାଆନ୍ତି, ଲାଜରେ ଘରକଣରେ ବସିଥାନ୍ତି, ବାପା ମା' ଚିଲ୍ଲେଇ କହୁଥାନ୍ତି, 'ହଇରେ ଘୋଡ଼ାମୁହାଁ, ଶେଷରେ ଆମ ନାଁ ପକେଇଲୁ।' ଏଭଳି ଘୋଡ଼ାମୁହାଁ ସାଧାରଣତଃ ସବୁଠି ଦୃଶ୍ୟମାନ ହୁଅନ୍ତି। ଦ୍ୱିତୀୟ ପ୍ରକାରର ଘୋଡ଼ାମୁହାଁ ସାଧାରଣତଃ କାଠୁଆ ଶୀତଦିନେ ଅନେକତ୍ର ଦେଖାଯାଇଥାନ୍ତି। ଏମାନେ ଦେହର ଲୁଗା, ଲୁଙ୍ଗି କିମ୍ବା ଗାମୁଛାକୁ ମୁହଁରେ ଘୋଡ଼ାଇ ବାହ୍ୟ ମଳମୂତ୍ର ତ୍ୟାଗ କରୁଥିବା ପଡ଼ିଆ, ନାଳବନ୍ଧ, ଜାତୀୟ ରାଜପଥ କଡ଼ରେ ଅତିମାତ୍ରାରେ ଦୃଶ୍ୟମାନ ହୋଇଥାନ୍ତି। ତୃତୀୟ ପ୍ରକାରର ଘୋଡ଼ାମୁହାଁ ହେଲେ ଗାଁ ଟାଉଟର ଓ କୁଜିନେତା, ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାଇଖାନା ଇତ୍ୟାଦି କରେଇଦେବା ନାଁରେ ଲୋକଙ୍କଠାରୁ ଟଙ୍କା ନେଇଥାନ୍ତି ହେଲେ ଯୋଗାଇପାରି ନ ଥାନ୍ତି। ସେଇମାନେ ଟଙ୍କା ନେଇଥିବା ଲୋକଙ୍କୁ ଦେଖିଲେ ମୁହଁ ଘୋଡ଼ାଇ ଚାଲିଯାଆନ୍ତି। ଏଭଳି ଘୋଡ଼ାମୁହାଁ ଗାଁ'ଠୁ ସହର ସର୍ବତ୍ର ଦୃଶ୍ୟମାନ ହୋଇଥାନ୍ତି। ଚତୁର୍ଥ ପ୍ରକାରଙ୍କୁ ସାଧାରଣତଃ ପୋଲିସ, ଅବକାରୀ ବିଭାଗ ଏବଂ ସି.ବି.ଆଇ.ବାଲା ଘୋଡ଼ାମୁହାଁ ସଜେଇଥାନ୍ତି। କିଏ ଅନୈତିକ କାର୍ଯ୍ୟ କରି ତ କିଏ ଦୁଷ୍କର୍ମ କରି ଧରାପଡ଼ିଥାନ୍ତି, କିଏ ଲାଞ୍ଚନେଇ ତ କିଏ ଦୁର୍ନୀତି ମାମଲାରେ ଧରା ପଡ଼ିଥାନ୍ତି, କିଏ ଚୋରିକରି ତ କିଏ ଚୋରା ନିଶାଦ୍ରବ୍ୟ ବେପାର କରି

ଧରା ପଡ଼ିଥାନ୍ତି । ଏମାନେ ପ୍ରାୟତଃ ଟିଭି ପରଦା କିମ୍ବା ଖବରକାଗଜ ପୃଷ୍ଠାରେ ମୁହଁ ଘୋଡ଼ାଇଥିବା ଅବସ୍ଥାରେ ଦୃଶ୍ୟମାନ ହୁଅନ୍ତି । ପଞ୍ଚମ ତଥା ଶେଷ ଘୋଡ଼ାମୁହାଁ ହେଲେ ଚୋରାପୀରତି କରି ବହେ ଛେଚା ଖାଇ ମୁହଁରେ ଚୂନକାଳି ବୋଳି ଗାଁର ଲୋକେ ବୁଲେଇଥିବା ରସିକନାଗରମାନଙ୍କୁ । ଏମାନେ ସିଜନ୍ ମୁତାବକ ଦେଖା ଦେଇଥାନ୍ତି ।

## ଟ୍ରାଡିସନାଲ ଘୋଡ଼ାମୁହାଁ

ଆମ ଖତୁଆ ହେଲା ଜଣେ ଟ୍ରାଡିସନାଲ ଘୋଡ଼ାମୁହାଁ । ସ୍କୁଲରେ ସେ ସବୁବେଳେ ଏକ ନମ୍ବର, ମାନେ ତଳ ଆଡୁ । ସେଥିପାଇଁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାକୁ ଘୋଡ଼ାମୁହାଁ ଡାକିଥାନ୍ତି । ସବୁ ଶ୍ରେଣୀରେ ଦୁଇ ତିନିଥର ଲେଖା ଫେଲ ହୋଇ ବାପା ମାଆ ତା' ନାଁ ଭୁଲି ତାକୁ ଘୋଡ଼ାମୁହାଁ ବୋଲି ଡାକିଥାନ୍ତି । ବଦମାସିରେ ଏକ ନମ୍ବର ହୋଇଥିବାରୁ ତାକୁ ଗାଁଟା ସାରା ଲୋକେ ଘୋଡ଼ାମୁହାଁ ଉପାଧି ଦେଇଛନ୍ତି । ଯେମିତି 'ଉତ୍କଳମଣି' କହିଲେ 'ଗୋପବନ୍ଧୁ ଦାସ'ଙ୍କୁ ବୁଝାଯାଏ, 'ସ୍ୱଭାବ କବି' କହିଲେ 'ଗଙ୍ଗାଧର ମେହେର'ଙ୍କୁ ବୁଝାଯାଏ, 'ବ୍ୟାସକବି' କହିଲେ 'ଫକୀରମୋହନ ସେନାପତି'ଙ୍କୁ ବୁଝାଯାଏ ଠିକ୍ ସେହିପରି 'ଘୋଡ଼ା ମୁହାଁ' କହିଲେ ଗାଁର ଲୋକେ 'ଖତୁଆ'କୁ ବୁଝନ୍ତି ।

**ସବୁ ଶ୍ରେଣୀରେ ଦୁଇ ତିନିଥର ଲେଖା ଫେଲ ହୋଇଥିବାରୁ ବାପା ମାଆ ତା' ନାଁ ଭୁଲି ତାକୁ ଘୋଡ଼ାମୁହାଁ ବୋଲି ଡାକିଥାନ୍ତି ।**

ଖତୁଆର ପାଠଶାଠ ନ ହେବାରୁ ତା' ବାପା ମାଆ ସ୍ଥିର କଲେ ପିଲାଟିକୁ ବାହାଘର କରିଦେଲେ କାଳେ ତା'ର ଜ୍ଞାନ ଉଦୟ ହେବ । ପାଖ ଗାଁର ଗୋଟିଏ ଭଲ ଝିଅ ଦେଖି ବାହାଘର କଲେ, ହସ୍ତଗଣ୍ଠି ପରେ ପଖାଳଖିଆ ପରେ ଝିଅ ବିଦା ସମୟରେ ଖତୁଆର ଶାଶୁ ଖତୁଆକୁ ଧରି ବାହୁନିବାରେ ଲାଗିଲା, ଏଭଳି ଅନୁଭବ ଖତୁଆର ପ୍ରଥମ ହୋଇଥିବାରୁ ସିଏବି ଶାଶୁଙ୍କୁ ଧରି ବାହୁନିବାକୁ ଲାଗିଲା, ଶାଶୁଙ୍କୁ ତୁନି କରିବାକୁ ଯାଇ କହୁ କହୁ କହିଦେଲା, 'ବୋଉ ! ତମ ଝିଅ କ'ଣ ମୋ ଝିଅ ନୁହେଁ ?' କାନ୍ଦୁଥିବା ଶାଶୁ ଫେଁ କରି ହସିଦେଇ ଓଢ଼ଣା ଟାଣି ଘର ଭିତରକୁ ପଳାଇଲେ । ଦୂରରେ ଥାଇ ଗୁଗୁଲା ସାର୍ ଏସବୁ ଦେଖିଥିଲେ । ସିଏ ଗାଁରେ ପହଞ୍ଚି ଏହା କହିଦେବାରୁ ଗାଁ ସାରା ଲୋକେ ଖତୁଆକୁ ବାଟ ଚଲେଇଦେଲେ ନାହିଁ । ଯିଏ ଖତୁଆକୁ ଦେଖିଲା କହିଲା, 'ବୋଉ ! ତମ ଝିଅ କ'ଣ ମୋ ଝିଅ ନୁହେଁ?' । ଗାଁରେ ଖତୁଆ ଲୋକଙ୍କୁ ଦେଖିଲେ ମୁହଁ ଘୋଡ଼ାଇ ଚାଲିଲା । ତେଣୁ ଲୋକେ ତାକୁ ଘୋଡ଼ାମୁହାଁ ବୋଲି ଡାକିଲେ ।

ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଖତୁଆକୁ ଖଣ୍ଡେ ପକ୍କା ପାଇଖାନା ମିଳିଛି । କାଳେ ପାଇଖାନାର ଟାଙ୍କି ଉଛୁଳି ପଡ଼ିବ ସେଥିପାଇଁ ଖତୁଆ ନାଳବନ୍ଧରେ ତା' କାମ ସାରିଦିଏ । ଦିନକର କଥା, ଖତୁଆକୁ ଅତର୍ଛିଆ ତଲବ ଲାଗିବାରୁ ଧାଇଁଲା ନାଳବନ୍ଧକୁ । ଆଗପଛ କିଛି ନ ଦେଖି ଲଥକିନା ବନ୍ଧକଡ଼ରେ ବସିଗଲା । ଆଗକୁ ଦେଖେ ତ ତା' ଶ୍ୱଶୁର ହଳ-ଲଙ୍ଗଳ ଧରି ତା' ଆଡ଼େ ଆସୁଛନ୍ତି, ଏପଟେ ଅତର୍ଛିଆକୁ ସେପଟେ ସମ୍ମାନ । ଭାବିଲା ମୁହଁ ଘୋଡ଼େଇ ଦେଲେ ଶ୍ୱଶୁର ଆଉ ଚିହ୍ନିପାରିବେ ନାହିଁ, ତେଣୁ ସେ ସେମିତି ବସି ରହି ପିନ୍ଧିଥିବା ଗାମୁଛାକୁ ମୁଖମଣ୍ଡଳକୁ ସମ୍ପୂର୍ଣ୍ଣ ଘୋଡ଼େଇଦେଲା । ଶ୍ୱଶୁର ମଧ୍ୟ ଜ୍ୱାଇଁଙ୍କର ଏମନ୍ତ ବିଚିତ୍ର ରୂପ ଦର୍ଶନ କରି ମୁହଁ ଘୋଡ଼ାଇ ଚାଲିଗଲେ । ଦୂରରେ ରହି ଗୁଗୁଲା ସାର୍ ତାଙ୍କ ମୋବାଇଲରେ ରେକର୍ଡିଂ କରି ଭାଇରାଲ କରିଦେଲେ 'ଘୋଡ଼ାମୁହାଁ ଜ୍ୱାଇଁକୁ ପୋଡ଼ାମୁହାଁ ଶ୍ୱଶୁର ।'

## ଅଭାବରୁ ସ୍ୱଭାବ


ଅଭାବରୁ ସ୍ୱଭାବ ନଷ୍ଟ ହୁଏ, ଖତୁଆର ବି ସ୍ୱଭାବ ନଷ୍ଟ ହେଲା । ବେଣାକୁ ଛୋଟ ଘାସକୁ ମୋଟ ବେରୋଜଗାରିଆ ଖତୁଆ ନିର୍ବାଚନ ସମୟରେ ନେତାଙ୍କ ପଛରେ ପତାକା ଧରି ଜିନ୍ଦାବାଦ୍ ପକେଇ ମାଗଣାରେ ମୋଟର ସାଇକେଲ ପାଇଁ ପଟ୍ରୋଲ, ଭାତ ମାଉଁସ ଏବଂ ନାଲିପାଣି ସହିତ ଦିନକୁ ୫୦୦ ଟଙ୍କା ଭାଡିଆ ପାଇ ବନିଗଲା ନେତାଙ୍କ ଗୁଣ୍ଡାବାହିନୀରୁ ଗାଁ ଟାଉଟର । ନିର୍ବାଚନ ପରେ ନେତାଙ୍କର ପ୍ରତିନିଧି ସାଜି ରାସନକାର୍ଡ, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି କରେଇଦେବ ବୋଲି କହି ଲୋକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ଘର, ଗାଡ଼ି, ଜମି ଇତ୍ୟାଦି କରିଚାଲିଲା । ଯେଉଁ ଲୋକ ଟଙ୍କା ଦେଇ ଭତ୍ତା, ଆବାସ, ରାସନକାର୍ଡ ଇତ୍ୟାଦି ପାଇଲେ ତାଙ୍କ ପାଖରେ ଖତୁଆ କରିତକର୍ମା ଘୋଡ଼ା, ଯିଏ

ନ ପାଇଲା ତାଙ୍କୁ ଦେଖି ଖତୁଆ ମୁହଁ ଘୋଡ଼ାଇ ଚାଲିଲା।

ଖତୁଆର ଭାଗ୍ୟ ବି ପରିବର୍ତ୍ତନ ହେବାରେ ଲାଗିଲା। ଖତୁଆ ପ୍ରଥମେ ସରପଞ୍ଚ ଏବଂ ଏବେ ସିଏ ବିଧାୟକ ସାଜିଛି। ବିଧାୟକ ସାଜିବା ପରେ ପରେ ସିଏ ଧାରାବାହିକ ଘୋଡ଼ାମୁହାଁ ସାଜିଚାଲିଛି। ପ୍ରଥମେ ଗୋଟିଏ ଛୋଟ ଛୋଟ ଝିଅଙ୍କୁ ଅପହରଣ କରାଇ ତାଙ୍କ ଆଖି, ଲିଭର, କିଡ୍‌ନୀ ପ୍ରଭୃତି ଅଙ୍ଗ ବେପାର କରି ଭଲ ପଇସା ରୋଜଗାର କଲା ଯେତେବେଳେ ଧରାପଡ଼ିଲା ମୁହଁ ଘୋଡ଼ାଇ ଚାଲିଲା, ପରେ ସରକାରୀ କଳର ଅପବ୍ୟବହାର କରି ନିର୍ଦ୍ଦୋଷକୁ ଦୋଷୀ ସାବ୍ୟସ୍ତ କରାଇ ସର୍କାରୀ ଘୋଡ଼ା ସାଜିଲା।

**ଆଳୁଦୋଷ**

ଖତୁଆର ଆଳୁଦୋଷ ପାଇଁ ସେ ବେଶ୍ ଜଣାଶୁଣା। ଆଳୁଝୋଳ ଖାଇବା ଲାଗି ନିଜ ପୃଷ୍ଠପୋଷକତାରେ ଚଳାଇଲେ ବେସରକାରୀ ଶିକ୍ଷା ଅନୁଷ୍ଠାନ। ସେଠାରେ ସିଏ ବିଧାୟକ ପଦବୀର ଅପବ୍ୟବହାର କରି ଆଳୁଝୋଳ, ଆଳୁକଷା, ଆଳୁ ଚୋଖା ଖାଇ ଚାଲିଲେ। ଏକା ଖାଇବା ସହ ଡକେଇତ ସାଜି (ଯିଏ ଡାକିଡୁକି ଆଣେ, ତାକୁ ଡକେଇତ କୁହନ୍ତି) ଆଳୁଦୋଷଯୁକ୍ତ ମାନ୍ୟଗଣ୍ୟମାନଙ୍କୁ ଆଳୁଝୋଳ ଖୋଇଚାଲିଲା। ଯେତେବେଳେ ଆଳୁ ପରିବର୍ତ୍ତେ ଓଲୁଅ ଖାଇଛନ୍ତି ଜଣାପଡ଼ିଲା, ଚାଲିଲା ଗଲ-ଗଲ ରମ୍ପ-ରେମ୍ପି। ଓଲୁଅର ପାର୍ଶ୍ୱ ପ୍ରତିକ୍ରିୟାରୁ ମୁହଁ, ଦେହହାତ ଫୁଲିଗଲା।



ଅଜାଗା ଘା' ଦେଖି ହୁଏ ନା ଦେଖେଇ ହୁଏ, ଖତୁଆ ପୁଣି ମୁହଁ ଘୋଡ଼ାଇବାରେ ଲାଗିଲା। ଏହି ଗଲୁରୋଗ ନିବାରଣ ପାଇଁ କିଛି ବିଶେଷଜ୍ଞମାନେ ଅଣ୍ଡାମାଇସିନ୍ ପ୍ରୟୋଗ କଲେ, ହେଲେ କିଛି ପ୍ରଭାବ ପଡ଼ିଲା ନାହିଁ। କିଛି ବିଶେଷଜ୍ଞ ମତ ଦେଲେ ଏହି ଗଲଗଲ ରମ୍ପରମ୍ପ ରୋଗ କରୋନା ଠାରୁ ବି ମାରାତ୍ମକ ତେଣୁ ତାଙ୍କୁ ସମାଜରୁ ବାସନ୍ଦ କରିବା ଆବଶ୍ୟକ। ହେଲେ ବିଭାଗୀୟ ମୁଖ୍ୟ କହିଲେ ରୋଗକୁ ଘୃଣା କର, ରୋଗୀକୁ ନୁହେଁ। ଏହି ମହନୀୟ ସଂଦେଶ ପ୍ରଚାର କରିବା ପାଇଁ, ମୁଖ୍ୟ ବିଶେଷଜ୍ଞ ଏକ ଯାତ୍ରା ମଞ୍ଚର ପରିକଳ୍ପନା କରି ଖତୁଆକୁ ଡାକିହାକି ମଞ୍ଚରେ ନିଜ ପାଖରେ ବସାଇ ଲୋକଙ୍କୁ ଜଣେଇଲେ ଖତୁଆର ଆଉ ଆଳୁଦୋଷ ନାହିଁ। ଆପଣମାନେ ଲକ୍ଷ୍ୟ ରଖିଥିବେ ଗଲୁଆମାନଙ୍କର ଗଲୁ ହେଲେ ସେମାନେ ଥାନ ଅଥାନ କିଛି ମାନନ୍ତି ନାହିଁ। ଟେରାମାଇସିନ୍ ଲଗେଇ ଟେରା ହୋଇଯିବେ ପଛକେ ରମ୍ପାରମ୍ପି ଛାଡ଼ନ୍ତି ନାହିଁ।

ପଞ୍ଚାୟତ ଏବଂ ପୌର ନିର୍ବାଚନ ସମୟର କଥା, ନିର୍ବାଚନ ପାଇଁ ସବୁ ଦଳ ସବୁ ନେତା ମାରାଥନ ଦୌଡ଼ କରୁଥିଲେ। ଖତୁଆ ବି ଦୌଡିଲା ହେଲେ ଯେଉଁଠିକୁ ଗଲା ଘୋଡ଼ାମୁହାଁ ସାଜି ଫେରି ଆସିଲା। ନିର୍ବାଚନ ମଣ୍ଡଳୀର ଲୋକେ କହିଲେ, ଯେଉଁ ନେତା ନିଜ ଘରକୁ ସମ୍ଭାଳି ପାରୁନି ସିଏ ନିର୍ବାଚନ ମଣ୍ଡଳୀ ସମ୍ଭାଳିବ କ'ଣ? ପ୍ରକାଶଥାଉ, କି ବିଧାୟକ ଖତୁଆ ଏବଂ ସ୍ତ୍ରୀ ରଙ୍ଗବତୀଙ୍କ କେସ୍ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା ପରେ ବିଚାରପତି ବିଚାର ପାଇଁ ତାରିଖ ପରେ ତାରିଖ ଗଡ଼ଉଛନ୍ତି ହେଲେ ଫଳ ଶୂନ। ଯେଉଁ ଖତୁଆ ନିଜର କେସ୍ ବୁଝୁ ବୁଝୁ ଦିନଯାଉଛି ହେଲେ ସମାଧାନ କରିପାରୁନି, ସିଏ ଜନତାଙ୍କ କେସ୍ କ'ଣ ସମାଧାନ କରିବେ? ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସବୁ ଭୁଲି ଯାଇଛନ୍ତି। କାମ କରିଥିଲେ ସିନା ଜନତାଙ୍କ ପ୍ରଶ୍ନର ଉତ୍ତର ଦେବେ, ଠିକାଦାର ଆଉ ବିଧାୟକଙ୍କ ମଧୁଚନ୍ଦ୍ରିକାରେ ସବୁ ବାଟମାରଣା। କେଉଁଠି ନଦୀ ଭିତରେ ଷ୍ଟାଡିୟମ ତ କେଉଁଠି ଗଣ୍ଡ ଭିତରେ ପୋଖରୀ ହୋଇଛି କହି ଅର୍ଥ ହଡ଼ପ କରିଛନ୍ତି। ଆଉ ସେସବୁ ଗାଁକୁ ନିର୍ବାଚନ ପ୍ରଚାର ପାଇଁ ଯେତେବେଳେ ଯାଉଥିଲେ, ଗାଁର ଲୋକମାନଙ୍କ ପ୍ରଶ୍ନ ବାଣରେ ଘାଇଲା ହୋଇ ମୁହଁ ଘୋଡ଼େଇ ହୋଇ ଫେରୁଥିଲେ। ଫେରିଗଲା ବେଳେ ଲୋକେ କହୁଥିଲେ ହେଇ ଦେଖ 'ଘୋଡ଼ାମୁହାଁ' ଯାଉଛି।

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com




ଗଳ୍ପ

# ଗୋଟିଏ କୋଭିଡ ଭାଇରସର ଆତ୍ମକାହାଣୀ

**ଅଜୟ ମହାଲା**

୨୦୨୧ ମସିହା ନଭେମ୍ବର ମାସ ୪ ତାରିଖ। ସାମୟିକରୂପେ କୋଭିଡମୁକ୍ତ ବୋଲି ଘୋଷଣା ହୋଇଥିଲା ମାନ୍ଧାତାନଗର ସହରଟି। ସହରର ରାସ୍ତାଘାଟରେ ପହିଲି ଶୀତର ନରମ ଖରା ବିଛେଇ ହୋଇ ପଡିଛି। ଦେଖାଗଲା ରାସ୍ତାରେ ଲଙ୍ଗଡେଇ ଲଙ୍ଗଡେଇ ଚାଲୁଥିଲା କୋଭିଡ ଭାଇରସଟିଏ। ତା ଚାଲିଲା ମଝିରେ ସେ କେବେ କେବେ କାନ୍ଥରେ ଲାଗିଥିବା ପୋଷ୍ଟରଗୁଡ଼ିକ ଦେଖି ଛିଡ଼ା ହୋଇ ଯାଉଥିଲା। ଆଉ ଜୋର୍ ଜୋର୍ ହସୁଥିଲା ବି।

ସେତିକିବେଳେ ପ୍ରାତଃଭ୍ରମଣରେ ବାହାରିଥିବା ଭଦ୍ରସେନ ନାମକ ସାମ୍ବାଦିକ ତଥା ତନ୍ତ୍ରସାଧକ ସ୍ୱକୀୟ ସୂକ୍ଷ୍ମଦୃଷ୍ଟିରେ ଏ ସବୁ ଦେଖୁଥିଲେ। ସତତ ସମାଜ କଲ୍ୟାଣ ପାଇଁ ବ୍ରତୀ ଏହି ସାମ୍ବାଦିକ ସେହି କୋଭିଡ ଭାଇରସକୁ ରୋକି ପଚାରିଲେ, ଆପଣ କିଏ? ଏମିତି ଲଙ୍ଗଡ଼େଇ ଚାଲୁଛନ୍ତି କାହିଁକି? ମୁଁ ଆପଣଙ୍କୁ ସାହାଯ୍ୟ କରି ପାରେ କି?



-'ଧନ୍ୟବାଦ! ଚିନ୍ତା କରିବା ଭଳି ବିଶେଷ କିଛି ହୋଇନି। ଏହି ନଗରର ଜଣେ ନଗରବାସୀଙ୍କ ଅବହେଳା ଯୋଗୁଁ ମୋର ଏ ଅବସ୍ଥା। ନିୟମ ମାନି ଭଲା ଉଣେଇସି ସେକେଣ୍ଡ ପର୍ଯ୍ୟନ୍ତ ହାତକୁ ସାବୁନରେ ହାତ ଧୋଇଥାନ୍ତେ? ମୋର ମୃତ୍ୟୁ ହୋଇ ଥାନ୍ତା ଆଉ ସବୁକଥା ସେଇଠି ସରି ଯାଇଥାନ୍ତା। ମାତ୍ର ସେହି ତରବରିଆ ଲୋକଟି ସାତ ସେକେଣ୍ଡ ଯାଇଛି କି ନାହିଁ, ହାତ ଧୋଇବାକୁ ଆରମ୍ଭ କରିଦେଲା। ବୁଢା ଆଙ୍ଗୁଳି କୋଣରେ ଲୁଚି ରହିଗଲି ବୋଲି ବଞ୍ଚିଗଲି। କିନ୍ତୁ ସାବୁନ୍ ଫେଣ କାରଣରୁ ବିକଳାଙ୍ଗ ହୋଇ ବାହାରିଲି। ସେଦିନ ମୋ ସାଥିରେ ଯେଉଁମାନେ ଲୋକଟିର ହାତ ପାପୁଲିରେ ଥିଲେ, ସେମାନେ ଫେଣ ଜ୍ୱାଳାରେ ବେହୋସ ହୋଇଗଲେ ଅଥବା ମରିଗଲେ। ମୋ ଆଖି ଆଗରେ ୱାସ୍ ବେସିନର ଭଉଁରୀରେ କେଉଁଆଡେ ଭାସିଗଲେ। ଜାଣିନି, ସେମାନେ କେଉଁଠି ଆଉ କିପରି ଅବସ୍ଥାରେ ଅଛନ୍ତି।' ଏତିକି କହିଲା ବେଳେ ଭାଇରସ୍ ଟିର ଆଖିରେ ଲୁହ ଜକେଇ ଆସିଲା।

ତାପରେ ସାମ୍ବାଦିକ ଭଦ୍ରସେନଙ୍କ ଆଡକୁ ଅନେଇ ଭାଇରସ୍ କହିଲା, 'ଆଉ ରହିଲା, ଆପଣଙ୍କର ମୋତେ ସାହାଯ୍ୟ କରିବାର କଥା। ମୋର ସେ ସବୁର ଆବଶ୍ୟକ ନାହିଁ। ଆପଣଙ୍କ ନଗରବାସୀ ଆମକୁ ଯେତିକି ସାହାଯ୍ୟ କଲେଣି ସେତିକି କଣ କମ୍? ସେଥିପାଇଁ ହୃଦୟରୁ ଧନ୍ୟବାଦ!'

-'ଆମେ ପୁଣି କଣ କଲୁ?'

'ଆପଣଙ୍କ ନଗରବାସୀ କାହିଁକି ସମସ୍ତ ହିନ୍ଦୁସ୍ଥାନୀଙ୍କୁ ମୁଁ ମୋର କୋଭିଡ୍ ଭାତୃତ୍ୱ ତରଫରୁ କୃତଜ୍ଞତା ଜଣାଉଛି। ପୂର୍ବେ ଆପଣଙ୍କ ଦେଶରେ ଲୋକେ କେବଳ ମ୍ୟାଲେରିଆ, ଚିକନଗୁନିଆଁ, ଡେଙ୍ଗୁଙ୍କ ପରି ସମ୍ଭ୍ରାନ୍ତ ରୋଗର ନାଆଁ ନେଉଥିଲେ। ଆମର ଜୟଯାତ୍ରା ପରେ ଭାରତର ନକ୍ସା ବଦଳି ଗଲା ଆଉ ଏହି ମହାମହିମ ରୋଗଗୁଡ଼ିକର କାରକ ଜୀବାଣୁ ଓ ଭାଇରସକୁ ବି ଲୋକ ଭୁଲି ଗଲେ। ଏହା ଆମର କୋଭିଡ୍ ଭାଇଭଉଣୀଙ୍କ ଦିନରାତି କରାଯାଇଥିବା ନିରନ୍ତର ପ୍ରୟାସର ଫଳାଫଳ। ସରକାରୀ ଓ ବେସରକାରୀ ସହଯୋଗ ବିନା ଏ ସବୁ ସମ୍ଭବ ହୋଇ ନ ଥାନ୍ତା।'

-'ଆପଣ ଏହି ପୋଷ୍ଟରଗୁଡ଼ିକୁ ଦେଖି ଏମିତି ହସୁଥିଲେ କାହିଁକି?'

- 'ହସ ଲାଗିବ ନାହିଁ? ମୋତେ ଆଉ ମୋର ସାଥି

ମାନଙ୍କୁ ମାରିବା ପାଇଁ ଚାରିଆଡ଼େ ଯେଉଁ ପୋଷ୍ଟର ଲାଗିଛି ସେଗୁଡିକୁ ଦେଖିଲେ କେହି ବି ହସିବ। ସେଥିରେ ଆମ ବିଷୟରେ କେତେ ଯେ ଭ୍ରାମକ ତଥ୍ୟ ଲେଖା ଯାଇଛି! ସବୁ ଗୁଡ଼ା ପଇସା ଖାଇବା ପାଇଁ ଗୋଟିଏ ଗୋଟିଏ ଆଳ!'

- 'ଜାଣି ପାରେ କି ବର୍ତ୍ତମାନ ଆପଣ କେଉଁଆଡ଼େ ଯାଉଛନ୍ତି ?'

- 'ସହରର ଦକ୍ଷିଣ ଦିଗରେ ଥିବା ଶ୍ରମିକ ବସ୍ତିରେ ଆୟୋଜିତ ଗୋଟିଏ ପୁରସ୍କାର ବିତରଣ ଉତ୍ସବକୁ ଯାଉଛି। ସେଠାରେ ସର୍ବଶ୍ରେଷ୍ଠ ଭାଇରସମାନଙ୍କୁ ପୁରସ୍କୃତ କରାଯିବ। ଅବଶ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବାପାଇଁ ଗୋଟିଏ ଘଣ୍ଟା ସମୟ ବାକି ଅଛି। ପବନ ସେହି ଦିଗକୁ ବହୁଛି ତ, ମତେ ପହଞ୍ଚିବାକୁ ପାଞ୍ଚ ମିନିଟ୍ ଲାଗିବ ନାହିଁ।'

- 'ଏବେ ତ ସରକାର ସବୁ ମେଳା ଆଉ ମହୋତ୍ସବ ଉପରେ କଟକଣା କରିଛନ୍ତି। ଆମର ଗୋଟିଏ ପୁସ୍ତକ ପ୍ରଦର୍ଶନୀ ହେବାର ଥିଲା ଯାହାକୁ ସରକାର ବାତିଲ୍ କରିଦେଲେ। ତା ଛଡା ବାହାରେ ଆପଣ ଏମିତି ବୁଲୁଛନ୍ତି, ଆପଣଙ୍କ ଜୀବନକୁ ବିପଦ ନାହିଁ ?'

**ଆପଣଙ୍କ ପାଇଁ ଏପ୍ରିଲ ୨୦୨୧ କେତେ ହାହାକାରମୟ ଥିଲା ମୁଁ ଜାଣିନି। କିନ୍ତୁ ଆମମାନଙ୍କ ପାଇଁ ତାହା ହର୍ଷ, ଉଲ୍ଲାସ ଆଉ ସେଲିବ୍ରେସନର ସମୟ ଥିଲା।**

'ମୁଁ ମୋର ଜୀବନ ସାର୍ଥକତା ସହ ଜୀଇ ସାରିଛି। ମୋ ଦେହରୁ ଜନ୍ମ ନେଇଥିବା ଶତ ସହସ୍ର ନବଜାତ ଭାଇରସ୍ ଏବେ ସେମାନଙ୍କ କାମରେ ଲାଗି ସାରିଛନ୍ତି। ବର୍ତ୍ତମାନ ଯଦି ମରିବାର ଥାଏ ମୋତେ ଆଦୌ ପଶ୍ଚାତାପ ହେବନାହିଁ। ତା ଛଡା ସର୍ବସାଧାରଣ ଜାଗାରେ ସରକାରୀ ଠିକାଦାର ଯାହା ସ୍ପ୍ରେ କରୁଛନ୍ତି, ସେଗୁଡ଼ା ତୁଚ୍ଛା ପାଣି ...ବଜାରରେ ଯେତେଗୁଡିଏ ରଙ୍ଗବେରଙ୍ଗୀ ସାନିଟାଇଜର୍ ମିଳୁଛି, ସେଥିରେ ଭୂତାଣୁନାଶକ ତତ୍ତ୍ୱ ବିଲକୁଲ ନାହିଁ।'

-'ତଥାପି ଆପଣଙ୍କର ଏପରି ବୁଲିବାରେ କିଛି ତ ରିସ୍କ ଅଛି।'

-'ହା ହା ହା ...ରିସ୍କ ନ ଥାଇ ଜୀବନ କାହିଁ? ମୁଁ କୁଆଡେ ବାହାରୁ ନ ଥିଲି ମ। ତିନି ଦିନ ଧରି ଗୋଟିଏ ପାର୍କ ବେଞ୍ଚରେ ବସିଥିଲି। ଆଜିର ପୁରସ୍କାର ବିତରଣ ଉତ୍ସବରେ ଏହି ନଗରର କିଛି ଭାଇରସ୍ ପୁରସ୍କୃତ ହେଉଛନ୍ତି ତ, ସେମାନଙ୍କୁ ଦେଖିବାକୁ ଇଚ୍ଛା ହେଲା।'

-'କି ପ୍ରଶଂସନୀୟ କାମ କଲେ କି ସେମାନେ ?'

-'ଏଇ ସହରର ଗୋଟିଏ ଭାଇରସକୁ ନେଇ ଆମେ ଗର୍ବିତ, ଏପ୍ରିଲର ସେକେଣ୍ଡ ୱେଭରେ ଯିଏ ସହରର ସାତଟି ପରିବାରକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେଲା। ତାହା ଛଡ଼ା ଆପଣଙ୍କ ଏହି ସହରର ଗୋଟିଏ ଭାଇରସ୍ ଟିମକୁ ବି ଟିମ୍ ମେଡାଲ ମିଳିବାକୁ ଯାଉଛି। ସେମାନେ ସହରର ମୁଖ୍ୟ କୋଭିଡ୍ ହସପିଟାଲର ଚବିଶରୁ ଚବିଶ ଡାକ୍ତରଙ୍କୁ ସଂକ୍ରମିତ କରିଦେଲେ। ସଂକ୍ରମିତ ହୋଇଥିବା ଡାକ୍ତରଙ୍କ ଭିତରୁ କେବଳ ଚାରିଜଣ ମାରି ଦେଲେନି, ହସ୍ପିଟାଲରେ ଦାଖଲ ହୋଇଥିବା ରୋଗୀଙ୍କ ମଧ୍ୟରୁ ଶତକଡ଼ା ପଚସ୍ତରୀଙ୍କୁ ମାରିଦେଇ ସବୁଠୁଁ କଠିନତମ ପରିସ୍ଥିତିରେ ସର୍ବୋଚ୍ଚ ମୃତ୍ୟୁଦର ହାସଲ କରିଥିବାର କୀର୍ତ୍ତିମାନ ସ୍ଥାପନ କଲେ ...'

-'ଓଃ ..କି ଭୟାବହ ଥିଲା ସେହି ସେକେଣ୍ଡ ୱେଭ! ଅକ୍ସିଜେନର ଅଭାବ, ବ୍ଲଡ୍‌ର ଅଭାବ ଆଉ ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସୁବିଧା। ଦିଲ୍ଲୀପରି ମହନଗରୀରେ ଯେଉଁ ହଇଚଇ ପଡିଗଲା ...ଆହା!', ଦୀର୍ଘଶ୍ୱାସ ନେଇ ଭଦ୍ରସେନ କହିଲେ।

-'ଆପଣଙ୍କ ପାଇଁ ଏପ୍ରିଲ ୨୦୨୧ କେତେ ହାହାକାରମୟ ଥିଲା ମୁଁ ଜାଣିନି। କିନ୍ତୁ ଆମମାନଙ୍କ ପାଇଁ ତାହା ହର୍ଷ, ଉଲ୍ଲାସ ଆଉ ସେଲିବ୍ରେସନର ସମୟ ଥିଲା। ଆମେ ଦ୍ୱିତୀୟ ଥର ପାଇଁ ଭାରତ ଉପରେ ବିଜୟ ହାସଲ କରିଥିଲୁ।'


ମୁରୁକି ହସ ସହ ଭାଇରସ ମୁହଁରେ ଏପରି କଥା ଶୁଣି ଭଦ୍ରସେନ ହଠାତ ଉତ୍ତେଜିତ ହୋଇଗଲେ। ତାଙ୍କ ମୁହଁରୁ ବାହାରି ପଡ଼ିଲା, 'ୟୁ ଚାଇନିଜ ବାଷ୍ଟାର୍ଡ! ଗୋ ବ୍ୟାକ୍ ଟୁ ୟୋର ଓନ କଣ୍ଟ୍ରି....ବିଶ୍ୱାସଘାତକତାର ବିଜୟ ଥିଲା ତୁମର ସେହି ୧୯୬୫ର ବିଜୟ!'

-'ଆରେ ରେ! ଆପଣ ମିଛଟାରେ ରାଗିଗଲେ। ମୁଁ କୌଣସି ଚାଇନିଜ୍ ନୁହେଁ। ମୁଁ ୧୯୬୫ ଯୁଦ୍ଧ କଥା କହୁନି। ୨୦୧୯ରେ କେବେ ମୋର ପୂର୍ବପୁରୁଷ ଏଠିକି ଆସଥିଲେ। ତା ପରେ ଅନେକ ପୀଢ଼ି ଜନ୍ମ ନେଇ ସାରିଲେଣି। ଏଠାକାର

ଜଳବାୟୁ ପାଖରେ ମୁଁ ଋଣୀ।'

-'ପ୍ରଥମ ବିଜୟ ଯଦି ଚାଇନା ଯୁଦ୍ଧକୁ ନେଇ ନୁହେଁ, ତେବେ କାହାକୁ ନେଇ ଏହି ଯୁଦ୍ଧ ଟିକେ କହିଲେ?' ଭାଇରସ ଧୈର୍ଯ୍ୟପୂର୍ବକ ଦେଇଥିବା ଜବାବ ଶୁଣିବା ପରେ ଶାଳୀନତାର ସୀମା ଭିତରକୁ ଫେରି ଆସି ପଚାରିଲେ ଭଦ୍ରସେନ।

'କୋଭିଡ ପ୍ରଥମ ୱେଭ! ସେଇଟା ୨୦୧୯ରେ ଆସିଥିବା ମୋ ପୂର୍ବପୁରୁଷମାନେ ଲଢ଼ିଥିଲେ। ସେମାନଙ୍କ ଶୌର୍ଯ୍ୟକାହାଣୀ ଆମେ ଯାହା କେବଳ ଶୁଣିଛୁ ଆଉ ଇତିହାସ ବହିରେ ପଢିଛୁ। ସେହି କୋଭିଡ ବୀରମାନେ ଭାରତର ନଗ୍ନ ସ୍ୱରୂପ ବିଶ୍ୱ ଆଗରେ ଦେଖାଇ ଦେଲେ। ଖାଇବାପିଇବା, ସ୍ୱାସ୍ଥ୍ୟ ଓ ପରିବହନ ବ୍ୟବସ୍ଥା କିପରି ଦୟନୀୟ ଥିଲା... ଫୋଟୋରେ ଦେଖିଛି ବମ୍ବେ, ପୁନା ସୁରତ ଆଦି ସହରରୁ ମାଆମାନେ କିପରି ଜିନିଷପତ୍ର ଓ ଛୁଆମାନଙ୍କୁ କାଖରେ ଧରି ଶହ ଶହ କିଲୋମିଟର ପାଦରେ ଚାଲି ଭିଟାମାଟିକୁ ଫେରିବାର ପ୍ରଚେଷ୍ଟା କରୁଥିଲେ...'



'ଓଃ...ତୁମ ସମାଜରେ ଏହି କଳଙ୍କମୟ କାହାଣୀର ଇତିହାସ ବହି ଲେଖା ସାରିଲାଣି!'

-'ମୁଁ ଜାଣେ, ଆପଣଙ୍କ ଇତିହାସକାରମାନେ ଏହି କାହାଣୀ ଲୁଚାଇବେ। ନେତାଙ୍କ ଅଫିମ ଖାଇ, ଅକ୍ସିଜେନ ସମସ୍ୟା ପରି ସମସ୍ୟାର ପୁନରାବୃତ୍ତି ଘଟି ପାରେ ତାହା ଭୁଲିଯିବେ। ଦେଶର ଦୁର୍ଗତି କାଳରେ ବଡ଼ ବଡ଼ କ୍ରିକେଟ୍ ମ୍ୟାଚର ଆୟୋଜନ କରିବେ। କିନ୍ତୁ ଆମେ ମଣିଷଙ୍କ ପରି ଭୀରୁ ନୁହଁ। ପ୍ରତ୍ୟେକ କୋଭିଡ୍ ଭାଇରସ୍ ଗୋଟିଏ ଗୋଟିଏ ସୈନିକ।'

ତନ୍ତ୍ରସାଧକ ଭଦ୍ରସେନ ଭାଇରସର ବକ୍ତବ୍ୟରେ ଫୁଟି ଉଠୁଥିବା ଆତ୍ମଗର୍ବକୁ ଅନୁଭବ କରୁଥିଲେ। କିନ୍ତୁ ତାର ଯୁକ୍ତି ଅକାଟ୍ୟ ଥିବା ଯୋଗୁଁ କଥାଟା ସେ ଦିଗରେ ବେଶୀ ନ ବଢ଼େଇ ପଚାରିଲେ....

'ନିଜ ଜୀବନରେ ଘଟିଥିବା କୌଣସି ବ୍ୟକ୍ତିଗତ ରୋଚକ ଅନୁଭୂତି ଆମ ପତ୍ରିକାର ପାଠକଙ୍କ ପାଇଁ ଅବଗତ କରାଇଲେ ଖୁସି ହେବୁ।'

-'ଥରେ ମୁଁ ବୁଲୁ ବୁଲୁ ରାମଦେବ ବାବାଙ୍କ ପରି ଯୋଗବିଦ୍ୟାରେ ପାରଙ୍ଗମ ଗୋଟିଏ ସାଧୁଙ୍କ ଶ୍ୱାସ ନଳୀରେ ପ୍ରବେଶ କରିଗଲି। ଆରେ ବାପ୍ ରେ ବାପ୍, ପ୍ରାଣାୟମରେ ସେ କୁମ୍ଭକ ମାରି ମତେ ଯେମିତି ଧକ୍କା ଦେଉଥିଲେ! ସାଧୁଙ୍କ ଫୁସ୍ ଫୁସ୍ ବାହାରେ ପଡ଼ି ରହିଲି ଦୀର୍ଘ ଚାରିଦିନ। ଯେତେ ଚେଷ୍ଟା କଲେ ବି ଆଦୌ ପ୍ରବେଶ କରି ପାରିଲି ନାହିଁ। ମୁଁ ନିଜକୁ ଅସହାୟ ଓ ଏକୁଟିଆ ମନେ କରୁଥିଲି।'

'କିନ୍ତୁ ସାଧୁ ଜଣକ ବେଶୀ ଦିନ ନିଜକୁ ସୁରକ୍ଷିତ ରଖି ପାରିଲେ ନାହିଁ। ଥରେ ଆଶ୍ରମରେ କାର୍ଯ୍ୟରତା ଚମ୍ପାବତୀ ନାମକ ମହିଳା ପରିଚାରିକା ସାଧୁ ଜଣକ ସହ ମିଳିବା ପାଇଁ ରାତି ଅଧରେ ଆସିଲେ। ଆମର ଅନ୍ୟ ସଦସ୍ୟମାନେ ଚମ୍ପାବତୀକୁ ପୂର୍ବରୁ ନିଜ କବଳକୁ ନେଇ ସାରିଥିଲେ। ଚମ୍ପାବତୀ ସାଧୁଙ୍କ ସହ ନିଶ୍ୱାସ ବିନିମୟ କଲାବେଳେ ମଉକା ଦେଖି ଏକ ସମୟରେ ଅନେକ କୋଭିଡ୍ ସାଥି ସିଧା ଯାଇ ସାଧୁଙ୍କ ଫୁସଫୁସରେ ପଶିଗଲେ ଆଉ ମୋ ପାଇଁ ବି ଅବରୁଦ୍ଧ ଥିବା ଦ୍ୱାର ଖୋଲିଦେଲେ। ତା' ପରଦିନ ଯେତେବେଳେ ସାଧୁ ଖୁଁ ଖୁଁ ହେବା ଆରମ୍ଭ କରିଦେଲେ ଆମ ସାଥୀମାନଙ୍କର ଆନନ୍ଦ କହିଲେ ନ ସରେ! କିନ୍ତୁ ଆମେ ସାଧୁଙ୍କୁ ମାରି ପାରିଲୁ ନାହିଁ। କଣ ଭାବି କେଜାଣି, ଆଶ୍ରମ ମ୍ୟାନେଜମେଣ୍ଟ୍ ବିଚରା ପରିଚାରିକାର ଚାକିରୀଟି ବରଖାସ୍ତ କରିଦେଲେ।'

-'ଏତେ ଅନଭିଜ୍ଞ ହେବାର ଛଳନା କରନି। ଚମ୍ପାବତୀର ଚରିତ୍ର ଯେ ତାହାର ଚାକିରୀ ଯିବାର କାରଣ ଏଇ ଛୋଟ କଥାଟି ବୁଝି ପାରୁନାହଁ?'

- 'କିନ୍ତୁ ଏ ସବୁ ତ ବହୁତ ଆଗରୁ ଚାଲୁଥିଲା!'

- 'ଛାଡ଼ ସେ ସବୁ କଥା! କିନ୍ତୁ ଗୋଟିଏ କଥା ସତ ଯେ କୋଭିଡ ଆସିଲା ପରେ ଦୁନିଆଁ ଯେପରି ବଦଳିଗଲା। ଲୋକ ପ୍ରକୃତି କୋଳକୁ ପୁଣି ଫେରି ଆସିଲେ। ବହୁ ଦିନ ଧରି ଆକାଶରେ ତାରା ଆଉ ଜହ୍ନ ନ ଦେଖିଥିବା ଲୋକମାନେ

ତାରା ଦେଖିବାକୁ ଲାଗିଲେ। ବିଦେଶରେ ରହୁଥିବା ପରିବାର ଲୋକେ ସ୍ୱଦେଶ ବାହୁଡ଼ି ଆସି ଜ୍ଞାତିକୁଟୁମ୍ବଙ୍କ ସହ ରହିବାକୁ ଚାହିଁଲେ ...।'

-'କିନ୍ତୁ ଆମକୁ ଏଥିପାଇଁ ଧନ୍ୟବାଦ କିଏଦେଉଛି ? ଦେଉଛି ..ଆପଣ ଶେଷରେ 'ବାଷ୍ଟାର୍ଡ' ଭଳି ଅପଶବ୍ଦ ବି ମୋ ଲାଗି ବ୍ୟବହାର କରି ନେଲେ!' - ଏତକ କହିଲାବେଳେ ଭାଇରସ୍ ମୁହଁରେ କ୍ଷୋଭ ଫୁଟି ଉଠୁଥିଲା।

-'ଠିକ କହିଲେ ଭାଇରସ ବାବୁ! ଏଟା ସତ, ଯେ କୋଭିଡ କାରଣରୁ ପିଲାମାନଙ୍କୁ ନିଜ ପିତାମାତାଙ୍କଓ ଅନ୍ୟ ଗୁରୁଜନମାନ ପାଖରେ ମାସ ମାସ ଏକାଠି ହୋଇ ରହିବାର ସୌଭାଗ୍ୟ ମିଳିଲା। ନ ହେଲେ ସମଗ୍ର ଚାକିରୀ କାଳରେ କେଉଁଠି ଏତେ ସମୟ ମିଳେ ? ଯେଉଁ ଚଢ଼େଇ ଥରେ ଫୁର୍ ହୋଇ ଉଡ଼ିଗଲା ସେ କି ଆଉ ଫେରେ। କିନ୍ତୁ କେତେ ଦିନ ରହିଲା ସେହି ସୁଖଦ ମୁହୂର୍ତ୍ତ ? ସେହି ପିଲାମାନଙ୍କୁ ଥରେ ପଚାର ତ। କେତେ ବିରକ୍ତ ହୋଇ ସାରିଲେଣି ସେମାନେ ଘରେ ରହି ରହି। ପିଜ୍ଜା, ବର୍ଗର ଖାଉଥିବା ଜିଭକୁ ଘରର ସାରୁ, ବଡ଼ି, ଖଡ଼ା କେମିତି ଭଲ ଲାଗିବ ?'

**ମନୁଷ୍ୟସମାଜ ଆଉ ଆମ ଭିତରେ ଥିବା ଏ ସଂଘର୍ଷ ତ ନିରନ୍ତର ଜାରୀ ରହିବ।**

-'ସତ କହିଲେ ଆଜ୍ଞା! ଖେଳରେ ଆଉ କିଛି ମଜା ଆସୁନି। ଆମକୁ ବି କେହି ପୂର୍ବ ପରି ଗମ୍ଭୀରତା ସହ ନେଉନାହିଁ। ମାସ୍କକୁ କେବଳ ବେକରେ ଓହଳେଇ ରଖିଛନ୍ତି। ତମ ସରକାର 'ନିରୋଗ ସେତୁ' ମୋବାଇଲ ଆପ୍ କେତେ ଲୋକ ବ୍ୟବହାର କଲେ ତାକୁ ନେଇ ଗର୍ବ କରୁଛି। ଆମେ ଭାଇରସମାନେ ଏତେ ପରିଶ୍ରମ କରି ଲୋକଙ୍କୁ ମାରୁଛୁ, କିନ୍ତୁ ପ୍ରତ୍ୟେକ ସ୍ତରରେ ସରକାର, ନିଜ ଅକ୍ଷମତା ଲୋକଲୋଚନକୁ ନ ଆସୁ, ସେଥିପାଇଁ ମୃତ୍ୟୁ ସଂଖ୍ୟାକୁ କମ୍ କରି ରିପୋର୍ଟ କରୁଛନ୍ତି। ଏହି ଅଣ୍ଡରରିପୋର୍ଟିଙ୍ଗ ପାଇଁ ସମଗ୍ର ଭାଇରସକୁଳ କ୍ଷୁବ୍ଧ। ଆମ ଭାଇରସ ଗୋଷ୍ଠୀର ପ୍ରମୁଖ ତ କହିଦେଲେ ଚିନ୍ତା କରନାହିଁ, ମଣିଷମାନେ ଯାହା ବି ରିପୋର୍ଟ କରୁଛନ୍ତି ତାକୁ ତିନିଗୁଣ କରି ପଢ।'

ଭାଇରସମାନଙ୍କ ଭିତରେ ମନୁଷ୍ୟକୁ ନେଇ ଏତେ ଚିନ୍ତା ଅନୁଚିନ୍ତା ଯେ ଚାଲିଥିବ ତାହାର ଅନୁମାନ ସାମ୍ବାଦିକ ଭଦ୍ରସେନଙ୍କୁ ନ ଥିଲା। ସେ ଜିଜ୍ଞାସାଭରା ପ୍ରଶ୍ନଟିଏ ପଚାରିଲେ - ଶେଷରେ ସତ କଥା କହିବେ। ଆପଣ ମଣିଷମାନଙ୍କୁ କଣ ସତରେ ଡରନ୍ତି ନାହିଁ ?'

-'ଡରିବୁ କାହିଁକି ? ଆମେ ଈଶ୍ୱରଙ୍କ ସୃଷ୍ଟିରେ ବାସ୍ତବିକ ରୂପେ ଧର୍ମନିରପେକ୍ଷ। ଧନୀ, ଗରିବ, ପୁରୁଷ, ନାରୀ କାହାକୁ ନେଇ ଆମର ପାତରଅନ୍ତର ନାହିଁ। ତା ଛଡା ଆମେ ଅବିନାଶୀ। ଆମକୁ ମୃତ୍ୟୁକୁ ଡର ନାହିଁ। ମରିବା ପୂର୍ବରୁ ତ ନିଜକୁ ସହସ୍ର ସହସ୍ର ସଂଖ୍ୟାରେ ଜନ୍ମ ଦେଇ ନିଜକୁ ସୁରକ୍ଷିତ କରିଥାଉ। କିନ୍ତୁ .....'

-'କୁହନ୍ତୁ କୁହନ୍ତୁ, ହଠାତ କିଛି କହୁ କହୁ ରହି ଗଲେ ଯେ ?'

-' ଗୋଟିଏ ଗୁପ୍ତ କଥା। ମୁଁ କହିଥିଲି ବୋଲି ଆପଣ ମୋ ନାଆଁ କେଉଁଠି ପ୍ରଘଟ କରିବେ ନାହିଁ ....ପ୍ରତିଜ୍ଞା କରନ୍ତୁ।'

-'ପ୍ରତିଜ୍ଞା କଲି।'

-'ମଣିଷମାନଙ୍କ ସହ ବ୍ୟବହାର କଲାବେଳେ ଆମକୁ ବି ମନୁଷ୍ୟ ଭିତରେ ଥିବା ଗୋଟିଏ ଭାଇରସ୍ ପ୍ରତି ବହୁତ ଡର ଅଛି !'

-'ସେଇଟା କଣ ?'

ଭାଇରସ ଭଦ୍ରସେନଙ୍କ କାନ ପାଖକୁ ମୁହଁ ନେଇ ଧୀରେ ଧୀରେ କହିଲା, 'ଭାଇରସଟିର ନାଆଁ ହେଲା - ଆତ୍ମପ୍ରବଞ୍ଚନା - ୬୨୧। ଏଇ ଭାଇରସଟି କୌଣସି ବି ପ୍ରଜାତିର ଧ୍ୱଂସର କାରଣ ହୋଇପାରେ - ଏହାର ପ୍ରତିଷେଧକ ଏ ଯାଏଁ ବାହାରି ନାହିଁ।'

'ଓଃ ...ଆଇ ପ୍ରମିଶ୍ ଏଗେନ୍! ମୁଁ ଏ କଥା କାହାକୁ କହିବି ନାହିଁ। ଏବେ ମନୁଷ୍ୟସମାଜ, ବିଶେଷ କରି ମାନ୍ଧାତାନଗରବାସୀ ଓ ଆମ ପତ୍ରିକାର ପାଠକମାନଙ୍କ ପାଇଁ କିଛି ସନ୍ଦେଶ ଦେବେ ?'

-'ଓଃ ନିଶ୍ଚୟ! ମୁଁ ଆପଣଙ୍କ ନଗରବାସୀ ଓ ପତ୍ରିକାର ପାଠକମାନଙ୍କ ପାଇଁ ଶୁଭକାମନା କରୁଛି। ମନୁଷ୍ୟସମାଜ ଆଉ ଆମ ଭିତରେ ଥିବା ଏ ସଂଘର୍ଷ ତ ନିରନ୍ତର ଜାରୀ ରହିବ। ମଣିଷମାନେ ଆମ ସଂଖ୍ୟା କମ୍ କରିବାକୁ ଚେଷ୍ଟା କରିବେ, ଆଉ ଆମେ, ମଣିଷଙ୍କ ସଂଖ୍ୟାକୁ। ଶେଷରେ ସତ୍ୟର ହିଁ ଜୟ ହେବ।'

□□

ଲେଖକଙ୍କ ଇ-ମେଲ ଠିକଣା:
ajayamahala@gmail.com




ପ୍ରବନ୍ଧ

# ପୁରସ୍କାର ପାଇଁ ନିଷିଦ୍ଧ ଇଲାକା - ପ୍ରବନ୍ଧ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବିଶିଷ୍ଟ ପ୍ରାବନ୍ଧିକ ଶ୍ରୀ ବୈଷ୍ଣବ ମହାନ୍ତି ସରକାରୀ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ସଂପର୍କରେ ଏକ ରୋଚକ ଘଟଣାର ଅବତାରଣା କରିଛନ୍ତି, ଯାହା ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି।

ଏହା ହେଉଛି ଶ୍ରୀମତୀ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ବେଳର ଘଟଣା। ସେ ବିଶିଷ୍ଟ ସାହିତ୍ୟିକ ନୀଳମଣି ସାହୁଙ୍କୁ ଉତ୍କଳ ପ୍ରସଙ୍ଗ ପତ୍ରିକାର ସଂପାଦକ ଭାବେ ଅବସ୍ଥାପିତ କରିଥିଲେ। ଉଦ୍ଦେଶ୍ୟ ଥିଲା ଯେ, ନୀଳମଣି ସାହୁ ଏହି ପତ୍ରିକାରେ ପରିବର୍ତ୍ତନ ଆଣି ଏକ ଉତ୍କୃଷ୍ଟ ସାହିତ୍ୟ-ପତ୍ରିକା ସୃଷ୍ଟି କରିପାରିବେ। ଏହା ଜଣାଶୁଣା ଯେ, ନୂତନ ସଂପାଦକ ଖୁବ୍ ଉତ୍ସାହୀ ଓ କର୍ମନିଷ୍ଠ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ୟାରେଡ ପଡ଼ିଆ (ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପାର୍କ)ରେ ଜାକଜମକରେ ପ୍ୟାରେଡ ଅନୁଷ୍ଠିତ ହୁଏ। ସେଠାରେ ବହୁ ଦର୍ଶକ ଯୋଗ ଦେଇ ଉତ୍ସବକୁ ଉପଭୋଗ କରିଥାନ୍ତି। ନୀଳମଣି ସାହୁ ଚିନ୍ତା କଲେ ଯେ, ଏହା ଏକ ସୁବର୍ଣ୍ଣ ସୁଯୋଗ। ଉତ୍କଳ ପ୍ରସଙ୍ଗ ଏକ ସରକାରୀ ପତ୍ରିକା ହୋଇଥିଲେ ସୁଦ୍ଧା ଏହାର ବିଶେଷ ପ୍ରସାର ହେଉ ନ ଥିଲା। ଏହାର ପ୍ରତିକାର ପାଇଁ ସଂପାଦକ ନୀଳମଣି ସାହୁ କେତେଖଣ୍ଡ ପତ୍ରିକା କାଖରେ ଜାକି ଉତ୍ସବ ସ୍ଥଳରେ ପହଞ୍ଚିଲେ। ଘର ବାହୁଡା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପାଟି କରି ଘୋଷଣା କରୁଥାନ୍ତି, "ଓଡ଼ିଆ ପତ୍ରିକା, ଓଡ଼ିଆ ପତ୍ରିକା, ଉତ୍କଳ ପ୍ରସଙ୍ଗ। ମାତ୍ର ଟଙ୍କାକରେ ଖଣ୍ଡେ, ନିଅନ୍ତୁ ଟଙ୍କାକରେ ଖଣ୍ଡେ।" ଦୈବାତ ସେ ଭିଡ ଭିତରୁ ଜଣେ ମନ୍ତବ୍ୟ ଦେଲା ଯେ, ଟଙ୍କାକରେ କାହିଁକି, ମାଗଣା ଦେଉ ନାହଁ? ତାର ଏହି ଥଟ୍ଟା ନୀଳମଣିଙ୍କ କାନରେ ପଡ଼ିବା କ୍ଷଣି ସେ ତା' ପାଖକୁ ଦୌଡି ଯାଇ ମାଗଣାରେ ଖଣ୍ଡେ ପତ୍ରିକା ଯାଚିଲେ। ଲୋକଟି ଏମିତି ଘଟଣା ଭାବି ନ ଥିଲା। ସେ ଲଜ୍ଜାରେ ଦୌଡି ପଳାଇବାକୁ ଆରମ୍ଭ କଲା। କିନ୍ତୁ ନୀଳମଣି ନ ଛୋଡବନ୍ଧା। ରାଜରାସ୍ତାରେ ତା ପଛେ ପଛେ ପତ୍ରିକା ଦେବା ପାଇଁ ଗୋଡାଇଲେ।




ଏହି ଘଟଣାଟି ପ୍ରତ୍ୟକ୍ଷ କରିଥିବା ସେଠିକାର ଦର୍ଶକମାନେ ହୁଏତ ଏହା ଏକ 'ମୂଷା ବିଲେଇ ଗୋଡା ଗୋଡି' ଖେଳ ଭାବି ବେଶ ଉପଭୋଗ କରିଥିବେ। କିନ୍ତୁ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ଆଖିରେ ଯଦି ଏହି ଅଭାବନୀୟ ଘଟଣା ପଡିଥିବ, ସେ ଅନୁତାପ କରିଥିବେ ଯେ, ଅନ୍ଧ ଦେଶକୁ ଗୁଡାଏ ଦର୍ପଣ ଦେଇ କେତେ ବଡ଼ ଭୁଲ୍ କରିଛନ୍ତି !

ସଂପାଦକ ନୀଳମଣି ସାହୁଙ୍କ, ଦୁର୍ଦ୍ଦଶା, ସାହିତ୍ୟ; ପୁଣି ଗଦ୍ୟମୟ। ପ୍ରାଧାନ୍ୟ ପ୍ରବନ୍ଧର। ଏହି ସଂପାଦନୀ- କାର୍ଯ୍ୟ ହରଡଘଣାରେ ଜଣକୁ ପକାଇବା ଥୟ।

ଅବଶ୍ୟ ପ୍ରସିଦ୍ଧ ଆଳଙ୍କାରିକ ବାମନାଚାର୍ଯ୍ୟ କହିଛନ୍ତି, 'ଗଦ୍ୟ କବିନାଂ ନିକଷଂ ବଦନ୍ତି'। ସାହିତ୍ୟର ପ୍ରାରମ୍ଭ ପଦ୍ୟରୁ ହୋଇଥିଲା ଏବଂ ବହୁ ବର୍ଷ ପରେ ଗଦ୍ୟ ପ୍ରବେଶ କଲା। ତେଣୁ ପଦ୍ୟର ପ୍ରାଧାନ୍ୟ ସ୍ୱାଭାବିକ ମନେ ହୁଏ। ତେବେ ବାମନାଚାର୍ଯ୍ୟଙ୍କ ଉକ୍ତି ଉପରେ ଜଣେ ସମୀକ୍ଷକ ମତ ଦେଇଛନ୍ତି, "ଗଦ୍ୟ ହେଉଛି କବିମାନଙ୍କ ପ୍ରତିଭାର କଷଟି ପଥର। ସାହିତ୍ୟରେ ଗଦ୍ୟ ଏକ କଷ୍ଟସାଧ୍ୟ ରଚନା ହୋଇଥିବାରୁ ଗଦ୍ୟକୁ ସାହିତ୍ୟର ଶ୍ରେଷ୍ଠ ରୀତି ଭାବରେ ଗ୍ରହଣ କରାଯାଏ।"

ଅବଶ୍ୟ ବହୁ ବର୍ଷ ପୂର୍ବେ ଏହି ମତ ଉପସ୍ଥାପିତ ହୋଇଥିଲା। ସାଂପ୍ରତିକ ସ୍ଥିତିରେ ଏହାର ରୂପରେଖ ବିଚାର୍ଯ୍ୟ। ଯଶସ୍ୱୀ ସାହିତ୍ୟ ସାଧକ ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ

ଏକ ସାକ୍ଷାତକାର 'ସାହିତ୍ୟ ଚର୍ଚ୍ଚା' ପତ୍ରିକା ତରଫରୁ ଅଗଷ୍ଟ ୨୦୨୧ରେ ନିଆଯାଇଥିଲା। ସେଥିରୁ କିଛି ଉଦ୍ଧୃତାଂଶ ପ୍ରତି ଦୃଷ୍ଟି ଦିଆଯାଇପାରେ।

"ପ୍ରକୃତରେ ସର୍ଜନାତ୍ମକ ସାହିତ୍ୟରୁ ଅଧିକ ଆନନ୍ଦ ମିଳେ। ଅବଶ୍ୟ ମୋ ବିଚାରରେ ସମାଲୋଚନା ମଧ୍ୟ ଏକ ସୃଜନଶୀଳ ଲେଖା। ଏହାକୁ କାହିଁକି ଏପରି ମାନ୍ୟତା ଦିଆଯାଇ ନାହିଁ ମୁଁ ବୁଝି ପାରେ ନାହିଁ।"

## ସୁଦୃଷ୍ଟିରୁ ବଂଚିତ

ହୋଇପାରେ ସମାଲୋଚନା ଓ ପ୍ରବନ୍ଧ ଆମ ସାହିତ୍ୟର ସୁଦୃଷ୍ଟିରୁ ବଂଚିତ। କିନ୍ତୁ ବିଶ୍ୱସ୍ତରରେ ଏହାର ସ୍ଥିତି ସମ୍ବନ୍ଧରେ ପର୍ଯ୍ୟାଲୋଚନା କରାଯାଇପାରେ। ବାର୍ଟ୍ରଣ୍ଡ ରସେଲ (୧୮୭୨-୧୯୭୦) ଜଣେ ଗଣିତଜ୍ଞ ଓ ଦାର୍ଶନିକ। ସେ ତିନି ଭାଗ ବିଶିଷ୍ଟ 'ପ୍ରିନସପିଆ ମାଥମେଟିକା' (୧୯୧୦-୧୩) ପୁସ୍ତକର ସହ-ଲେଖକ। ତତ୍ ସହ ଜନପ୍ରିୟ 'ହିଷ୍ଟୋରି ଅଫ ଓ୍ୱେଷ୍ଟର୍ଣ୍ଣ ଫିଲୋସଫ' (୧୯୪୬)ର ରଚୟିତା। ସର୍ବୋପରି ସେ ବହୁ ସଂଖ୍ୟକ ମନୋଜ୍ଞ ପ୍ରବନ୍ଧ ଲେଖିଛନ୍ତି। ତାଙ୍କ ରଚନା ଶୈଳୀ ଅନନ୍ୟ। ସେଥିର ରହିଛି ଚିନ୍ତାଧାରାରେ ଏକତା, ସଠିକ ଶବ୍ଦ ଚୟନ, ଭାଷାରେ ସରଳତା, ବିଷୟବସ୍ତୁରେ ଗାମ୍ଭୀର୍ଯ୍ୟ ଏବଂ ହାସ୍ୟ ଓ ବ୍ୟଙ୍ଗର ସ୍ପର୍ଶ। ବିଜ୍ଞାନ, ଦର୍ଶନ ଏବଂ ସାମାଜିକ ତଥା ନୈତିକ ସମସ୍ୟା ଉପରେ ପ୍ରାବନ୍ଧିକ ଭାବେ ତାଙ୍କର ସୁଚିନ୍ତିତ ମତ ବିଭିନ୍ନ ବର୍ଗର ପାଠକଙ୍କୁ ସ୍ୱଷ୍ଟ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇଥିଲା। ୧୯୫୦ରେ ପ୍ରବନ୍ଧ ସାହିତ୍ୟ ପାଇଁ ତାଙ୍କୁ ନୋବେଲ ପୁରସ୍କର ପ୍ରଦାନ କରାଯାଇଥିଲା।

ପ୍ରବନ୍ଧ ପାଇଁ କେବଳ ରସେଲ ନୁହନ୍ତି, ଅନ୍ୟ ଜଣେ ମହାନ ବ୍ୟକ୍ତି ମଧ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ। ସେ ହେଉଛନ୍ତି, ଓ୍ୱିନଷ୍ଟନ ଚର୍ଚ୍ଚିଲ (୧୮୭୫-୧୯୬୫)। ସେ ୟୁନାଇଟେଡ କିଙ୍ଗଡମର ପ୍ରଧାନମନ୍ତ୍ରୀ (୧୯୪୦-୪୫) ଥିଲେ। ଜୀବଦ୍ଦଶାରେ ସେ 'ସାଭରୋଲା' ନାମ ଗୋଟିଏ ଉପନ୍ୟାସ ଓ ଗୋଟିଏ ଗଳ୍ପ ଲେଖିଥିଲେ, ଯାହାର ବିଶେଷ ସାହିତ୍ୟିକ ମୂଲ୍ୟ ନାହିଁ। ତେବେ ୧୯୫୩ରେ ସେ ସାହିତ୍ୟରେ ନୋବେଲ ବିଜୟୀ ହୋଇଥିଲେ। ଏହା ଏକ ବିରଳ ଘଟଣା, କାରଣ ସେତେବେଳେ ସାଧାରଣତଃ ଜଣେ ବ୍ୟକ୍ତି କ୍ଷମତାସୀନ ଥିବା ବେଳେ ଏହି ସମ୍ମାନ ପ୍ରାପ୍ତ ହୋଇ ନ ଥାନ୍ତି। ନୋବେଲ କମିଟି ପ୍ରଶସ୍ତିପତ୍ରରେ ସୂଚନା ଦେଇଥିଲେ ଯେ, ଚର୍ଚ୍ଚିଲଙ୍କ ଐତିହାସିକ ତଥ୍ୟ ଓ ଜୀବନୀ ସଂପର୍କିତ ବର୍ଣ୍ଣନା ତଥା ଉଚ୍ଚତମ ମାନବିକ ମୂଲ୍ୟବୋଧର ରକ୍ଷା ପାଇଁ ଏବଂ ଚମତ୍କାର ବକ୍ତୃତାର ଲିପିବଦ୍ଧକୃତ ଦଲିଲ ପାଇଁ ଏହି ସ୍ୱୀକୃତି ପ୍ରଦତ୍ତ ହୋଇଛି।

## ପ୍ରବନ୍ଧର ମାନ୍ୟତା

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ପ୍ରବନ୍ଧକୁ ଏହି ପ୍ରକାର ମାନ୍ୟତା ଦିଆଯାଇଥାଏ। ଏପରିକି ଶୀର୍ଷସ୍ତରୀୟ କବିମାନେ ମଧ୍ୟ ବେଳେ ବେଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରକାଶ କରିବାକୁ ଗଦ୍ୟର ଆଶ୍ରୟ ନେଇଥାନ୍ତି।

ତଥାପି ଲକ୍ଷ୍ୟ କରିବା କଥା ଯେ, ଆମ ସାହିତ୍ୟରେ ପ୍ରବନ୍ଧର ଅଗ୍ରଗତି କଣ୍ଟକମୟ। ଏଥିରେ ସୁଧାର ଆଣିବା ଅତ୍ୟାବଶ୍ୟକ। ଅବଶ୍ୟ ଏହାର ସମାଧାନ ପାଇଁ ଏକାଧିକ ପ୍ରସ୍ତାବ ସୁପାରିସ କରାଯାଇପାରେ। ହୁଏତ ତନ୍ମଧ୍ୟରେ ପୁରସ୍କାର ପ୍ରଦାନ ଅନ୍ୟତମ ବୋଲି କେହି କେହି ଦୃଢ଼ କଣ୍ଠରେ ଘୋଷଣା କରିବେ। ତାହେଲେ, ପୁରସ୍କାର ?

**ସମାଲୋଚନା ମଧ୍ୟ ଏକ ସୃଜନଶୀଳ ଲେଖା। ଏହାକୁ କାହିଁକି ଏପରି ମାନ୍ୟତା ଦିଆଯାଇ ନାହିଁ ମୁଁ ବୁଝି ପାରେ ନାହିଁ।**

କୌଣସି ଏକ ମହତ୍ ଉଦ୍ଦେଶ୍ୟ ନେଇ ଜଣେ ବ୍ୟକ୍ତି ବା ସଂସ୍ଥା ପୁରସ୍କାର-ପ୍ରଦାନ ବ୍ୟବସ୍ଥା ସମ୍ପାଦନ କରିଥାନ୍ତି। ଯେଉଁ ଉଦ୍ଦେଶ୍ୟର ଉନ୍ନତି, ପ୍ରଚାର ଓ ପ୍ରସାର ପାଇଁ ଏହା ସଂଘଟିତ ହୋଇଥାଏ, ତା'ର ଚରିତାର୍ଥତା ପାଇଁ ସେ ଅତ୍ୟାଗ୍ରହୀ ହେବା ସ୍ୱାଭାବିକ।

ଉଦ୍ଦେଶ୍ୟଟି ବିଭିନ୍ନ ସଂସ୍ଥା ପାଇଁ ଭିନ୍ନ ଭିନ୍ନ ହେବା ନିଶ୍ଚିତ। ତନ୍ମଧ୍ୟରେ ଭାଷା ଓ ସାହିତ୍ୟକୁ ଅନ୍ତର୍ଭୁକ୍ତ କରାଯାଇପାରେ। ଆମ ସାହିତ୍ୟ ପାଇଁ ଯେଉଁ ବହୁସଂଖ୍ୟକ ସଂସ୍ଥା ସକ୍ରିୟ ଭାବେ କାର୍ଯ୍ୟନିର୍ବାହ କରିଆସୁଛନ୍ତି, ସେଇ ତାଲିକାରେ ଶାରଳା ପୁରସ୍କାରକୁ ଅନ୍ତର୍ଭୁକ୍ତ କରାଯାଇପାରେ।

ଇମ୍ଫା (ଇଣ୍ଡିଆନ ମେଟାଲସ୍ ଆଣ୍ଡ ଫେରୋଆଲଏଜ୍)ର ଏକ ବଦାନ୍ୟ ଶାଖା ଇମ୍ଫାକ୍ଟ ଦ୍ୱାରା ଘରୋଇ ଭାବେ ପରିଚାଳିତ ଏହି ସଂସ୍ଥା ତରଫରୁ ପ୍ରତିବର୍ଷ ଓଡ଼ିଆ ସାହିତ୍ୟରେ ଉତ୍କର୍ଷ ଭାବେ ବିବେଚିତ କୃତିକୁ ସ୍ୱୀକୃତି ଦେବା ଏହାର

ଉଦ୍ଦେଶ୍ୟ । ପ୍ରଶସ୍ତିପତ୍ର ସହ କିଛି ଲକ୍ଷ ଟଙ୍କାର ଧନରାଶି ପ୍ରଦାନ ହେତୁ ଅନେକ ସାହିତ୍ୟିକଙ୍କ ସକାଶେ ଏହା ଆକର୍ଷଣର କେନ୍ଦ୍ର ହୋଇଥାଏ । ସର୍ବୋପରି ଏହି ମର୍ଯ୍ୟାଦାଜନକ ପୁରସ୍କାର ମାଧ୍ୟମରେ ଯେଉଁ ସ୍ୱୀକୃତି ପ୍ରାପ୍ତ ହୁଏ, ତାହା କମ୍ ଗୌରବର ବିଷୟ ନୁହେଁ ।

**ପୁରସ୍କାରର ଲକ୍ଷ୍ୟ**

ପ୍ରଶ୍ନ ଉଠୁଛି : ପୁରସ୍କାରଟିଏ ଯେତେ ମୂଲ୍ୟବାନ ହେଉ ନା କାହିଁକି, ଏହା ଦ୍ୱାରା ପୁରସ୍କାରଦାତାର ଲକ୍ଷ୍ୟ କେତେଦୂର ସଫଳ ହେଉଛି ? ଏହା ଅନେକ କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରେ । ଏହି ମର୍ମରେ କିଛି ମନ୍ତବ୍ୟ ଉଦ୍ଧୃତ କରାଯାଇପାରେ ।

"…. କହିବାକୁ ଦୁଃଖ ଲାଗୁଛି, କିନ୍ତୁ ନ କହିବା ଭୁଲ ହେବ ଯେ ଆମ ସାହିତ୍ୟିକମାନଙ୍କ ସାମ୍ପ୍ରତିକ ସୃଷ୍ଟି ସେମାନଙ୍କ ସ୍ୱାର୍ଥସର୍ବସ୍ୱ ମନୋରଞ୍ଜନୀୟ ମତଲବ ପୁଷ୍ଟ ଶବ୍ଦ ବିଳାସ, ଯହିଁରୁ ସେମାନେ ନିଜ ନିଜ ପାଇଁ ଆର୍ଥିକ ପୁରସ୍କାରଯୁକ୍ତ ସମ୍ମାନ ସାଉଁଟିବାକୁ ଚେଷ୍ଟା କରନ୍ତି । ଯେହେତୁ ଏପରି ସମ୍ମାନର ଆର୍ଥିକ ମୂଲ୍ୟ ଅଛି, ସେହେତୁ ଏଥିପାଇଁ ଧରାଧରି କରନ୍ତି ଆମ ସାହିତ୍ୟିକମାନେ । ଏହି ଧରାଧରିରେ କିଏ କେତେବେଳେ କେଉଁଠି କାହାକୁ ଟପିଗଲା, ସାଧାରଣ ଓଡ଼ିଆ ପାଇଁ ତାହା କୌଣସି ଗୁରୁତ୍ୱ ରଖେ ନାହିଁ । ଏକଦା ମହାପାତ୍ର ନୀଳମଣି ସାହୁଙ୍କୁ ପଠାଇଥିବା ଏକ ଚିଠିରେ ସରସ୍ୱତୀ ସମ୍ମାନପ୍ରାପ୍ତ ରମାକାନ୍ତ ରଥ ଜଣାଇଥିଲେ ଯେ, ସେ ଲେଖିଥିବା ପୁରସ୍କୃତ ପୁସ୍ତକ ଦୀର୍ଘ ଦୁଇ ବର୍ଷରେ ମଧ୍ୟ ପଚାଶ ଖଣ୍ଡ ବିକ୍ରି ହୋଇପାରିନି । ଏଥିରୁ ଅକ୍ଳେଶରେ ଅନୁଭବ କରିହୁଏ ଆମ ଲୋକଙ୍କ ପାଇଁ ଆମ ସାହିତ୍ୟିକଙ୍କ ପ୍ରାସଙ୍ଗିକତା ପ୍ରାୟତଃ ପୋଛି ହୋଇଗଲାଣି । ସେମାନେ ପ୍ରାସଙ୍ଗିକତା କ୍ଷେତ୍ରରେ ବଞ୍ଚି ରହିବାକୁ ଚେଷ୍ଟା କରୁଛନ୍ତି । ଧରାଧରି କରି ପାଉଥିବା ଏହିପରି ଆର୍ଥିକ ପୁରସ୍କାରଭିତ୍ତିକ ସମ୍ମାନ ପଡ଼ିଥାଉ । ଏମାନଙ୍କ ସାହିତ୍ୟ ସତ୍ତ୍ୱେ ଓଡ଼ିଆ ଭାଷା ଆପାତତଃ ମରି ସରିଲାଣି, ଏ କଥା ଏମାନେ ବୁଝିବାକୁ ଅକ୍ଷମ ।" (ଦ୍ରଷ୍ଟବ୍ୟ: ମନ୍ତବ୍ୟ: ସୁଭାଷ ଚନ୍ଦ୍ର ପଟ୍ଟନାୟକ, 'ଶାରଳା ମହାଭାରତ', ୨୦ ସେପ୍ଟେମ୍ବର ୨୦୨୨)




ଏଥିରେ ଉଲ୍ଲେଖ ହୋଇଛି ଯେ, ପୁସ୍ତକଟିଏ ପୁରସ୍କୃତ ହୋଇ ଗଲେ ମଧ୍ୟ ତା'ର କାଟତି ବଢ଼ିବ ବୋଲି ନିଶ୍ଚିତତା ନାହିଁ, ଅନ୍ତତଃ ଓଡ଼ିଆ ଭାଷାରେ । ଅବଶ୍ୟ ଏଠାରେ କହିବା ବାହୁଲ୍ୟ ଯେ, ବହି ଅତି କମ୍‌ରେ ଦୁଇ ପ୍ରକାର । ଗୋଟିଏ ସାଧାରଣବର୍ଗ ପାଇଁ; ଅନ୍ୟଟି ବିଦ୍ୱାନମାନଙ୍କ ପାଇଁ, କେବଳ ସାହିତ୍ୟ କ୍ଷେତ୍ରରେ ନୁହେଁ, ସିନେମା ବା ଅନ୍ୟାନ୍ୟ କଳାରେ ଏମିତି ପ୍ରଭେଦ ମଧ୍ୟ ବିଦ୍ୟମାନ । ସିନେମାରେ ଆମେ ଦେଖୁ ମେନଷ୍ଟ୍ରିମ କମର୍ସିଆଲ ଫିଲ୍ମ ଓ ଏହାର ପ୍ରାୟତଃ ବିପରୀତରେ ଆର୍ଟ ବା ପାରାଲେଲ ଫିଲ୍ମ । ପ୍ରଥମୋକ୍ତ ଶ୍ରେଣୀ ପାଇଁ ବିଶାଳ ଜନ ସମୂହ ଆଗ୍ରହୀ ହୋଇଥାନ୍ତି । ତେବେ ଆର୍ଟ ପ୍ରତି ସମର୍ପିତ ଦର୍ଶକମାନେ ଏହାକୁ ଶସ୍ତା ମନୋରଞ୍ଜନ ବୋଲି ଅଭିହିତ କରି ଘୃଣା କରନ୍ତି । ପାରାଲାଲ ଫିଲ୍ମରେ କିନ୍ତୁ ରହିଥାଏ ଗମ୍ଭୀରତା, ବାସ୍ତବତା, ଯେଉଁଥିରେ ସମସାମୟିକ ସାମାଜିକ ଓ ରାଜନୈତିକ ପୃଷ୍ଠଭୂମି ବିଦ୍ୟମାନ । ତେଣୁ ଗୋଟିଏ ପୁରସ୍କୃତ ବହି ପାଠକଙ୍କୁ ବହୁ ସଂଖ୍ୟାରେ ଆକର୍ଷିତ କରିପାରୁନି ବୋଲି ଏହା ଅସାର ଓ ଅଦରକାରୀ, ଏହା କହିବା ଯୁକ୍ତିଯୁକ୍ତ ନୁହେଁ । ଏକ ଉଚ୍ଚତମ ସୋପାନରେ ପହଞ୍ଚିଥିବା ଏକ ସୂକ୍ଷ୍ମ ବୌଦ୍ଧିକ ଓ ଆବେଗିକ ସତ୍ତା ଦ୍ୱାରା ଏହା ମଣ୍ଡିତ ହୋଇପାରେ । ଅବଶ୍ୟ ବହି ବିକ୍ରେତା ଓ ପ୍ରକାଶକମାନେ ଏହାକୁ ସ୍ୱାଗତ କରି ନ ପାରନ୍ତି । ଏହି ଦୃଷ୍ଟିରୁ ପୁରସ୍କାର ପ୍ରଦାନ ସମ୍ପୂର୍ଣ୍ଣ ଅବାନ୍ତର ନ ହୋଇପାରେ ।

**ପ୍ରବନ୍ଧ ନାସ୍ତି**

ଏହି ପ୍ରସଙ୍ଗ ଉପରେ ଅନ୍ୟ ଏକ ଦିଗ ପ୍ରଣିଧାନଯୋଗ୍ୟ ।

"ଶାରଳା ପୁରସ୍କାର ଚୟନ କମିଟି ତରଫରୁ ସରୋଜ ବଳଙ୍କ ଦସ୍ତଖତରେ ମୋ ପାଖକୁ ଚିଠି ଆସିଥିଲା ଲେଖକଙ୍କ ନାଆଁ ପ୍ରସ୍ତାବ କରିବାକୁ । ମୁଁ ପ୍ରସ୍ତାବ ନ କରି ପ୍ରତିବାଦ କଲି ଏଇଥିପାଇଁ ଯେ, କୌଣସି ପ୍ରବନ୍ଧ ପୁସ୍ତକ ବା ପ୍ରାବନ୍ଧିକଙ୍କ ନାଆଁ ପ୍ରସ୍ତାବ ନ କରିବାକୁ ମୋତେ କୁହାଯାଇଥିଲା । କିଛି

ମୁଁ ବୁଝିପାରିଲିନି, ପ୍ରବନ୍ଧ ଓ ପ୍ରାବନ୍ଧିକ ନିଆଁରେ ସାନ-ପାସ୍ କରିଥିବାର ପ୍ରମାଣ ଶାରଳା ପୁରସ୍କାର କର୍ତ୍ତୃପକ୍ଷଙ୍କ ପାଖରେ ହୁଏ ତ ଖବର ଅଛି। ତେବେ ପ୍ରବନ୍ଧ ସାହିତ୍ୟ କି ପାପ କରିଛି ? କୋଉଥିପାଇଁ କର୍ତ୍ତୃପକ୍ଷଙ୍କ କାନଟିମାନ ପ୍ରବନ୍ଧ ନାଆଁ ଶୁଣୁ ଶୁଣୁ, ଆଖିଟିମାନ ପ୍ରବନ୍ଧ ନାଆଁ ଦେଖୁ ଦେଖୁ, ତାଙ୍କ ନାକଟିମାନ ସ୍ୱର୍ଗାଭିମୁଖୀ ହେଉଛି ? .... ଆମ ସ୍କୁଲ ପାଠ୍ୟକ୍ରମରେ କେମିତି କବିତା, ନାଟକ, ଗଳ୍ପ ଆଦି ଲେଖିବାକୁ ହେବ ପଢ଼ାଯାଏନି; କିନ୍ତୁ ପ୍ରବନ୍ଧ ଓ ପତ୍ରଲିଖନ ପଢ଼ାଯାଏ। ଅଥଚ ସ୍କୁଲ ଛାଡ଼ିଲେ କେହି ପ୍ରବନ୍ଧ ଲେଖନ୍ତିନି କି ପଢ଼ନ୍ତିନି। ଯୋଉ ପ୍ରବନ୍ଧ ଲେଖାଯାଏ, ତାହା ଅଧିକାଂଶ ଉପାଧି ଉଦ୍ଦିଷ୍ଟ ପ୍ରମୋସନ-ପ୍ରୟାସୀ ପ୍ରବନ୍ଧ, ସେ ସବୁ ଅଯଥା ଅନାବଶ୍ୟକ ଉପସର୍ଗ ଉବୁଜା ଶବ୍ଦର କଡ଼ାଭାଗରେ ବନ୍ଧା ଯାଇଥାଏ ଯେ, ସାଧାରଣ ପାଠକର ଦାନ୍ତ ଭାଙ୍ଗିଯାଏ। ସେଥି ସହ ଏବେ କିଛି ସରକାରୀ ଅନୁଷ୍ଠାନ ପ୍ରବନ୍ଧର ଭ୍ରୂଣହତ୍ୟାର କାରଣ ହେଉଛନ୍ତି। କେତେ କେତେ କବିତା, କବି ସମ୍ମିଳନୀ ଆୟୋଜିତ ହେଉଛି, ପ୍ରବନ୍ଧ କିନ୍ତୁ ଆମ ସାହିତ୍ୟ ସାହିର ଏବେ ଏକ ଅପାଙ୍‌କ୍ତେୟ ଅବହେଳିତ ଅନ୍ୟକଥା।" (ଦ୍ରଷ୍ଟବ୍ୟ: ମନ୍ତବ୍ୟ ବୈଷ୍ଣବ ଚରଣ ମହାନ୍ତି, 'ଶାରଳା ମହାଭାରତ !' ୨୦ ସେପ୍ଟେମ୍ବର ୨୦୨୨)।

**ପ୍ରତି ଶହେ ସାହିତ୍ୟିକଙ୍କ ମଧ୍ୟରେ ସତୁରି ଜଣ କବି, ପନ୍ଦର ଜଣ ଗାଳ୍ପିକ, ସାତ ଆଠ ଜଣ ସମାଲୋଚକ ଓ ବାକି ସାତ ଆଠ ଜଣ ମିଶି ଉପନ୍ୟାସ, ନାଟକ ଓ ପ୍ରବନ୍ଧ ଲେଖୁଛନ୍ତି।**

ଉଲ୍ଲେଖନୀୟ ଯେ, ବୈଷ୍ଣବ ଚରଣ ମହାନ୍ତି (ଜନ୍ମ ୧୯୫୪) ଜଣେ ପୁରସ୍କୃତ ଓଡ଼ିଆ ପ୍ରାବନ୍ଧିକ। ୨୦୦୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସେ 'ପାନ ଓ ପ୍ରିୟତମା' ପୁସ୍ତକଟି ପାଇଁ ପ୍ରବନ୍ଧ ଓ ସମାଲୋଚନା ବର୍ଗରେ ପୁରସ୍କୃତ ହୋଇଛନ୍ତି।

### ଶହେରେ ସତୁରି

ବୈଷ୍ଣବ ବାବୁଙ୍କ ସୁଚିନ୍ତିତ ମତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଅନସ୍ୱୀକାର୍ଯ୍ୟ ଯେ ଓଡ଼ିଆ ପ୍ରବନ୍ଧ ବିଭାଗ ଅନାଦର ଓ ଅବହେଳାର ଶିକାର ହୋଇଛି। ବିଶିଷ୍ଟ ପ୍ରାବନ୍ଧିକ, ବୈଜ୍ଞାନିକ ଓ ଦାର୍ଶନିକ ଶରତ କୁମାର ମହାନ୍ତି (୧୯୩୮-୨୦୦୬)ଙ୍କ ମତ ଏଠାରେ ଚର୍ଚ୍ଚିତ ହେଉ, "ମୋଟାମୋଟି ଭାବେ ଦେଖିଲେ, ଆମର ପ୍ରତି ଶହେ ସାହିତ୍ୟିକଙ୍କ ମଧ୍ୟରେ ସତୁରି ଜଣ କବି, ପନ୍ଦର ଜଣ ଗାଳ୍ପିକ, ସାତ ଆଠ ଜଣ ସମାଲୋଚକ ଓ ବାକି ସାତ ଆଠ ଜଣ ମିଶି ଉପନ୍ୟାସ, ନାଟକ ଓ ପ୍ରବନ୍ଧ ଲେଖୁଛନ୍ତି। ... ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, ଆମର ବିଶିଷ୍ଟ କବି-ହାକିମଙ୍କର ଧାରଣା ଯେ ପ୍ରବନ୍ଧ ସୃଜନଶୀଳ ସାହିତ୍ୟ ନୁହେଁ। ଏହି କାରଣରୁ ଗୋଟିଏ ପୁରସ୍କାରରେ (ଶାରଳା ପୁରସ୍କାର) ପ୍ରବନ୍ଧ ବିଭାଗ ପାଇଁ ଥିବା ପୁରସ୍କାର ଉଠାଇ ଦିଆଗଲା। ଏହା କଲମ ଗାରକେ କଟିକଲା। ସେଇଟା ହାକିମଙ୍କ କଲମ।" (ଦ୍ରଷ୍ଟବ୍ୟ : 'କ୍ୟାରିଅରିଷ୍ଟ ଓ ସାହିତ୍ୟ ଋଷ', ୧୯୯୬)।

ଏହି ଉପଲକ୍ଷେ ସାହିତ୍ୟ-ଗବେଷକ ଓ ଅନୁଧ୍ୟାନକାରୀ ଅସିତ ମହାନ୍ତି ସ୍ପଷ୍ଟ ଲେଖିଛନ୍ତି, "ଶରତ କୁମାର ମହାନ୍ତି... ପ୍ରବନ୍ଧ ପାଇଁ ପାଇଥିବା ଶାରଳା ପୁରସ୍କାର ପ୍ରତ୍ୟାଖ୍ୟାନ କରିବା ପରେ ଚିତ୍ତରଞ୍ଜନ ଦାସ ବି ସେହି ପ୍ରବନ୍ଧ ପାଇଁ ସେ ପୁରସ୍କାରଟି ପାଇଥିଲେ। କିନ୍ତୁ ଏବେ ସେ ପୁରସ୍କାରରୁ ବି ସାମୟିକ ଅଧିକାରୀମାନେ ପ୍ରବନ୍ଧକୁ ସୃଜନଶୀଳ ନୁହେଁ ବୋଲି କହି କଲମ ଗାରକେ ଉଠାଇ ଦେଇଛନ୍ତି। ଏ ପୁରସ୍କାରର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଇଲା ପଣ୍ଡା ଏବଂ ଶରତ ବାବୁ ଓ ଚିତ୍ତରଂଜନ ଦାସଙ୍କ ପରି ପୁରସ୍କାର ପ୍ରାପକଙ୍କ ପାଇଁ, ଏହା ଅସମ୍ମାନ କି ନୁହେଁ, ପାଠକେ ବିଚାର କରନ୍ତୁ।" ('କ୍ୟାରିଅରିଷ୍ଟ ସାହିତ୍ୟ ଋଷ ପ୍ରସଙ୍ଗ' ପ୍ରବନ୍ଧ ବହି ଉପରେ ଅସିତ ବାବୁଙ୍କ ଟିପ୍ପଣୀ - ଆଠ ଭାଗ- ୨୧ ଅଗଷ୍ଟ ୨୦୨୨)।

ଭାଗୀରଥି ମହାସୁଆର ଏହି ମାମଲାରେ ସାମ୍ପ୍ରତିକ ପରିବେଶକୁ ନେଇ ଆଶଙ୍କା ପ୍ରକଟ କରିଛନ୍ତି ଯେ, ବଡ଼ ହୋଟେଲ ସାହିତ୍ୟ ଓଡ଼ିଆ ପ୍ରବନ୍ଧ ବଜାରକୁ ଆହୁରି ଅନାଦୃତ କରିଦେବ। ଫଳରେ ଏହି ପୁରସ୍କାର-କ୍ଷେତ୍ରର ଆୟତନ ସଂକୁଚିତ ହୋଇଯାଇଛି।

ବର୍ତ୍ତମାନ ପୁରସ୍କାର-ପ୍ରସଙ୍ଗର ଏକ ବୃହତ୍ତର ଆଲୋଚନା ପ୍ରାସଙ୍ଗିକ। ନୀତି ଶ୍ଳୋକରେ ଲିପିବଦ୍ଧ ଯେ :

ଦ୍ୱାବିମାବନୁଶୋଚନ୍ତି ବାଳାବସଦ ଗ୍ରହୌ।
ଯଲ୍ଲୋକଶାସ୍ତ୍ରୋପନତଂ ନ ରାତି ତଦିଚ୍ଛତି॥

ଯେଉଁ ମନୁଷ୍ୟ ଦେବାଯୋଗ୍ୟ ପଦାର୍ଥକୁ ଦାନ କରେ ନାହିଁ ଏବଂ ଶାସ୍ତ୍ରଜ୍ଞ ହୋଇ ମଧ୍ୟ ଯେଉଁ ଲୋକ ଏପରି ଦାନ ଗ୍ରହଣ

କରେ ନାହିଁ, ସେହି ଦୁଇ ପ୍ରକାର ମଣିଷ ଦୁରାଗ୍ରହୀ ବା ମୂଢ଼ ଅଟନ୍ତି। (ସମାଜ, ୨୭ ସେପ୍ଟେମ୍ବର ୨୦୨୨)।

ପୁରସ୍କାର ପ୍ରଦାନ କରିବାକୁ ସମର୍ଥ ଲୋକ ପୁରସ୍କାର ଦିଏ ଏବଂ ଏହି ପୁରସ୍କାର ଯୋଗ୍ୟ ବ୍ୟକ୍ତିକୁ ସେ ଦିଏ। ତେବେ ଏଥିରେ ଉଲ୍ଲିଖିତ ମତାନୁସାରେ ପ୍ରାପକଟି ଏହା ଗ୍ରହଣ ନ କଲେ, ସେ ନିନ୍ଦିତ ହେବା ଉଚିତ। ତଥାପି ଏଥିରେ ବ୍ୟତିକ୍ରମ ଦେଖାଦେଲେ, ସେଇ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ମତଦେବା ନ୍ୟାୟସଙ୍ଗତ ହେବ।

## ଅପାତ୍ରରେ ଦାନ

ଅପାତ୍ରରେ ଦାନ ଦେବାକୁ ନିଷିଦ୍ଧ କରାଯାଇଛି। କିନ୍ତୁ ସୁପାତ୍ରରେ ଦେଲେ ମଧ୍ୟ ଏତାଦୃଶ କ୍ଷେତ୍ରରେ ଆଦର୍ଶର ଦୃହି ଦେଇ ଏହା ମନା କରାଯାଇପାରେ। ସେମିତି ବେଳେ ବେଳେ ପ୍ରସିଦ୍ଧି ଲାଭ କରିବା ପରେ ଜଣେ ବୟସ୍କ ବ୍ୟକ୍ତିକୁ ପୁରସ୍କୃତ କଲେ ସେ ମହାନ ହୋଇ ପାରନ୍ତି, ସେ ଯୁକ୍ତି ବାଢ଼ିପାରନ୍ତି ଯେ, ସେ ତାଙ୍କ ଉଦ୍ୟମରେ ପ୍ରାଣକୁ ବାଜି ଲଗାଇ ସଂଘର୍ଷ କରୁଥିବାବେଳେ ତାଙ୍କୁ ପୁରସ୍କାର ଦ୍ୱାରା ପ୍ରଣୋଦିତ କରିବା କଥା। କିନ୍ତୁ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପରେ ଏହି ସ୍ୱୀକୃତିର ମୂଲ୍ୟ କ'ଣ? ମଝି ସମୁଦ୍ରରୁ କୂଳକୁ ଆସିବା ପାଇଁ ପ୍ରବଳ ଚେଷ୍ଟାରତ ଥିବା ବେଳେ ଲାଇଫ-ବେଲ୍ଟ୍‌ଟିଏ ଦେଲେ ତାହା ଅମୂଲ୍ୟ ହୋଇଥାଏ। କିନ୍ତୁ କୂଳକୁ ଫେରି ଆସିବା ପରେ ଏହା ଦେଲେ ଜଣେ ଘୃଣାର ସହିତ ସମୁଦ୍ରକୁ ଫୋପାଡି ଦେବ ସିନା। ତେଣୁ ଏମିତି ସ୍ଥିତିରେ ପୁରସ୍କାର ଅଗ୍ରହଣୀୟ ହୋଇପାରେ। ବାସ୍ତବରେ ଏତାଦୃଶ ବିଭିନ୍ନ କାରଣରୁ ପୁରସ୍କୃତ ବ୍ୟକ୍ତି ବୋଧହୁଏ ନାରାଜ ହୋଇଥାନ୍ତି।



ତଥାପି ଏତେ ସବୁ ବ୍ୟତିକ୍ରମ ସତ୍ତ୍ୱେ ସାଧାରଣତଃ ପୁରସ୍କାର ପ୍ରତି ସମସ୍ତଙ୍କର ଲୋଭ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ରହିଥାଏ। ଏହାର ମାନସିକ ଓ ସ୍ନାୟବିକ କାରଣ ରହିଛି। ସ୍ନାୟୁ ବିଜ୍ଞାନୀମାନଙ୍କ ମତରେ ମସ୍ତିଷ୍କରେ ଡୋପାମାଇନ, ସେରୋଟିନିନ, ଏଣ୍ଡୋର୍ଫିନ ଓ ଅକ୍ସିଟୋସିନ ନାମକ ସୁଖ ରାସାୟନିକ ଦ୍ରବ୍ୟମାନ - ହାପି-କେମିକାଲ୍‌ସ, ଯାହାକି ସ୍ନାୟୁ ରାସାୟନିକ, ନିଃସୃତ ହୋଇଥାଏ। ଏମାନଙ୍କ ମଧ୍ୟରୁ ଅକ୍ସିଟୋସିନ 'ଲଭ ହର୍ମୋନ' ବା 'କଡଲ ହର୍ମୋନ' ଭାବେ ସୁପରିଚିତ। ଜନନୀ ଯେତେବେଳେ ତା'ର ସଦ୍ୟଜାତ ସନ୍ତାନକୁ କୋଳେଇ ଧରେ ସେ ଅପୂର୍ବ ଆନନ୍ଦ ଲଭେ। ତାହା ଅକ୍ସିଟୋସିନ ଯୋଗୁ ସମ୍ଭବ ହୁଏ। ସେମିତି ପ୍ରେମିକ ଯେତେବେଳେ ତା' ପ୍ରେମିକାକୁ ନିବୁଜ ଭାବେ କୋଳାଗ୍ରତ କରି ଚୁମ୍ବନ ଦିଏ, ତା' ଦେହରେ ଜାତ ଶିହରଣ ଏହି ରାସାୟନିକ ଦ୍ୱାରା ବୁଝାଇହେବ।

ଏମିତି ଆମମାନଙ୍କ ମଧ୍ୟରେ କେତେ ଜଣ 'ଲଭ ହର୍ମୋନ'ର ପ୍ରକୋପରେ ଅତ୍ୟନ୍ତ କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ଭାବେ କାଳାତିପାତ କରୁଛନ୍ତି। ସେମାନେ ପୁରସ୍କାରଟିଏ ପାଇବା ମାତ୍ରେ କେମିତି ମଞ୍ଚ ଉପରକୁ ଉଠି ପୁରସ୍କାରଟିକୁ ଜାବୁଡି ଧରିବେ, ଏଥିପାଇଁ ବ୍ୟାକୁଳ। ଏହି ସ୍ପର୍ଶଜନିତ ସୁଖ ତାଙ୍କୁ ଦିଏ ପରମାନନ୍ଦ। ପୁରସ୍କାର ସହ ସଂସର୍ଗ ତାଙ୍କୁ ପ୍ରିୟା ମିଳନର ରୋମାଞ୍ଚରେ ଉତ୍‌ଫୁଲ୍ଲିତ କରିଥାଏ।

ପ୍ରାୟ ବାଇଶ-ତେଇଶ ଶହ ବର୍ଷ ପୂର୍ବେ ଗ୍ରୀକ୍ ବୈଜ୍ଞାନିକ ଆର୍କିମେଡିସ୍ ସ୍ନାନାଗାରର ପାଣିକୁଣ୍ଡରେ ବୁଡି ଗାଧେଇବାବେଳେ ରାଜା ଦେଇଥିବା ଏକ ଅସମାହିତ ପ୍ରଶ୍ନର ଉତ୍ତର ହଠାତ୍ ପାଇଗଲେ। କଥିତ ଅଛି ଯେ, ସେ ଆନନ୍ଦରେ ଆତ୍ମହରା ହୋଇଗଲେ ଓ ଲଙ୍ଗଳା ବାତୁଳା ହୋଇ ରାଜରାସ୍ତାରେ 'ପାଇଗଲି', 'ପାଇଗଲି' (ୟୁରେକା, ୟୁରେକା) ବୋଲି ପାଟି କରି ଦୌଡ଼ିଲେ।

ତେଣୁ ଦେବୀ ବୀଣାପାଣି ! ଆମେ ପ୍ରାର୍ଥନା କରି ଜଣାଉଛୁ ଯେ, ଆମେ ଓଡ଼ିଶାବାସୀ ପାପ କରିଛୁ ବୋଲି ଉତ୍କଳ ପାଇଁ ତୋ କୃପା ଊଣା ହୋଇଯାଇଛି। ପୁଣି ଯଦି ଆମ ସାହିତ୍ୟିକମାନେ 'ଲଭ ହର୍ମୋନ'ରେ ଭାରସାମ୍ୟ ନ ରଖି ପାରି ଉଲଗ୍ନ ଭାବେ ପୁରସ୍କାରକୁ ଭିଡି ଚୁମା ଦେବାକୁ ଧାଆଁନ୍ତେ, ଏହା ଏକ ବିଶ୍ୱ ସମାଚାର ହୋଇଯିବ। ଆମେ ହୋଇଯିବୁ ଉପହାସର ପାତ୍ର ଚିରଦିନ ପାଇଁ। ତେଣୁ ଆମ ପାଇଁ ଅନ୍ତତଃ ଏତିକି କୃପା କର, ଯେମିତି ପୁରସ୍କାର ରଙ୍କୁଣାମାନେ ୟୁରେକା ରୋଗରେ ପୀଡ଼ିତ ନ ହୁଅନ୍ତୁ, ଏହି ବର ତୁରନ୍ତ ଦିଆଯାଉ କାରଣ ଆମେ ଏଇ ରୋଗର ପ୍ରାଥମିକ ଲକ୍ଷଣ ଏବେ ଦେଖୁଛୁ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

ଶିଶୁ ସାହିତ୍ୟ

# ମାନୁଆ ଠେକୁଆ ପିଲା



ଦାଶ ବେନହୁର

ସକାଳ ଯାଇ ଦିନ ଚହଟିଲା। ଖରା ଆସିଲା। ତେଜ ବଢ଼ିଲା। ବାପ ପୁଅ ସେମିତି ଚାଲିଛନ୍ତି। ଟୁସୁ ଆଉ ଟିସୁ। ଆଗରେ ବାପ ପଛରେ ପୁଅ। ବୁଦା ଆଡ଼େଇ ଆଡ଼େଇ ଦୁହେଁ ଚାଲିଛନ୍ତି ଆଗକୁ ଆଗକୁ।

ଥକି ପଡ଼ିଲାଣି ଟିସୁ। ମନ ହେଉଥାଏ ବୁଦାମୂଳ ଛାଇରେ ଥକ୍କା ମାରିବାକୁ। ହେଲେ ବାପା ଟିକେ ଥମିଲେ ସିନା !

ଟୁସୁ ହେଉଛି ବାପ। ଟିସୁ ହେଉଛି ପୁଅ। ଦୁଇଜଣଙ୍କର କାନ ଠିଆଠିଆ, ପାଦ ନରମ, ବାଲୁବାଲୁଆ। ଏଠୁ ଡେଇଁଲେ ସେଠି ଯାଇ ପଡ଼ନ୍ତି। ଘାସ ଖାଆନ୍ତି, ଫଳଫୁଲୁରି, ଚେରମୂଳ ଦରାଣ୍ଡି ପେଟ ଭରନ୍ତି। ପାଉଁଶିଆ ରୁମ। ଆଖି ଦୁଇଟି ନାଲି କାଚଗୋଲି ପରି ଟୁଲୁଟୁଲୁ। ତୁଳାସିଆ ଲାଞ୍ଜ। ଜାତି ଠେକୁଆ।

**ବଡ଼ ଅମାନିଆ ହଉଚି। ମୋଟେ ବୋଲ ମାନୁନି। ଏଇଟା କରନା କହିଲେ, ସେ ସେଇକଥା କରିବ। ଜଙ୍ଗଲ ଜୀବନ, କେତେ ଆଉ ଜଗିବି ?**

କଥା କ'ଣ କୁଆଡ଼େ ଚାଲିଛ ହୋ- ବୋଲି ପଚାରିଦେଲା ନେଉଳି ମୂଷା। ପହିଲେ ଟୁସୁ ଜାଣିପାରିଲାନି କଥାଟା କୋଉଠୁ ଆସୁଛି। ଦେଖିଲା ବେଳକୁ ଗୋଟେ ଗୋଡ଼ ଗୋଟେ ହାତରେ ଡାଳକୁ ଧରି ଓହଳିଥିବା ନେଉଳି ମୂଷା ତା' ନଜରରେ ପଡ଼ିଲା। ଏତେ ବେଳଯାଏ ସାରା ଜଙ୍ଗଲଟାରେ କେହି ଏମିତି ଆଦର କରି ପଚାରି ନ ଥିଲା।

କଥାରେ ଅଛି ମନ ଥିଲେ ପଚାରି। ନେଉଳି କଥା ଶୁଣି ଦମେ ଅଟକିଗଲା ଟୁସୁ। ବାପା ଅଟକିବାରୁ ଟିସୁ ବି ଅଟକିଲା। ନେଉଳି ଓହ୍ଲେଇ ପଡ଼ିଲା ଡାଳରୁ। ନଥ୍ କରି ବସି ପଡ଼ିଲା ତଳେ।

ଦୁଃଖ ସୁଖ ଚାଲିଲା।

ଟୁସୁ କହିଲା ଏଇ ପାହାଡ଼ ଆରପଟେ ମୋ ପୁଅ ଟିସୁରୁ ମାମୁଘର। ମୁଁ ତା'କୁ ସେଇଠିକି ନଉଚି। ପିଲାବକଟେ ହେଇଥିଲା, ସେତିକିବେଳେ ତା' ମାଆ ବଣ ଭିତରକୁ କୁଆଡ଼େ ଗଲା ଯେ ଆଉ ଫେରିଲାନି। କେତେ ଫନ୍ଦିଫିକର କରି ଛୁଆଟାକୁ ବଢ଼େଇଲି। ମୋ' ନାଁ ଟୁସୁ ବୋଲି ତା'ମାଆ ଗେଲରେ ନାଁ ଦେଇଥିଲା ଟିସୁ। ମାଆ ନ ଥିବା ଛୁଆ। ବଡ଼ ଅମାନିଆ ହଉଚି। ମୋଟେ ବୋଲ ମାନୁନି। ଏଇଟା କରନା କହିଲେ, ସେ ସେଇକଥା କରିବ। ଜଙ୍ଗଲ ଜୀବନ, କେତେ ଆଉ ଜଗିବି ? ପାହାଡ଼ ଆରପଟେ ତା' ମାମୁଘର। ସେଠି କ୍ଷେତବାଡ଼ି ଅଛି। ଗଧିଆ, ଶିଆଳ, ହେଟାଙ୍କର ସେଠାକୁ ସେତେ ଗତାଗତ ନାଇଁ। ମାମୁ ମାଇଁ କହିଛନ୍ତି, ପାଖରେ ଛାଡ଼ିଦେଇ ଯା', ଆମେ ତା'କୁ ସମ୍ଭାଳିବୁ। ଆମର ତ ପନ୍ଦ୍ରେ ପିଲା, ସିଏ ତା'ଙ୍କ ଭିତରେ ଜଣେ ହେଇ ଚଳିବ।

ଟିସୁ କିଛି ଉଁ କି ଚୁଁ କହୁ ନ ଥାଏ। ଓଲଟି ଦୂବଘାସ ଦାନ୍ତେଇବାରେ ଲାଗିଥାଏ।

ନେଉଳି ସବୁ ଶୁଣି କହିଲା, ହଉହଉ ଭଲରେ ଯାଆ। ସେ ହିଡ଼ ଆରପଟକୁ ଯାଆନି। ସେ ପଟେ ଛୋଟାଶିଆଳ ଗାଡ଼ କରି ରହୁଛି। ଶିଆଳ ନାଆଁ ଶୁଣି ଟୁସୁ କି ଆଉ ରହେ ? ନେଉଳି ମୂଷାକୁ ନମସ୍କାରଟେ ପକାଇ ସେ ଚାଲିଲା ଆଗକୁ। ପଛେ ପଛେ ଧାଇଁଥାଏ ଟିସୁ।

ଝାଞ୍ଜି ପବନକୁ ଖରା। ମନ ହେଉଥାଏ କେଉଁଠି ଆଉଜି ଯିବାକୁ। ଏତିକିବେଳେ ଦୂରରେ ଗୋଟେ ଡେଙ୍ଗାପଥର ନଜରରେ ପଡ଼ିଲା। ତା' ଆରପଟଟା ଛାଇ। ସେଇଠିକି ଧାଇଁଗଲେ ବାପ ପୁଅ। ପଥର ମୂଳଟା ଥଣ୍ଡା। କଅଁଳ ଘାସ ଉଠିଚି। ଛୋଟ ଛୋଟ ଆହୁରି କେତେ ପଥର ସେଠି। ହେଲେ ସେଇ ଗୋଟେ ବଡ଼ ପଥର ଅଜାନବାହୁ ପରି ଠିଆ ହୋଇଛି।


ଛାଇ ଲେଉଟିଲା। ପବନ ସାଲୁ ସାଲୁ ହେଲା। ଟୁସୁ ଡାକ ଦେଲା, ପୁଅରେ ! ଚାଲ୍‌ଯିବା। ପୁଅ ଯିବ କ'ଣ ? ଏକା

ଲହସରେ ଚାହିଁଥାଏ ପଥର ଉପରକୁ। ସେଠି କ'ଣ ଗୋଟେ ଠେକୁଆ ବସିଚି! ତାଳଗଛ ଉଚ୍ଚର ପଥର। ବାଟ ନାହିଁ ଉପରକୁ ଯିବାକୁ। ସେ ଡାକ ଛାଡ଼ିଲା- ବାଆ ଲୋ! ହେଇ ଦେଖ୍ ପଥର ଉପରେ ଠେକୁଆ। ସେଠିକି ସେ ଗଲା କେମିତି ?

ଚିଡ଼ିଗଲା ଟୁସୁ। କହିଲା- ସେଠି ଯିଏ ଥାଉ, ଆମର ସେଥିରେ କ'ଣ ଅଛି ? ତୁ ଆଗ ଚାଲିଲୁ ବେଳ ହେଇଯାଉଚି। ମୁଁ ପୁଣି ତତେ ଛାଡ଼ି ଫେରିବି।

ଟିସୁ ଶୁଣିବ କାହିଁକି ? କାନ୍ଦି କରି ଗଡ଼ିଲା। କହିଲା- ମତେ ଆଗ କହ ସେଠିକି ଏତେ ଉଚ୍ଚକୁ ସେ ଠେକୁଆ ଗଲା କେମିତି ? ନ କହିଲେ ଯିବିନି।

ଟୁସୁ କ'ଣ ଜାଣିଛି ଯେ କହିବ? କ'ଣ କରିବ ଏବେ? ମାଆଛେଉଣ୍ଡ ପିଲାଟା। ଦିନେ ତା' ଉପରକୁ ହାତ ଉଠେଇନି ସେ। ଆଜି ଏମିତି ଅସୁବିଧା ବେଳ ପଡ଼ିଛି ବୋଲି ମାମୁଘରକୁ ନେଉଛି ଛାଡ଼ି ଆସିବା ପାଇଁ। ନ ହେଲେ ଜୀବନ ପ୍ରତି ପାଦେପାଦେ ବିପଦ।



କେତେ ବୁଝେଇଲା ଟୁସୁ। ଧମକଚମକ ଦେଲା। ଶେଷକୁ ନିଜେ ଚୁପ୍ ହୋଇ ବସିଲା।

ଗଛ ଉପରୁ ବାପ ପୁଅଙ୍କ ଏ ହାଲ ହରକତ ଦେଖୁଥିଲା ଗୋଟେ ଗେଧ ମାଙ୍କଡ଼। ଏକା ଖେପାକେ ଆସି ହାଜର ହୋଇଗଲା ପାଖରେ। କହିଲା- ଆରେ ପିଲା! ଆ' ମୋ ପାଖକୁ। ମୁଁ ଯାହା କହୁଚି ଶୁଣ। ସେଇଟା ଜିଅନ୍ତା ଠେକୁଆ ନୁହଁ, ପଥର-ଠେକୁଆ। କୋଉ ଯୁଗରୁ ପଥର ହେଇ ସେଠି ବସିଛି।

ଏବେ ଟୁସୁର ଆଖି ବଡ଼ବଡ଼ ହୋଇଗଲା।

-ହେଁ! କୋଉଯୁଗରୁ? କିଏ ସେ ମୂର୍ତ୍ତିକୁ ବସେଇଲା ସେଠି? ଟିସୁ କହିଲା- ସତେ!

କହି ଚାଲିଲା ଗେଧ ମାଙ୍କଡ଼। ଏଇ ପଥର ମୂଳରେ ଆହୁରି ସାନ ବଡ଼ ଅନେକ ପଥର ଥିଲା। ଭିତରଖୋଲରେ ପଲେ ଠେକୁଆ ଥିଲେ। ତାଙ୍କରି ଭିତରେ ଥିଲେ ଗୋଟେ ଠେକୁଆ ପରିବାର। ବାପ, ମାଆ ଆଉ ପୁଅଟିଏ। ସମସ୍ତେ ଆନନ୍ଦରେ କାଳ କାଟନ୍ତି। ବିପଦ ପଡ଼ିଲେ ଡେଇଁ ଆସି ପଥରସନ୍ଧିରେ ପଶି ଯାଆନ୍ତି। ବେଳେବେଳେ ପଥରରୁ ପଥର ଡେଇଁ ଏ ବଡ଼ ପଥରଟାର ଚୂଳରେ ବସନ୍ତି। ଆକାଶକୁ ଚାହାନ୍ତି।

ଥରକର କଥା। ଗୋଟିଏ ପୁଅ ଥିବା ପରିବାରର ମାଆ ବାପା ଗଲେ ନଈକୂଳକୁ, କନ୍ଦମୂଳ ଉପାଡ଼ି ଆଣିବା ପାଇଁ। ପୁଅଟି କହିଲା ମୁଁ ସାଙ୍ଗରେ ଯିବି । ବାପା ମା' ବୁଝେଇଲେ। ତୁ' ଆମର ସୁନାପୁଅ। ଆମେ ଯେଉଁଠିକୁ ଯାଉଛୁ ସେଠି ବିପଦ ଅଛି। ଦରକାର ପଡ଼ିଲେ ବିଜୁଳି ପରି ଧାଇଁବାକୁ ପଡ଼ିବ। ତୁ ପିଲାଲୋକ। ତୋ' ହାତଗୋଡ଼ ପାକଳ ହେଇନି। ଏଇଠି ଏ ପଥର ଉପରେ ବସିଥା। ଏଠୁ ଓହ୍ଲେଇ ଆଉ କୁଆଡ଼େ ଯିବୁନି। ଆମେ ଯେଉଁଆଡ଼େ ଯିବୁ ସେ ଆଡ଼କୁ ଚାହିଁଥିବୁ । ଦେଖିବୁ ଘଡ଼ିକରେ ତୋ' ପାଇଁ କନ୍ଦମୂଳ ଆଣି ଆମେ ଚାଲି ଆସିବୁ। ପିଲାଟା ଭାରି ମାନୁଆ। ବାପାମାଆ ଯାହା କହିବେ ସେ କଥା ମାନେ। କେବେ ବି ଅଝଟ ହୁଏନା। କହିଲା।- ହଉବାପା ମୁଁ ଏଇଠି ବସିଲି। ତମେ ଦୁହେଁ ଆସିବା ଯାଏ କୁଆଡ଼କୁ ଯିବିନି।

ହେଲେ ଏ କ'ଣ? ପିଲାଟା ପଥର ଉପରେ ବସିଚି। କାହୁଁ ଉଠେଇଲା କଳାହାଣ୍ଡିଆ ମେଘ। ଅଣଚାଶ ପବନ ବୋହିଲା। ପାହାଡ଼ ଆଡୁ ବର୍ଷାପାଣି ଅତଡ଼ା ଭଳି ତଳକୁ ଧାଇଁଲା। ଗଛବୃଚ୍ଛ ଉପୁଡ଼ି ପଡ଼ିଲେ। ଚାରିଆଡ଼େ ହାହାକାର। ବଡ଼ପଥରଟିକୁ ଛାଡ଼ି ଅନ୍ୟ ଯେତେ ପଥର କୁଆଡ଼େ ଗଡ଼ିଗଲେ ପାହାଡ଼ଖସା ପାଣି ସୁଅରେ। ହାତୀଶୁଣ୍ଢ ପରି ପାଣି ଖସିଲା ଆକାଶରୁ।

ପିଲାଟା ସେମିତି ବସିଥାଏ ପଥର ଉପରେ। କେତେ କିଏ ରଡ଼ି ଛାଡ଼ି ଡାକିଲେ। ପଥର ଚାରିପଟେ ଥିବା ଅନ୍ଦିକନ୍ଦି ପାଣି ଭରି ହୋଇଯାଇ ସବୁ ଠେକୁଆ କୁଆଡ଼େ ମରିହଜି ଗଲେ। ସାରା ଦିନ ସାରା ରାତି ପାଣି ଢାଳିଲା।

ପିଲାଟି ଚାହିଁଥାଏ ବାପାମାଆ ଯାଇଥିବା ବାଟକୁ। ହେଲେ

ବାଟ କୋଉ ଦିଶୁଚି ? ଚାରିଆଡ଼େ ତ ପାଣି । ପାଖଆଖ ଗଛ ଉପୁଡ଼ି ଭାସିଗଲେ ।

ପଥର ସେମିତି ଥାଏ, ପିଲାଟା ବସିଥାଏ ସେମିତି ପଥର ଉପରେ । ପାଖାପାଖି ନା ଗଛବୃଛ, ନା ପଥରକୁ ଲାଗିଥିବା ଆଉ କେଉଁ ପଥର ।

**ବାପା କଥା ମାନି ସେମିତି ଅପେକ୍ଷା କରି କରି ପଥର ହେଇଗଲା ପଛେ, କୁଆଡ଼କୁ ଗଲାନି ।**

ପିଲା ଠେକୁଆର ବାପାମାଆ ଆଉ ଫେରିଲେ ନାଇଁ । ବର୍ଷା ଛାଡ଼ିଲା, ପାଣି କମିଲା । ଅନ୍ୟ ଜୀବଜନ୍ତୁ ଦେଖିଲେ ଠେକୁଆ ପିଲାଟା ପଥର ଉପରେ ବସିବସି ପଥର ପାଲଟି ଯାଇଚି । ଜୀବନ ନାହିଁ । କିଏ କହିଲା ନାଇଁ ନାଇଁ ସେଠି ଆଉ ଖଣ୍ଡେ ପଥର କେମିତି ଯାଇ ଲଟକି ଯାଇଛି । ସେଇଟା ସତସତିକା ଠେକୁଆ ନୁହଁ ।

କିଏ ଜାଣେ ? କେଉଁ କାଳର କଥା ହେଲାଣି ।

କିନ୍ତୁ ଜଙ୍ଗଲ ସାରାର ଜୀବଜନ୍ତୁଙ୍କ ପିଲା ଅଝଟ ହେଲେ ସମସ୍ତେ ସେ ପଥର ଆଡ଼କୁ ହାତ ଦେଖେଇ କହନ୍ତି- ଦେଖ ! ସେଠି ବସିଚି ମାନୁଆ ଠେକୁଆ ପିଲା । ବାପା କଥା ମାନି ସେମିତି ଅପେକ୍ଷା କରି କରି ପଥର ହେଇଗଲା ପଛେ, କୁଆଡ଼କୁ ଗଲାନି । ଅମାନିଆ ହେଲାନି । ବାଃ ରେ ସୁନାପୁଅ !

ଗେଧମାଙ୍କଡ଼ର କଥା ସରିଲା ବେଳକୁ ଟୁସୁ ଦେଖିଲା ଟିସୁ ଆଖିରେ ଡବଡବ ଲୁହ । ଧାଇଁ ଆସି ସେ ବାପା ପେଟ ପାଖରେ ମୁହଁ ଗୁଞ୍ଜିଦେଲା । କହିଲା- ବାପା ମୁଁ ମାମୁଘର ଯିବିନି । ତୁମ ପାଖରେ ରହିବି । ତୁମ କଥା ମାନିବି ।

ଗେଧ କହିଲା- ସାବାସ୍ ।


ଟୁସୁ କହିଲା- ଆହା ମୋ ଧନ !

କୋଉଠି ଗୋଟେ ଝିଟିପିଟି ଥାଇ ଶବଦ କଲା- ସତ୍ ସତ୍ ସତ୍ ।

□□

ଲେଖକଙ୍କ ଇ-ମେଲ ଠିକଣା:
dashbenhur.53@gmail.com

ପ୍ରକାଶ ପାଇଲା ! ପ୍ରକାଶ ପାଇଲା !! ପ୍ରକାଶ ପାଇଲା !!!




# ଆଲୋକ ଆଲୋକନ ବିଲୋକନ


ପ୍ରବନ୍ଧ ଓ ସମାଲୋଚନାର ଏକ ଅନବଦ୍ୟ ସଂକଳନ

ଲେଖକ :
ପ୍ରଫେସର ବୈଷ୍ଣବ ଚରଣ ସାମଲ

ପୃଷ୍ଠା - ୪୭୫ ମୂଲ୍ୟ - ଟ.୬୦୦/-

DHARA SHREE RADHA TRUST Regd. No.: 41081705388 Bhubaneswar, Odisha

**DHARA SHREE RADHA TRUST**
Bhubaneswar
Email - dharashreeradha2017@gmail.com




**ପୁସ୍ତକ ସମୀକ୍ଷା**

# ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି – ବୀକ୍ଷା ଓ ସମୀକ୍ଷା

**ଲେଖକ: ଡ଼. ଗଗନେନ୍ଦ୍ର ନାଥ ଦାଶ**

**ପ୍ରକାଶକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ**

**ପ୍ରଥମ ସଂସ୍କରଣ: ୨୦୨୨**

**ପୃଷ୍ଠା: ୨୪୮, ମୂଲ୍ୟ: ଟ.୨୫୦**

ବର୍ଷୀୟାନ ସାହିତ୍ୟିକ ଡ଼. ଗଗନେନ୍ଦ୍ର ନାଥ ଦାଶ ଆମ ସମୟର ପ୍ରବନ୍ଧ ଓ ସମାଲୋଚନା ଜଗତର ଜଣେ କୃତବିଦ୍ୟ ବ୍ୟକ୍ତିତ୍ୱ। ଏବେ ୮୨ ବର୍ଷର ପରିଣତ ବୟସରେ ଅବଶ୍ୟ ସେ ଯେତେବେଳେ ତାଙ୍କର ଏକ ନୂତନ ପ୍ରବନ୍ଧ ସଂକଳନଟିଏ ପାଠକମାନଙ୍କୁ ଉପହାର ଦିଅନ୍ତି, ଏହା ସ୍ୱତଃ ଆମର ଦୃଷ୍ଟି ଆକର୍ଷଣ କରେ।

ଆଲୋଚିତ ସଂକଳନଟିର ବିଭିନ୍ନ ପ୍ରବନ୍ଧରେ ଆମେ ଦେଖିବାକୁ ପାଉ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜୀବନର ବିବିଧ ପ୍ରସଙ୍ଗ। 'ଓଡ଼ିଆ ଭାଷାସୁରକ୍ଷା ଆନ୍ଦୋଳନ ଓ ଫକୀରମୋହନ' ଶୀର୍ଷକ ପ୍ରବନ୍ଧରେ ଓଡ଼ିଆ ଅସ୍ମିତାର ଜାଗରଣରେ ବ୍ୟାସକବିଙ୍କର ଅନନ୍ୟ ଅବଦାନର ତଥ୍ୟ ଓ ସନ୍ଦର୍ଭ ଭିତ୍ତିକ ଆଲୋଚନା ଏକ ନୂତନ ଦିଗ ଉନ୍ମୋଚନ କରେ। ଜନ୍ ବିମ୍ସଙ୍କର ଫକୀର ମୋହନଙ୍କ ଚିନ୍ତା ଓ ଚେତନାରେ ପ୍ରଭାବ ବିଷୟରେ କହିବାକୁ ଯାଇ ଲେଖକ ମତ ଦିଅନ୍ତି, "ଫକୀର ମୋହନ ବିମ୍ସଙ୍କର ପ୍ରବନ୍ଧ ଓ ପୁସ୍ତକ ଅଧ୍ୟୟନ କରିନଥିଲେ ମଧ୍ୟ ସେଥିରେ ବ୍ୟକ୍ତ ଦୃଷ୍ଟିକୋଣ, ବିଚାରଧାରା ଓ ମତବାଦ ସହ ବିଶେଷ ଭାବରେ ପରିଚିତ ହେବାର ସୁଯୋଗ ପାଇଥିଲେ। କିନ୍ତୁ କେବଳ ସେତିକି ନୁହେଁ, ବିମ୍ସଙ୍କ ସହ ଫକୀରମୋହନଙ୍କ ସମ୍ପର୍କ ମୂଳତଃ ଭାବଗତ ସମ୍ପର୍କରେ ପରିଣତ ହୋଇପଡିଥିଲା।"

ଅନ୍ୟ ଏକ ପ୍ରବନ୍ଧରେ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ଲକ୍ଷ୍ମୀ ପୁରାଣ'ର ତଥାକଥିତ 'ଶୁଦ୍ଧ ସଂସ୍କରଣ' ସଂପର୍କରେ ବିଭିନ୍ନ ମହଲରେ ଚାଲିଥିବା ପରିଚର୍ଚ୍ଚାକୁ ଲେଖକ ନିଜର ସ୍ପଷ୍ଟୋକ୍ତି ମାଧ୍ୟମରେ ଭିନ୍ନ ଦିଗକୁ ମୁହାଁଇଛନ୍ତି। ସେହି ପ୍ରକାଶିତ ପୁସ୍ତକଟିର 'ଅବତରଣିକା'ରେ ବଜାରରେ ଉପଲବ୍ଧ ହେଉଥିବା 'ଲକ୍ଷ୍ମୀ ପୁରାଣ'ର ସାଧାରଣ ସଂସ୍କରଣଗୁଡିକୁ ଯେପରି 'ବଜାରି ସଂସ୍କରଣ' ଭାବରେ ଅଭିହିତ କରାଯାଇଛି, ଲେଖକ ସେଥିରେ ଘୋର ଆପତ୍ତି ପ୍ରକାଶ କରିଛନ୍ତି। ତାଙ୍କ ଭାଷାରେ, "ମୋର ବିନୀତ ମତରେ 'ବଜାରି ସଂସ୍କରଣ' ଆପତ୍ତିଜନକ, କାରଣ ପୂର୍ଣ୍ଣ ଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଦିଆଯାଇଥିବା 'ବଜାରି' ଶବ୍ଦର କେତେକ ଅର୍ଥ ହେଉଛି, ଗାଳିବିଶେଷ, ନୀତି ଭ୍ରଷ୍ଟ, ନୀଚ ଓ ଦୁଷ୍ଟ, ଅଭଦ୍ର ଇତ୍ୟାଦି। ତେଣୁ ଏ ପ୍ରୟୋଗ ପଛରେ ରହିଛି, ସେ ସଂସ୍କରଣ ପ୍ରତି ଶୁଦ୍ଧ ସଂସ୍କରଣର ସମ୍ପାଦନା କରିଥିବା ଲବ୍ଧପ୍ରତିଷ୍ଠ ବ୍ୟକ୍ତିମାନଙ୍କର ଅନୁଦାର ଓ ଅସହନ ମନୋଭାବ।"

ସେହିଭଳି 'ନଗେନ୍ଦ୍ରବାଳା ଓ ରାଧାନାଥ ପ୍ରସଙ୍ଗ' ଶୀର୍ଷକ ପ୍ରବନ୍ଧରେ କବିବର ରାଧାନାଥ ରାୟଙ୍କ ଏକ ସ୍ୱୀକାରୋକ୍ତି ଉପରେ ତୀକ୍ଷ୍ଣ ଟିପ୍ପଣୀ କରିବାକୁ ପଛାଇନାହାନ୍ତି ଲେଖକ। ନଗେନ୍ଦ୍ରବାଳା ଓ ରାଧାନାଥଙ୍କ ପ୍ରଣୟର ପ୍ରେକ୍ଷାପଟରେ ସେ ପ୍ରଶ୍ନ ଉଠାଇଛନ୍ତି, "ସେଦିନ ମାନସିକ ଭାରସାମ୍ୟ ହରାଇବସିଥିବା ରାଧାନାଥଙ୍କୁ ଆଜି ତାଙ୍କର 'କରୁଣ ନିବେଦନ' ପାଇଁ ସମାଲୋଚନା କରିବାର କୌଣସି ଯଥାର୍ଥ କାରଣ ଅଛି ତ ?"

ସର୍ବୋପରି ବିଭିନ୍ନ ସ୍ୱାଦର ଲେଖାମାନଙ୍କୁ ନେଇ ହୋଇଛି ଏହି ସଂକଳନଟିର ପରିକଳ୍ପନା। ପୁସ୍ତକଟି ସଂପର୍କରେ ନିଜର ଅଭିମତ ରଖିବାକୁ ଯାଇ ଲେଖକ 'ଅଗ୍ରଲେଖ'ରେ କହିଛନ୍ତି ଯେ ସମାଜର ଅନ୍ୟାନ୍ୟ ବିଭାବ ଓ ଅସ୍ମିତାଠାରୁ ସାହିତ୍ୟ ଓ ସଂସ୍କୃତିକୁ ବିଚ୍ଛିନ୍ନ କରି ସେ ଏଥିରେ କିଛି ହିଁ ଚର୍ଚ୍ଚା କରିନାହାନ୍ତି। ପୁସ୍ତକଟିରେ ସ୍ଥାନିତ ପ୍ରବନ୍ଧଗୁଡିକ ଆଲୋଚିତ ବିଷୟଗୁଡିକ ସମ୍ପର୍କରେ ଲେଖକଙ୍କ ପାରଦର୍ଶିତାର ଏକ ସାର୍ଥକ ପ୍ରତିଫଳନ।

*– ନିହାର ଶତପଥୀ*

# ସାହିତ୍ୟ ସମାଚାର

## ସାରସ୍ୱତ ସମାରୋହରେ ଆଲୋଚିତ ହେଲା ସାରଳା ଦାସଙ୍କ ନବଗୁଞ୍ଜର ତତ୍ତ୍ୱ




ନବଗୁଞ୍ଜର ସଂସ୍କୃତି ମଞ୍ଚ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ସଭାଗୃହରେ ଅକ୍ଟୋବର ଏକ ତାରିଖ ଦିନ ଏକ ସାରସ୍ୱତ ମିଳନ ଓ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବକ୍ତାମାନେ ସାରଳା ମହାଭାରତରେ ବର୍ଣ୍ଣିତ ନବଗୁଞ୍ଜର ତତ୍ତ୍ୱ ବିଷୟରେ ବିସ୍ତାର ପୂର୍ବକ ଆଲୋଚନା କରିଥିଲେ।

ଏହି ସଂପର୍କରେ ନିଜର ବିଚାର ରଖି ସମ୍ବର୍ଦ୍ଧିତ ଲେଖକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କହିଲେ ଯେ ସାରଳା ଦାସଙ୍କ ଦ୍ୱାରା ରୂପାୟିତ ହୋଇଥିବା ନବଗୁଞ୍ଜରରେ ଯେଉଁ ନଅଟି ପ୍ରାଣୀଙ୍କର ସମାବେଶ ଦେଖିବାକୁ ମିଳେ, ସେମାନେ ବାସ୍ତବରେ ହେଉଛନ୍ତି ଓଡ଼ିଶାର ନଅଟି ସମ୍ପ୍ରଦାୟର ପ୍ରତୀକ। ସ୍ୱନାମଧନ୍ୟ ଲେଖକ ଓ ସୁବକ୍ତା ଶ୍ରୀ ଦାଶ ବେନହୁର ନିଜ ବକ୍ତବ୍ୟରେ କହିଥିଲେ ଯେ ସେହି କାଳରେ ଜଣେ ଓଡ଼ିଆଙ୍କ ଦ୍ୱାରା ନବଗୁଞ୍ଜର ତତ୍ତ୍ୱର ପରିକଳ୍ପନା ଏକ ସାମାନ୍ୟ କଥା ନୁହେଁ।

ଏହି ଅବସରରେ ବିଶିଷ୍ଟ ଲେଖକ ତଥା ରାଜ୍ୟର ପୂର୍ବତନ ମୁଖ୍ୟ ସଚିବ ଡ. ଅଜିତ କୁମାର ତ୍ରିପାଠୀ ମଧ୍ୟ ମୁଖ୍ୟ ଅତିଥି ଭାବରେ ନିଜର ଅଭିମତ ରଖିଥିଲେ। ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ନବଗୁଞ୍ଜର ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଂସ୍ଥାପକ ସଭାପତି ଡ. ଉମାକାନ୍ତ ମିଶ୍ର ଉପସ୍ଥିତ ଅତିଥି ଓ ସୁଧିବୃନ୍ଦଙ୍କୁ ସ୍ୱାଗତ କରିଥିଲେ।

## ଓଡ଼ିଆ ଭାଷା ପ୍ରତିଷ୍ଠାନର ନୂଆ ସଦସ୍ୟମାନଙ୍କ ନାମ ଘୋଷିତ




ଓଡଶା ସରକାର 'ଓଡ଼ିଆ ଭାଷା ପ୍ରତିଷ୍ଠାନ'ର ସାଧାରଣ ପରିଷଦ ଓ କାର୍ଯ୍ୟନିର୍ବାହୀ କମିଟିର ପୁନର୍ଗଠନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଏକ ଅଧିସୂଚନା ପ୍ରକାଶ ପାଇଛି। ଏହି ପୂନର୍ଗଠିତ ସଦସ୍ୟ ତାଲିକାରେ ବିଭିନ୍ନ ସରକାରୀ ପ୍ରତିନିଧିମାନଙ୍କ ବ୍ୟତୀତ କେତେଜଣ ବିଶିଷ୍ଟ ଭାଷାତତ୍ତ୍ୱବିଦ୍ ଓ ଭାଷା-ଗବେଷକଙ୍କୁ ମଧ୍ୟ ସ୍ଥାନ ଦିଆଯାଇଥିବା ଜଣାଯାଇଛି।

ପ୍ରତିଷ୍ଠାନର ନବଗଠିତ ସାଧାରଣ ପରିଷଦରେ ଅଛନ୍ତି, ଡ. ବିଜୟଲକ୍ଷ୍ମୀ ମହାନ୍ତି, ଡ. ଅଲେଖ ଚନ୍ଦ୍ର ପଢିଆରୀ, ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଡ. ଦମୟନ୍ତୀ ବେଶ୍ରା। ସେହିଭଳି ଏହାର କାର୍ଯ୍ୟନିର୍ବାହୀ କମିଟିରେ ସ୍ଥାନ ପାଇଥିବା ବେସରକାରୀ ସଦସ୍ୟମାନେ ହେଲେ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଚିନ୍ମୟୀ ମହାପାତ୍ର, ଡ଼. ବୈଷ୍ଣବ ଚରଣ ମହାନ୍ତି ଓ ଡ. ବିଜୟ କୁମାର ଶତପଥୀ। ସମସ୍ତ ମନୋନୀତ ବେସରକାରୀ ସଦସ୍ୟ ଆସନ୍ତା ଦୁଇ ବର୍ଷ ପାଇଁ ଏହି ପଦବୀରେ ରହିବେ।

ପ୍ରକାଶ ଥାଉ କି, ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଆ ଭାଷା ପ୍ରତିଷ୍ଠାନର ଗଠନ ୨୦୦୬ ମସିହା ଅପ୍ରେଲ ୧ ତାରିଖ, ଉତ୍କଳ ଦିବସ ଦିନ କରାଯାଇଥିଲା। ଓଡ଼ିଆ ଭାଷାରେ ଗବେଷଣା, ନୂତନ ଶବ୍ଦକୋଷ ପ୍ରସ୍ତୁତି, ପୁସ୍ତକ ପ୍ରସ୍ତୁତି, ଭାଷା ସମ୍ବନ୍ଧିତ ଆଲୋଚନାଚକ୍ର ଓ କର୍ମଶାଳା ଆଦି ଆୟୋଜନ କରିବା ଏହି ପ୍ରତିଷ୍ଠାନର ମୁଖ୍ୟ ଦାୟିତ୍ୱ।

# ଶେଷ ପୃଷ୍ଠା



# ଅଚିନ୍ତା ପହଣ୍ଡ *

"ଶ୍ଳୋକ ତହିଁରେ ଅଛି ସହସ୍ର ଦ୍ୱାଦଶ; କହି ଅଛନ୍ତି ଚର୍ମବାସ ବେଦବ୍ୟାସ"

କୃଷ୍ଣସିଂହଙ୍କ ବିରଚିତ ମହାଭାରତରେ ଏଇ ପଦଟି ଆଖିରେ ପଡ଼ିଲା ଲେଉଟାଇଲା ବେଳେ। ନିଠେଇ ପଢ଼ିଲି; ଆଗକୁ ବଢ଼ିଲି। ଯେତେ ଆଗକୁ ସେତେ ଆଗ୍ରହ, ଉତ୍କଣ୍ଠା ବଢ଼ିଲା। ପଢ଼ିବାର, ବୁଝିବାର ଆଉ ଜାଣିବାର ବୋଧ କେତେ ମସ୍ତର ଅଛି ସତରେ ! ତା ସାଙ୍ଗକୁ ଅଛି ଆଉ ଗୋଟିଏ ଦିବ୍ୟ ଗୁଣ; ସେଇଟା ହେଉଛି ଶୁଣିବାର। ମନ ଦେଇ, ଧ୍ୟାନର ସହ; ଆତ୍ମସାର କରିବା ନିମିତ୍ତ। ଯାହା ଆଜିକାଲି ହଜି ଯାଉଛି ଶତପ୍ରତିଶତ ଶ୍ରୋତା ମଣ୍ଡଳରୁ। ଶୁଦ୍ଧପୂତ ହୋଇ ଶୁଣିବା ହେଉଛି ଐଶ୍ୱରୀୟ ଅବବୋଧର ଅଚିନ୍ତା ପହଣ୍ଡ।

ଅଚିନ୍ତା ପହଣ୍ଡ କହିଲେ ସର୍ବାଗ୍ରେ ସଭିଏଁ ବୁଝନ୍ତି ଯେ, ଆମ ସାଆନ୍ତଙ୍କ ରୋଷଘର ଠାରୁ ନାଟମନ୍ଦିର ପର୍ଯ୍ୟନ୍ତ ଥିବା ଆବୃତ ବାଟରେ ଅହ୍ଲଣିଆ ଅନ୍ନବ୍ୟଞ୍ଜନ ସମସ୍ତ ରୋଷ-ପାକ-ଭୋଗ ଦେବା ପାଇଁ ଦେଉଳ ଗର୍ଭଗୃହ ଭିତରକୁ ଭୋଗମଣ୍ଡପକୁ ନିଆଯାଏ। ସାହିତ୍ୟକୁ ମୁଁ ନୈବେଦ୍ୟ ବୋଲି ହୃଦୟଙ୍ଗମ କରେ; ଯାହାକୁ ମୋ ଚକ୍ଷୁ ଓ କର୍ଣ୍ଣଗହ୍ୱର ଦେଇ ମୋର ମନ-ପ୍ରାଣ-ଆତ୍ମାର ଭୋଗମଣ୍ଡପକୁ ନିଏ ଶବ୍ଦବ୍ରହ୍ମର ପୂଜାର୍ଚ୍ଚନା ନିମନ୍ତେ। ସେଇ ବୋଧ ହେତୁ, ଏବେ ମଧ୍ୟ ଭାଗବତ, ଭାବ ସମୁଦ୍ର, ବୈଦେହୀଶ ବିଳାସ, ତପସ୍ୱିନୀ, ପ୍ରଭୃତି ପଢ଼େ, ଗାଏ, ଶୁଣେ କାନ ପତେଇ। ଅମୃତତୁଲ୍ୟ ଏଇ ଶରୀରର ରକ୍ତ-ଅସ୍ଥି-ମଜ୍ଜାରେ ଅପ୍ରମେୟ ଶକ୍ତିସ୍ରୋତ ପ୍ରବାହିତ ହୁଏ।

ଏବେ ଭାଷାକୋଷରୁ ପଢ଼ି ବୁଝିଲି ଯେ; ଶ୍ରୀମନ୍ଦିରର ନାଟମନ୍ଦିର ମଧ୍ୟସ୍ଥ ସ୍ଥାନବିଶେଷ, ଯେଉଁଠାରେ ଭକ୍ତମାନେ ବସି ସ୍ତୁତି ପାଠ ଓ ଭଜନ କରନ୍ତି ଓ ସେହି ସମୟରେ ସେମାନଙ୍କୁ ସଂସାର ଚିନ୍ତା ବାଧେ ନାହିଁ; ତାହାର ନାମ ମଧ୍ୟ ଅଚିନ୍ତା ପହଣ୍ଡ। ଏବେ ବୁଝନ୍ତୁ ଶୀର୍ଷକ ପଦର ଆଉ ଏକ ଗୁମର। ଆଉ ଆତ୍ମବିଶ୍ଳେଷଣ କରନ୍ତୁ। ଆମ ସାହିତ୍ୟ ମଞ୍ଚ କ'ଣ ସେହି ଭଳି ଏକ ଦିବ୍ୟବୋଧର ପରିବେଶ ନୁହଁ! ଏହା ବୁଝିବାକୁ ଆମର ଆଗଧାଡ଼ିଆ ଓ ବଡ଼ବଡ଼ିଆଙ୍କ ଠାରୁ ଆରମ୍ଭ କରି ସର୍ବସାଧାରଣଙ୍କୁ ଏତେ ବିଳମ୍ବ କିଆଁ!

କିଛିଦିନ ତଳେ ଆପଣା ଅନୁଭୂତିରେ ଦେଖି-ଶୁଣି-ବୁଝି ଘୁରି ଆସିଲି ନିଜ ଭୂଇଁ ଓଡ଼ିଶାରୁ। ସାହିତ୍ୟକୁ ନୁହଁ; ସାହିତ୍ୟିକର ସାବାସୀ ହେଉଛି। ସାହିତ୍ୟ ନିମନ୍ତେ ନୁହଁ ସାହିତ୍ୟିକ ନିମନ୍ତେ ଗୋଷ୍ଠୀସମୂହ ଅଣ୍ଟା ଭିଡ଼ୁଛନ୍ତି। ସାହିତ୍ୟର ନୁହଁ; ସାହିତ୍ୟ ମଞ୍ଚ ଏବେ ଆତ୍ମପ୍ରଚାରର ମାଧ୍ୟମ ହେଉଛି। ସାହିତ୍ୟର ଶବ୍ଦସମ୍ଭାର ନୁହଁ ଆପଣାର ଶିଂଗାରକୁ ପ୍ରାଧାନ୍ୟ ଦିଆ ହେଉଛି। ସାହିତ୍ୟ ନୁହଁ; ସମ୍ମାନ, ପୁରସ୍କାର, ଉପଢୌକନ, ଆତ୍ମଘୋଷିତ ପଦବୀ ଓ ପଦ୍ମ ପଛରେ ପ୍ରାୟତଃ ସଭିଏଁ ବାୟା।

ସାହିତ୍ୟ ମଞ୍ଚ ଲୋକ ଦେଖାଣିଆ, ରାଜନୈତିକ ଚର୍ଚ୍ଚା, ଆତ୍ମବଡ଼ିମା ଓ ଚିଟ୍ରୋଉଳନର ଶସ୍ତା ମାଧ୍ୟମ ନହେଉ। ସାହିତ୍ୟ ମଞ୍ଚ ଓ ସାହିତ୍ୟ ସଂସାରର ସମସ୍ତ ଜ୍ଞାନୀ ଓ ଗୁଣୀ ସଭିଏଁ ପ୍ରତିଦ୍ୱନ୍ଦ୍ୱୀ ପ୍ରାୟେକ ନହୁଅନ୍ତୁ। ଆମ ସାହିତ୍ୟ ସଂସାର ଅନେକଙ୍କୁ ନାମ, ପରିଚୟ ଓ ସମ୍ମାନ ଦେଇଛି; ରାଜ୍ୟରେ ଓ ରାଜ୍ୟ ବାହାରେ। ହେଲେ କେତେଜଣ ମହାରଥୀ ନୂତନ ପୀଢ଼ିର ଲେଖକଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ! ଏଇ ଗୁମର ବୁଝିବାର ସମୟ ଉପନୀତ ଏବେ।

ବୁଝିବା ହେଉ ଯେ, ସମସ୍ତ ବକ୍ତା, ଶ୍ରୋତା, ଦର୍ଶକ, ଲେଖକ, ପ୍ରକାଶକ, ପାଠକ ଓ ସମୀକ୍ଷକଙ୍କ ନିମନ୍ତେ ସାହିତ୍ୟ ମଞ୍ଚ ହେଉଛି ଆତ୍ମର ଅଚିନ୍ତା ପହଣ୍ଡ। ଏହାର ଆତ୍ମମର୍ଯ୍ୟାଦା ରହିଛି। ବକ୍ତା ଶୁଦ୍ଧ ସାହିତ୍ୟ କଥା କୁହନ୍ତୁ। ଏହି ମଞ୍ଚର ପବିତ୍ରତା ଓ ଗୌରବମୟ ସମୃଦ୍ଧିରେ ସହାୟକ ହୁଅନ୍ତୁ।

-ପ୍ରଭୂ

* **ଅଚିନ୍ତା ପହଣ୍ଡ** : ଯେଉଁ ଆବୃତ ଗଳିରାସ୍ତା ବାଟେ ଜଗନ୍ନାଥ ମହାପ୍ରଭୁଙ୍କ ରୋଷରୁ ଭୋଗମଣ୍ଡପକୁ ରନ୍ଧା ହୋଇଥିବା ଅହ୍ଲଣିଆ ଅନ୍ନ ବ୍ୟଞ୍ଜନାଦି ବୁହା ହୁଏ।

RECOGNISED BY:


MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | Eco Tour ODISHA

# Destination Unlimited

tour and travels

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...






### Services Offered

• Air Ticketing (Pre Purchased Rate/Group Fare/Coupon Fare) • Hotel Booking • Corporate Booking • Car Rental • MICE • Visa Assistance • Sightseeing • Destination Wedding • Honeymoon Holidays • International Tour Package • Cruise • Aroma Tourism • Educational Tour • Event Management


Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776

Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143

Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

75 Azadi Ka Amrit Mahotsav



# ବିଜୟର ପର୍ବ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ

नालको NALCO

A Navratna CPSE

ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ୧

ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ୍ ଉତ୍ପାଦନକାରୀ ୧

ଦ୍ୱିତୀୟ ସର୍ବାଧିକ ବୈଦେଶିକ ମୁଦ୍ରା ଉପାର୍ଜନକାରୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୨

@nalcoindia @NALCO_India @NALCO_India @nalco_india




Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019. Editor : Nihar Ranjan Satpathy